ଶୈଳବାଳା ସ୍ମରଣିକା

Digitized by srujanika@gmail.com

ଶ୍ରୀମତୀ ଶୈଳବାଳା ମହାନ୍ତି

ଆବିର୍ଭାବ

ତା. ୨୨ । ୬ । ୧୯୩୪

ତିରୋଧାନ

ତା। ୧୫ । ୬ । ୧୯୮୦

Digitized by srujanika@gmail.com



ପ୍ରଜାତନ୍ତ୍ର ପ୍ରଚାର ସମିତି ଉତ୍ସବରେ ଉପହାର ଗ୍ରହଣ ବେଳେ

ଚୁମ୍ବକ ସାହିତ୍ୟ- ସମାରୋହରେ କବିତା ପାଠ କରୁଥିବା ସମୟରେ

Digitized by srujanika@gmail.com

ଶୈଳବାଳା ସ୍ମରଣିକା

୧୯୮୨

ସଂପାଦକ— ଉଜ୍ଜ୍ୱଳ ପାଢ଼ୀ

ସହଯୋଗୀ— ସର୍ବଶ୍ରୀ ପ୍ରଶାନ୍ତ ପଟ୍ଟନାୟକ
ରମେଶ ଚନ୍ଦ୍ର ଧଳ
କେଶବ ସ୍ୱାଇଁ
ଜଗଦୀଶ ପଟ୍ଟନାୟକ
ମାଳସୁକାନ୍ତ ମହାପାତ୍ର
ଉପେନ୍ଦ୍ର ପ୍ରସାଦ ନାୟକ
ସୁରେନ୍ଦ୍ର ନାଥ ମହାନ୍ତି
ଶ୍ରୀମତୀ ଦାଶ
ଧୃତଶ୍ରୀ ଚାଟାର୍ଜୀ
ରାଜଲକ୍ଷ୍ମୀ ମହାନ୍ତି

ପ୍ରକାଶିକା :
ଶୁଭଲକ୍ଷ୍ମୀ ମହାନ୍ତି

Digitized by srujanika@gmail.com

ଶୈଳବାଳା ସ୍ମରଣିକା

ସମ୍ପାଦକ :
ଉଜ୍ଜ୍ୱଳ ପାଢ଼ୀ

ପ୍ରକାଶିକା :
ଶୁଭଲକ୍ଷ୍ମୀ ମହାନ୍ତି
ଘର ନଂ IV. ୧୪ । ୧ ୟୁନିଟ୍-୧
ଭୁବନେଶ୍ୱର ।

ପ୍ରଚ୍ଛଦ :
ପ୍ରଦ୍ୟୁମ୍ନ କୁମାର ଦାଶ

ମୁଦ୍ରଣ :
ଆଦର୍ଶ ଗ୍ରାଫିକ୍ସ ପ୍ରିଣ୍ଟର୍ସ
ଭୁବନେଶ୍ୱର

ମୂଲ୍ୟ : **ଦଶଟଙ୍କା**

SHAILABALA SMARANIKA

Editor :
UJJWAL PADHI

Publisher :
SUBHALAXMI MOHANTY
Qr. No. IV. 14/1 Unit-I
New Capital, Bhubaneswr

Cover design:
PRADYUMNA KU DASH

Price : TEN RUPEES

ପରିବେଷକ :
ମୟୂର ପ୍ରକାଶନ
ଭୁବନେଶ୍ୱର

Distribtors :
MAYUR PUBLICATIONS

Digitized by srujanika@gmail.com

ଆମ ପକ୍ଷରୁ

ଆରମ୍ଭରେ କିଛି ଲେଖିବାକୁ ହେବ । ତେବେ କ'ଣ ଆଉ ଲେଖିବି- କାହିଁକି ଲେଖିବି ?

ହେଇତ ସେ ଦିନର କଥା । "ବିଶ୍ୱର ଶ୍ରେଷ୍ଠ ପିଲାଙ୍କ କାହାଣୀ" ର, ଉତ୍ସର୍ଗଟା ପଢ଼ିଦେଇ ଜଣେ ଲେଖକ ବନ୍ଧୁ କହି ପକାଇଲେ— ତମେ କେତେ ଜଣ ଖାଲି ଶୈଳଅପା, ଶୈଳଅପା ହୋଇ ତାଙ୍କୁ ଉପରକୁ ଉଠେଇ ଦେଇଚ ଓ ଦେଉଚ ମଧ୍ୟ । ବନ୍ଧୁ ଜଣଙ୍କ ଉତ୍ସର୍ଗରେ ଲିଖିତ ଏଇ କଥାଟି ବି ପଢ଼ି ସାରିଥିଲେ ଯେ ତାଙ୍କ ଜୀବଦ୍ଦଶାରେ ତାଙ୍କ ନାମରେ ମୋ ବହି ଉତ୍ସର୍ଗ କରିବା ପ୍ରସ୍ତାବକୁ ସେ ଆଗରୁ ଦୁଇଥର "ଏଥର ନୁହେ ଆର ଥରକୁ" କହି ଏଡ଼ାଇ ଦେଇଥିଲେ । ବୋଧେ ଅପା ଆଗରୁ ଜାଣି ପାରିଥିଲେ ଯେ ତାଙ୍କ ନାମରେ ବହି ଉତ୍ସର୍ଗିତ ହେବା ଫଳରେ ଉଭୟେ ସେ ଓ ମୁଁ ଈର୍ଷା କିମ୍ବା ଅସୂୟାର ପାତ୍ର ହେବୁ; ଏବଂ ସେ ଏହା ଚାହୁଁ ନଥିଲେ- ଡର ମର ନୁହେଁ, ହୁଏତ ଭାବଯେ କେତେକ ଲୋକଙ୍କ ମନରେ ଜାଣି ଜାଣି କାହିଁକି କଷ୍ଟ ଦିଆଯିବ, ଆଉ କିଛି ଦିନ ଯାଉ । ସେ ଯା' ହେଉ ବନ୍ଧୁ ଗୋଟେ ଦିଗରୁ ନିଶ୍ଚୟ ଧନ୍ୟବାଦାର୍ହ; ସେତ ମନର ଭାବନାଟା ପ୍ରକାଶ କରି ଦେଲେ, ଏଭଳି ଭାବ ପ୍ରକାଶ ନକରି ବି କେହି ତ ଥାଇ ପାରନ୍ତି ।

ଓଡ଼ିଶା ପ୍ରତିଭାର ଅଭିଶପ୍ତ ଭୂମି ବୋଲି ଅନେକ କହି ଥାଆନ୍ତି । କେହି ଜଣେ ନିଜ ସାଧନା ବଳରେ ଯେ କୌଣସି ଗୁଣରେ ଉପରକୁ ଉଠିଯିବା ବୋଧେ ଏଇଠି ଅସହ୍ୟ । ଅନ୍ୟର ପ୍ରଶଂସା ନିଜ ପାଟିରୁ ବାହାରିବା ତ ଦୂରରେ ଥାଉ, ଆଉ କାହା ପାଟିରୁ ବାହାରି ପଡ଼ିଲେ ତାକୁ ଦବେଇ ଦିଆଯାଏ । ଏଭଳି ପରିସ୍ଥିତିରେ ପଲ୍ଲୀରେ ଜନ୍ମି, ବିହାରରେ କିଛି ଦିନ, ତାପରେ ସାରାଜୀବନ ଓଡ଼ିଶାର ଗାଁ ଗହଳରେ ବିତାଇ, ଉଚ୍ଚଶିକ୍ଷିତା ନହୋଇ ମଧ୍ୟ ଶୈଶବରୁ

Digitized by srujanika@gmail.com

ଏଯାବତ୍ ଶିଶୁ-ସାହିତ୍ୟ, କବିତା, ଗଳ୍ପ ଉପନ୍ୟାସ, ପ୍ରବନ୍ଧ, ସମ୍ପାଦକୀୟାଦି ରଚନାକରି ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନରୁ ଉପହାର, ସମ୍ମାନ ଓ ମାନପତ୍ରାଦି ନେଇ, ବହୁ ସାହିତ୍ୟିକ ଓ ସାଂସ୍କୃତିକ ସଂଗଠନାଦିରେ କର୍ମକର୍ତ୍ତା ଠାରୁ ସଭାପତି ଯାଏଁ ରହି, ଚୁମ୍ବକ ଭଳି ଏକ ପତ୍ରିକା ଦୀର୍ଘ ଆଠ ବର୍ଷ ସମ୍ପାଦନା କରି ରାଜଧାନୀ ଓ ରାଜ୍ୟର ଏ କୋଣରୁ ସେ କୋଣଯାଏଁ ସମସ୍ତଙ୍କ ଆଦରର ଶୈଳଅପା ବୋଲି ପରିଚିତା ସେହି ସ୍ନେହର ଝରଣାଟିକୁ, ତା ମୃତ୍ୟୁ ପରେ ବି ଉପରକୁ ଉଠିପିବା କିମ୍ବା କେହି ଉଠେଇ ଦେବା ଆଶଙ୍କା ଅସୂୟା କି ଈର୍ଷା ଯଦି କାହା ମନରେ ଜାତହୁଏ, ତାହେଲେ ଏଇଠି ଚିନ୍ତା କିମ୍ବା ଦୁଃଖ କରିବାର କିଛି କାରଣ ଅଛି ବୋଲି ମନେ ହୁଏନାହିଁ ।

ମଣିଷ ମରି ବି ବଞ୍ଚିରହେ ମନୁଷ୍ୟତାର ସୌରଭରେ-ସୁକର୍ମର ସୋତଟିକୁ ମୃତ୍ୟୁ ବି ତା ଅନ୍ଧକାର-ସାଗର ଭିତରେ ବୁଡାଇ ଦେଇ ପାରେନା । ତାଙ୍କ ପ୍ରକାଶିତ ଓ ଅପ୍ରାକାଶିତ ସାହିତ୍ୟିକ କୃତି—ଯଥା କବିତାଗ୍ରନ୍ଥ ଅମଡ଼ାଫୁଲ, ସଖି ଓ ସୌରଭ, ଲୁହର ଯମୁନା, ଭ୍ରମର ପାଇଁ (ପିଲାଙ୍କ ପାଇଁ); ଗଳ୍ପଗ୍ରନ୍ଥ ହଜିଲାଛନ୍ଦ, ଉପନ୍ୟାସ, ତେର ଡେସିମିଲ ଓ ତେର ଡେସିମିଲ ଅଲଗା ଶିଖା ତଥା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ(ପୁସ୍ତକାକାରରେ ଏଯାଏଁ ମୁଦ୍ରିତ ହୋଇ ନଥିବା ଅନେକ ଲେଖା) ସବୁର ଆଲୋଚନା କରିବା ସ୍ଥଳ ଏହା ନୁହେଁ । ଏଇ ସବୁ ଭିତରୁ କେତକ କୃତି ଉପରେ ସ୍ୱତଃପ୍ରବୃତ୍ତ ଭାବେ ଯେଉଁ କେତୋଟି ଲେଖା ମିଳିଛି, ତାହା ସ୍ମରଣିକାଟିରେ ପରିସ୍ଥ କରାଯାଇଛି । ତାଙ୍କୁ ଉପରକୁ ଉଠେଇ ଦେବା ଉଦ୍ଦେଶ୍ୟ ନେଇ କୌଣସି ଲେଖା ବରାଦ ଦିଆଯାଇ ନାହିଁ । ଅଧିକାଂଶ ଲେଖା ଖବର କାଗଜରେ ପ୍ରକାଶିତ ସମ୍ବାଦ ପଢ଼ି ଲେଖକ ଲେଖିକା ମାନେ ପଠାଇଛନ୍ତି । ପ୍ରଥମରୁ ସ୍ମରଣିକାଟିର କଳେବର ପ୍ରାୟ ଦେଢ଼ଶହ ପୃଷ୍ଠା ଭିତରେ ରଖିବା ନିଷ୍ପତ୍ତି ନିଆଯାଇଥିବା ସତ୍ତ୍ୱେ ବି, ଏଇ ସମ୍ପର୍କରେ ବହୁ ଲେଖା ଆସିଥିବା ହେତୁ ଏହା ବଢ଼ି ଦୁଇ ଶତ ପୃଷ୍ଠାରୁ ଅଧିକ ହୋଇ ସାରିଛି । ତଥାପି ଆଉ କିଛି ଲେଖା ପ୍ରକାଶିତ ହୋଇ ନପାରି ଥିବା ହେତୁ ଆମେ ଦୁଃଖିତ ।

ଶୈଳବାଳାଙ୍କ ସାହିତ୍ୟର ବିଧିବଦ୍ଧ ଚର୍ଚ୍ଚା ତାଙ୍କ ଜୀବଦ୍ଦଶାରେ

Digitized by srujanika@gmail.com

ଯେମିତି ଆରମ୍ଭ ହୋଇନଥିଲା । ଏ ଦିଗରେ ନିଜେ ଉଦ୍ୟମ କରିବା ଦୂରେ ଥାଉ, ସବୁବେଳେ ନିଜକୁ ପଛରେ ରଖି ଅନ୍ୟ ମାନଙ୍କୁ ବାଟ ଛାଡ଼ିଦେବା ନିଜର ଆଦର୍ଶ ରୂପେ ସେ ବରି ନେଇଥିଲେ । ପ୍ରଚାର ଓ ପ୍ରତିଦ୍ୱନ୍ଦ୍ୱିତା ଭିତରେ ନିଜକୁ ବୁଡ଼ାଇ ନରଖି ନିଜ ସୃଷ୍ଟିରେ ଆନନ୍ଦ ଭିତରେ ବୁଡ଼ି ରହିବା ଯେ ପ୍ରକୃତ କଳାକାରର ଧ୍ୟେୟ ହେବା ଉଚିତ, ଏହି ସମ୍ପର୍କରେ ଏକାଧିକ ବାର 'ଚୁମ୍ବକର' ସମ୍ପାଦକୀୟରେ ଲେଖି ଯାଇଛନ୍ତି । ଏଣୁ ଆଜି କାଲିର ପ୍ରଚାରଧର୍ମୀ ଦଳଗତ ସାହିତ୍ୟିକ ପରିବେଶ ଭିତରେ ସାହିତ୍ୟିକା ଶୈଳଅପା ଯେ ପଛରେ ପଡ଼ିଯାଇଥିଲେ ଏହା ସ୍ୱାଭାବିକ, ଏହା ଜାଣିଶୁଣି ମଧ୍ୟ କିମ୍ବା ଏଇ କଥା ତାଙ୍କୁ କୁହାଗଲେ ସେ ଉତ୍ତର ଦେଉଥିଲେ- "ସେଥିରେ କିଛି ଯାଏ ଆସେ ନାହିଁ । ସମୟ ସବୁ ଭୁଲ ଭ୍ରାନ୍ତି ଠିକ୍ କରିଦେବ । ମତେ ଯଦି କେଉଁଥି ପାଇଁ କିଛି ଗୌରବ ମିଳିବା ଉଚିତ, ତାହେଲେ ସମୟହିଁ ଦେଉ । ତାଠୁ ଅଧିକା କିଛି ମୁଁ ଚାହେଁନା "। ଏହା ସତ୍ତ୍ୱେ ବି ଅଯାଚିତ ବା ଅନିଚ୍ଛାକୃତ ଭାବେ ବିଭିନ୍ନ ସାହିତ୍ୟିକ, ସାଂସ୍କୃତିକ ଅନୁଷ୍ଠାନରୁ ଉପହାର ସମ୍ମାନ ଓ ମାନପତ୍ର ଯେତିକି ସେ ପାଇଛନ୍ତି ତା ଭିତରୁ କେତୋଟି ସ୍ମରଣୀକାରେ ସନ୍ନିବେଶିତ ହୋଇଛି ।

ଉପରୋକ୍ତ କାରଣ ହେତୁ ବୋଧହୁଏ ଶୈଳଅପାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱଟି ତାଙ୍କ ମାନବିକ ବ୍ୟକ୍ତିତ୍ୱର ପଛରେ ହିଁ ରହି ଯାଉଥିଲା; କାରଣ ମାନବିକତା ବା ମଣିଷପଣିଆ ତ ସାହିତ୍ୟିକ ମୂଲ୍ୟାୟନ ଭଳି କାଗଜ କଲମ ମୁଦ୍ରଣ କିମ୍ବା ପରସ୍ପର ପ୍ରଶଂସା ପାଇଁ ମେଣ୍ଟ ମଣ୍ଡଳର ଅପେକ୍ଷା ରଖେନି, ମଣିଷ ପଣିଆ ଫୁଟି ଉଠେ ପ୍ରକୃତ ମଣିଷଟି ରାସ୍ତାରେ ଚାଲିଗଲେ, ତା ପାଟିରୁ କଥା ପଦେ ଫିଟିଲେ, ତା ସହ ଦଣ୍ଡେ ବସି ଆଳାପ କଲେ; ଏବଂ ନିଜର ପ୍ରତିଶ୍ରୁତି ପାଳନ ଉଚିତ ଅନୁଚିତ ବିଚାର, ଅନ୍ୟ ଉପରେ ହେବା ଅନ୍ୟାୟର ପ୍ରତିବାଦ କରିବା ଗୁଣ, ସାମାଜିକ ସୁଖଦୁଃଖରେ ଭାଗୀହେବା, ନିଜର ବହୁ ଅସୁବିଧା ସତ୍ତ୍ୱେ ବି ଅନ୍ୟକୁ ସାହାଯ୍ୟ କରିବା, ସର୍ବୋପରି ଗୋଟେ ଅନାବିଳ ହସ ସହ ହୃଦୟ ଖୋଲି କଥାର ସମସ୍ତ ସୀମା ଭିତରେ ଅପରକୁ ନିଜର କରିବା ଇତ୍ୟାଦି ଗୁଣରୁ, ଯାହା ଶୈଳବାଳାଙ୍କର

Digitized by srujanika@gmail.com

ଥିଲା ଏବଂ ହୁଏତ ଏଇ ସବୁ ଗୁଣ ପାଇଁ ସେ ସର୍ବଜନ ଶୈଳଅପା ନାମରେ ପରିଚିତା ଥିଲେ ।

ପୁସ୍ତକଟିରେ ସନ୍ନିବେଶିତ ଲେଖା ଗୁଡ଼ିକୁ ସ୍ମୃତିଚାରଣ, ଆଲୋଚନା (ପ୍ରବନ୍ଧ), ଶୈଳବାଳା ସାହିତ୍ୟ-ରଚନା (କବିତା, ଗଳ୍ପ, ସମ୍ପାଦକୀୟ ଓ ଅନ୍ୟାନ୍ୟ) ଏଭଳି ବିଭିନ୍ନ ଭାଗରେ ବିଭକ୍ତ କରା-ଯାଇଛି । ସ୍ମରଣିକାଟିକୁ ଲୋକଲୋଚନକୁ ଆଣିବା ଦିଗରେ ସର୍ବପ୍ରଥମେ ସ୍ମରଣିକାଟିର ସମସ୍ତ ଲେଖକ ଲେଖିକାହିଁ ଧନ୍ୟବାଦାର୍ହ ସହଯୋଗୀ ଶୀର୍ଷକରେ ଦିଆଯାଇଥିବା ସମସ୍ତ ସଭ୍ୟ ସଭ୍ୟା ତଥା ଶୈଳବାଳାଙ୍କ ପରିବାରର ସମସ୍ତଙ୍କ ସାହାଯ୍ୟ ମଧ୍ୟ ଏ ଦିଗରେ ଉଲ୍ଲେଖ ଯୋଗ୍ୟ ।

ସର୍ବୋପରି ଯଦୁମଣି ସାହିତ୍ୟ ସଂସଦ ନୂଆଗାଁ, ଏବଂ ବ୍ୟକ୍ତିଗତ ଭାବେ ଶ୍ରୀ ଦାଶରଥି ପଟ୍ଟନାୟକ ଅକ୍ଳାନ୍ତ ଉଦ୍ୟମ କରି ଶୈଳବାଳାଙ୍କ ସ୍ମୃତି ରକ୍ଷାପାଇଁ ଶୈଳବାଳା ସ୍ମୃତି ପାଣ୍ଠି ଓ ଗ୍ରନ୍ଥ-ସହାୟକ ପାଣ୍ଠି ନାମକ ଦୁଇଟି ପାଣ୍ଠି କରିଥିବା ହେତୁ ଶୈଳବାଳାଙ୍କ ସ୍ମୃତିରକ୍ଷା ଦିଗରେ ସେମାନଙ୍କ ନାମ ଯେ ଅବିସ୍ମରଣୀୟ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ - ସାମାନ୍ୟ ଧନ୍ୟବାଦ ଦେଇ ତାଙ୍କ ନିଷ୍ଠାକୁ ମୂଲ୍ୟ ଦେଇ ହୁଏନା ।

ଶୈଳବାଳାଙ୍କ ବ୍ୟକ୍ତିତ୍ୱ ଭଳି ଏଇ ସ୍ମରଣିକାଟି ପାଠକ ଓ ଲେଖକ ସମାଜରେ- ବିଶେଷତଃ ତରୁଣ ସମାଜରେ - ଆଦୃତ ହେବ ବୋଲି ଆଶା । ପରିଶେଷରେ ଏତିକିମାତ୍ର କହି ରଖେ ଯେ ମହାକାଳ ଠାରୁ ବଡ଼ ବିଚାରକ କେହି ନାହିଁ । ଏଣୁ କାହାକୁ ଅଯଥା ଉପରକୁ ଯେମିତି ଉଠେଇ ଦେଇ ହୁଏନାହିଁ, ସେଇଭଳି ଯାହାର ଯେତିକି ସମ୍ମାନ ପ୍ରାପ୍ୟ, ଅଯଥା ପ୍ରତିବାଦ କିମ୍ବା ଈର୍ଷା, ଅସୂୟାଦି ଦ୍ୱାରା ତାକୁ ସେଇ ପ୍ରାପ୍ୟରୁ ବଞ୍ଚିତ କରି ଦେଇ ହୁଏନି ।

ବିନୀତ

ଉଜ୍ଜ୍ୱଳ ପାଣି

(ସଂପାଦକ)

Digitized by srujanika@gmail.com

ସ୍ମରଣିକାର ପୃଷ୍ଠାରେ

ସ୍ମୃତି

ଡ଼ଃ ହରେକୃଷ୍ଣ ମହତାବ	୧	ସ୍ୱର୍ଗୀୟା ଶୈଳବାଳା
ନୀଳାକାନ୍ତ ମହାପାତ୍ର	୨	ଚମ୍ପକ
ବିଜେନ୍ଦ୍ର କିଶୋର ପଣ୍ଡା	୩	ତୁମେ ଯଦି ସ୍ୱର୍ଗରେ ନାହଁ, ଶୈଳବାଳା ! ତେବେ ସ୍ୱର୍ଗ ବୋଲି କିଛି ନାହିଁ ॥
ଲକ୍ଷ୍ମୀନାରାୟଣ ମହାନ୍ତି	୬	ଶେଷ ଚିଠି
ସାତକଡ଼ି ହୋତା	୧୫	ଶ୍ରଦ୍ଧାଞ୍ଜଳି
ବୀଣାପାଣି ମହାନ୍ତି	୨୦	ଆମ ଶୈଳ ଅପା
ଗୁରୁ ମହାନ୍ତି	୨୬	ଶୈଳ ବି ଏକ ନାମ
ହର ପ୍ରସନ୍ନ ଦାସ	୨୯	ଶୈଳଅପା : ଏକ ଛଳନା ବିହୀନ ନାରୀତ୍ୱ
ରତିକାନ୍ତ ବେହେରା	୩୩	ବିଶ୍ୱ ଅପା : ଶୈଳଅପା
ହଂସ ନାଥ ମୁଦୁଲି	୪୩	ଅଶ୍ରୁ - ତର୍ପଣ
ବସନ୍ତ କୁମାର ମଲ୍ଲିକ	୪୫	ଚମ୍ପକ କାନ୍ଦୁଛି
ବିବେକାନନ୍ଦ ପାଣିଗ୍ରାହୀ	୪୮	ଅପାଶୋର୍ ଶୈଳଅପା
ପଞ୍ଚାନନ ଦାଶ	୫୧	ସିଏ ଜଣେ ମହୀୟସୀ ନାରୀଥିଲେ
ଦେବପ୍ରସାଦ ଦାସ	୫୫	ଠିକଣା ବିହୀନ ମଣିଷ ନିକଟରୁ ଏଠି ।
ମଧୁସୂଦନ ଦାସ	୫୮	ମୋତି ମାଣିକରୁ ବଳି
ଅମରେଶ ପଟ୍ଟନାୟକ	୬୫	ଶୈଳ ଅପା
କୈଳାସ ତ୍ରିପାଠୀ	୬୬	ସ୍ମୃତି ଯୋଡ଼ଏ ମୁହୂର୍ତ୍ତର
ଚନ୍ଦ୍ରପ୍ରଭା ପଟ୍ଟନାୟକ	୭୨	ସ୍ମୃତିରୁ ଧାରେ
ପ୍ରଦ୍ୟୁମ୍ନ କୁମାର ଦାଶ	୭୬	ସ୍ନେହ ଆଦରର ପ୍ରତିମୂର୍ତ୍ତି ଶୈଳ ମାଉସୀ
ଡ଼ଃ ଭବଗ୍ରାହୀ ମିଶ୍ର	୭୮	ଏକ ଚୁମ୍ବକୀୟ ବ୍ୟକ୍ତିତ୍ୱ

Digitized by srujanika@gmail.com

ବସନ୍ତ କୁମାର ସାମଲ	୭୯	ନା ସ୍ୱର୍ଗକୁ, ନା ତମକୁ
ନିର୍ମଳା ମହାପାତ୍ର	୮୬	ତର୍ପଣ
ଲଳିତ କାନୁନ୍‌ଗୋ	୮୮	ଶୈଳଅପାକୁ ଚିଠି
ଶ୍ୟାମସୁନ୍ଦର ପଣ୍ଡା	୯୧	ସ୍ମୃତିରୁ ଖିଏ
ଚିତ୍ତରଞ୍ଜନ ତ୍ରିପାଠୀ	୯୩	ଅମର ମଣିଷ
ଶାନ୍ତିପ୍ରିୟା ଜେନା	୯୮	ମଦନ ପଣ୍ଡିତ
ଜ୍ୟୋତ୍ସ୍ନା ଦାଶ	୯୯	ସ୍ମୃତିରୁ ଖିଏ
ବ୍ରତତୀ ଗୃହାର୍ଣ୍ଣ	୧୦୨	ମୋ ଜୀବନର ସେ ଏକ ଅଭୁଲା ସ୍ମୃତି
ଜଗନ୍ନାଥ ପାଣିଗ୍ରାହୀ	୧୦୮	ଶୈଳଅପାଙ୍କ ସହ କେତୋଟି ମୁହୂର୍ତ୍ତ
* * *	୧୧୦	ଚିଠି
ପ୍ରସନ୍ନ କୁମାର ମହାନ୍ତି	୧୨୪	ସ୍ନେହ ସ୍ୱରୂପା

ଆଲୋଚନା

ହୃଷୀକେଶ ପଣ୍ଡା	୧୧୨	ଲୁହ-ଯମୁନାର କବି
ନୃସିଂହ ମହାପାତ୍ର	୧୧୫	ଲୁହର ଝରଣା-ଲୁହରଯମୁନା
ସୁରେନ୍ଦ୍ର କୁମାର ମିଶ୍ର	୧୨୦	ଲୁହର ଯମୁନା ଏକ ଦୃଷ୍ଟିପାତ
ଭଗବାନ ପଣ୍ଡା	୧୨୯	ଶୈଳବାଳା ମହାନ୍ତି : ଏକ ବହୁବିଧ ପ୍ରତିଭା
କିଶୋର ସ୍ୱାଇଁ	୧୩୩	ଓଡିଶାର ନାରୀ କବି ଶୈଳବାଳା
ରମେଶଚନ୍ଦ୍ର ଧଳ	୧୩୭	ଶୈଳବାଳା ସୃଷ୍ଟି ମାନସ: ଏକ ଦୃଷ୍ଟିପାତ

କବିତା

ଉଜ୍ଜ୍ୱଳ ପାଢ଼ୀ	୧୪୧	ମନ ବୁଝେନା ଯେ ତମେ ଆଉ ନାହଁ
ନୀଳୟକାନ୍ତ ମହାପାତ୍ର	୧୪୪	ତମକୁ ପ୍ରଣାମ କରୁଛି
ଉପେନ୍ଦ୍ର ପ୍ରସାଦ ନାୟକ	୧୪୫	ମରେ ନାହିଁ ମହାପ୍ରାଣ

Digitized by srujanika@gmail.com

ଶ୍ରୀମନ୍ତ ଦାଶ	୧୪୮	ମୃତ୍ୟୁର ଚୁମ୍ବକ
ଆନନ୍ଦ ଚନ୍ଦ୍ର ପଣ୍ଡା	୧୪୯	ସେ ଫୁଲର ମୃତ୍ୟୁ ନାହିଁ
ଗୋବର୍ଦ୍ଧନ ସାହୁ	୧୫୦	ସ୍ମୃତି-ତର୍ପଣ
ଶ୍ରୀସ୍ମିତା ଦାଶ	୧୫୧	ତଥାପି ବଂଚନ୍ତି
ରମେଶ ଚନ୍ଦ୍ର ସ୍ୱାଇଁ	୧୫୨	ସମୀକ୍ଷା ଏକ ଜୀବନର
ବାଞ୍ଛାଚରଣ ସ୍ୱାଇଁ	୧୫୩	ଶ୍ରଦ୍ଧାଞ୍ଜଳି
ଏକାଙ୍କିକା ବୋଇତାଳି	୧୫୪	ସ୍ମୃତି
ସୁଧମିତା ମିଶ୍ର	୧୫୬	ଅପାପାଇଁ

ଶୈଳବାଳା ମହାନ୍ତି ସାହିତ୍ୟ—ରଚନା

କବିତା

ତା ସ୍ମୃତିର ସ୍ନାନାଗାର	୧୫୯	(କଟକ ମେଡ଼ିକାଲରେ ତା ୫।୬।୮୦ରେ ଲିଖିତ)
ସମ୍ବନ୍ଧ	୧୬୦	(୬।୬।୮୦ରେ ଲିଖିତ)
ମାଲ ନଣ୍ଡ ଆଜ ବଗୁଲି	୧୬୨	(୨।୬।୮୦ରେ ଲିଖିତ)
ତଥାପି ସେ ଫୁଲ	୧୬୩	(୯।୪।୮୦ରେ ଲିଖିତ)
ଅନୁରୋଧ	୧୬୪	(୨୨।୩।୬୮ ଅଂଶୁମାନରେ ପ୍ରକାଶିତ)
କୃଷ୍ଣଚୂଡ଼ାକୁ	୧୬୫	(ଲୁହର ଯମୁନା)
ମୃତ୍ୟୁ	୧୬୬	(ଲୁହର ଯମୁନା)
ଆଖିର କଜ୍ଜ୍ୱଳ ଲୁହରେ ଗୋଳ ମୁଁ	୧୬୭	(ଲୁହର ଯମୁନା)

ଗଳ୍ପ

ବୁଦ୍ଧଂ ଶରଣଂ ଗଚ୍ଛାମି	୧୬୮	(ଆସନ୍ତା କାଲି ଜନ୍ମ ୧୯୭୯ରେ ପ୍ରକାଶିତ)
ପଞ୍ଚମୀ ତିଥିର ସ୍ମୃତି	୧୭୩	(ପ୍ରଜାତନ୍ତ୍ର ସାହିତ୍ୟ ବିଭାଗରେ ପ୍ରକାଶିତ)

Digitized by srujanika@gmail.com

ନିଷିଦ୍ଧ ଚିଠା ୧୭୯ (ଲେଖିକାଙ୍କ ଶେଷ ଗଳ୍ପ)
(ଏକାମ୍ର ୧୯୮୦ରେ ପ୍ରକାଶିତ)

ଅନ୍ୟାନ୍ୟ

ଚୁମ୍ବକର ସମାଧାସୁ
ଓ ଅନ୍ୟାନ୍ୟ ୧୮୪

ସମ୍ମାନ ଓ ମାନପତ୍ର

ବନ୍ଧୁ ମିଳନ ୧୯୭୪
(ପ୍ରଜାତନ୍ତ୍ର ପ୍ରଚାର ସମିତି) ୧୯୨

ଏକାମ୍ର ସାହିତ୍ୟ ସଂସଦ
ମାନ ପତ୍ର (୧୯୭୪; ୧୯୩

ଯଦୁମଣି ସାହିତ୍ୟ ସଂସଦ
ଉଦୟପୁର, ନୂଆଗାଁ । ୧୯୪

ଚଲ୍‌ପଥ
(ଦାନଗଡ଼ି ଯାଜପୁରରୋଡ୍) ୧୯୫

ଯୁବ ପରିଷଦ (ଡେଲାଙ୍ଗ) ୧୯୬

Digitized by srujanika@gmail.com

।। ସ୍ୱର୍ଗୀୟା ଶୈଳବାଳା ।।

ଡକ୍ଟର ହରେକୃଷ୍ଣ ମହତାବ

ପ୍ରତିଦିନ 'ପ୍ରଜାତନ୍ତ୍ର' ଅଫିସରେ ପହଞ୍ଚିଲା ବେଳେ ଦେଖେ ଶୈଳବାଳା ଅତି ନମ୍ର ଭାବରେ ପ୍ରଣାମ କରି କିଛି ନକହି ଚାଲିଯାଏ । ପ୍ରଜାତନ୍ତ୍ର ପ୍ରେସକୁ ଯିବାର କାରଣ ହେଉଛି ତାର 'ଚୁମ୍ବକ' ପତ୍ରିକା ସେଠାରେ ମୁଦ୍ରିତ ହୁଏ ଏବଂ ସେ ନିଜେ ପ୍ରୁଫ୍ ସଂଶୋଧନ କାର୍ଯ୍ୟ ମଧ୍ୟ କରେ । ପତ୍ରିକାଟି ସର୍ବାଙ୍ଗ ସୁନ୍ଦର କରିବା ପାଇଁ କୌଣସି ସମ୍ପାଦକ ବା ସମ୍ପାଦିକା ଏତେ ଯତ୍ନ ନେବାର ମୁଁ ଜାଣେ ନାହିଁ । ବାସ୍ତବିକ ଶୈଳବାଳା ଜଣେ ସୁସାହିତ୍ୟିକା ଥିଲେ । ସାହିତ୍ୟ ସାଧନା ସାଧକ ଜୀବନରେ ଯେଉଁ ନମ୍ରତା ଓ ସଂସ୍କୃତି ପ୍ରତି ଆଗ୍ରହ ଜନ୍ମାଏ ତାହା ଶୈଳବାଳାଙ୍କଠାରେ ପୂର୍ଣ୍ଣ ଭାବେ ପ୍ରକାଶିତ ହେଉଥିଲା । ଅଳ୍ପ ବୟସରେ ସେ ଚାଲିଗଲା । ବାସ୍ତବିକ୍ ମୁଁ ତାଙ୍କୁ ମୋର କନ୍ୟା ବୋଲି ବିଚାରୁଥିଲି । ସେ ଚାଲିଯିବାର ସମ୍ବାଦ ପାଇ ମୁଁ ମର୍ମାହତ ହୋଇଥିଲି । ସେ ଝିଅର ସ୍ମୃତି ଜାଗରଣ କରିବା ପାଇଁ ସ୍ମରଣିକାଟିଏ ଯେ ପ୍ରକାଶ କରୁଛନ୍ତି, ଏହା ଆନନ୍ଦର ବିଷୟ । ଏହାର ସର୍ବସଫଳତା ମୁଁ କାମନା କରେ ।

□ □

ଏକାମ୍ର ନିବାସ, ଭୁବନେଶ୍ୱର-୨

Digitized by srujanika@gmail.com

।। ଚୁମ୍ବକ ।।

ଶ୍ରୀ ସୀତାକାନ୍ତ ମହାପାତ୍ର

ଏଇ କାଲିର କଥା । ପୁରୁଣା ପତ୍ରିକା ଘାଣ୍ଟୁ ଘାଣ୍ଟୁ ଚୁମ୍ବକର କେଇଟି ସଂଖ୍ୟା । ଶୈଳବାଳାଙ୍କ ନିଜ ହସ୍ତଲିପି ଅଙ୍କିତ । ଆସିଥିଲେ, ହାତରେ ପତ୍ରିକା ଧରେଇ ଯାଇଥିଲେ । କବିତା ମାଗୁଥିଲେ । କବିତା, କବି, ଓଡ଼ିଆ ସାହିତ୍ୟ—ଏସବୁ ସମ୍ପର୍କରେ ପଚାରୁଥିଲେ, ଜାଣିବାକୁ ଚାହୁଁଥିଲେ । ଲେଖକଙ୍କୁ ସ୍ନେହ କରୁଥିଲେ । ତାଙ୍କର ନମ୍ର, ନିରହଂକାରୀ, ଆର୍ଦ୍ର ସ୍ନେହବୋଳା ପରିବେଶରେ କେତେ ଯୁବଲେଖକ ଏକାଠି ହେଉଥିଲେ । ଓଡ଼ିଆ ସାହିତ୍ୟ କଥା ଭାବୁଥିଲେ ।

ନିଜେ ସିଏ କବିତା ଭଲ ପାଉଥିଲେ । କବିତା ଲେଖୁଥିଲେ । ଶୁଣିଲି ହସପିଟାଲରେ କେଇଦିନ ଭିତରେ ବି ନିଜେ ଲେଖୁଥିଲେ । ନର୍ସ, ହସପିଟାଲର ଅନ୍ୟ କର୍ମଚାରୀ ସମସ୍ତଙ୍କୁ ଏକ କାବ୍ୟମୟ ଜଗତକୁ ଟାଣିଆଣୁଥିଲେ । ଯେତେବେଳେ ତାଙ୍କସହିତ ଭେଟହୋଇଛି କବିତାହିଁ ଏକମାତ୍ର କଥାବସ୍ତୁ । ଦୁଃଖ ଯେ ନଥିଲା ତାଙ୍କର ତା ନୁହେଁ—କିନ୍ତୁ, ନିଜ ଦୁଃଖର ଛିଟିକୁ ଚାଳି କରିବା ଓ ସେଥିରେ ଅପରକୁ ବୁଡ଼େଇ ଦେବା ଏକଥା ସେ କେବେ କରୁ ନଥିଲେ । ଚକ୍ ଚକ୍ ଲୁହ ଟୋପାକୁ କେଉଁଠି ଲୁଚେଇ ଦେଇ ସେ ହସରେ ହିଁ ଅନ୍ୟକୁ ଆପଣାର କରୁଥିଲେ ।

ମୋର ମନେ ହେଉଥିଲା ତାଙ୍କର ଦୃଷ୍ଟିଭଙ୍ଗୀ ଏତେ ନିଃସ୍ୱାର୍ଥ-ପର ଶୁଭ୍ର ଓ ଆନ୍ତରିକ ଥିଲା ଯେ ତାଙ୍କର ବୋଧହୁଏ ଶତ୍ରୁ କେହି ନଥିଲେ ।

କିନ୍ତୁ, ଶତ୍ରୁ ଥିଲା ମୃତ୍ୟୁ । କଳା ଅନ୍ଧାର ଭିତରେ ସିଏ ସମସ୍ତଙ୍କୁ ଛକି ବସେ । ଅସତର୍କ ମୁହୂର୍ତ୍ତରେ କୋଉ ଛଟକରେ ହସର ଦୀପ ଲିଭେଇ ଦିଏ ଫୁ ଫୁ ଫୁଙ୍କି ଦେଇ । ତା'ପରେ ଶୁଭ୍ର ସତେଜ ସକାଳ ପରିବର୍ତ୍ତେ ଥାଏ ଗୋଟିଏ କରୁଣ ରକ୍ତିମ ଗୋଧୂଳି, ଯେଉଁଠି ଛିଡ଼ା ହୋଇ ତାଙ୍କର ପରିବାରବର୍ଗଙ୍କ ସହିତ ନେତ୍ରାନନ୍ଦ ଉଜ୍ଜ୍ୱଳ ଓ ଆହୁରି କେତେ ସମଧର୍ମୀ ଲେଖକ ଲୁହ ଝରାନ୍ତି । ଆଜି ସିଏ ହୋଇଯାନ୍ତି କେତେ ଗୁଡ଼ିଏ ମସ୍ତିଷ୍କର ସ୍ମୃତିର ଅଂଶ ଯେଉଁମାନେ ତାଙ୍କ ସ୍ନେହର ସ୍ପର୍ଶ ପାଇଥାନ୍ତି ଓ ମନେ ରଖନ୍ତି ।

ଉଦ୍ୟାନ ମାର୍ଗ, ଭୁବନେଶ୍ୱର □□

Digitized by srujanika@gmail.com

ତୁମେ ଯଦି ସ୍ୱର୍ଗରେ ନାହଁ,
ଶୈଳବାଳା !
ତେବେ ସ୍ୱର୍ଗ ବୋଲି କିଛି ନାହିଁ ।।

ରାଜେନ୍ଦ୍ର କିଶୋର ପଣ୍ଡା

"ହୃଦୟ : ଆକାରରେ ଏତେ ଛୋଟ ଯେ ଶାଗୁଣାର ଓଳକର ଭୋଜନ ପାଇଁ ନଅଣ୍ଟ, ଅଥଚ ସାରା ଜଗତ ସଂଭାଇଗଲେ ବି ଆହୁରି ସ୍ଥାନ ବଳକା ରହିଯାଏ ସେଇଠି ।" ବହୁ ବର୍ଷ ପୂର୍ବେ ଉଚ୍ଚାରିତ ଏଇ ମୂକ୍ତିଟି ମନେ ପଡିଯାଏ ଶୈଳବାଳାଙ୍କ ସମ୍ପର୍କରେ । ଗୋଟିଏ ସ୍ନେହ-ନିର୍ମିତ ହୃଦୟ ବ୍ୟତୀତ ତାଙ୍କର ବୋଧହୁଏ ଆଉ କୌଣସି ଅଙ୍ଗ-ପ୍ରତ୍ୟଙ୍ଗ ନଥିଲା ।

'ଚୁମ୍ବକ'ପତ୍ରିକାର ସମ୍ପାଦିକା ଭାବରେ ମୋଠୁ କବିତା ନେବା ପାଇଁ ଯଦିଓ ସେ ଯୋଗାଯୋଗ କରିଥିଲେ ପ୍ରଥମେ, ମୋର ସ୍ୱଭାବ-ଗାମ୍ଭୀର୍ଯ୍ୟ ଅତି ସହଜରେ ଭେଦ କରିଗଲେ କେଇମିନଟ୍ ଭିତରେ ଏବଂ ଦ୍ୱିତୀୟ ସାକ୍ଷାତ ବେଳକୁ ତାଙ୍କର ଆଉ 'ସମ୍ପାଦିକା'ର ପରିଚୟ ନଥିଲା । ସେ ଆମ ପରିବାରର ଆପଣାର ଜଣେ ହୋଇ ସାରିଥିଲେ ।

ସେତେବେଳେ- ମୋତେ- ଅଜଣା ନାମସବୁ ଉଚ୍ଚାରଣ କରି ସେମାନଙ୍କର ନାନା ସମସ୍ୟା ଓ ତହିଁର ସମାଧାନ ପ୍ରସଙ୍ଗରେ ସେ କହନ୍ତି, ଏପରି ଭାବରେ କହନ୍ତି ଯେ ପହିଲେ ପହିଲେ ମନେହୁଏ ସେମାନେ ତାଙ୍କର ସାନଭାଇଭଉଣୀ କି ଦିଅର ନଣନ୍ଦ କି ପୁଅଝିଅ ହୋଇଥିବେ ପରା ! ପରେ ବୁଝି ବୁଝି ଜାଣିହୁଏ, ଲେଖକ ରୂପରେ ହେଉ କି ପାଠକ ରୂପରେ, ନୂଆକରି 'ସାହିତ୍ୟ-ସାହିତ୍ୟ' ଭାବରେ ଆକ୍ରାନ୍ତ ପ୍ରତ୍ୟେକ ତରୁଣତରୁଣୀଙ୍କର ସେ 'ଶୈଳ ଅପା' ।

ଗୋଟିଏ ସ୍ମିତରେ ସବୁ ଦୁଃଖଜଂଜାଳକୁ ବାତିଲ୍ କରି ଛୋଟ ସାହିତ୍ୟ ଆସରଟିରେ ବ୍ରତତୀ ଯେତେବେଳେ ଗୀତଟିଏ ଗାଏ, ତା' ସ୍ୱରରେ ଶୁଭନ୍ତି ଶୈଳବାଳା । ଉଜ୍ଜ୍ୱଳ ବାବୁଙ୍କର ଆତ୍ମ ମଗ୍ନ ଭାବ,

Digitized by srujanika@gmail.com

ନେସାନଂଦର ଅଦମ୍ୟ ଉତ୍ସାହ, କହ୍ନେଇର ହସ ହସ କୈଶୋର ପଣ : ସବୁ କିଛି ସେ ଆବୋରି ରଖିପାରିଥିଲେ ନିଛକ୍ ସ୍ନେହମମତାରେ କେବଳ ।

ଅନ୍ୟ କାହାର ଦୁଃଖ ସୁଖକୁ ଏତେ ଗଭୀର ଭାବରେ ନିଜେ ଅଂଗେ ନିଭାଇଲା ଭଳି ଆପଣାପଣ ଏ ପୃଥିବୀରେ କେତେ ଜଣଂକର ଥାଏ ? କହ୍ନେଇର ଅକାଳ ବିଦାୟରେ ସବୁଠୁ ବଳି ମର୍ମାହତ ହୋଇଥିଲେ ସେ ।

ତାଂକ ନିଜର ଯେ ଦୁଃଖ ନଥିଲା ଏମିତି ନୁହେଁ । ବ୍ୟକ୍ତିଗତ ବେଦନା ଆସିଛି, ତଥାପି ସ୍ନେହ-ବିତ-ରଣ ଊଣା ହୋଇନି ତାଂକର । ଭାଂଗି-ପଡ଼ି ନାହାଂନ୍ତି ସେ, ଜୀବନର ମୁହାଁ ମୁହିଁ ହୋଇଛଂନ୍ତି, ଘନଘୋର ପ୍ରତିକୂଳ ପରିବେଶରେ ଜଣେ ଗୃହିଣୀ ନାରୀର ଏପରି ଧୈର୍ଯ୍ୟ ଓ ମନୋବଳ ପ୍ରକୃତରେ ବିସ୍ମୟକର ।

ସାହିତ୍ୟଠାରୁ ଜୀବନ ବହୁତ ବଡ଼ । ଶୈଳବାଳାଂକଠାରୁ ବହୁ ଅଧିକ ପ୍ରସିଦ୍ଧି ପାଇ ସାହିତ୍ୟ କ୍ଷେତ୍ରରେ ବିଚରଣ କରୁଥିବା ବ୍ୟକ୍ତିମାନଂକୁ ନିରୀକ୍ଷଣ କରି ମୁଁ ଦେଖିଛି ସେମାନଙ୍କର "ଭିତରର ନାରଖାର" । ମୋ' ନିଜର କ୍ଷୁଦ୍ରତା ସଂପର୍କରେ ବି ମୁଁ ସଚେତନ ଅଛି । ଆପଣା ଜୀବନଚର୍ଯ୍ୟାରେ ଜଣେ ମଣିଷ ଭାବରେ ଶୈଳବାଳା ବହୁ ଊର୍ଦ୍ଧ୍ୱରେ ଥିଲେ ।

ଶ୍ରଦ୍ଧା ଓ ବିନୟର ସହିତ ସେ ସ୍ୱରଚିତ ପୁସ୍ତକସବୁ ମୋତେ ଉପହାର ଦେଇଥିଲେ । ତାଂକର ମୃତ୍ୟୁରେ ଏହି କେତୋଟି ଧାଡ଼ି ଲେଖି ବସିବା ଆଗରୁ 'ଲୁହର ଯମୁନା' ଗ୍ରଂଥଟି ମେଲି ଧରୁ ଧରୁ ଆଖିରେ ପଡ଼ିଲା 'ଶେଷ କବିତା' । ଶୈଳବାଳା ତହିଁରେ କହିଛଂନ୍ତି : ମୁଁ ନର୍ତ୍ତକୀର ପାଦରେ ବାଜି ସାରି ହଜି ଯାଉଥିବା ଛଂଦଟିଏ; ମରୁ ବୁକୁରେ ଝରି ନିଃଶେଷ ହୋଇଯାଉଥିବା ବିଫଳ ବଉଦଟିଏ, ବେହେଲା ଭାଂଗିଯିବାରେ ଆହତ ସୁରଟିଏ ମୁଁ, ହେ ବଂଧୁ ! ତୁମେ ତ ମନଭୁଲା ସଂଗୀତର କଳାକାର, ଯଦି କେବେ ତୁମେ ଏଇ ପଥ-ଧାରକୁ ଆସ, ଯଦି ଏଇ ଲୁହ-ଯମୁନାର କୂଳକୁ ଆସ, ମୋର

Digitized by srujanika@gmail.com

ଅନୁରୋଧ, ତୁମେ ମୋର ଅଶ୍ରୁଳ ଜୀବନର ନ-କହିବା କଥା ଲେଖମାନରେ ତୋଳିନେବ, ମୁଁ ମୋର ବ୍ୟଥା ଭୁଲିଯିବ ସେଇକରେ ।

ତୁମେ ନିଶ୍ଚୟ ସକଳ ବ୍ୟଥା ଭୁଲିଯାଇଥିବ, ଶୈଳବାଳା । ସ୍ୱର୍ଗରେ ଦୁଃଖ ନଥାଏ । ଆଉ ତୁମେ ଯଦି ସ୍ୱର୍ଗରେ ନାହିଁ, ତେବେ ସ୍ୱର୍ଗ ବୋଲି କିଛି ନାହିଁ !!

୯, ୫-ଆର୍ ଫ୍ଲାଟ, ୟୁନିଟ-୩ : ଭୁବନେଶ୍ୱର ।

□ □

Digitized by srujanika@gmail.com

ଶେଷ ଚିଠି

ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି

୧୯୮୦ ମସିହା ଜୁନମାସ ଏଗାର ତାରିଖ । ଡ଼ାକରେ ଚିଠିଟିଏ ମିଳିଲା । ଚିହ୍ନା ଚିହ୍ନା ହସ୍ତାକ୍ଷର । ଖୋଲି ପଢ଼ିଲି—

ବେଡ୍ ନଂ ୧୫୨ ସର୍ଜିକାଲ ଓ୍ୱାର୍ଡ
କଟକ ମେନ୍ ହସ୍ପିଟାଲ
କଟକ
୬-୬-୮୦

ସମ୍ମାନନୀୟ ଅଗ୍ରଜ,

ମୋର ପ୍ରଣାମ ନେବେ । ଚିଠି ଦୁଇଟି ଦେଇଥିଲି ପାଇଥିବେ । ଆପଣଙ୍କ ନିକଟରୁ ପତ୍ରନପାଇ ଦୁଃଖିତ । 'ଚୁମ୍ବକ' ପ୍ରକାଶ ପାଇବା ପରେ ପରେ ମୁଁ ଅସୁସ୍ଥ ହୋଇ ପଡ଼ିଲି । ବାର୍ଷିକ ଉତ୍ସବକୁ ମଧ୍ୟ କେବଳ ଭୁବନେଶ୍ୱର ଛଡ଼ା ଅନ୍ୟ କେଉଁଠିକି ନିମନ୍ତ୍ରଣ ପତ୍ର ପଠାଯାଇ ପାରିନାହିଁ । କାରଣ ସେତେବେଳକୁ ମଧ୍ୟ ମୁଁ ଅସୁସ୍ଥ ଥିଲି ।

ଆଶା କରୁଛି—୧୫ଦିନ ଭିତରେ ମୁଁ ଆରୋଗ୍ୟ ହୋଇ ଫେରିବି ଏବଂ 'ଚୁମ୍ବକ' ପୁଣି ଜୁଲାଇରେ ଛପାହେବ । ଆପଣ ଜୁଲାଇ ପ୍ରଥମ ସପ୍ତାହରେ ଗଳ୍ପଟିଏ ଦୟାକରି ମୋ ପାଖକୁ ଭୁବନେଶ୍ୱର ପଠାଇବେ । ମୁ ବଞ୍ଚିଥିବା ଯାଏ 'ଚୁମ୍ବକ' କୁ ବଞ୍ଚାଇ ରଖନ୍ତୁ ।

ଘର ଚୂନ ଧଆ କାମ ପଡ଼ିଯାଇ ମୁଁ ଏହି ଦୁର୍ଦ୍ଦଶା ଭୋଗୁଛି । ମା'ଙ୍କୁ ପ୍ରଣାମ, ପିଲାମାନଙ୍କୁ ଆଶୀର୍ବାଦ, ଆଦିତ୍ୟଙ୍କସହ ନିକଟରେ ଅଫିସରେ ଦେଖା ହୋଇଥିଲା । ଈଶ୍ୱରଙ୍କ କୃପାରୁ ଆପଣମାନେ ଭଲ ଥିବେ ।

Digitized by srujanika@gmail.com

ଏହି ଠିକଣାରେ ଚିଠି ଦେଲେ ଖୁସିହେବ—ସାନ୍ତ୍ୱନା ପାଇବ ମଧ୍ୟ

ଏହି ଠିକଣା ଲମ୍ବା	।ଇତି।
ମାର୍ଫତ ଡ଼ାକ୍ତର ଗଗନମିଶ୍ର	ଆପଣଙ୍କର କଲ୍ୟାଣ-ପ୍ରାର୍ଥୀନୀ
ମେଡିକାଲ୍ କ୍ୟାମ୍ପସ୍ ଘରନଂ,୪-କଟକ	**ଶୈଳ**

ଚିଠିରେ ରୋଗର କୌଣସି ବିବରଣୀ ଦିଆଯାଇନଥିଲା। ତେବେ ଆନୁମାନିକ ଜଣା ପଡ଼ୁଥିଲା, ହୁଏତ ସିଡ଼ିରୁ ଖସିପଡ଼ି ଶୈଳର କୌଣସି ଅଙ୍ଗ ଭଙ୍ଗି ଯାଇଛି, ଆଉ ଅପରେସନ ହେବାପାଇଁ ସେ କଟକର ବଡ଼ ଡାକ୍ତରଖାନାର ଶଲ୍ୟ ଚିକିତ୍ସା ବିଭାଗରେ ଭର୍ତ୍ତି ହୋଇଛି। କିନ୍ତୁ ତାହାର ଅବସ୍ଥା ଏତେ ସାଙ୍ଘାତିକ ବୋଲି ମୋର ଧାରଣା ନଥିଲା। ତଥାପି ମନ ଆଉଟି ପାଉଟି ହେଲା। ତାହାର ଅବସ୍ଥା ଆଖିରେ ଦେଖିବା ପାଇଁ କଟକ ବାହାରିଲି। ମାତ୍ର ଠିକ୍ ସେତିକି ବେଳେ ହଠାତ୍ ଗୋଟିଏ ଦରକାରୀ କାମ ପଡ଼ିଲା, ଅନ୍ୟତ୍ର ଚାଲିଗଲି। ସେଠାରୁ ଫେରି ୧୭ ତାରିଖ ସକାଳେ ତାହାର ଅବସ୍ଥା ତୁରନ୍ତ ମୋତେ ଜଣାଇବା ଲାଗି, ଡ଼ାକ୍ତର ଗଗନ ମିଶ୍ରଙ୍କ ମାରଫତରେ ତାହାକୁ ଚିଠି ଦେଲି। କିନ୍ତୁ ଗଭୀର ପରିତାପର ବିଷୟ, ସେହିଦିନ ସଞ୍ଜବେଳେ କଟକ ବେତାର କେନ୍ଦ୍ରରୁ ଆଞ୍ଚଳିକ ସମ୍ବାଦରେ ଶୁଣିଲି, ଶୈଳ ଆଉ ଇହ ଧାମରେ ନାହିଁ, ଗଲାରାତି ଦିନଟାବେଳେ ତାହାର ଦେହାନ୍ତ ହୋଇଛି। ଏହି ନିଦାରୁଣ ବାର୍ତ୍ତା ଗୋଟାଏ ଅକାଳ ବଜ୍ରପରି ମୋ'ତେ ଭୀଷଣ ଆଘାତ ହେଲା। ମୋ ଜବାବକୁ ଏପରିକି ମୋତେ ଅପେକ୍ଷା ନ କରି, ସେ ନିଜର ରାହା ଧରିଲା। ମୋ ଚିଠିଟି ଡ଼ାକ୍ତର ଗଗନ ମିଶ୍ରଙ୍କ ଠାରେ ପହଞ୍ଚିଲା ବେଳକୁ ଶୈଳ ଏ ଦୁନିଆରେ ନ ଥିଲା ମୁଁ ତ ଏହା ମୋତେ ବିଶ୍ୱାସ୍ କରି ପାରିଲି ନାହିଁ!

ମାର୍ଚ୍ଚ ମାସରେ ତାହାକୁ ଚିଠି ଦେଇଥିଲି। ତାପରେ ନାନା କାମରେ ବ୍ୟସ୍ତ ରହି ମୁଁ ତାହାକୁ ଆଉ ଚିଠି ଦେଇ ପାରି ନଥିଲି। ଇତି ମଧ୍ୟରେ ସେ କେତେଖଣ୍ଡ ଚିଠି ଦେଲାଣି ଲେଖା ପାଇଁ ଘନ ଘନ ତାଗଦା କରି। ଏଠାରେ ଗୋଟିଏ ବଡ଼ କଥା ନ କହି ମୁଁ

Digitized by srujanika@gmail.com

ରହିପାରୁନାହିଁ । ଓଡ଼ିଶାରେ ପତ୍ରିକାର ସାମ୍ପାଦକମାନେ ଲେଖା ପାଇଁ କ୍ୱଚିତ୍ ଲେଖକମାନଙ୍କୁ ଚିଠିରେ ଅନୁରୋଧ କରନ୍ତି । କିନ୍ତୁ ଶୈଳ ଏ ଦିଗରେ ବିରଳ ବ୍ୟତିକ୍ରମ ଓ ଅଗ୍ରଣୀ ଥିଲା । ଲେଖାଟିଏ ପାଇଁ ସେ ବାରମ୍ବାର ଚିଠି ଦିଏ । ତାହା ସତ୍ତ୍ୱେ ଲେଖାନମିଳିଲେ, ସେ ନିଜେଯାଇ ଲେଖକ ଠାରେ (କଟକ କି ଭୁବନେଶ୍ୱରରେ ଅବଶ୍ୟ) ହାଜର ହୋଇଯାଏ, ଏବଂ ଲେଖାଟି ହାତକୁ ଆସିଲେ ଯାଇ ପାଟି ଫିଟାଏ ।

ସମସ୍ତ ବନ୍ଧନ, ବିଶେଷତଃ ସାହିତ୍ୟିକ ସମ୍ବନ୍ଧ ତୁଟାଇ ଶୈଳ ଆମଠାରୁ ବହୁତ ଦୂରକୁ ଚାଲିଗଲା । ତା ସାଙ୍ଗରେ ନିଜର ମାନସ ପ୍ରତିମା 'ଚିନ୍ମୟ' ପତ୍ରିକାଟି ମଧ୍ୟ ସମାଧି ଲଭିଲା । ପତ୍ରିକାକୁ ବଞ୍ଚାଇ ରଖିବା ପାଇଁ ତାହାର ଆପ୍ରାଣ ଉଦ୍ୟମ ଦେଖି ମୁଁ ତ ଅଭିଭୂତ ହୋଇଯାଇଛି । ମୁଁ କଟକରେ ଥିଲାବେଳେ ସେ ପତ୍ରିକା ବାହାର କଲା । ତା ଆଗରୁ ସେ ମୋ ଠାରୁ ଏ ସମ୍ବନ୍ଧରେ କେତେ ପରାମର୍ଶ ଓ ଉପଦେଶ ନେଇଛି । ପ୍ରତି ସଂଖ୍ୟା ପାଇଁ ଲେଖାଟିଏ ଦେବାକୁ ସେ ବାରମ୍ବାର ମୋତେ ଚିଠି ଦିଏ । ଯଥା ସମୟରେ ଲେଖାଟି ନପାଇଲେ ସେ କଟକ ଧାଇଁଆସି ମୋଠାରୁ ଲେଖା ଆଦାୟ କରିନଏ-ସାଙ୍ଗରେ ଆଏ ତାହାର ସାନ ପୁଅଟି । ମୋ ବୋଉକୁ ସେ ନିଜର ମା ଭଳି ଭକ୍ତିକରେ । ସେ ଯେବେ ଯାଏଁ ଆମ ଘରେ ପଖାଳ, ଶାଗ ଓ ଆଚାର ଖାଏ ଏବଂ ବୋଉର ଗୋଡ଼ହାତ ଘଷିଦିଏ । ବୋଉ ବି ତାହାକୁ ଆପଣାର ଝିଅ ପରି ଆଦର ସୋହାଗରେ ପୋତି ପକାଏ ।

ଶୈଳ ସହିତ ମୋର ପରିଚୟ ବହୁ ବର୍ଷର । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ପ୍ରତିଷ୍ଠିତ ଓ ନିତ୍ୟାନନ୍ଦ ମହାପାତ୍ରଙ୍କ ସମ୍ପାଦିତ 'ଡଗର' ପତ୍ରିକାରେ ନାଗବନ୍ଧୁ ବିଭାଗ ଖୋଲାହେଲା ପରେ ମୁଁ ଭଦ୍ରକରୁ ଓ ଶୈଳ ଜାମସେଦପୁରରୁ ନାଗବନ୍ଧୁ ଭାବରେ ପରସ୍ପର ସହିତ ପତ୍ରାଳାପ କଲୁ, ଆମ ଭିତରେ ପରୋକ୍ଷ ଯୋଗାଯୋଗଘଟିଲା । ତାପରେ ସରକାରୀ ଚାକିରିରେ ମୁଁ ଏଣେ ତେଣେ ଗଲି, ଆଉ ବୟସ ଦୃଷ୍ଟିରୁ ନାଗବନ୍ଧୁ ବିଭାଗ ଛାଡ଼ି ସାଧାରଣ ଲେଖକଙ୍କ

Digitized by srujanika@gmail.com

ନମଳକୁ ଆସିଲି । ୧୯୪୫ ମସିହାରେ ମୋର ସମ୍ବଲପୁରରୁ କଟକ ବଦଳି ହେଲି । ଡଗରପଡାରେ ଗୋଟିଏ ଭଡା ଘରେ ଥିଲି । ଦିନେ ଅଫିସ ଫେରନ୍ତେ ବୋଉ ମତେ ଜଣାଇଲେ, ଶୈଳ ବୋଲି ମୋର ଜଣେ ଭଉଣୀ ଆଜି ଆମ ଘରକୁ ଆସିଥିଲା । ଏବଂ ଭାଉଜକୁ ନିମନ୍ତ୍ରଣ କରି ଯାଇଛନ୍ତି । ତାପରେ ସବୁ କଥା ଜଣା ପଡିଲା । ଶୈଳ ଇତି ମଧ୍ୟରେ ଦେଉଲଙ୍ଗର ସୁରେନ୍ଦ୍ର ମହାନ୍ତିଙ୍କୁ, ବିଭା ହୋଇଛନ୍ତି ଏବଂ ଆମ ବସା ପାଖରେ ରହୁଛନ୍ତି । ଯାହାହେଉ, ଏତେ ଦିନେ ଏପରି ଗୋଟାଏ ସୁଖବର ପାଇ ଖୁସିହେଲି । ତାପରେ ଆମେ ତା ବସାକୁ ନିମନ୍ତ୍ରିତ ଅତିଥି ଭାବରେ ଗଲୁ, ଭୂରି ଭୋଜନ ମଧ୍ୟ କଲୁ । ସେ ଦିନର ଆଦର, ଯତ୍ନ ଓ ଆପ୍ୟାୟନ ଭୁଲିବାର ନୁହେଁ । ପ୍ରଥମ ସାକ୍ଷାତ ଘଟିଲା ତାହା ସହିତ ମୋର । ତାହାର ରୂପ କଳା ହେଲେ କଅଣ, ନମ୍ରତା, ସକଳ ସଦ୍‌ଗୁଣ ସତେକି ତାହାର ଠାରେ ଠୁଳ ହୋଇଥିଲା । ତାପରେ ଆମ ଭିତରେ ଦିନକୁ ଦିନ ଘନିଷ୍ଠତା ବଢ଼ି ବଢ଼ି ଶେଷରେ ନିବିଡ଼ ଆତ୍ମୀୟତାରେ ପରିଣତ ହେଲା । ସେ ମୋ ସ୍ତ୍ରୀକୁ ନିଜର ଭଉଣୀ ଭାବରେ ମଣିଲା । ତାହାର ଅକାଳ ବିୟୋଗରେ ଶୈଳ ଏପରି ଅନ୍ତହର ଓ ମ୍ରିୟମାଣ ହୋଇଗଲେ ଯେ ଅନେକ ଦିନ ସେ ଆମ ଦୁଆର ମାଡି ନଥିଲା । ଚନ୍ଦ୍ରିକା ପ୍ରକାଶନର ଅବସରରେ ପୁଣି ତାହାର ଦେଖା ମିଳିଲା ସତ, କିନ୍ତୁ ତାହା ଏକ ପରିବର୍ତ୍ତିତ ଶୋକ ସନ୍ତପ୍ତା ରୂପରେ । ସେ ମୋ ପିଲାମାନଙ୍କୁ ଅତି ଆପଣାର ଭାବୁଥିଲା । ଏପରିକି ସାନ ପୁଅ ବିରଞ୍ଚିନାରାୟଣରେ ବିବାହ ପ୍ରସଙ୍ଗ ଉଠିଲାରୁ, ସେ ନିଜେ କନ୍ୟା ପସନ୍ଦ କରି ବିବାହର ସକଳ ବ୍ୟବସ୍ଥା କରିଥିଲା । ପାର୍ବୀ ଜାଖପୁ କବି ବୀରକିଶୋରଙ୍କ ଆତ୍ମୀୟା ହୋଇଥିବାରୁ, ଶୁଭ କର୍ମଟି ସୁରୁଖୁରୁରେ ସମାହିତ ହୋଇଥିଲା ।

ନୂଆ ରାଜଧାନୀ ଭୁବନେଶ୍ୱରକୁ ସେକ୍ରେଟେରିଏଟ ଉଠିଗଲାରୁ, ଶୈଳ ମଧ୍ୟ ସେଠାକୁ ଗୁଚିଗଲା । ବେଳେ ବେଳେ କିଛି କାମରେ କଟକ ଆସିଲେ, ତୁଳସୀପୁର ପୋଲିସ କଲୋନୀକୁ ଯାଇ ସେ

Digitized by srujanika@gmail.com

ବୋଉକୁ ବହୁତ ବୁଝାଏ ତା ବୋହୂର ଅଭାବ ଅନୁଭବ ନକରିବା ପାଇଁ ଆଉ ପିଲାମାନଙ୍କୁ ସୋହାଗରେ ପୋତିପକାଏ । ପିଲାଏ ତାହାକୁ ମାଉସୀ ବୋଲି ଡାକନ୍ତି । 'ମାଉସୀ' ଆମ ଘରେ ଗୋଡ଼ ଦେଲେ, ବୋଉ ଓ ପିଲାଏ ତାହାଙ୍କୁ ବେଢ଼ି ବସନ୍ତି, ଆଉ ଛାଡ଼ିବାକୁ ଚାହାନ୍ତି ନାହିଁ । ମାତ୍ର ମୁଁ ଶେଷକୁ ମନେ ପକାଇ ଦିଏ ଘଣ୍ଟା ଅଧିକ ହେଲେ ମଠର ମିଳିବ ନାହିଁ । ତତ୍ପରେ ଅକପଟ ଆନନ୍ଦ-କଳରୋଳ ମଉଳିଯାଏ! ମୁଁ ତାହାକୁ ନେଇ ବୃନ୍ଦାବନଚନ୍ଦ୍ରଙ୍କ ପାଖରେ ମଠରରେ ବସାଇଦିଏ । ମୁଁ ତା ଘରକୁ ଯେବେ ଯାଏଁ, ସେ ମୋତେ ସହଜରେ ଛାଡ଼େନାହିଁ, ନାନା ରକମର ସୁଆଦିଆ ଦରବ ହାତରେ ତିଆରି କରି ଖୁଆଏ, ନୂଆ ନୂଆ ଲେଖକଙ୍କୁ ଡାକିଆଣି ମୋ ସହିତ ପରିଚୟ କରାଇ ଦିଏ ସେଥିପାଇଁ ସମୟଗୁଡ଼ିକ ଖୁବ ଆନନ୍ଦରେ କଟିଯାଏ ଗୋଟାଏ ଉନ୍ନତ ସାହିତ୍ୟିକ ବାତାବରଣ ଭିତରେ !

ଶୈଳ ଥିଲି ଅନନ୍ୟା, ଅନୁପମା, ଅମାୟିକା । ତାହାର କବି ପ୍ରତିଭା ମଧ୍ୟ ଅଲୌକିକ, ଅତୁଳନୀୟ । ତାହାର ଶିକ୍ଷା ବେଶିନୁହେଁ । ତେବେ ସେ ଜଣେ ସ୍ୱଭାବ କବିଥିଲି । ତାହାଛଡ଼ା ତାହାର ସଦା ହସ ହସ ମୁଖ, ନମ୍ର କଥା, ସଚ୍ଚୋଟ ପଣିଆ, ଅକପଟ ସ୍ନେହ-ଶ୍ରଦ୍ଧା, ପରୋପକାରୀ ବ୍ୟବହାର ନିଃସନ୍ଦେହରେ ଅଣପାସୋରା । ତାହାର ନିରାଡ଼ମ୍ବର ଜୀବନଯାତ୍ରା ଓ ସରଳ ବେଶଭୂଷା କେହି ଆଖିରେ ନ ଦେଖିଥିଲେ ବିଶ୍ୱାସ କରି ପାରିବ ନାହିଁ ।

୧୯୭୯ ମସିହା ଫେବୃୟାରୀ ୨ ତାରିଖରେ ସେ ଭୁବନେଶ୍ୱରରୁ କବିତା ଆକାରରେ ଯେଉଁ ଚିଠିଟି ମୋତେ ଭଦ୍ରକ ଠିକଣାରେ ପଠାଇଥିଲି, ତାହା ବିଶେଷ ଉଲ୍ଲେଖନୀୟ :

" ହେ ବାଣୀ-ପୀଠର ପରମ ସାଧକ !
ପ୍ରଣତି ଜଣାଏ ପଦେ
କବାଅଞ୍ଜୁମୋର ଭକତି କୁସୁମ
ଚରଣେ ନିବେଦି ବନ୍ଦେ ।
ମିଳି ନଇ ଜଳେ ଅନେକ ମମତା
କୂଳେ କୂଳେ ବୁଲି ତାର

Digitized by srujanika@gmail.com

ଭାବଥିଲି ମୁଁ ଯେ ଶିଖିବାକୁ ଟିକେ
ବାଣୀ ପୂଜା ଉପଚାର ।
ପଦ୍ମ ଫୁଲ ନୁହେଁ ଶିଉଳି କୁସୁମ
ପାରିଥାନ୍ତି ଯଦି ତୋଳି
ଭାରତୀ ଚରଣେ ନିବେଦି ତା ପଦ-
ରଜ ହୋଇଥାନ୍ତି ବୋଲି ।
ଅଶ୍ରୁଜଳ ଝରି କାହିଁ ଆସିନେଲା
ଧୋଇ ମୋ ମନର ଆଶା,
କ୍ଷମତା ଲାଳସୀ ଧନଲୋଭୀ କାହିଁ
ବୁଝିବେ ପ୍ରାଣର ଭାଷା !
ସୂତବନ୍ଧ ମୈତ୍ରୀ ପ୍ରୀତିର ଧାଗା
ସେ କାହୁଁ କରିବେ ଦାନ,
ଆନକୁ ଯାତନା ଦେଇ ସେ ନିଜକୁ
ଗଣିଥାନ୍ତି ଭାଗ୍ୟବାନ ।
ଚନ୍ଦ୍ରର ଠିକଣା କହେ କେଉଁ ଗ୍ରନ୍ଥି,
ତାରା ଶୁଣେ ଚୁନ ଚୁନ,
ଜୋଛନା ବା ହଏ କା' ଚଲାପଥରେ
ରୂପାର ମୁକୁଟ ଚୂଣି ।
ସେମାନେ ଏସବୁ ଦେଖନ୍ତିନ କେବେ
ଗାଡ଼ି ଚଢ଼ିଥାନ୍ତି ବୁଲି,
ପଚତଣ୍ଟି ଟିପି ମହଲା ମହଲା
କୋଠା ପୁଣି ଥାନ୍ତି ତୋଳି ।
ଏ ସହର ଏକ ଅସଭ୍ୟ ନଗର
ମୋ ଆଖିରେ ଲୁହ-ନଈ
ଏ ନଈରେ ମୋର ନାଆ ଠେଲି ମଲି
ଝଡ଼ ଢେଉ ଯାଏ ବହି
ଯାତନାର ଲିପି ଯାହା ଯାଏ ରଖି
ତାହାର ବା କି ଅଛି ମୂଲ !

Digitized by srujanika@gmail.com

‘ଲୁପ୍ତ ଯମୁନା’ର ‘ଶୁଖିଲା କଦମ୍ବ’
ନୁହେଁ ବାଣୀ ‘ପୂଜା ଫୁଲ’ ।
ତୁମେ ତ ଅଗ୍ରଜ ପରମ ସାଧକ,
ଚରଣେ କରୁଛି ଅଳି,
ମୋ ଶେଷ ସମୟ ଯାଏ ଭାବୁଥିବେ

ଏମିତି ଆପଣା ପର ।
ପିଲାଙ୍କୁ ଆଶିଷ ଜଣାଇବେ ମୋର,
ମାଆଙ୍କୁ ମୋ ପ୍ରଣିପାତ,
ସମ୍ବନ୍ଧିଙ୍କୁ ସବୁ ଶୁଭେ ରଖିଥିବେ

ନୀଳାଦ୍ରି ବିହାରୀ ନାଥ ।
‘ଉପେନ୍ଦ୍ର ଜୟନ୍ତୀ’ ସବୁ ଶୁଭେ ହେଉ
ଏ ଅତି ମହତ କଥା ।
ସେଇ ଅବସରେ ତାଙ୍କର ପାଦରେ

ମୁଁ ବି ଛୁଆଁଇବି ମଥା ।
ଦେଖିବି ପୁଣି ମୁଁ ସାଳନ୍ଦୀକୁ ଥରେ,
ତା ସ୍ରୋତେ ମିଶାଇ ଲୁହ
ଭୁଲିଯିବି ମୋର ହାହାକାର ମୁହ

ଜୀବନର ଟିକେ କୋହ ।
ତା କୂଳେ ସବୁଜ ବନ ଭୂଇଁ ମତେ
କେତେ ଯେ କହିବ କଥା,
‘ ଜୀବନ-ମନ୍ତ୍ର’ ଶୁଣାଇବ ମତେ

ତା କୂଳର ନୀରବତା ।
ଆଜି ଏତିକରେ ବିଦାୟ ନେଉଛି
ପ୍ରଣତି ଘେନିବା ହେବେ
କୁଶଳ ଖବର ଲେଖି ପତ୍ରଟିଏ
ଫେରନ୍ତା ଡାକରେ ଦେବେ ।”

Digitized by srujanika@gmail.com

ସରକାରୀ ସଂସ୍ଥାରୁ ଅବସର ନେଇ ମୁଁ ୧୯୭୮ ମସିହାରେ ଭଦ୍ରକ ଚାଲି ଆସିଲି ଏବଂ ସାଳନ୍ଦୀ କୂଳରେ ଜଗନ୍ନାଥପୁର ଗ୍ରାମର ଆଦି ନିବାସରେ ଦିନ ଯାପନ କଲି । ପରବର୍ଷ ଅପ୍ରେଲ ୮ ତାରିଖରେ ଆମେ ଏଠାରେ ପ୍ରବୀଣ ସାହିତ୍ୟିକ ଉପେନ୍ଦ୍ର ପ୍ରସାଦ ମହାନ୍ତିଙ୍କର ଅଶୀ-ତିତମ ଜନ୍ମ ଦିବସ ଉପଲକ୍ଷେ ଏକ ଜନସମ୍ବର୍ଦ୍ଧନାର ଆୟୋଜନ କରିଥିଲୁ । ଏହି ସାରସ୍ୱତ ମହୋତ୍ସବରେ ଯୋଗ ଦେବା ପାଇଁ ଶୈଳ ମୋତେ ଅତି ଆଗ୍ରହରେ ପ୍ରତିଶ୍ରୁତି ଦେଇଥିଲା । ମାତ୍ର କୌଣସି ଅହେ-ତୁକ କାରଣରୁ ସେ ଆସି ନ ପାରି ପରେ ମୋତେ କ୍ଷମା ମାଗିଥିଲା ।

ଶୈଳକୁ ଦେଖିଲେ ସାକ୍ଷାତ୍ ଏକ ମୂର୍ତ୍ତିମୟୀ ଦେବ ପ୍ରତିମା ପରି ମନେ ହୁଏ । ସେ ସଦା ପ୍ରଫୁଲ୍ଲ ଓ ଲାସ୍ୟମୟୀ ଜଣା ଯାଉଥାଏ । ମାତ୍ର ତା ଅନ୍ତରରେ ଗୋଟାଏ ଅତୃପ୍ତ ବିଷର୍ଣ୍ଣ କପୋତୀର ହାହାକାର-ମୟ କୋହ ବରାବର କୁହୁଳୁଥାଏ । ଧନସମ୍ପଦକୁ ସେ ତୁଚ୍ଛ ମଣୁଥିଲା । ଏ ସମ୍ପର୍କରେ ତାହାର ମନୋଭାବ ଉପରୋକ୍ତ କବିତାରୁ ପରିଷ୍କାର ବାରିହୁଏ, ସତେକି ଗୋଟାଏ ଲୁହର ନଈରେ ଉବୁଟୁବୁ ହେଉଥିଲା ।

ପବିତ୍ର ସାରସ୍ୱତ ପୀଠରେ ଜଣେ ଚରମ ସେବିକା ହେବାକୁ ସେ ନିରନ୍ତର ସାଧନା କରୁଥିଲା । ମାତ୍ର ସେହି ପଥଟି ତା ପାଇଁ ସତେ ଦୁରୂହ, ଦୁର୍ଗମ ଓ କଣ୍ଟକିତ ଥିଲା । ସେହି ଅବିଚଳିତ ସାଧନାର ମାନସ ପ୍ରତିମା 'ଚୁମ୍ବକ' ପତ୍ରିକାକୁ ସେ ଅକ୍ଳାନ୍ତ ପରିଶ୍ରମ କରି ସାତୋ-ଟି ବର୍ଷ ଚଳାଇ ନେଇଥିଲା । ତା ଅନ୍ତେ ପତ୍ରିକାଟି ବିସ୍ମୃତ ଅନ୍ଧ-କାର ଗୁହାରେ ବିଲୀନ ହେଲା ।

ଚୁମ୍ବକ'ର କବିତା ବିଶେଷାଙ୍କରେ (୭ମ ବର୍ଷ, ୭ମ ସଂଖ୍ୟା ୧୯୭୯) ସମ୍ପାଦକୀୟରେ କବିତା ପ୍ରସଙ୍ଗରେ ଆଲୋଚନା କରିବାକୁ ଯାଇ ଶୈଳ ନିର୍ଭୟରେ ନିଜର ମତ ବ୍ୟକ୍ତ କରିଥିଲା ।

"ମଣିଷ ମନର ସମସ୍ତ ଅଶାନ୍ତି ଆବିଳତା ଦୂର କରି ମନରେ ଏକ ପ୍ରଶାନ୍ତ ଏକତା, ନିର୍ମଳ ମମତାର ଚନ୍ଦନ କସ୍ତୁରୀ ଗନ୍ଧ ଭରି-ଦେବା କବିର ଧର୍ମ ହେଉ ! ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର ମର୍ମତାଡ଼େ ଲ ହୋଇ ବିଶ୍ୱକୁ ଭଲ ପାଇ ନ ପାରିଲେ ଜଣେ ବ୍ୟକ୍ତି ମନଛୁଆଁ

Digitized by srujanika@gmail.com

କବିତା ଲେଖି ପାରେ ନାହିଁ, ସେ ଯେତେ ନିଃସ୍ୱ ହୋଇଥାଉ, ଯେତେ ଦୁଃଖ ଯନ୍ତ୍ରଣାରେ ଜଳୁଥାଉ ପଛେ । କିନ୍ତୁ ତା' ଅନ୍ତରରେ ଖେଳୁଥିବା ମହାମାନବିକତାର ହେତୁ ତା'ର ଲେଖନୀକୁ ସ୍ପର୍ଶ କଲେ ତା ସୃଷ୍ଟି ଅମୃତ ଅନବଦ୍ୟ ହୋଇଯାଏ । ଲେଖନୀର ଶକ୍ତି ମଧ୍ୟ ସମୟ ବିଶେଷ-ରେ ତରବାରିର ଶାଣିତ ଧାର ଠାରୁ ବଳି ଯାଇଥାଏ । ସେଇ ଅଦୃଶ୍ୟ ଫୁଲର ମହକ ଯେତେବେଳେ କବିର ପ୍ରାଣକୁ ଛୁଇଁଯାଏ ସେ ଲେଖନୀ ନ ଧରି ରହି ପାରେନା । ”

"ଆଧୁନିକ କବିତା କେତେକଙ୍କୁ ବିରକ୍ତ କରେ କାହିଁକି ଲାଗେ ମୁଁ ବୁଝିପାରେନା । ଛନ୍ଦହୀନ କବିତା ମଧ୍ୟ ପ୍ରାଣକୁ ମୁଗ୍ଧ କରିଥାଏ, ଯେଉଁଥିରେ ଏକ ବିମୁଗ୍ଧ ଭାବ ଆବେଗମୟୀ ଭାଷାର ପ୍ରକାଶ ଥାଏ ; ଯେଉଁ କବିତାକୁ ଦୁର୍ବୋଧତା, ଜଟିଳତା ଛୁଇଁ ନଥାଏ, ସେ କବିତା ଛନ୍ଦହୀନ ହେଲେ ମଧ୍ୟ ତାହା ଏକ ଉଚ୍ଚକୋଟିର କବିତା" । ଉଭୟ ପଦ୍ୟ ଓ ଗଦ୍ୟରେ ସିଦ୍ଧହସ୍ତା ଶୈଳର ଏପରି ବଳିଷ୍ଠ ନିରପେକ୍ଷ ବକ୍ତବ୍ୟ ଆଜି ବାସ୍ତବିକ ଲେଖକଙ୍କ ପକ୍ଷରେ ବିଶେଷ ପ୍ରଣିଧାନଯୋଗ୍ୟ ।

ସ୍ୱରଚିତ କବିତା 'କବିର ସ୍ୱର୍ଗ'ରେ ସେ ଲେଖିଥିଲେ—

"ମାଟିର ମଣିଷ ମିଶିଯିବି ମୁଁ
ଦିନେ ମାଟି ରେ,
ଧରାର ଯାତନା ବିଷ ପେଟେ ବୋଳି
ଏଇ ପୃଥ୍ବୀରେ ।

ସତରେ ଶୈଳ ଦୂରଭୂମି ସେ ଆଗେ ଆଗେ ବାଟ କଢ଼ାଇ ଚାଲିଗଲେ । ଧୂଳିରେ ମିଶି ଗଲେ । ମାତ୍ର ଗୁଡ଼ ଦେଇଗଲେ ଧରାର ଯାତନାତକମୋଚାଇଁ । ମୁ ବାସ୍ତବିକ ପଛରେ ପଡ଼ିଗଲି

ତାଙ୍କ ଉଦ୍ଦେଶ୍ୟ ରେ ଲିଖିତ ତାହାର କବିତାଟି ସହ ଶେଷ ଚିଠି ପଙ୍କ୍ତିକ ମୁଁ ସାଇତି ରଖିଛି କୋଟିନିଧି ଭଳି ।

□ □

* ଜଗନ୍ନାଥପୁର
ଭଦ୍ରକ -୭୫୬୨୦୦

Digitized by srujanika@gmail.com

ଶ୍ରଦ୍ଧାଞ୍ଜଳି

● ଶ୍ରୀ ସାତକଡ଼ି ହୋତା

ଶୈଳବାଳା ସହିତ ପ୍ରଥମ ପରିଚୟ ହୁଏ ୧୯୭୪ ରେ । ମୁଁ ସେତେବେଳେ କଟଣୀରେ ଡିଭିଜନାଲ ସୁପରିଣ୍ଟେଣ୍ଡେଣ୍ଟ ଭାବରେ କାର୍ଯ୍ୟ କରୁଥାଏ । ଦିନେ ଫୋନ କରି ନିଜର ପରିଚୟ ଦେଇ କହିଲେ, ଆପଣ ସମସ୍ତଙ୍କୁ ଦେଉଛନ୍ତି, ମୋ ପତ୍ରିକା ପାଇଁ ଲେଖା ଖଣ୍ଡେ ଦିଅନ୍ତୁନା । ମୁଁ ତ ଯାଇ ପାରୁନି । ଏକା ଏକା ସବୁ କରିବାକୁ ହଉଛି ଭଦ୍ର ମହିଳାଙ୍କ ସ୍ୱରରେ ଏମିତି ଆତ୍ମୀୟତା ଥିଲା ଯେ ମୁଁ ତାଙ୍କ ସାଙ୍ଗେ ରାଜି ହୋଇଗଲି । ସେ ପୁଣି କହିଲେ; ଆପଣ ତ ଭୁବନେଶ୍ୱର ଆସୁଥିବେ, ଆମ ଘରକୁ ଟିକେ ଆସନ୍ତୁନା । ମୁଁ କହିଲି; ଚେଷ୍ଟା କରିବି; ସମୟ ପାଇଲେ ନିଶ୍ଚୟ ଯିବି ।

ମୋର ପ୍ରତିଶ୍ରୁତି ରକ୍ଷାକରି ମୁଁ ଯେଉଁଦିନ ପ୍ରଥମ ଗଲି ତାଙ୍କ ଘରକୁ ତାଙ୍କର ଆନନ୍ଦ କହିଲେ ନସରେ । କେଉଁଠି ବସାଇବେ, କ'ଣ ଖାଇବାକୁ ଦେବେ ସେଥିପାଇଁ ଖୁବ୍ ବ୍ୟସ୍ତ । ମୁଁ ବାରଣ କଲେ ମଧ୍ୟ ମାନିଲେ ନାହିଁ । କେତେ ମିନିଟ ପରେ ହ ଲୁଆ, ଚା··· । ପରେ ଜାଣିଲି ଶୈଳବାଳା ଏହି ପରି । କେହି ତାଙ୍କ ପାଖକୁ ଆସିଲେ ସେ ସହଜରେ ଛାଡନ୍ତି ନାହିଁ, ଯାହା ହେଲେ ବାଡ଼ି ଦିଅନ୍ତି ଆଗରେ··· । ଠିକ୍ ଭଉଣୀ ପରି ।

ଶୈଳଦେବୀ ଚୁମ୍ବକର ସମ୍ପାଦିକା ଥାଆନ୍ତି । ଛୋଟ ଶିଶୁକୁ କୋଳେଇ କାଖେଇ ମା ଯେପରି ମଣିଷ କରେ ସେ ସେହିପରି 'ଚୁମ୍ବକ' ପାଇଁ କରୁଥିଲେ । ଓଡ଼ିଆ ସାହିତ୍ୟରେ ଏତେ ବିଦଗ୍ଧ ପାଠକ ନାହାନ୍ତି ଯେ ପତ୍ରିକା କିଣିବେ ନିଜଆଡ଼ୁ । ଅଧିକାଂଶ ପତ୍ରିକା ମାଗଣାରେ ନେଇ ଯାଆନ୍ତି ସାଙ୍ଗ ସାଥି ଚିହ୍ନା ପରିଚୟ । କିଏ ପଇସା ଦେବ ? କିନ୍ତୁ ପତ୍ରିକା ପାଇଁ କାଗଜ କିଣିବା ଦରକାର, ଛାପାଖର୍ଚ୍ଚ ଅଛି । ଶୈଳ ଦୌଡନ୍ତି ବିଜ୍ଞାପନ ପାଇଁ । ଓଡ଼ିଶାରେ ବ୍ୟବସାୟୀ, ବାଣିଜ୍ୟ କାହିଁ ଯେ ବିଜ୍ଞାପନ ସେ ପାଇବେ ? ସରକାର

Digitized by srujanika@gmail.com

ଦମ୍ପତିଙ୍କ ପ୍ରଥମ ଏବଂ ଶେଷ ଆଶ୍ରୟ ସ୍ଥଳ । ବିଭାଗୀୟ କର୍ମଚାରୀଙ୍କ-ଠାରୁ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କେହି ବାଦ ପଡ଼ନ୍ତି ନାହିଁ । ଗୁଳି ଗୁଳି ବା ଟେବୁଲରେ ବସି ସେ ଖର୍ଚ୍ଚ କରନ୍ତି ସମୟ । କେତେଥର ଘର୍ମାକ୍ତ ହୋଇ ପତ୍ରିକାଟିକୁ ବଞ୍ଚାଇବା ପାଇଁ ଲେଖା ବା ବିଜ୍ଞାପନ ସଂଗ୍ରହ କରିବା ପାଇଁ ବୁଲୁଥିବାର ଦେଖିଛି ମୁଁ । ଥରେ ଗାଡ଼ି ଛିଡ଼ା କରି କହିଲି, ଉଠି ଆସନ୍ତୁ, ପହଁଚାଇ ଦେବି । ସେ ହସି ଦେଇ କହିଲେ ଏ କଅଣ ନୂଆ, ଏଇଟା ବରଂ ସ୍ୱାଭାବିକ ଗୋଟିଏ ପତ୍ରିକାର ସମ୍ପାଦକ ପକ୍ଷରେ । ଓଡ଼ିଆ ସାହିତ୍ୟର ଯଦି କେବେ ସୁଦିନ ଆସେ !

ସାହିତ୍ୟରେ ସେଇ ସୁଦିନ ଆଣିବା ପାଇଁ କେତେ ଚେଷ୍ଟା କରୁନଥିଲେ ସତ । ଘରେ ଖାଇ ନିଜର ପଇସା ଖର୍ଚ୍ଚ କରି ସାହିତ୍ୟ ସେବା କରିବାକୁ ହୁଏ ବୋଲି କେତେଜଣ ଜାଣନ୍ତି ? ସେ କିନ୍ତୁ ଜାଣିଥିଲେ ! ଘରର ଖର୍ଚ୍ଚ କାଟି ସେ ଖର୍ଚ୍ଚ କରୁଥିଲେ ସାହିତ୍ୟ ପାଇଁ । ଦେଶ ସେବା କରୁଥିବା ଲୋକଙ୍କର ତ ପଇସାର ଅଭାବ ହୁଏନାହିଁ । କିନ୍ତୁ ସାହିତ୍ୟ ପତ୍ରିକାଟିଏ ବାହାର କରିବା କଅଣ ଏତେ ସହଜ ? ତଥାପି ଶୈଳଦେବୀଙ୍କର କ୍ଷୋଭ ନଥାଏ । ପୁଅ ଅକ୍ଷମ ଅପଦାର୍ଥ ହେଲେ ମାଆ କଅଣ ପୋଛାଡ଼ି ଦିଏ ? ବରଂ ତାପାଇଁ ନିଜେ ଉଦ୍ୟମ କରେ, ଅର୍ଥ ଅର୍ଜନ କରେ । ଓଡ଼ିଆ ସାହିତ୍ୟକୁ ଉନ୍ନତି କରିବା ପାଇଁ ବରଂ ଚେଷ୍ଟା କରୁଥିଲେ ସେ !

ଘରୋଇ ପରିବେଶଟିକୁ କିପରି କର୍ମ ଚଞ୍ଚଳ ଓ ମଧୁର କରିବାକୁ ହୁଏ ଶୈଳଦେବୀ ଜାଣିଥିଲେ । ନିଜର ଜୀବନ ଯନ୍ତ୍ରଣାକୁ ଲୁଗା କାନିରେ ମୁହଁର ଝାଳ ପୋଛୁଥିବା ପରି ପୋଛି ଦେଇ ସେ ଆୟୋଜନ କରୁଥିଲେ ସାହିତ୍ୟ ସଭା, ବନ୍ଧୁ ମିଳନ । 'ଚମ୍ପକ'ର ବାର୍ଷିକ ଜୟନ୍ତୀ ପାଳନ ହେଉଥାଏ ତାଙ୍କ ଘରକୁ ଅନେକ ଆସି ଥାଆନ୍ତି । ଶ୍ରୀ ଉଜ୍ଜ୍ୱଳ ପାଢ଼ୀ, ଶ୍ରୀ ପ୍ରହ୍ଲାଦ ପ୍ରଧାନ ପ୍ରଭୃତି ତରୁଣ ଏବଂ ପ୍ରବୀଣ । କବିତା ପଠୋତ୍ସବ ଅନୁଷ୍ଠିତ ହଉଥାଏ । ମୁଁ କବିତା ଲେଖୁ ନଥିଲି କେତେ ବର୍ଷ ହେଲା । ତାଙ୍କୁ କିଏ କହିଦେଲା ଯେ ମୁଁ କବିତା ଲେଖେ । ସେ ନଛୋଡ଼ବନ୍ଧା । ଗୋଟିଏ କବିତା ପଢ଼ିଲି । ସେଇ କାଗଜଟି ସେ ରଖିନେଲେ 'ଚମ୍ପକ'ର ଆଗାମୀ ସଂଖ୍ୟାରେ ଛାପିବା ପାଇଁ । କିଏ

Digitized by srujanika@gmail.com

ଜାଣିଥିଲି ତାର ଅଳ୍ପ କେତେଦିନ ପରେ ସେ ଆଖିବୁଜି ଦେବେ ? କବିତା ଅଛପା ରହିଗଲା ।

ତାଙ୍କ କବିତାରେ ଦରଦୀ ପ୍ରାଣର ଉଚ୍ଛ୍ୱାସ ଭରି ରହିଥିଲା । ଜୀବନର ନାନା ଘାତ ପ୍ରତିଘାତ ସହି ସେଇ ବେଦନାଦଗ୍ଧ ଉପଲବ୍ଧିକୁ ସେ କଅଁଳିଆ ଭାଷାରେ ପ୍ରକାଶ କରୁଥିଲେ । ସେଥିପାଇଁ ତାଙ୍କ କବିତାଗୁଡ଼ିକରେ ମାଆର ମମତା ପରି ଏକ ସାର୍ବଜନୀନ ମଧୁରତା ଥିଲା । 'ଲୁହର ଯମୁନା' ଏବଂ ଅନ୍ୟାନ୍ୟ ବହିଗୁଡିକ ପଢ଼ି ମୋର ଅନ୍ତତଃ ସେପରି ଧାରଣା ହୋଇଥିଲା ।

ସାହିତ୍ୟ ସଭାକୁ ଯିବା ପାଇଁ ସେ ଭୁଲୁନଥିଲେ । ସ୍ଥାନ, ସମୟ ସବୁ ଟିପି ରଖୁଥିଲେ ଖାତାରେ । ଚେଷ୍ଟ ବି ଯାଉଥିଲେ ଠିକଣା ସମୟରେ । ସେ ବଡ଼ ଭଉଣୀ ପରି ଲାଗି ଯାଉଥିଲେ କାମରେ । ଅନ୍ତରଙ୍ଗ ହୋଇ ଏକ ହୋଇଯାଉଥିଲେ ଦଶଜଣଙ୍କ ଭିତରେ । ଚିହ୍ନା ଅଚିହ୍ନା ନାହିଁ । ସମସ୍ତଙ୍କ ବିଶ୍ୱାସ । ଅଥଚ ସେହି ପରମ ମମତାମୟୀ ଜୀବନରେ କଅଣ କମ ଅବିଶ୍ୱାସ ସହିଛନ୍ତି । ଦହଗଞ୍ଜ ବି ହୋଇଛନ୍ତି ? କିନ୍ତୁ ସାହସ ଟିକକ କେବେ ଭୁଲିଯାଇନି, ହସ ଟିକକ ଲିଭି ଯାଇନି । ପାଖରେ ବସିଲେ କେତେ କଥା, କେତେ ଗପ ।

କେତେ ଶୀଘ୍ର ସେ ବାହାର ଲୋକଙ୍କୁ ନିଜର କରନ୍ତି, ନ ଦେଖିଲେ ଜାଣି ହେବନି । ନୂଆ ହୋଇ ଲେଖୁଥିବା ଝିଅ ପୁଅ ଅନେକ ତାଙ୍କ ପାଖକୁ ଆସୁଥିଲେ । ସେମାନଙ୍କର ଅଭିଯୋଗ ସେମାନଙ୍କର ଲେଖା କେହି ଛାପୁ ନାହାଁ, ସେମାନଙ୍କ ଲେଖା କବିତା, ଗଳ୍ପ କେହି ଶୁଣୁ ନାହାଁ । ଶୈଳଦେବୀ ସେସବୁ ଶୁଣନ୍ତି, ପଢନ୍ତି ଏବଂ ପାଖରେ ରଖନ୍ତି ଠିକଣା ସମୟରେ ଛାପିବା ପାଇଁ । ତାଙ୍କୁ ଦେଖିଲେ ନୂତନ ଲେଖକ ଲେଖିକା କେତେ ଉଚ୍ଛଳ ହୋଇ ଉଠନ୍ତି ମୁଁ ଦେଖିଛି । ସେଥିପାଇଁ ସେ ସେମାନଙ୍କର ଶୈଳ ଅପା । ସେମାନଙ୍କୁ ସାହସ ଉତ୍ସାହ ଦେଇ ଖୁଆଇ ପିଆଇ ବିଦା କରନ୍ତି । ଚୁମ୍ବକରେ ବାହାରି-ଯାଏ ସେମାନଙ୍କ ଲେଖା !

Digitized by srujanika@gmail.com

ଓଡ଼ିଆ ସାହିତ୍ୟର ବିକାଶ ପାଇଁ ତାଙ୍କର ଅନୁରାଗ ଥିଲା ଅସୀମ । ଘରର ସବୁ କାମ ଶେଷ କରି, ପିଲାମାନଙ୍କ କଥା ବୁଝିସାରି ସେ ଯଥେଷ୍ଟ ସମୟ ଦେଇ ପାରୁଥିଲେ ସାହିତ୍ୟ ପାଇଁ । ସଂସ୍କୃତି ଓ ସାହିତ୍ୟ ସମ୍ପର୍କରେ କୌଣସିଠାରେ ସଭା ବା ଆଲୋଚନା ହେବାର ଖବର ପାଇବା ମାତ୍ରେ ସେ ଅସ୍ଥିର ହଉଥିଲେ ଯୋଗଦେବା ପାଇଁ । ବାଗ୍ମୀ ନଥିଲେ । କିନ୍ତୁ ସର୍ବଦା ଏକ ଆତ୍ମୀୟତା ତାଙ୍କ ଭିତରେ ରହିଥିଲା । ତାଙ୍କର ରଚନାର ଚରିତ୍ରମାନଙ୍କରେ ସେ ସେହି ଆତ୍ମୀୟତାକୁ ଫୁଟାଇ ଥିଲେ । ଫଳରେ ତାଙ୍କ ପରି ତାଙ୍କର ଚରିତ୍ରମାନେ ମଧ୍ୟ ଆମର ଏତେ ଆପଣାର । ଏଇଟି ଶୈଳଦେବୀଙ୍କର ଆପଣାର ବିଶେଷତ୍ୱ ।

'ଚୁମ୍ବକ' ସମ୍ପର୍କରେ କେତେକ କାମ ନେଇ ସେ କଲିକତା ଯାଇଥାଆନ୍ତି । ରାସ୍ତାରେ ସବୁ ଜିନିଷ ଚୋରି ହୋଇଗଲା । ପଇସା ପତ୍ର ନାହିଁ । ଚିହ୍ନା ପରିଚୟ ବି ବିରଳ । କଲିକତାରେ ଓଡ଼ିଆ ଭଦ୍ର ମହିଳା ଜଣକ କିନ୍ତୁ ହତାଶ ହୋଇ ବୁଲିଲେ ନାହିଁ । ଦିନେ ଅଫିସରୁ ଫେରି ଦେଖେତ ଆମ ଘରେ ବସିଚନ୍ତି । ମୋ ସ୍ତ୍ରୀ ସବୁ କଥା କହିଲେ । ଦୁହେଁ ଆଗରୁ ସାଙ୍ଗ ଥିଲେ । ଏଇ ଘଟଣାଟି ବୋଧହୁଏ ଦୁହିଁଙ୍କୁ ଆହୁରି ନିକଟତର କରିଦେଲା । ଗୀତା ଆଗରୁ କେବେ କବିତା ଲେଖୁଥିଲେ । ଘରର ଜଞ୍ଜାଳ ଯୋଗୁଁ ମଝିରେ ତାହା ବନ୍ଦ ହୋଇ ଯାଇଥିଲା । କିନ୍ତୁ ଶୈଳ ଦେବୀ ଗୁଣ ଚିହ୍ନନ୍ତି । ବସିଲେ ଦୁହେଁ ଘଣ୍ଟା ଘଣ୍ଟା ଧରି । ଆଲୋଚନା ଚାଲିଲା । କେତେ ଗଳ୍ପ ଏବଂ କେତେ ଭାବ-ବିନିମୟ । ତାପରେ ପୁଣି ବନ୍ଦ ହୋଇଥିବା ଲେଖନୀ ଚାଲିଲା । ତେଣୁ ତାଙ୍କର ମୃତ୍ୟୁ ଶଯ୍ୟା ପାଖରେ ପ୍ରଥମେ ଯାଇ ପହଞ୍ଚିବା ଘଟଣାରେ ମୁଁ ଆଶ୍ଚର୍ଯ୍ୟ ହେଲି ନାହିଁ । ମୁଁ କିନ୍ତୁ ସେଦିନ ନଥିଲି ଭୁବନେଶ୍ୱରରେ ।

ଜୀବନ ଆସେ ଯିବା ପାଇଁ । ଆସିବା ଓ ଯିବା ଭିତରେ ଯେଉଁ ବ୍ୟବଧାନ ତାହାହିଁ ଜୀବନ । ସେହି ଜୀବନକାଳ ମଧ୍ୟରେ ନିଜର ପରିବେଶଟିକୁ ଆହୁରି ରମଣୀୟ କରିବା ପାଇଁ ଯେଉଁମାନେ ଚେଷ୍ଟା କରନ୍ତି ସେମାନଙ୍କର ଉଦ୍ୟମ ସାର୍ଥକ ହଉ ବା ନହଉ

Digitized by srujanika@gmail.com

ସେଥିରେ କିଛି ଯାଏ ଆସେ ନାହିଁ । କାରଣ ଏହିପରି ଢଙ୍ଗରେ ଉଦ୍ୟମର ଆବଶ୍ୟକତା ଅଛି ଏଇ ଧାନ ଦରିଦ୍ର ପୃଥିବୀରେ । ଯେଉଁମାନେ ନିଜେ ସବୁ ଯନ୍ତ୍ରଣାକୁ ଲୁଚାଇ ରଖି ଅନ୍ୟର ମୁହଁରେ ହସ ଫୁଟାଇ ପାରନ୍ତି ସେମାନେ କଣ କମ ଗୌରବର ଅଧିକାରୀ !

ଶୈଳବାଳା ନିଜର କାମ କରି ଯାଇଚନ୍ତି । ଦୋଷ ତ୍ରୁଟି ମଧ୍ୟରେ ସେ କିପରି ପ୍ରାଣର ଆବେଗ ଓ ଆଗ୍ରହକୁ ନେଇ ସଞ୍ଚାରି ଯାଇଥିଲେ ଆମ୍ଭମାନଙ୍କ ମଧ୍ୟରେ ତାହାହିଁ ଆଜି ସ୍ମରଣୀୟ ।

□ □

* ଉଦ୍ୟାନ ମାର୍ଗ
ଭୁବନେଶ୍ୱର

Digitized by srujanika@gmail.com

ଆମ ଶୈଳଅପା

● ଶ୍ରୀମତୀ ବୀଣାପାଣି ମହାନ୍ତି

ଶୈଳଅପା ଚାଲିଗଲେ । ରେଡ଼ିଓ, ସମ୍ବାଦପତ୍ରର ବର୍ତ୍ତା ବଜ୍ରାଘାତ କରିଥିଲା ସମସ୍ତଙ୍କ ଛାତିରେ ସେଦିନ । ଅନେକ ବୁଝିପାରି ନଥିଲେ, ସମ୍ବାଦ ଅଫିସ୍ ଓ ଆକାଶବାଣୀକୁ ପ୍ରଶ୍ନକରି ମଧ୍ୟ ସନ୍ତୁଷ୍ଟ ହୋଇ ପାରିନଥିଲେ । କାରଣ ତାଂକର ଅସୁସ୍ଥତା ଖବର ତାଙ୍କର ନିକଟତମ ବ୍ୟକ୍ତିମାନଙ୍କୁ ମଧ୍ୟ ସେ ଜଣାଇ ନଥିଲେ । କଟକ ହସ୍ପିଟାଲରେ ସାମାନ୍ୟ ଗୋଟିଏ ବଥ ଅପରେସନ୍ ପରେ ଯେ ତାଙ୍କର ଚେତା ଆଉ ଅଭିଜ୍ଞ ଡ଼ାକ୍ତର ମାନେ ଫେରାଇ ପାରିବେ ନାହିଁ, ଏକଥା ନିଶ୍ଚୟ ତାଙ୍କ ଧାରଣା ବହିର୍ଭୂତ ଥିବ । ଏକ ଅଜଣା ସ୍ୱପ୍ନରେ ଭାସି, ଭାସି ସେ ଚାଲିଗଲେ······ପଛରେ ଛାଡ଼ି ଦେଇଗଲେ ଅଜସ୍ର ସ୍ମୃତି ଆମପାଇଁ ଯେଉଁମାନେ ଆଗକୁ ଯାଉଛୁ କି ପଛକୁ ଫେରୁଛୁ ଏବେବି ବୁଝି ପାରୁନାହୁଁ । ଆଜିବି ସୁଦ୍ଧା ବିଶ୍ୱାସ ହେଉନି 'ଶୈଳଅପା' ଏ ମର ଜଗତରେ ନାହାଁନ୍ତି । ମନେ ହେଉଛି, ସେ ଯେମିତି କେଉଁଠିକି ବୁଲିଯାଇଛନ୍ତି, କି ଗାଁକୁ ଜମି ଜମା ବୁଝିବାକୁ ଯାଇଛନ୍ତି, କି କେଉଁ ସାହିତ୍ୟ ସଭାକୁ ଯାଇଛନ୍ତି କିମ୍ବା ପ୍ରଜାତନ୍ତ୍ର ପ୍ରେସକୁ 'ଚୁମ୍ବକ' ପ୍ରକାଶନ କାର୍ଯ୍ୟରେ ଯାଇ ବ୍ୟସ୍ତ ରହିଛନ୍ତି । ଏଇକ୍ଷଣି ଆସିଯିବେ କେଉଁ ମୁହୂର୍ତ୍ତରେ । ସଂଗରେ ଆସିଥିବ ସେଇ ଆଠ ଦଶବର୍ଷର ଅଝଟିଆ ଗେହ୍ଲାପୁଅଟି, ଶୈଳଅପା ଚେୟାର ଟାଣି ବସି ନପଡ଼ୁଣୁ ପୁଅଟି ଅଝଟ କରି କହିବ ଘରକୁ ଯିବାପାଇଁ । ଶୈଳଅପା ବିରକ୍ତ ହେବେ ପୁଅ ଉପରେ ଅଥଚ ହସୁଥିବେ ଖିଲ୍ ଖିଲ୍ କରି । ପୁଅକୁ ଆଖି ତରାଟି କୋଳେଇ ନେଇ କହିବେ—

"ମୋର ଆଉ ବଂଚିବାର ଇଚ୍ଛାନାହିଁ ! ବଂଚିଛି ଖାଲି 'ଚୁମ୍ବକ'ର ନିଶାରେ ଆଉ ଏଇ ଛୁଆଟାର ଦାୟିତ୍ୱ ମୋ ଉପରେ

Digitized by srujanika@gmail.com

ଅଛି ବୋଲି । ଦେଖ, 'ଚୁମ୍ବକ' ତୁମମାନଙ୍କୁ ଲାଗିଲା, ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ତୁମେମାନେ ଦାୟୀ ରହିଲ ! '

ନାଁ, ଶୈଳଅପା ଆଉ ଆସିବେ ନାହିଁ । ବ୍ୟସ୍ତ ହୋଇ 'ଚୁମ୍ବକ' ପାଇଁ ଲେଖା ମାଗିବେନି, କି ସାହିତ୍ୟର ଗତି ଦୁର୍ଗତି ନେଇ ଅମୀମାଂସିତ ପ୍ରଶ୍ନରେ ଆମକୁ ଆଉ ବିବ୍ରତ କରିବେ ନାହିଁ । ଘରୋଇ କଥା, ପାରିବାରିକ ସମସ୍ୟା କହି ସେ ନାରୀ ଜୀବନର ସୀମା ଅତିକ୍ରମ କରିପାରି ନାହାନ୍ତି ବୋଲି ଦୁଃଖ କରିବେ ନାହିଁ ।

ଝଡ଼ପରି ଆସନ୍ତି ଶୈଳଅପା, ଆଉ ଝଡ଼ପରି ମଧ୍ୟ ଚାଲିଯାନ୍ତି । ଅଥଚ ଯେଉଁ କେତୋଟି ମୁହୂର୍ତ୍ତ ରହନ୍ତି ସେଇ କେତୋଟି ମୁହୂର୍ତ୍ତ ଜୀବନରସରେ ପରିପୂର୍ଣ୍ଣ କରିଯାନ୍ତି । ତାଙ୍କ ରଚିତ କବିତା ପଢ଼ି ଶୁଣାନ୍ତି । ଭୁବନେଶ୍ୱରରେ ଯାହା, କଟକରେ ମଧ୍ୟ ସେଇଆ । ଏ ଦୁଇ ସହରର ଗଣ୍ଡି ବାହାରକୁ ଗଲେ ମଧ୍ୟ ଶୈଳ ଅପାଙ୍କର ଚିନ୍ତା ଚେତନାରେ କିଛି ପରିବର୍ତ୍ତନ ନାହିଁ ।

ଭୁବନେଶ୍ୱରରେ ତାଙ୍କ ଘରଟି ଯୁବ ଲେଖକ ଓ ଲେଖିକା ମାନଙ୍କର ସାହିତ୍ୟ ଆଲୋଚନା ଓ ସାହିତ୍ୟିକ ସମାବେଶର ଏକ ତୀର୍ଥକ୍ଷେତ୍ର ହୋଇ ଉଠିଥିଲା । କେବଳ ଯୁବ ଲେଖକ ନୁହଁନ୍ତି, ବହୁ ପ୍ରବୀଣ ସାହିତ୍ୟିକ, ସାମ୍ବାଦିକ, ପ୍ରକାଶକ ଓ ସମାଜର ପଦସ୍ଥ ବ୍ୟକ୍ତି-ଙ୍କର ସମାବେଶରେ ତାଙ୍କ ଘର ଭରପୂର ହୋଇଉଠେ । ରନ୍ଧାବଢ଼ା କରି ଯତ୍ନରେ ଖୁଆଇବା ଶୈଳଅପାଙ୍କର ଅନ୍ୟତମ ଅଭ୍ୟାସ ଥିଲା । ଏମିତିକି ବାଟରେ ଦେଖିଲେ ଜୋର କରି ଘରକୁ ଭିଡ଼ି ନିଅନ୍ତି, ଆଦର କରି ଖୁଆଇ ବସନ୍ତି, 'ଚୁମ୍ବକ' ପାଇଁ ଲେଖା ମାଗନ୍ତି ଓ ଚୁମ୍ବକର ଭବିଷ୍ୟତ ନେଇ ଆଲୋଚନା କରନ୍ତି । ସ୍ନେହ ମମତାରେ ସାହିତ୍ୟ ଜଗତରେ ସେ ସମସ୍ତଙ୍କର ବୟସ ନିର୍ବିଶେଷରେ 'ଶୈଳ-ଅପା' ବୋଲି ପରିଚିତ ଥିଲେ—ଏକାନ୍ତ ଆତ୍ମୀୟ ଅନ୍ତରଙ୍ଗ !

ଶୈଳଅପାଙ୍କ ଭିତରେ କଣଥିଲା କହି ହେବନି । କେହି ତାଙ୍କୁ ବ୍ୟାଘାତ କରି ରୁକ୍ଷଭାଷା କହିଲେବି ସେ ଓଠରୁ ହସ ପୋଛି ଦିଅନ୍ତି

Digitized by srujanika@gmail.com

ନାହିଁ । ଘରେଇ, ଅଳ୍ପଶିକ୍ଷିତା ନାରୀ ଜଣେ ପତ୍ରିକା ସମ୍ପାଦନା କରିବା, ବିଭିନ୍ନ ସଭା ସମିତିରେ, ଅନୁଷ୍ଠାନରେ ନିୟମିତ ଯୋଗଦେବା ଗଳ୍ପ କବିତା ସାହିତ୍ୟ ନେଇ ଚବିଶ ଘଣ୍ଟା ମସ୍‌ଗୁଲ ରହିବାତ ସମସ୍ତିଙ୍କ ଆଖିକୁ ସବୁବେଳେ ସୁନ୍ଦର ଦିଶେନାହିଁ । ସେଥିପାଇଁ ବହୁ ଲୋକଙ୍କର ଦୃଷ୍ଟିକଟୁ ହୋଇଥିଲେ ସେ; ବହୁନାମକରା ସାହିତ୍ୟିକ ତାଙ୍କ ବିରୁଦ୍ଧରେ ଚକ୍ରାନ୍ତ ଓ କୁତ୍ସାରଟନା କରିବାକୁ ପଛାଇ ନାହାନ୍ତି ମଧ୍ୟ । ତାଙ୍କର ତଥା କଥିତ ପାରିପାର୍ଶ୍ୱିକ ସମାଜର ମହିଳାମାନେ ତାଙ୍କୁ ନାନା କଟୁ ମନ୍ତବ୍ୟ କରୁଥିଲେ । ତଥାପି ଶୈଳଅପା କୌଣସି କଥାରେ ଦବି ନଯାଇ ତାଙ୍କ କର୍ମ ପଥରେ ଅଟଳ ରହିଥିଲେ ।

ମାତ୍ର ଈଶ୍ୱର ତାଙ୍କୁ ଅସମୟରେ ଡାକନେଇଗଲେ । କେହି ଜାଣିଲେନି ହଠାତ୍ କରି ଅକୁହା ଅପୋଛୁ ସେ ଚାଲିଗଲେ । ଯେମିତି ଏତେବଡ଼ ଗୁପ୍ତ ରହସ୍ୟ ଭରା କଥାଟା କାହାକୁ କହିବାକୁ ଇଚ୍ଛା ହେଲାନି କିମ୍ବା ଅଦୃଷ୍ଟର ଏଇ ନିର୍ମମ ବିଚାରକୁ କେହି ତାଙ୍କ ବ୍ୟତୀତ ସ୍ୱୀକାର କରି ପାରିବେନି ବୋଲି ସେ ଜାଣି ପାରିଥିଲେ । କେତେଥର ବିଷାଦଭରା କଣ୍ଠରେ କହିଥିବେ—

"ଦେଖ ବୀଣା ! ଏ ସଂସାରରେ ଆଉ କଷ୍ଟସହି ବଂଚିବାକୁ ମୋର ଇଚ୍ଛା ହେଉନାହିଁ । କୁନ୍ତଳା କୁମାରୀ, ଷରଣି ସିଂହ, ବିଦ୍ୟୁତ-ପ୍ରଭା ତ ଏତେ ଲେଖିଥିଲେ, କଣ ବା ପ୍ରତିଦାନ ପାଇଲେ ସେମାନେ ? କିଏବା ତାଙ୍କୁ ବୁଝିଲା ?"

ମୋ ପକ୍ଷରେ ଉତ୍ତର ଦେବାକୁ କିଛି ନଥିଲା । କାରଣ ସେତ ପ୍ରଶ୍ନ ନଥିଲା, ଥିଲା ତାଙ୍କର ଜୀବନ ପ୍ରତି ଓ ଆମମାନଙ୍କ ପ୍ରତି ଖେଦୋକ୍ତି ସାହିତ୍ୟକୁ ଜୀବନକା କରି କିଏ କଣ ପାର୍ଥିବ ଅପାର୍ଥିବ ପାଇଛି ଯେ ମୁଁ ତାଙ୍କୁ ସେଇ ପାଇବା ଆଶାରେ ବାଟ ଚାଲିବାକୁ, କ୍ଲାନ୍ତ ନହେ-ବାକୁ ଉପଦେଶ ଦେଇଥାନ୍ତି । କୋଉ କଥା ବା ତାଂକୁ ଅଜଣା ଥିଲା ? ଜୀବନକୁ ଯେତିକି ଯେତିକି ବୁଝୁଥିଲେ ଜୀଇଁ ଥାଉ ଥାଉ ମୃତ୍ୟୁର ରସ ସେ ସେତିକି, ସେତିକି ପାନକରି ମଜୁଆଲା ହୋଇ ଯାଉଥିଲେ !

Digitized by srujanika@gmail.com

ସେଥିପାଇଁ ତାଙ୍କର ପ୍ରତ୍ୟେକଟି କବିତାରେ ପ୍ରେମ, ବିରହ, ବିଚ୍ଛେଦ ଓ ଯନ୍ତ୍ରଣାର ସ୍ୱର । ଅନେକ ଗଳ୍ପରେ ଜୀବନର ହା ହୁତାଶ ବେଦନାର ପ୍ରତିଧ୍ୱନି । ତାଙ୍କର କବିତା ଗଳ୍ପ ମନକୁ ଛୁଇଁଯାଏ, ଦରଦୀ ପ୍ରାଣରେ ଅଶ୍ରୁ ଓ କୋହର ସଂଗ୍ରହ କରେ । ସେହି ଭାବ ଓ ଚେତନାକୁ ନେଇ ଅଥଚ ମୁହଁରେ ହସର ରେଖା ଟାଣି ଯେ ଦୂର ବୁଲନ୍ତି ଓଡ଼ିଶାର ସବୁ ସାହିତ୍ୟ ଅନୁଷ୍ଠାନ, ସଭା ସମିତି । ସଙ୍ଗରେ ଥାଏ ତାଙ୍କର ଅଝଟିଆ ପୁଅ 'କୁନ୍ନା', କେବେ କାନ୍ଦି କାନ୍ଦି ଚାଲୁ-ଥାଏତ, କେବେ ହସି ହସି । ଶୈଳଅପା ଚାଲିଥାନ୍ତି-ମୁଣ୍ଡରେ ଓଢ଼ଣା ଦେହରେ ଧଳାଶାଢ଼ୀ, ଓଠରେ ହସ ଆଉ ଡାହାଣ ହାତରେ କୁନ୍ନାର ହାତମୁଠା । ନିମନ୍ତ୍ରଣ ଯାଉ କି ନଯାଉ, ସେଥିପ୍ରତି କ୍ଷୋଭ ନଥିଲା । ତାଙ୍କ ପରି ଅହଂ ଶୂନ୍ୟ ଲେଖିକା ଦେଖିବାର ସୌଭାଗ୍ୟ ମୋର ହୋଇନାହିଁ । ସମସ୍ତଙ୍କୁ ଭଲ ପାଇବା, ସବୁରି ଦୁଃଖକୁ ନିଜର କରିନେବା ବ୍ୟତୀତ ତାଙ୍କର ବୋଧହୁଏ ଅନ୍ୟ କୌଣସି ଚିନ୍ତାନଥିଲା । ଅଜସ୍ର ଦୁଃଖ କଷ୍ଟ, ଲାଞ୍ଛନା ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସେ ଭୋଗି-ଥିଲେ ଅଥଚ କେବେ ତାଙ୍କ କଷ୍ଟର କଥା କିମ୍ବା ଗ୍ରନ୍ଥ ଦାୟିତ୍ୱର ଅହମିକା ପ୍ରକାଶ କରି ନାହାନ୍ତି; ଗୌରବ କି ଗର୍ବ ଅନୁଭବ ପ୍ରଦର୍ଶନ କରିବାତ ପାପକଥା ଥିଲା ତାଙ୍କ ପାଇଁ । ଆଜି ସାହିତ୍ୟର ମାନ ଚିତ୍ରରେ ସେଇ ମାତୃପ୍ରତିମ ଛବିଟି ଚିରଦିନ ପାଇଁ ଅଦୃଶ୍ୟ ହୋଇଗଲା ଆମ ଆଖି ଆଗରୁ ।

ଶୈଳଅପା ଅଜସ୍ର ସ୍ମୃତି ରଖି ଦେଇ ଚାଲିଗଲେ । ସେ ତାଙ୍କ ଓଠର ଫୁଲଝରି ହସ କେଉଁ ଲେଖକ ଲେଖିକାଙ୍କ ହୃଦୟରେ ଗୁଞ୍ଜି ଦେଇଗଲେ ତାହା ଭଗବାନଙ୍କୁ ହିଁ ଜଣା । କିନ୍ତୁ ଆମେ ଯେଉଁମାନେ ତାଙ୍କର ଅନ୍ତରଙ୍ଗ ଥିଲୁ, ଆମକୁ ଦେଇଗଲେ ସ୍ମୃତି, ଯନ୍ତ୍ରଣା ଓ ସାହିତ୍ୟକୁ କେମିତି ଭଲପାଇ ବଂଚି ରହିବାକୁ ହୁଏ ତାର ନମୁନା । କେଜାଣି ଆମେ କେତେବାଟ ଯିବୁ ? କଣ୍ଟାକୁ ଗୁଡ଼ିତରେ ଫୁଟାଇ ରକ୍ତ ଝରାଇ ଆମେ ତାଙ୍କ ପରି ହସି ପରି ଛୁନା ପାରିବୁ ? 'ଲୁହର ଯମୁନା' ସଂକଳନରେ 'ସେ ପଥର ଚିନ୍ତା' କବିତାରେ ଲେଖିଛନ୍ତି—

Digitized by srujanika@gmail.com

“ ଅସମାପ୍ତ କବିତାର ମୁଁ ଏକ ପଂକ୍ତି
ହଜିଯିବ ପାଦଚିହ୍ନ ସାଗର ବେଳାରେ
ସବୁକିଛି ନେଇନେଲା ନିଷ୍ଠୁର ଦୁନିଆଁ
ଭୁଲିଭରା ହ , ହା, କାର ଲୁକ୍କା ହା, ହାକାର । ”

କିନ୍ତୁ ଯେଉଁ କବି ଏକଥା ଲେଖିଥିଲି, ସେ କବିର ଆଖିର ଅଶ୍ରୁ, ମନର କୋହ କେବେହେଲେ କେହି ବୁଝିନାହିଁ । ଜୀବନର ସବୁକିଛି ଦେଇ ପ୍ରତିଦାନରେ ଏ ପୃଥିବୀରୁ, ଏ ସମାଜରୁ, ଆତ୍ମୀୟ ବନ୍ଧୁ ବାନ୍ଧବ ମାନଙ୍କଠାରୁ ସେ କିଛି ପାଇପାରି ନାହାନ୍ତି । ଛଳନାମୟ ଜଗତକୁ ସ୍ନେହ ପାଶରେ ଯେତେ ସେ ବାନ୍ଧିରଖିଛନ୍ତି ସେ ପ୍ରତାରଣା ପାଇଛନ୍ତି ପ୍ରତିଦାନରେ । ବେଦନା ଭରା କଣ୍ଠରେ ସେ 'ଫୁଲ ଫଗୁଣ' କବିତାରେ ଗାଇଛନ୍ତି—

“ ସବୁ ଯଦି ଖାଲି ଛଳନାର କଥା
ମମତାର ନାହିଁ ମୂଲ
ଆଖିରୁ କା'ପାଇଁ ଲୁହ ନିଗାଡ଼ିବା
ସତରେ ନୁହେଁ କି ଭୁଲ ? ”

ଶୈଳଅପା କେବଳ କବି ନଥିଲେ, ଯଦିଓ ତାଙ୍କର ଦରଦୀ କବିତା ପାଇଁ ସେ ସାହିତ୍ୟ ଜଗତରେ ସୁବିଦିତ । ସେ ଅନେକ ମନଛୁଆଁ ଗଳ୍ପ ଉପନ୍ୟାସ ଶିଶୁ କାହାଣୀ ଓ କବିତା ରଚନା କରିଛନ୍ତି । ୧୯୭୪ ମସିହାରେ ପ୍ରଜାତନ୍ତ୍ର ପ୍ରଚାର ସମିତି ତାଙ୍କୁ ଗଳ୍ପ ନିମିତ୍ତ ଉପହାର ଓ ସମ୍ମାନ ପ୍ରଦର୍ଶନ କରିଥିଲେ । ଏହାଛଡ଼ା ବହୁ ସାହିତ୍ୟ ଅନୁଷ୍ଠାନ ଓ ପତ୍ରିକା ତରଫରୁ ମଧ୍ୟ ତାଙ୍କୁ ସମ୍ମାନିତ କରାଯାଇଥିଲା । ସେ ବଞ୍ଚି ରହିଥିଲେ ଓଡ଼ିଆ ସାହିତ୍ୟକୁ ତାଙ୍କର ଲେଖନୀଦ୍ୱାରା ଯେ ସମୃଦ୍ଧ କରିଥାନ୍ତେ ଏଥିରେ ସନ୍ଦେହ ନାହିଁ । ମାତ୍ର ଶୈଳଅପା ଅସମୟରେ ଚାଲିଗଲେ । ବୋଧହୁଏ ଈଶ୍ୱର ଏପରି ନିର୍ମାୟା, ନିର୍ମଳ, ସରଳ ସ୍ନେହଶୀଳ ମଣିଷଟିକୁ ଆଉ ଏ ମର୍ତ୍ତ୍ୟରେ ଅଧିକ ଦିନ କଷ୍ଟ ସହ୍ୟ କରିବାକୁ ଚାହିଁଲେ ନାହିଁ !

Digitized by srujanika@gmail.com

ଶୈଳଅପାଙ୍କର ଅକାଳ ମୃତ୍ୟୁ ବାରମ୍ବାର ମନେ ପକେଇଦିଏ ଯେ ଓଡ଼ିଶାରେ ଲେଖିକା ଓ କବିମାନେ ଅଳ୍ପାୟୁଷ । ତାଙ୍କ ପୂର୍ବରୁ କୁନ୍ତଳା କୁମାରୀ, ଭାରତୀ ସିଂହ ଓ ବିଦ୍ୟୁତପ୍ରଭା ଅସମୟରେ ବିଦାୟ ନେଇଥିଲେ । ଆଜି କେତେ ଜଣ ବା ଲେଖୁଛନ୍ତି, ଯେଉଁମାନେ ଲେଖୁଛନ୍ତି, କି ପ୍ରତିକୂଳ ଅବସ୍ଥାରେ ସଂଘର୍ଷ କରି ସେମାନେ ଚାଲିଛନ୍ତି ତା' କହିବା ଅର୍ଥ ପୁନରାବୃତ୍ତି ବ୍ୟତୀତ କିଛି ନୁଆ ନୁହେଁ ।

ଶୈଳଅପାଙ୍କ ସ୍ମୃତି ରକ୍ଷା ପାଇଁ ଆଜି ଆପ୍ରାଣ ଉଦ୍ୟମ କରୁଛନ୍ତି ପୁରୀର ଶ୍ରୀ ଦାଶରଥି ପଟ୍ଟନାୟକ । ଗାମୁଛା ଖଣ୍ଡିଏ କାନ୍ଧରେ ପକାଇ ସାରା ଓଡ଼ିଶାର ସାହିତ୍ୟିକଙ୍କୁ ଅନୁରୋଧ କରି ହାତ ପତାଇ ମାଗି ମାଗିଚାଲିଛନ୍ତି ଚାନ୍ଦା । ନିଜର ଝିଅଠାରୁ ମଧ୍ୟ ଅଧିକ ସ୍ନେହ କରନ୍ତି ଶୈଳ ଅପାଙ୍କୁ ସେ । ଶୈଳଅପାଙ୍କର ସ୍ମୃତିରକ୍ଷା ସହ, ସାହିତ୍ୟର ମାନ କିପରି ଉନ୍ନତ ହେବ ଏବଂ ସାହିତ୍ୟ କ୍ଷେତ୍ରରେ କୃତୀ ଲେଖକ ଲେଖି-କାଙ୍କୁ ଉତ୍ସାହିତ କରାଯିବ, ତାହାହିଁ ହେଉଛି 'ଶୈଳପାର୍ଣ୍ଣି'ର ଲକ୍ଷ୍ୟ । 'ଯଦୁମଣି ସାହିତ୍ୟ ସଂସଦ' ତରଫରୁ ଦାଶରଥି ବାବୁଙ୍କର ବୃଦ୍ଧ ବୟ-ସରେ ଯେଉଁ ଉଦ୍ୟମ ତାହା ନିଶ୍ଚୟ କାର୍ଯ୍ୟକାରୀ ହେବ ଏଥିରେ ସଂଦେହ ନାହିଁ ।

ବର୍ଷେ ବିତିଗଲେ ମଧ୍ୟ ଆଜି ସ୍ମରଣିକାଟି ପ୍ରକାଶ ହେବାକୁ ଯାଉଛି । ତାହାହିଁ ଆନନ୍ଦ ଓ ସୁଖର କଥା ।

ଭଗବାନ ଶୈଳଅପାଙ୍କର ଆତ୍ମାକୁ ଶାନ୍ତି ଦିଅନ୍ତୁ ଓ ତାଙ୍କର ପ୍ରିୟଜନ ତଥା ସାହିତ୍ୟିକ ମାନଙ୍କୁ ତାଙ୍କର ବିଦାୟ ଦୁଃଖ ବହନ କରିବାକୁ ଶକ୍ତି ଦିଅନ୍ତୁ, ଏହାହିଁ ପ୍ରାର୍ଥନା !

□□

* ଶୈଳବାଳା ମହାବିଦ୍ୟାଳୟ
କଟକ

Digitized by srujanika@gmail.com

ଶୈଳ ବି ଏକ ନାମ

• ଶ୍ରୀ ଗୁରୁ ମହାନ୍ତ

ଶୈଳ ବି ପୁଣି ଏକ ନାମ । ଯେ କୌଣସି ଗୋଟିଏ ଖ୍ୟାତ ବା ଅଖ୍ୟାତ ନାମଟିଏ ପରି ସାଧାରଣ ନାମ, ସମାଜରେ ନିଜର ସ୍ଥିତିଟିକୁ ଜାହିର କରିବା ପାଇଁ । ସେ ସ୍ଥିତିଟି କିନ୍ତୁ ବିସ୍ତୃତ । ସେ କାହାର କନ୍ୟାତ କାହାର ପୁଣି ବଧୂ ଏବଂ ଅନ୍ୟ କାହାର ଜନନୀ ଓ ଆଉ କାହାର ବି ଭଗିନୀ ।

ସେ କିନ୍ତୁ ମୋର ସହୋଦରା ନୁହଁନ୍ତି । ମୋ ଜାତିର ମଣିଷ-ଟାଏ, ତେଣୁ ସହୋଦରାଠାରୁ ବି ଆପଣାର । ଖୁବ ପାଖର ଓ ସ୍ନେହର ।

ଆମର ତ ଜାତି ଭିନ୍ନେ ; ଅଜାଣିଯୁ, ବିଜାଣିଯୁ ବା ଧର୍ମଛଡ଼ା କହନ୍ତୁ, ଆମର କେଉଁଥିରେ ଆପତ୍ତି ନାହିଁ । କିଏ ପରା ଆମକୁ ସେଥିପାଇଁ ସମାଜରୁ ବାଛନ୍ଦ କରିବାକୁ ଜୋର ଦେଇ କହିଥିଲେ । ବାଛନ୍ଦ ହେଲେ କେତେ ନହେଲେ ବି କେତେ ? ଆମର ଚଳ-ଚଳନ, ହାବ-ଭାବ, ଢଙ୍ଗ-ଢାଙ୍ଗ, ବେଶ-ଭୂଷା ଓ କଥାବାର୍ତ୍ତା ସବୁ ଆମର ଅବାଗିଆ ନହେଲେ ବି ଏକ ବାଗିଆ । ତେଣୁ ଆମକୁ ଆମେ ଭଲ ପାଉ । ଥରେ ଦେଖାଗୁହାଁରେ ନିଜର ହୋଇ, ଏକ ପରିବାରର ମଣିଷ ଭାବରେ ସାମିଲ ହୋଇଯାଉ ।

ସ୍ୱାମୀ, ସ୍ତ୍ରୀ; ବାପ ମା, ଭାଇ, ବନ୍ଧୁ, ସନ୍ତାନ, ସନ୍ତତି, ଆମର । ଆଉ ଗୋଟାଏ ଭିନ୍ନ ପୃଥିବୀର । ଆମେ ଦୁଇ ପୃଥିବୀର ସନ୍ତୁଳା ଜୀବ ।

ଆମ ପରିବାରର ସେ ତା'ପର । କାଳିଆ — ଗେଟମା ମଣିଷଟାଏ ।

ମୋର ଭଉଣୀଟା । ମୋତେ ସାନ ଭାଇ ବୋଲି କେତେ ଆଦର କରେ ସେ । କାଳିଆ ହେଲେ ବି କଣ ହେଲାଅନ୍ତରଟ ? ତ

Digitized by srujanika@gmail.com

ବିଲକୁଲ ସହ । ତୁମମାନଙ୍କ ଗୋଷ୍ଠୀ ଦେହର ବଚକଟିଆ ଗନ୍ଧଆ ହୃଦୟ ପରି ତାର ନୁହଁ ।

ସେ ମୋତେ ବାରଣ୍ଡାରେ ସେ'ଦିନ ହସ୍କାଇ ଜଡ଼ାଇଲା । ଜୟପୁରରେ କନ୍ଦୁ ରଗାଇଛି ।

କାହିଁକି ରାଗି ନଥାନ୍ତି ସେ ? ସବୁବେଳେ ଖାଲି ବକର ବକର । ତା'କଥାଟା ରହିବ । ବଡ଼ ଭଉଣୀ ଉପରେ କୋଉ ସାନ ଭାଇ ନ ରାଗେ ଯେ, ମୁଁ ଇ ଖାଲି ରାଗିଗଲି ? କାହା ପାଖରେ ରାଗିଲେ ଆଉ ପୁଣି କଏ ସହିବ ବା ? ସେତ ବଡ଼ । ରାଗ ସହିଲି ଯେ କୋଉ ବାହାଦୁରି ।

ସେ ଦିନ ରାତରେ ବାଲେଶ୍ବରରେ କନ୍ଦୁ ମୋ ଆଖି ପରି ତା' ଆଖି ଦି'ଟା ବି ଚଷମା ତଳୁ ଦପ୍ ଦପ୍ ଜଳୁଥିଲା । ସେଇ ଜଳନ୍ତା ଆଖିରୁ ଟୋପା ଟୋପା ଲୁହ ବି ଝରି ପଡୁଥିଲା । ବଡ ଭଉଣୀ ନ ହୋଇଥିଲେ କଣ ମୋ ଅପମାନକୁ ତା'ର ଭାବ ଏମିତି ଗର୍ଜନ କରିଥାନ୍ତା । କେହରେ ଏମିତ ତା' ଗୁଣ୍ଡଟା ଫାଟି ଯାଇଥାନ୍ତା ?

ପ୍ରତିଶୋଧ ନେଇ ହେଲା ନାହିଁ । ସେମାନେ କ୍ଷମା ମାଗି ନେଇ ମହତ ହୋଇଗଲେ । ସେ ସିନା ଆଖି ପୂରାଇ ଦେଖିଲା ନାହିଁ—ତାରା ହୋଇ ଆକାଶରୁ ଦେଖିଥିବ ଯେ ! !

ଆମେ ତ ସ୍ୱପ୍ନକୁ ଜାବୁଡ଼ି ଧରି ଝୁଲୁଥିବା ମଣିଷ । ଟିକିଏ ଝଟ୍କା ଲାଗିଲେ, ସ୍ୱପ୍ନ ଭାଙ୍ଗିଗଲେ, ଆମେ ବି ଭାଙ୍ଗିପଡ଼ୁ । ଆମେ ନ ଭାଙ୍ଗି ପଡ଼ୁଥିଲେ, ତୁମ ପୃଥିବୀଟା ଆମ ମନ ଓ ହୃଦୟକୁ ଆମ୍ବୁଡ଼ା-ବଦଳା ନକଲେ, ଆମେ କଣ ନୂଆ ଗୋଟାଏ ସୃଷ୍ଟି କରି ସେଥିରେ ବଞ୍ଚି ରହି ପାରନ୍ତୁ ? ତୁମ ନିଷ୍ଠୁର ଯାତନା ତ ଆମ ତପସ୍ୟାର ଫଳ । ଲୁହ ତ ଆମର ଫୁଟା ଫୁଲ ।

ଆମେ ତୁମକୁ ଭୁଲ ବୁଝିନୁ ! ତୁମକୁ ଆମ ଲୁହ ପରି ଗ୍ରହଣ କରି ଦେଇଛୁ ଏକାନ୍ତ ଭାବରେ ।

ଅପାଟା ହୃଦୟଟାରେ ମୋର ବହୁ ଯାତନା । ତା'ନହେଲେ କୋଳ ଛୁଆ କୁନ୍ନାଟାକୁ କାଖେଇ ଧରି କଣ ପ୍ରେସରୁ ମୋ ଘର,

Digitized by srujanika@gmail.com

ତା'ଘର, ତା'ଘରୁ ବଙ୍କାପନଟାଏ ପାଇଁ ହେଉ କଟେଣିଟା ପାଖରେ ଛୁଡା ହୋଇ ରହୁଥିଲ ସିଏ ।

ମାଇପିଟାଏ ସିନା ! କେଉଁ ମର୍ଦ୍ଦ ତା ସରିକ ? ହେଇ ଦେଖ ଆମେ ଏତେ କାଢ଼ୁ ମର୍ଦ୍ଦସବୁ ଭୁବନେଶ୍ୱର ରେ, କଟକରେ ବସୁଛ ହୋଇଛୁ । କାହିଁ ? ତା ଫୁଲ ଫୁଟୁଛି, ନା ଚୁମ୍ବକ ତାର ସମୁଦ୍ର ମଝି ଓଜନଦାର ଜାହାଜଟାକୁ ତୀର ପର୍ଯ୍ୟନ୍ତ ଟାଣି ଆଣୁଛି !

ସେ ଥିଲବେଳେ ଆମେ ସମସ୍ତେ ନସର ପସର ! ଫୁସୁରୁ-ଫାସର, ଖିଆ-ପିଆ, ପାଟି-ଗୋଳ । କୁଆଡ଼େ ରହିଲେ ସେମାନେ ? ଏଣିକି କାମ ପଡ଼ିବ । ଧରା ନଦେଇ ମାଇପ କାନିତଳେ ମୁହଁ ଗୁଞ୍ଜି ଦେଲେ ନିରାପଦ ।

× × ×

ହେଉ ବା କିଛି ନହେଉ । ଆଉ ସିଏ କରିବ ତାର ସେ ଉଚ୍ଛ୍ୱାସ କାହିଁ ? ସିଏ ତ ମଲ-ଗଲ । କୋଉ ଦେଖୁଛି କି ଆମେ ତାକୁ ମନେ ପକାଉଛୁକି ନାହିଁ । ତୋର-ମୋର ଶ୍ରେଷ୍ଠ ମଣିଷ ଆମେ, ଅପାଟାଠାରୁ କିଛି କାଣିଚାଏ ବି ଶିଖିପାରିଲୁ ନାହିଁ !

□ □

✻ ହରପୁର ରୋଡ଼, କଟକ-୧

Digitized by srujanika@gmail.com

ଶୈଳ ଅପା :
ଏକ ଛଳନା ବିହୀନ ନାରୀତ୍ୱ

• ହର ପ୍ରସନ୍ନ ଦାସ

ଯେ କଥା ମନେ ପଡ଼ିଲେ ସ୍ୱତଃ ଆଖିରେ ଲୁହ ଆସିଯାଏ ।

ତଥାପି ବେଳେ ବେଳେ ମନେ ପକାଇବାକୁ ପଡେ । ନଚାହିଁଲେ ବି ମନରେ ଆସିଯାଏ । ମଣିଷ ଦେହର ପ୍ରତ୍ୟେକ ରକ୍ତ କଣିକାରେ ଖେଳି ବୁଲୁଥିବା ସେଇ ସ୍ନେହ ମମତାର ସମ୍ପର୍କକୁ କିଏ ବା ପୋଛି ଦେଇ ପାରିବ ?

ସାଧାରଣତଃ ଲୋକମାନେ କୁହନ୍ତି ଯେ ନାରୀମାନେ ଛଳନା-ମୟୀ, କପଟୀ, ମାୟାବିନୀ ଓ ସେମାନଙ୍କ ମାୟାରେ ସ୍ୱୟଂ ଭଗବାନ ବି ପଶି ପାରିବେନି । ସେମାନଙ୍କୁ ଚିହ୍ନିବା ବଡ଼ କଷ୍ଟ ।

କିନ୍ତୁ ମୋ ଜାଣିବାରେ ଶୈଳ ଅପା କ୍ଷେତ୍ରରେ ସେ ସବୁ ଏକ ବ୍ୟତିକ୍ରମ ଥିଲା । ଯେଉଁମାନେ ତା ସହିତ ମିଳିଛନ୍ତି, କଥା ହୋଇଛନ୍ତି ସେମାନେ ନିଶ୍ଚିତଭାବେ ଅନୁଭବ କରିଥିବେ ଯେ ଶୈଳ ଅପା ସେ ସବୁ ଗୁଣର ବହୁତ ଊର୍ଦ୍ଧ୍ୱରେ ଥିଲା ।

ସେ ସବୁ ଦିନର ଘଟଣା ମୋର ବେଶ୍ ମନେ ଅଛି । ତା ଘରକୁ ଯିଏ ବି ଯାଉ, ଯଥା ନୂଆ କରି ଲେଖା ଲେଖି ଆରମ୍ଭ କରୁଥିବା ଲେଖକ, ଲେଖିକା ବା ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ, ପ୍ରତିଷ୍ଠିତ ଲେଖକ ଲେଖିକା ସମସ୍ତେ ସମାନ ପ୍ରକାରର ବ୍ୟବହାର ପାଉଥିଲେ । ଭୁବନେଶ୍ୱରର ଏକନମ୍ବର ୟୁନିଟ୍‌ର ସେଇ ସରକାରୀ ବାସଭବନର ଛୋଟ ଘରଟିରେ ଶୈଳ ଅପାର ସମସ୍ତ ଆସବାସ ପୂରି ରହିଥାଏ । ସେଇ ସାଂସାରିକ ଜିନିଷପତ୍ରର ଗହଳି ଭିତରେ ଶୈଳ ଅପା ସାହିତ୍ୟ ସଭାର ଆୟୋଜନ କରେ । ସମସ୍ତେ ଆସନ୍ତି-ସଭା ହୁଏ, କବିତା ପାଠୋତ୍ସବ ହୁଏ । ବକ୍ତାମାନେ ଭାଷଣ ଦିଅନ୍ତି, ଜଳଖିଆର ଆୟୋଜ

Digitized by srujanika@gmail.com

ଯତନ । ତା ପରେ ସେ ସବୁର ବିବରଣୀ ଖବର କାଗଜ ମାନଙ୍କରେ ପ୍ରକାଶପାଏ । ଏ ସବୁର ଭିଡ଼ ଭିତରେ ଶୈଳ ଅପା ନିଜକୁ ହଜାଇ ଦେଇ- ପାଗଳୀ ହୋଇଯାଏ । ଆନନ୍ଦ ପାଏ । ସବୁ ଆଡ଼େ ତ ସାହିତ୍ୟ ସଭା ହୁଏ, ହେଲେ ଶୈଳ ଅପାର ଘରେ ଯେଉଁ ସଭା ହୁଏ ତାର ମୂଲ୍ୟ ଭିନ୍ନ ଧରଣର । ତା ଭିତରେ ଏକ ସ୍ନେହ ମମତାର ସ୍ରୋତ ବହୁଥାଏ ।

ତା ଘରେ ପହଞ୍ଚିଲେ ଖୋଲା ହୃଦୟରେ ଏକ ଆନ୍ତରିକତାର ହସ ହସି ସେ ତୁମକୁ ପାଖେଇ ନେବ ଯେପରିକି ତୁମର ଆସିବାରେ ତାର ଜୀବନ ଧନ୍ୟ ହୋଇଯାଉଛି । କେହି ବି ତା ଘରେ ପହଞ୍ଚି ଶୈଳ ଅପାର ଶୁଖିଲା ମୁହଁ ଦେଖିନି । ତାର ମନରେ ଯେତେ ଦୁଃଖ ଥିଲେ ବି ସେ ହସି ହସି ତୁମର ସ୍ୱାଗତ କରିବ । ଭଲ ମନ୍ଦ କଥା ପଚାରିବ । କେବଳ ସାହିତ୍ୟ କଥା ନୁହେଁ ଘର କଥା ବି ପଚାରି ବସିବ । ଗୁଡ଼ ଜଳଖିଆ ଖୁଆଇ ଛାଡ଼ିବ । ଏପରି ଲୋକ ନାହାଁନ୍ତି ଯିଏ କି ଶୈଳ ଅପା ଘରେ ନଖାଇ ଫେରିଛି । ରିକ୍‌ସାବାଲାଠାରୁ ଆରମ୍ଭ କରି ଗଭର୍ଣ୍ଣର ଯାଏ ସମସ୍ତ ଶୈଳ ଅପାର ଘରେ ସମାନ ପ୍ରକାରର ବ୍ୟବହାର, ସ୍ନେହ ମମତା ଆଦର ଅଭ୍ୟର୍ଥନା ପାଇଛନ୍ତି ।

ତା ପାଖରେ ଛଳନାର ପ୍ରଶ୍ନ ନଥିଲା । ତା ଘରେ ତା ସହିତ ବସି କଥା ହେଲେ ଲାଗେ ସତେ ଯେପରି ଆମେ ଆମ ନିଜ ଘରେ ବସି କଥା ହେଉଛେ । ଆଧୁନିକ ସମାଜର ଲୋକ ଦେଖାଣିଆ ଛଳନାପୂର୍ଣ୍ଣ ଆନ୍ତରିକତା ହୀନ, ଭଦ୍ରାମୀ ସେ ଦେଖାଏନି । ସମସ୍ତଙ୍କୁ ସେ ନିଜ ପରିବାରର ଲୋକ ପରି ଭାବେ । ସେଇଠି କବିତା ଲେଖା ଚାଲିଥିବ ଓ ତା ସହିତ ବି ରୋଷାଇ କରି ପୁଅକୁ ଖାଇବାକୁ ଦେବା । ପିଠା ମଣ୍ଡା ଚାଉଳ ବାଟିବା, ମାଛ ବାଛିବା, ଲୁଗା ଶୁଖାଇବା ଧୋବାକୁ ଲୁଗା ଦେବା ସବୁ କାମ ଚାଲିଥାଏ ।

ବେଳେ ବେଳେ ମନେହୁଏ ଶୈଳ ଅପା ଶ୍ରେଷ୍ଠ ପିଲାଙ୍କଠାରୁ ସରଳ । ଦୁନିଆଁର ଛଳ କପଟ ଭିତରେ ତାର ପ୍ରବେଶ ନାହିଁ । ମୁଁ ନିଶ୍ଚିତ୍ତ ଜୋର ଦେଇ କହିବି ଯେ ମୁଁ ଖୁବ୍ କମ୍ ସ୍ତ୍ରୀ ଲୋକ ଦେଖିଛି ଯେଉଁମାନେ କି ଏତେ ଖୋଲା ଖୋଲି ଭାବେ କପଟ ନକରି

Digitized by srujanika@gmail.com

ନିଜର ମନକଥା ଦୁଃଖ ଅନ୍ୟମାନଙ୍କ ପାଖରେ ପ୍ରକାଶ କରିଛନ୍ତି ।

ସବୁଠାରୁ ବଡ଼ କଥା ହେଲା ଶୈଳ ଅପା କେବଳ ଯେ ଜଣେ ଲେଖିକା ଥିଲା ସେକଥା ନୁହେଁ । ତା ପାଖରେ ବି ଥିଲା ଏକ ଉନ୍ନତ ମଣିଷର ହୃଦୟ । ସେ ସମସ୍ତଙ୍କ ସହିତ କେବଳ ସାହିତ୍ୟ ଜଗତରେ ସଂପର୍କକୁ ସୀମାବଦ୍ଧ କରି ନଥିଲା । ତାର ସମ୍ପର୍କ ସମସ୍ତଙ୍କ ସହିତ ସାହିତ୍ୟରୁ ଆରମ୍ଭ ହୋଇ ବ୍ୟକ୍ତିଗତ ପାରିବାରିକ ପରିବେଶରେ ମଧ୍ୟ ପହଞ୍ଚି ଯାଉଥିଲା । ଅନ୍ୟମାନଙ୍କର ସୁଖ ଦୁଃଖରେ ସେ ଭାଗୀ ହେଉଥିଲା । ବିପଦ ବେଳେ ଯାଇ ଛିଡ଼ା ହେଉଥିଲା, ସାହାଯ୍ୟ କରୁଥିଲା । ମାଆର ହୃଦୟ ନେଇ ଅନ୍ୟକୁ ଆଶ୍ୱାସନା ଦେଉଥିଲା, ତାହାହିଁ ତାର ମନୁଷ୍ୟତ୍ୱର ପରିଚୟ ଦିଏ ।

କାହାର ଯଦି ବାହାଘର ହେଉଛି ସେଠି ଦେଖିବ ଶୈଳ ଅପା ଅଣ୍ଟା ଭିଡ଼ି କାମ କରୁଛି । କାହାର ଯଦି ଦେହ ଖରାପ ହେଲା ସେଠି ଶୈଳ ଅପା ତାର ବିଛଣା ପାଖରେ ବସି ସେବା କରୁଥିବ । ଏଇଠି ମନେପଡ଼େ ବନ୍ଧୁ କହ୍ନେଇର କଥା । ଡାକ୍ତର ଖାନାରେ ମୃତ୍ୟୁ ଶେଯ ପାଖରେ ମୁଣ୍ଡ ପିଟୁଥାଏ ଶୈଳ ଅପା । ଯେଉଁମାନେ ସେ ଦୃଶ୍ୟ ଦେଖିଛନ୍ତି ସେମାନେ ଜାଣନ୍ତି ତାର ହୃଦୟ କେତେ ଉଦାର ସ୍ନେହ ମମତା ଭରା । ନଜାଣିଲା ଲୋକ ସେ ଦୃଶ୍ୟ ଦେଖି-ଭାବିବ ବୋଧ ହୁଏ ମୃତ୍ୟୁ ଯୁବକ ଜଣକ ଶୈଳ ଅପାର ନିଜ ସନ୍ତାନ । କହ୍ନେଇ ମୃତ୍ୟୁର ଅନେକ ଦିନ ଯାଏ ତାର ଆଖିରୁ ଲୁହ ଲିଭି ନଥିଲା ।

କହ୍ନେଇର ଗପ ଗୁଡ଼ିକ ଏକାଠି କରି ବହି ଛାପିବା ତାର ଶ୍ରାଦ୍ଧ ଉତ୍ସବ ପାଳନ କରିବା, ତାର ସ୍ମୃତି ପାଇଁ ଆଉକିଛି ସରକାରଙ୍କ ସାହାଯ୍ୟରେ କରିବା ପାଇଁ ଲାଗି ପଡ଼ିଲା ଶୈଳ ଅପା । କହ୍ନେଇର ବହି ପ୍ରକାଶ ପାଇଲା । କଟକରୁ ଭୁବନେଶ୍ୱର ଓ ଭୁବନେଶ୍ୱରରୁ କଟକ ଦୌଡ଼ ଦୌଡ଼ି ବି ଶୈଳ ଅପା ଥକିଯାଇ ନଥିଲା । କହ୍ନେଇର ବହି ବାହାରିଲା ବନ୍ଧୁ କହ୍ନରେ । ତାର ଶ୍ରାଦ୍ଧ ସଭା ପାଳନ କଲା ପ୍ରତିବର୍ଷ । ସବୁ ଦାୟିତ୍ୱ ଶୈଳ ଅପାର-

ଏ ସବୁ ସହିତ ତାର ନିଜ ଘର, ପରିବାରର କାମ ବି ଚାଲି-

Digitized by srujanika@gmail.com

ଥାଏ । 'ଚୁମ୍ବକ' ବି ଠିକ୍ ସମୟରେ ଚାଲିଥାଏ । ସମ୍ପାଦକ ବିଜ୍ଞାପନ ମ୍ୟାନେଜର ସରକ୍ୟୁଲେସନ ମ୍ୟାନେଜର, ଲେଖା ସଂଗ୍ରହକାରୀ, ସେ ହିଁ ସବୁ । ଘର କାମ ସହିତ ଓଡ଼ିଆ ସାହିତ୍ୟରେ ଗୋଟିଏ ପତ୍ରିକା ପ୍ରକାଶ କରିବା ଏତେ ସହଜ କାମ ନୁହେଁ । ଆଜି କାଲିକାର ଭଦ୍ର ସମାଜର ଲୋକମାନେ ଦିନରାତି କେବଳ ନିଜ କାମରେ, ସ୍ୱାର୍ଥରେ ଏପରି ବ୍ୟସ୍ତ ରହନ୍ତି ଯେ ସେମାନଙ୍କୁ ସମୟ ମିଳେନି ଅନ୍ୟର ଦୁଃଖଟିକେ ଖାଲି ଶୁଣିବା ପାଇଁ ! ଏପରି ପରିସ୍ଥିତିରେ ଶୈଳ ଅପା କଥା ଚିନ୍ତାକଲେ ଆଶ୍ଚର୍ଯ୍ୟ ଲାଗେ । ତାଙ୍କୁ ନଜାଣିବା ଲୋକ ଏସବୁ ବିଶ୍ୱାସ କରି ପାରନ୍ତିନାହିଁ ।

ସେତ ବ୍ୟସ୍ତ ହେଉଥିଲେ ଅନ୍ୟର ଶ୍ରାଦ୍ଧ ଦିବସ ପାଳିବାକୁ । ବର୍ତ୍ତମାନ ସବୁଠାରୁ ବଡ ଦୁର୍ଭାଗ୍ୟ ଆମକୁ ତାର ଶ୍ରାଦ୍ଧ ଦିବସ ପାଳନ କରିବାକୁ ପଡୁଛି-ଏକଥା କ'ଣ କେହି ବିଶ୍ୱାସ କରିଥିଲେ କି ଯେ ଅପାର ଫଟୋରେ ଫୁଲ ଚନ୍ଦନ ଦେଇ ଆମକୁ ଏତେଶୀଘ୍ର ଶ୍ରାଦ୍ଧ ପାଳନ କରିବାକୁ ପଡ଼ିବ । ଏଠି କହିଲେ ଭୁଲ ହେବନାହିଁ ଯେ ଶୈଳ-ଅପା ପରି ଏକ କପଟହୀନ ଛଳନାମୁକ୍ତ ସ୍ନେହ, ମମତାଭରା, ଆବେଗପୂର୍ଣ୍ଣ ହୃଦୟ ଏ ସମାଜରେ ସାହିତ୍ୟ କ୍ଷେତ୍ରରେ ପାଇବା ବଡ଼ କଷ୍ଟକର ହେବ ।

ଶୈଳଅପା, ତୁ କିନ୍ତୁ ମୋ ସହିତ କପଟ କରି ଚାଲିଗଲୁ ! ତୁ ସବୁ ମୋତେ କହୁଥିଲୁ ତୁ ମଲେ ମୁଁ ତୋତେ କାନ୍ଧରେ ନେବି । ହେଲେ ମୋତେ ଟିକେ ଜାଣିବାର ସୁଯୋଗ ବି ଦେଲୁନି । ସେ କଟକରେ ସବୁ ଘଟିଗଲା ଅଥଚ ମୁଁ ଜାଣିପାରିଲିନି । ମୋ ପ୍ରତି ତୋର ଏହା ଘୋର ଅନ୍ୟାୟ । ଜୀବନସାରା ମୁଁ ସେଥିପାଇଁ ଅନୁତାପ ହିଁ କରୁଥିବି ।

□ □

* ରାଜେନ୍ଦ୍ର ନଗର
ନୂଆଦିଲ୍ଲୀ-୬୦

Digitized by srujanika@gmail.com

॥ ବନ୍ଧୁ ଅପା—ଶୈଳ ଅପା ॥

• ରତିକାନ୍ତ ବେହେରା

ସେଦିନ ବି.ଜେ.ବି. କଲେଜ ଲାଇବ୍ରେରୀରୁ ଫେରି ସିଧା ଗଲି ଶୈଳଅପାଙ୍କ ପାଖକୁ, ଦିନ ପ୍ରାୟ ଗୋଟାଏ । ମାର୍କେଟ ପଛ ତଥା ଏକ ନମ୍ବର ୟୁନିଟ୍ ହାଇସ୍କୁଲ ପାଖ ସରକାରୀ କ୍ୱାଟରଟିରେ ସେ ରହନ୍ତି । କବାଟ ବାଡ଼େଇଲି । ଏଥର କବାଟ ଖୋଲି ମଥାରେ ଓଢଣୀ ସଜାଡ଼ି ବାହାରି ଆସିଲେ ଯେ ସେ ହେଉଛନ୍ତି ମୋର ଶୈଳ ଅପା । ଆମ ସମସ୍ତ ସାହିତ୍ୟିକ ବନ୍ଧୁମାନଙ୍କର ଶୈଳଅପା । ମୋତେ ଦେଖି ସେ ହସି ହସି ପଚାରିଲେ—ଏତେ ଦିନ ହେଲା ତୁମେ ଆସୁନଥିଲ କାହିଁକି ରତି ? ତୁମ କଥା ଏଇନେ ମନେ ପଡୁଥିଲା, ତୁମକାମ କେତେ ଦୂର ଗଲା ?

କହୁଁ କହୁଁ ସେ ଟିକିଏ ବିବ୍ରତ ହୋଇ ପଡିଲେ ଏବଂ ସେହି ବାରଣ୍ଡାରେ ପଡିଥିବା ବେତ ଚେୟାରକୁ ଟାଣି ଆଣି ବସିବାକୁ କହିଲେ ।

ଏଥିରେ ମୁଁ ଟିକିଏ ଆଶ୍ଚର୍ଯ୍ୟ ହେଲି, ଅପା କହିଲେ —"ମୋ ଭଉଣୀ ଆସିଛି । ସେ ଭୀଷଣ ଅସୁସ୍ଥ । କିଛି ଭାବିବନି । ତାଙ୍କୁ ଟିକିଏ ନିଦ ହୋଇଯାଇଛି । ଭିତରେ ବସିଲେ ଅସୁବିଧା ହେବ । ଏଇଠି ଆମେ ଦି'ଜଣ ବସିବା" ।

ମୁଁ ଟିକିଏ ନିଜକୁ ଲଜ୍ଜିତ ମନେ କଲି ଏବଂ କହିଲି—ଏଥିରେ ଭାବିବା କଣ ଅପା । ତୁମେ କଣ ଭାବୁଛ ମୁଁ ତୁମର କୁଣିଆ ହୋଇ ଆସିଛି । ବାହାରେ ବସି ପାରିବିନି ? ମୁଁ ବସିଲି । ସେ ମଧ୍ୟ ମୋର ପାଖକୁ ଠିକ୍ ସାମ୍ନାରେ ଆଉ ଗୋଟିଏ ଚେୟାର ଟାଣି ଆଣି ବସିଲେ ।

Digitized by srujanika@gmail.com

ମୋ ଦେହରୁ ଝାଳ ବୋହିବା ଦେଖି ଅପା ଅତ୍ୟନ୍ତ ବ୍ୟସ୍ତ ହୋଇ ଉଠିଲେ । କାରଣ ଘର ଭିତରେ ଫ୍ୟାନ୍ । ତେଣୁ ଗୋଟିଏ ବିଞ୍ଚଣା ଆଣିବା ପାଇଁ କହି ସେ ଉଠିଗଲେ । ମୁଁ ମନା କରିବା ସତ୍ତ୍ୱେ ସଙ୍ଗେ ସଙ୍ଗେ ସେ ଗୋଟିଏ ବିଞ୍ଚଣା ନେଇ ଆସିଲେ ଏବଂ ମୋତେ ବିଞ୍ଚିବାକୁ ଲାଗିଲେ । ମୁଁ ନିଜେ ବିଞ୍ଚି ହେବାପାଇଁ ଅପାଙ୍କୁ ବିଞ୍ଚଣା ମାଗି ହାତ ବଢ଼େଇ ଦେଲି । ଲମ୍ବି ଯାଇଥିବା ମୋ ହାତକୁ ଅଟେଇ ଦେଇ ସେ କହିଲେ—ତୁମେ ମୋର ପୁଅ ପରି । ଟିକିଏ ବିଞ୍ଚି ଦେଲେ ଆରାମ ଲାଗିବ । ମୁଁ ଆଉ କିଛି କହି ପାରିଲି ନାହିଁ । ଭାବୁଥିଲି ଏଇନା ଶୈଳ ଅପା; ଯାହାଙ୍କର ବୟସ ଅଶି ପଞ୍ଚସ୍ତରୀ ଟପିଲାଣି । ପୁଅ ଝିଅ ଚାକିରି କଲେଣି । ସ୍ୱାମୀ ଜଣେ ଉଚ୍ଚପଦସ୍ଥ ସରକାରୀ ଚାକିରିଆ । ଭଗବାନ ସତରେ କି ଉପାଦାନରେ ଏହାଙ୍କୁ ଗଢ଼ିଛନ୍ତି କେଜାଣି—ଅନାବିଳ ସ୍ନେହ ମମତା ଏବେ ବି ତାଙ୍କ ଭିତରୁ ଝରଣା ପରି ଝରୁଛି । ଆଜି କାଲି ଦୁନିଆରେ ମା ପୁଅକୁ ଯେଉଁଠି ସ୍ନେହ କରି ପାରୁନି, କେହି କାହାକୁ ପ୍ରାଣ ଦେଇ ଭଲ ପାଇ ପାରୁନାହାନ୍ତି—ସେତେବେଳେ କି ଆଦର୍ଶରେ ଗଢ଼ା ଏହି ଶୈଳ ଅପା ?

ଅପା ସେମିତି ବିଞ୍ଚୁଥାନ୍ତି ଏବଂ ମୋତେ ସ୍ୱାଭାବିକ ପ୍ରଶ୍ନ ଗୁଡ଼ିଏ ବି ପଚାରୁଥାନ୍ତି । ମୁଁ ତାର ଯଥାସମ୍ଭବ ଉତ୍ତର ଦେଉଥାଏ ।

ଅପା ସବୁବେଳେ ତାଙ୍କ ଜୀବନରେ ଘଟିଥିବା ଦୁଃଖ କାହାଣୀ ଗୁଡ଼ିକୁହିଁ ଆମ ଆଗରେ କୁହନ୍ତି । ସବୁଠୁ ସେ ବେଶୀ କୁହନ୍ତି ତାଙ୍କ ପାରିବାରିକ ଜୀବନର ଘଟଣା କଥା । ସାହିତ୍ୟ ଜୀବନର କଥା । କଟକ ରେଭେନ୍ସା କଲେଜରେ ପଢ଼ୁଥିବା ସମୟର କଥା, ଆଉ ସର୍ବୋପରି ହରେଇଥିବା ତାଙ୍କ ଚଉଦ ବର୍ଷର ଅଲିଅଳି ଝିଅଟିର କଥା । କେମିତି ତାଙ୍କୁ ଦୁର୍ବୃତ୍ତମାନେ ହତ୍ୟା କଲେ । ଆଉ ସେଇଆକୁ ଲକ୍ଷ୍ୟକରି ସେ କେମିତି ଦୁଇଟିଯାକ ଉପନ୍ୟାସ ଲେଖିଲେ । ଏହାଛଡ଼ା ତାଙ୍କ ମାନସ କନ୍ୟା 'ଚୁମ୍ବକ' ସାହିତ୍ୟ ପତ୍ରିକା ଓ ଅନ୍ୟାନ୍ୟ ସାହିତ୍ୟିକ ମାନଙ୍କ ବିଷୟରେ ଅନେକ କଥା ସେ କୁହନ୍ତି ।

Digitized by srujanika@gmail.com

ପାଞ୍ଚ ମିନିଟ ପରେ ଅପା ଭିତରକୁ ଗଲେ ଏବଂ ଗୋଟିଏ ପ୍ଲେଟରେ ତିନୋଟି ବିସ୍କୁଟ ଓ କିଛି ମିକ୍‌ସଚର ନେଇ ଆସିଲେ । ଯେତେବେଳେ ଗଲେ ବି ସେ ଏଇଆ କରନ୍ତି । କିଛି ନା କିଛି ନ ଖୁଆଇ ଛାଡନ୍ତି ନାହିଁ । ଏ ତାଙ୍କର ଏକ ବିଶେଷ ଗୁଣ । ଏପରିକି ଦିନେ ଦିନେ ସେ ମୋତେ ଇଡ଼ିଲି ଇତ୍ୟାଦି ଯାବତୀୟ ଖାଇବା ଜିନିଷ ତିଆରି କରି ଦେଇଛନ୍ତି । ଯେଉଁଦିନ ସଭାରେ ମୁଁ ଯାଇଥାଏ ଏବଂ ଆଲୋଚନାରେ ଡେରି ହୋଇଯାଏ, ସେଦିନ ମୋତେ ସେଠାରେ ନିଶ୍ଚୟ ଖାଇବାକୁହିଁ ପଡେ । ମୁଁ ଯେହେତୁ ସବୁବେଳେ ହୋଟେଲରେ ଖାଉଥିଲି । ଏଇଟା ମୋ ଅପେକ୍ଷା ତାଙ୍କୁ ବେଶୀ ବାଧେ । ସେ ଦୁଃଖ କରନ୍ତି ଏବଂ ଅନେକ ଥର କହନ୍ତି ରୋଷେଇ କରି ଖାଇବାକୁ । ମୋ ଦ୍ୱାରା ସେ କାମ ହେବ ନାହିଁ ବୋଲି ତାଙ୍କୁ ମନା କରିଦିଏ । ମୋ କଥାରେ ସେ ଏକମତ ହୁଅନ୍ତି ।

ମୁଁ ଜାଣିଥିଲି ମୋ ପାଇଁ ସେ ବେଶୀ ଦରଦୀ ହୋଇ ଉଠୁଥିଲେ ଏଇଥିପାଇଁ ଯେ ମୁଁ ଚାକିରି ପାଇବି । ପାଠ ପଢ଼ା ସାରି ପୁରା ବେକାର । ପୁଣି ସହରରେ ଏକାକୀ ରହୁଛି । ଆତ୍ମୀୟ ସ୍ୱଜନ ଏଠାରେ ମୋର କେହି ନାହାନ୍ତି । ଯେଉଁଦିନ "ପ୍ରଗତିବାଦୀ" ଦୈନିକ ସମ୍ବାଦ ପତ୍ରରେ ମୁଁ ସହ-ସଂପାଦକ ଭାବରେ ଯୋଗ ଦେଲି, ସେଦିନ ସେ ଅନେକ ପରିମାଣରେ ଆଶ୍ୱସ୍ତ ହୋଇଥିଲେ ଏବଂ ଜୀବନରେ ଭଲ ଚାକିରି କରିବି ବୋଲି ଶୁଭକାମନା କରିଥିଲେ । ମୁଁ ଏବେ ଅଧ୍ୟାପକ ହେଲିଣି । କିନ୍ତୁ ଏଇ ଶୁଭ ଖବର ଟିକକ ଶୁଣିବାକୁ ସତରେ ଅପା ଆଜି ଆଉ ନାହାନ୍ତି ।

ଲୁହର ଯମୁନାର କେତେକ କବିତା ମୁଖ୍ୟତଃ ଆଧିଭୌତିକ ଚେତନା ସମ୍ବଳିତ ଯେଉଁଥିରେ ସେ ଶିଶୁପରି ଲୋଟି ଯାଇଛନ୍ତି ପ୍ରିୟତମ ଭଗବାନଙ୍କ ପାଖରେ ଅଳି କରି । ତାଙ୍କର ପ୍ରେମ ସୁଧା ପାଇବା ପାଇଁ ପାଗଳିନୀ ହୋଇ ଉଠିଛନ୍ତି । ଅତ୍ୟନ୍ତ ଆପଣାର ଲୋକ ପରି ପ୍ରିୟଜନଙ୍କ ପାଖରେ ଅଭିଯୋଗ କରିଛନ୍ତି, ତାଙ୍କ ପାଖରେ ଥିବା ଅନେକ କବିତାର ପାଣ୍ଡୁଲିପି (ଯେଉଁଗୁଡ଼ିକ ପ୍ରକାଶ ପାଇନାହିଁ) ପଢ଼ି

Digitized by srujanika@gmail.com

ମୁଁ ଏ କଥା ଠିକ୍ ଭାବରେ ଲକ୍ଷ୍ୟ କରିଥିଲି । ଏବଂ ଯେବେ ସଂଧ୍ୟା-ବେଳେ ବସି ଏଇ ଧରଣର କବିତା ଗୁଡ଼ିଏ ବାଛୁଥିଲି ଆଉ ଗୋଟିଏ ସଙ୍କଳନ ପାଇଁ ନିଜ ଖର୍ଚ୍ଚରେ ସେ ଏହାକୁ ଛପେଇବେ ବୋଲି କହୁଥିଲେ । ସେଥିପାଇଁ କେତେଟଙ୍କା ଖର୍ଚ୍ଚ ହେବ ତାର ଏକ ହିସାବ ଫର୍ଦ୍ଦ ମଧ୍ୟ ତିଆରି କରିଥିଲୁ । ଅଥଚ ସେ ଆଶା ତାଙ୍କର ପୂରଣ ହୋଇ ପାରିଲା ନାହିଁ । ଏହା ଛଡ଼ା ତାଙ୍କର ଅନ୍ୟାନ୍ୟ ଅନେକ ଅପ୍ରକାଶିତ କବିତା ଗୁଡ଼ିକରେ ଯେଉଁ ଦୁଃଖ ଓ କରୁଣ ଆର୍ତ୍ତିର ପ୍ରତିଫଳନ ଘଟିଛି ତାହା ତାଙ୍କ ବ୍ୟକ୍ତିଗତ ଜୀବନର ଏକାନ୍ତ ଅନୁଭୂତି ଓ ମାନସିକ ସଂଘର୍ଷ ମାତ୍ର ।

ଅପାଙ୍କ ସହ ମୋର ପରିଚୟ ଖୁବ୍ କମ୍ ଦିନର । କହିବାକୁ ଗଲେ ପାଖା ପାଖି ଦୁଇଟି ବର୍ଷ । ୧୯୭୮ ମସିହା ଫେବ୍ରୁଆରି କି ମାର୍ଚ୍ଚ ହେବ । ବନ୍ଧୁ ରାମସନ୍ତୁ ସହିତ ଅପାଙ୍କ ପାଖକୁ ପ୍ରଥମ ଆସିଥିଲି । ଏବଂ ସେଇଠାରୁ ତାଙ୍କ ସହିତ ମୋର ଘନିଷ୍ଠ ସମ୍ପର୍କ ବଢ଼ିଥିଲା । ସକାଳର ସୂର୍ଯ୍ୟକିରଣ ପରି ରାମକୁ ବି ସେ ମୋ ପରି ଭଲ ପାଆନ୍ତି । ସମ୍ଭବତଃ ଯେତେ ସାହିତ୍ୟିକ ବନ୍ଧୁମାନେ ଆମେ ସେଠିକି ଯାଉଥିଲୁ, ଅପା ପ୍ରାୟ ସମସ୍ତଙ୍କୁ ସମାନ ଭାବରେ ଭଲ ପାଆନ୍ତି । ଏଇଟା ଥିଲା ତାଙ୍କ ଚରିତ୍ରର ଏକ ବିଶିଷ୍ଟ ଗୁଣ । ଆମେ କେହି କେତେବେଳେ ଭାବି ନାହୁଁ ଯେ, ଅପା ମୋ ଠାରୁ ତାଙ୍କୁ ଅଧିକ ସୁଖ ପାଆନ୍ତି । ଏକଥା କେହି ହୁଏତ କହି ପାରିବେ ନାହିଁ— । ଗୋଟିଏ ମା'ର ଯଦି ପାଞ୍ଚଟି ସନ୍ତାନ ଥାନ୍ତି, ତାହାହେଲେ ସେ ତାର ସନ୍ତାନ ମାନଙ୍କୁ ସମାନ ଭାବରେ ଭଲ ପାଏ ବୋଲି କହି ହେବନି— । କିନ୍ତୁ, ଶୈଳଅପା ଆମ୍ଭ ମାନଙ୍କର ଜନ୍ମଦାତ୍ରୀ ନ ଥାଇ ମଧ୍ୟ ସେ ଆମ୍ଭମାନଙ୍କୁ ସମାନ ଭାବରେ ମା' ପରି ସ୍ନେହ ଦେଇ ଆସିଥିଲେ । ଏକଥା ଦିବା-ରାତ୍ରି ପରି ସତ୍ୟ । ଯେଉଁ ମାନେ ଅନ୍ତତଃ ଥରେ ଅପାଙ୍କ ପାଖକୁ ଯାଇଥିବେ, ସେମାନେ ନିଶ୍ଚୟ ଏଇ କଥା ଲକ୍ଷ୍ୟ କରିଥିବେ ।

ସେଇ ଗୋଟିଏ ଦିନର କଥା ମୁଁ କହୁଛି, ପ୍ରାୟ ପଇଁତାଳିଶ ମିନିଟ୍ କାଳ ସେମ୍ନ ବାହାରେ ବସି ଗରମରୁ ନିଷ୍କୃତି ପାଇବା ପାଇଁ

Digitized by srujanika@gmail.com

କ୍ଳାନ୍ତିହୀନ ଭାବରେ ସେ ଚଙ୍ଗା କରିଛନ୍ତି । ସେ ମା ପରି । ତେଣୁ ରୁକ୍ଷ ଏହି ସହର ଭିତରେ ଏକାକୀ ନିଃସଙ୍ଗ ଭାବରେ ବଞ୍ଚିଥିବା ମୋର ଦରଦୀ ପ୍ରାଣଟି ଶୈଳଅପାଙ୍କ ସଂସ୍ପର୍ଶରେ ଆହୁରି ତରଳ ଯାଉଥିଲା । ଜୀବନରେ ପ୍ରଥମ କରି ଘର, ବାପ, ମାଙ୍କୁ ଛାଡ଼ି ବିଦେଶରେ ରହିବା ଭିତରେ ମୋର ମାତୃ ସ୍ନେହ ଲିପ୍ସୁ ହୃଦୟକୁ ଅନେକାଂଶରେ ଶୈଳଅପା ପୂରଣ କରିଥିଲେ ।

ଏବେ ଅନେକ ସମୟରେ ମୁଁ ଭାବେ ସେମାନଙ୍କ ପରି ଅପା ସାଧାରଣ ଚରିତ୍ରଟିଏ ନୁହନ୍ତି ବରଂ ଏକ ଆଦର୍ଶ ଓ ମହାମାନବିକତାର ପ୍ରତୀକ । ସଂସାରିକ ଜଞ୍ଜାଳର ଗୃହକୋଣ ଭିତରେ ରହି ସମଗ୍ର ପୃଥିବୀକୁ ଆପଣାର କରିଦେବା ପାଇଁ ତାଙ୍କ ଭିତରେ ଯଥେଷ୍ଟ ବ୍ୟାକୁଳତା ଜନ୍ମ ନେଇ ସାରିଥିଲା । ତେଣୁ ଏକ ପ୍ରକାର ଦୈବ-ଶକ୍ତି ଓ କାମନାହୀନ ଭଲ ପାଇବା ତାଙ୍କ ନିକଟରେ ସମ୍ଭବ ହୋଇପାରିଥିଲା । ସେ ଏହି ଅସୀମ ଜୀବଜଗତକୁ ତଥା ମଣିଷକୁ ଭଲ ପାଇ ଶିଖିଥିଲେ ଓ ଆପଣାର କରିପାରିଥିଲେ । ନିଜର ହୃଦୟକୁ ଟିକିଟିକି କରି ବାଣ୍ଟି ଦେବାକୁ ଚାହୁଁଥିଲେ । ଅନେକ ସମୟରେ ସେ କହୁଥିଲେ "ତମେମାନେ ସମସ୍ତେ ମୋର ପୁଅ ପରି । ବେଳ ଅବେଳରେ ପାଖକୁ ଆସି ଟୁଙ୍ଗା ଦେଉଛ ସେଇ ମୋର ଯଥେଷ୍ଟ । ମୁଁ ଆଉ ଅଧିକ କିଛି ଚାହୁଁ ନାହିଁ —।

ତେଣୁ ଏମିତି ଏକ ଅନିର୍ବଚନୀୟ ମହାଭାବ, ଓ ମହନୀୟ ବ୍ୟକ୍ତିତ୍ୱ ତାଙ୍କ ପାଖରେ କେବଳ ସମ୍ଭବ ହୋଇଥିଲା । ନିଜର ସ୍ଥିତି, ପାରିବାରିକ ଅବସ୍ଥା ଓ ତଦ୍ ଜନିତ ଆତ୍ମଗ୍ଳାନିରୁ ତାଙ୍କର ସମଗ୍ର ଜୀବନ ଦର୍ଶନ, ବ୍ୟକ୍ତିତ୍ୱ ଓ ସାହିତ୍ୟକୁ ତାଙ୍କ ନିଜର ଦୁଃଖ ଜଞ୍ଜାଳ ଭରା ଜୀବନ ହିଁ ଅନେକ ପରିମାଣରେ ଯେ ନିୟନ୍ତ୍ରିତ କରିଥିଲା, ଏ କଥା କହିବା ବାହୁଲ୍ୟ ମାତ୍ର । ସେଥି ପାଇଁ ଅପାଙ୍କର ସମସ୍ତ କବିତାରେ ରସଗ୍ରାହୀ ଆବେଦନ ଥିଲା ଯଥେଷ୍ଟ । ଏହା ହିଁ ଉତ୍କୃଷ୍ଟ କବିତାର ଲକ୍ଷଣ ବୋଲି ବିବେଚନା କରାଯାଏ । ମୃତ୍ୟୁର ଅବ୍ୟବହିତ

Digitized by srujanika@gmail.com

ପୂର୍ବରୁ 'ଚମ୍ପକ'ର ସଂପାଦକୀୟରେ ସେ ଯାହା ଲେଖିଥିଲେ ତାହା ଏଠାରେ ସ୍ମରଣ ଯୋଗ୍ୟ । "ସଂପୂର୍ଣ୍ଣ ନିଃସ୍ୱାର୍ଥପର ମମତା ଥାଇକି ହୋଇ ବିଶ୍ୱକୁ ଭଲ ପାଇ ନ ପାରିଲେ କବିବ୍ୟକ୍ତି ମନରୁ ଆଁ କବିତା ଲେଖି ପାରେ ନାହିଁ— । ସେ ନିଜେ ଯେତେ ନିଃସ୍ୱ ହୋଇ ଥାଉ, ଯେତେ ଦୁଃଖ ଯନ୍ତ୍ରଣାରେ ଜଳୁଥାଉ ପଛେ କିନ୍ତୁ, ତା ଅନ୍ତରରେ ଖେଳୁଥିବା ମହାମାନବିକତାର ତେଜ ତାର ଲେଖନୀକୁ ସ୍ପର୍ଶକଲେ ତା' ସୃଷ୍ଟି ଅମୃତ ଅନବଦ୍ୟ ହୋଇ ଯାଏ ।" (ଚମ୍ପକ କବିତା ସଂକଳନ- ୧୯୭୯ ୭ମ ବର୍ଷ ୨ୟ ସଂଖ୍ୟା) ।

ଏହାହିଁ ଥିଲା ଅପାଙ୍କର ଜୀବନ ଦର୍ଶନ— ' ହୃଦୟ ଦେଇ ଅନ୍ୟକୁ ଭଲ ପାଇବା ଓ ଆପଣାର କରି ନେବାହିଁ ଥିଲା ତାଙ୍କ ଜୀବନର ପାଥେୟ । ସହରଠାରୁ ଗାଁ ପର୍ଯ୍ୟନ୍ତ ଠିକ୍ ଏହାହିଁ ମୁଁ ଲକ୍ଷ୍ୟ କରି ଆସିଛି । ଥରେ ଅପାଙ୍କ ସହ ମୁଁ ତାଙ୍କ ଗାଁକୁ ଯାଇଥିଲି । ସାଙ୍ଗରେ ଅପାଙ୍କର ସାନପୁଅ କୁନା ଯାଇଥାଏ । ଅପାଙ୍କର ଏହି ସାନ ପୁଅଟି ହିଁ ତାଙ୍କ ପାଖରେ ସବୁବେଳେ ଥାଏ । ବଡ଼ପୁଅ ଫୁଲବାଣୀ, କ. ଉଦୟଗିରିରେ ଚାକିରି କରନ୍ତି । ବର୍ଷରେ ଦୁଇ ଚାରିଥର ପ୍ରାୟ ଘରକୁ ଆସିଥାନ୍ତି । ତେଣୁ ଅପା କୁଆଡ଼କୁ ଗଲେ ଏହି ସାନ ପୁଅଟିକୁ ହିଁ ସାଙ୍ଗରେ ନେଇ ଥାଆନ୍ତି । ପୁରୀ ଜିଲ୍ଲା ଡେଲାଙ୍ଗହିଁ ଅପାଙ୍କର ଶ୍ୱଶୁର ଘର ଗାଁ । ଡେଲାଙ୍ଗ ଷ୍ଟେସନରେ ଓହ୍ଲାଇଲୁ ପରେ ହଠାତ୍ ଅପାଙ୍କୁ ପାଛୋଟି ନେବାପାଇଁ ଜଣେ ଲୋକ ଅପେକ୍ଷା କରିଥାଏ । ପରେ ଜାଣିଲି ସେଇ ଗାଁର ସେ ଜଣେ ଅସବର୍ଣ୍ଣଜାତିର ଲୋକ । ଅଥଚ ଅପାର ତା ପାଇଁ କି ମମତା ? ସାଙ୍ଗରେ ନେଇଥିବା ଜିନିଷ ସେ ଓ ଅପା ହାତରେ ବୋହି ବୋହି ଗାଁକୁ ଚାଲିଗଲେ । ମୁଁ ଓ କୁନା ଡେଲାଙ୍ଗସ୍ଥ ଏକ ହୋଟେଲରେ ଖାଇ ସାରିଗଲୁ । ଗାଁରେ ପହଞ୍ଚି ମୁଁ ଯାହା ଦେଖିଲି ସେଥିରେ ପ୍ରକୃତରେ ଆଶ୍ଚର୍ଯ୍ୟ ହେବାର କଥା । ଯେତେ ସମୟ ସେ ଗାଁରେ ରହିଛନ୍ତି । ପ୍ରତ୍ୟେକ ଘରେ ଘରେ ବୁଲିଛନ୍ତି । କାହାକୁ ମୁଣ୍ଡ ଲଗାଇ କାହକୁ ହାତଉଠେଇ ସେ ଜୁହାର ହେଉଛନ୍ତି । ଆଉବା କାହାକୁ ହସି ହସି କାଖେଇ କୋଳେଇ ନେଉଛନ୍ତି । ସତେ

Digitized by srujanika@gmail.com

ଯେପରିକି ଏକ ମମତା ପାଗଳମା । ପର ଆପଣାର ଜାତି ଅଜାତି ଭେଦ ଭାବ ଭୁଲି ସମସ୍ତଙ୍କୁ ଆପଣାର କରି ନେଉଛନ୍ତି । ଏଇଠି ପ୍ରକୃତରେ ଭାବିବାର କଥା, ଅହରହ ସହରରେ ବାସ କରିଥିବା ଜଣେ ନାଗରୀ ପୁଣି ଶ୍ୱଶୁର ଘର ଗାଁରେ ଏତେ ଆପଣାର ହେଲା କେମିତି ? ଏହାହିଁ ସେ ଦିନ ମୋ ମନରେ ଆଶ୍ଚର୍ଯ୍ୟ, ଆଉ ସେଦିନ ଗାଁରୁ ଫେରିଲା ବେଳେ ସାଙ୍ଗରେ ଆଣିଥିବା ପନି ପରିବା, ଡାଲି, ମୁଗ ଇତ୍ୟାଦି ସେହିଦିନ ରାତିରେ ଏକ ନମ୍ବର ୟୁନିଟ୍‌ରେ ଥିବା ତା'ର ପାଖ ପଡ଼ିଶାଙ୍କୁ ବାଣ୍ଟି ଦେଇ ଆସିଥିଲେ । ଗୋଟିଏ ଛୋଟିଆ ଘଟଣା ! ସେଦିନ ଡେଲାଙ୍ଗ ଷ୍ଟେସନରେ ଭୁବନେଶ୍ୱର ଫେରିବା ପାଇଁ ଟ୍ରେନ୍ ଅପେକ୍ଷାରେ ଥିଲୁ-ବେଳେ ଅପା ହଠାତ୍ ଲକ୍ଷ୍ୟ କଲେ, ଏକ ଝୁଣ୍ଟିକାନ୍ଧୁ ବୁଢା ମୁଣ୍ଡରେ ଟୁପିଏ ହେଲ ଶାଗ ମୁଣ୍ଡେଇ ଡାକି ଡାକି ବୁଲୁଛି । ଖୁବ୍‌ଶୀଘ୍ର ଭାବରେ କଳାହାଣ୍ଡିଆ ମେଘ ଉଠିଆସିଥିଲା । ବର୍ଷିଯିବା ଉପରେ । ସମସ୍ତେ ଯେ ଯାହାର ଜିନିଷ ସଜାଡ଼ିବାରେ ବ୍ୟସ୍ତ । ଟ୍ରେନ୍ ସମୟ ହୋଇ ଗଲାଣି । କାହାର ବୁଢା ପ୍ରତି ନଜର ନାହିଁ । ଠିକ୍ ସେହି ସମୟରେ ଅପାଙ୍କ ମନକୁ କଣ ଆସିଲା କେଜାଣି,— ବୁଢ଼ାକୁ ଡାକି ତା'ର ସବୁ ପାଳ ଶାଗ କିଣି ପକାଇଲେ । ବୁଢାକୁ ତା' କହିବା ଅନୁଯାୟୀ ଦୁଇ ଟଙ୍କା ଓ କିଛି ଖୁଚୁରା ପଇସା ଦେଲେ । ବୁଢା ଖୁସି ହୋଇ ଚାଲିଗଲା, ସେତେବେଳକୁ ବର୍ଷା ପଡ଼ିବା ଆରମ୍ଭ ହୋଇ ଗଲାଣି । ଅପା ସବୁ ପାଳ ଶାଗ ଗୋଟିଏ ବ୍ୟାଗରେ ପୂରାଇ ପକା-ଇଲେ । ଆଉ ଭୁବନେଶ୍ୱର ଫେରି ପାଖ ପଡ଼ିଶାଙ୍କୁ ଗାଁରୁ ଆଣିଥିବା ଅନ୍ୟାନ୍ୟ ପନି ପରିବା ସହିତ ସେଗୁଡ଼ିକ ବି ବାଣ୍ଟି ଦେଲେ । ନିଜ ପାଇଁ ସେ କେବଳ ଗୋଟିଏ ମାତ୍ର ଶାଗ ବିଡ଼ା ରଖିଥିଲେ । ସେତେବେଳେ ସେ ମାନେ କହିଥିଲେ— ବାପରେ ! "ଶାଗ ଗୁଡ଼ିକ ବାଣ୍ଟି ଦେବା ଗୋଟିଏ ବିଡ଼ା ହେଲେ ଆମର ଚଳିଯିବ । ସକାଳକୁ ତ ଏ ଗୁଡ଼ାକ ଶୁଖିଯିବ ।" ମୁଁ ଆଗ୍ରହରେ ହିଁ ଭରିଥିଲି, ଆଉ ଲକ୍ଷ୍ୟ କରି—ଥିଲି ଅପାଙ୍କର ବଦାନ୍ୟତାକୁ, ଯେ କୌଣସି ମୁହୂର୍ତ୍ତରେ ବିପନ୍ନ ଲୋକ ମାନଙ୍କ ପ୍ରତି ଅପା ପ୍ରକୃତରେ କେତେ ଯେ ସହୃଦୟ—

Digitized by srujanika@gmail.com

ଏ କଥା ବେଶ୍ ଏଣ୍ଟୁ ଶାଗ ଝକାଳ ବୁଢା ପ୍ରସଙ୍ଗରୁ ମୁଁ ଠଉରେଇ ପାରିଥିଲି ।

କିନ୍ତୁ ସାଗ ବନ୍ଧୁଙ୍କୁ ଏମିତି ସ୍ନେହ ପ୍ରେମରେ ବାନ୍ଧି ପକେଇଥିବା ଲୋକଟି ଖୁବ୍ ଶୀଘ୍ର ଯେ ଆମ ପାଖରୁ ଖସିଯିବେ—ଏକଥା ମୁଁ କଳ୍ପନା କରି ପାରି ନଥିଲି । ସ୍ୱାଭାବିକ ଭାବରେ ସେଦିନ ସକାଳେ ଅଫିସ ଯିବା ପାଇଁ ସାତଟାରେ ବାଣୀବିହାରରୁ ଟାଉନ୍ ବସ୍ ଧରିଲି ଏବଂ ବସ୍ ଷ୍ଟାଣ୍ଡରେ ପହଞ୍ଚିଲା ବେଳକୁ ପାଖାପାଖି ଆଠଟା ବାଜିଥାଏ । ପାଖ ପାନ ଦୋକାନରେ ପାନ ଖାଉଁ ଖାଉଁ ଅପାଙ୍କ କଥା ମନରେ ପଡ଼ିଲା । ସ୍ଥିର କଲି ରାଜମହଲ ଦେଇ ବାପୁଜୀ ନଗର ଯିବି ନାହିଁ ବରଂ ଏପଟେ ଏକ ନମ୍ବରରେ ଅପାଙ୍କୁ ଦେଖା କରି ରାଜଧାନୀ କଲେଜ ରାସ୍ତାରେ ପ୍ରଗତିବାଦୀ ଅଫିସକୁ ବାହାରି ଯିବି । ସେଇଆ କଲି । ଚାଲି ଚାଲି ଯାଇ ପହଞ୍ଚିଲି ଅପାଙ୍କ କ୍ୱାର୍ଟରରେ । ଗେଟ୍ ଖୋଲୁ ଖୋଲୁ ଅପା ମୋତେ ଭିତରୁ ଝରକାରେ ଦେଖିନେଲେ ଏବଂ ଶୀଘ୍ର କବାଟ ଖୋଲି ବାହାରି ଆସି କହିଲେ—ରତି, ତୁମ କଥା ଏଇନେ ଭାବୁଥିଲି । ଆଜି ମୁଁ ଚାଲିଯାଉଛି ମେଡ଼ିକାଲକୁ । ସମସ୍ତଙ୍କ ସହ ପ୍ରାୟ ସାକ୍ଷାତ ହୋଇ ସାରିଛି, କେବଳ ତୁମେହିଁ ବାକି ଥିଲ । ଠିକ୍ ସମୟକୁ ଆସି ପହଞ୍ଚିଛ ।"

ଅପାଙ୍କର ମେଡ଼ିକାଲରେ ଭର୍ତ୍ତି ହେବା କଥା ମୁଁ ଆଗରୁ ଜାଣିଥିଲି । ବହୁ ପୂର୍ବରୁ ଅର୍ଥାତ୍ ଫେବୃୟାରୀ ମାସ ଠାରୁ ସେ କହି ଆସୁଥିଲେ ଅପ୍‌ରେସନ୍ ହେବା କଥା । ଏପ୍ରିଲ୍ ୧୨।୧୩ ତାରିଖରେ ଯିବାର ଥିଲା । ତାହା ପୁଣି ଜୁନ୍‌କୁ କାହିଁକି ଘୁଞ୍ଚିଗଲା । ସେ ବିଷୟରେ ମୁଁ କିଛି ସୂଚନା ପାଇ ନଥିଲି । ତତ୍‌କ୍ଷଣାତ୍ ଅପାଙ୍କ ପାଖରୁ ଡାକ୍ତରଖାନା ଯିବା କଥା ଶୁଣି ମୁଁ ଅତି ଆଶ୍ଚର୍ଯ୍ୟ ହୋଇନାହିଁ । କେବଳ ଏତିକି ପଚାରିଲି—ଆଜି କଣ ସତରେ ଯାଉଛନ୍ତି ? ସେ ମୋ କଥାରେ ଦୃଢ଼ ଭାବରେ ହଁ ମାରିଲେ ଏବଂ ଯିବାର ସମସ୍ତ ପ୍ରସ୍ତୁତି ବଖାଣି ଗଲେ । ବାଧ୍ୟ ଶ୍ରୋତାଟି ପରି ମୁଁ ସବୁ ଶୁଣି ଯାଉଥିଲି । ହଠାତ୍ ମଝିରେ ଲକ୍ଷ୍ୟ କଲି ତାଙ୍କ ମୁହଁ କେମିତି ଥମ୍‌ଥମ୍ ହୋଇ ଆସିଲା । ଆଖିରେ ଲୁହ ଜମି ଆସିଲା । ମୁଁ ପଚାରିଲି "ଅପା, ଏମିତି କାହିଁକି

Digitized by srujanika@gmail.com

ହେଉଛନ୍ତି ?" ସେ ମୋତେ ବାଷ୍ପ ଗଦ୍‌ଗଦ୍ କଣ୍ଠରେ କହିଲେ—
"ରେଣୁ, ମୋତେ କାହିଁକି ଲାଗୁଛି ଡାକ୍ତରଖାନାରୁ ମୁଁ ଆଉ ଫେରିବିନି
କି ତୁମମାନଙ୍କୁ ଆଉ ଦେଖି ପାରିବି ନାହିଁ ।"

ମୁଁ ହଠାତ୍ ଚମକି ପଡ଼ିଲି । ଅପା ଏ କ'ଣ କହୁଛନ୍ତି ! ସତରେ
କ'ଣ ତାଙ୍କର ଅପରେସନ୍ ଫଳପ୍ରଦ ହେବନି ? ସେ କ'ଣ ଆଉ
ଫେରିବେନି ? ମନ ଭିତରୁ ଏକାବେଳକେ ଅନେକ ପ୍ରଶ୍ନ ଠେଲି ପେଲି
ହୋଇ ଉଠି ଆସୁଥିଲେ । ଏ ପ୍ରକାର ଅବସ୍ଥାରେ ମୁଁ ବା କ'ଣ କହି
ଅପାଙ୍କୁ ସାନ୍ତ୍ୱନା ଦିଅନ୍ତି । ସ୍ୱାଭାବିକ ଧ୍ୱନିରେ କହିଲି—ଅପା, ତୁମେ
ଏତେ ବ୍ୟସ୍ତ ହୁଅନା । ଖୁବ୍ ବଡ଼ ବଡ଼ ରୋଗୀ ଡାକ୍ତରଖାନାରୁ ଭଲ
ହୋଇ ଫେରୁଛନ୍ତି । ତୁମର କିଛି ଅସୁବିଧା ହେବନି । ଠାକୁରଙ୍କ
କୃପାରୁ ସବୁ ଠିକ୍ ହୋଇଯିବ ।

ମୋର ଏ ପ୍ରକାର ଆଶ୍ୱାସନାରେ ତାଙ୍କ ମନ ବୋଧହୁଏ ବୁଝିଲା
ନାହିଁ । ମୃତ୍ୟୁ ଚିନ୍ତା ଯାହାର ସମଗ୍ର ସତ୍ତାକୁ ଆବୋରି ବସିଲାଣି, ତା
ପାଖରେ ଏ ପ୍ରକାର ଆଶ୍ୱାସନାର ବା ମୂଲ୍ୟ କ'ଣ ଅଛି ?

କଥା ବଦଳେଇ ସେ କହିଲେ—"ତୁମେ ରଜକୁ ଘରକୁ ଯିବ
ବୋଲି କହୁଥିଲ, କେତେ ତାରିଖ ଫେରିବ ?

'ସତର କିମ୍ବା ଅଠରରେ—ମୁଁ କହିଲି ।

ତାହାହେଲେ ଏଇ ଖାତାରେ ତୁମ ଠିକଣା ଲେଖିଦିଅ । ବେଡ଼ରେ
ପଡ଼ି ପଡ଼ି ତୁମ ସମସ୍ତଙ୍କ ପାଖକୁ ଚିଠି ଲେଖି ସମୟ କଟେଇବି, କହି
ଖଟ ଉପରେ ପଡ଼ିଥିବା ସେହି ଲମ୍ବା ଖାତାଟା ଖୋଲି ପକେଇଲେ ।

ଘରୁ ଆସିଲେ ମୁଁ ନିଶ୍ଚୟ ତୁମ ପାଖକୁ ଯିବି । ଆଉ ଅସୁସ୍ଥ
ବେଳେ କଷ୍ଟ କରି କାହିଁକି ଚିଠି ଲେଖିବ ।

ସେ କିନ୍ତୁ ମୋ ଠିକଣା ଲେଖି ରଖିଲେ । ଆଉ ଚିଠି ଦେବେ
ବୋଲି କହି ମୋ ପାଇଁ ଜଳଖିଆ ଓ ଚା ଦେଲେ ।

Digitized by srujanika@gmail.com

ସେ ଦିନ କିନ୍ତୁ ମୁଁ ଆଉ ଅଫିସକୁ ଗଲି ନାହିଁ । ପ୍ରଗତିବାଦୀର ଲଳିତ ଭାଇଙ୍କୁ ସେଇଠି ଫୋନ୍ କରି ମନା କରିଦେଲି । ଏଥି ପାଇଁ ମୁଁ ଅବଶ୍ୟ ଲଳିତ ଭାଇଙ୍କ ନିକଟରେ ଏକ ମିଛ ସଫେଇ ଦେଇଥିଲି ।

ଅପାଙ୍କର କେତେଟା ଚୁମ୍ବକ ଅନ୍ୟଆଡେ ପଠାଇବାର ଥିଲା । ତେଣୁ ସେ ଗୁଡିକୁ ପ୍ୟାକିଂ କରି ଠିକଣା ଲେଖିଦେଲି । ଆଉ ତାଙ୍କ ପାଖରୁ ବିଦାୟ ନେଇ ଆସିଲା ବେଳକୁ ପ୍ରାୟ ୧୧ଟା ହୋଇଥିଲା ।

ବାର ତାରିଖରେ ମୁଁ ଘରକୁ ଗଲି । ଆଉ ଫେରିଲି ସତର ତାରିଖରେ ଘରୁ ଆସି ଭଦ୍ରକରେ । ବସ୍ ଚେଞ୍ଜ କରିବା କଥା । ସଙ୍ଗେ ସଙ୍ଗେ ସିଧା ଭୁବନେଶ୍ବର ବସ୍ ଟିଏ ପାଇଗଲି । ସିଟ୍ ଉପରେ ଆଟାଚି କେସ୍ ଥୋଇ ଦେଇ ମୁଁ ପାଖ ପାନ ଦୋକାନକୁ ପାନ ଆଣିବା ପାଇଁ ଗଲି । ସେଠି ପଡ଼ିଥିବା ପ୍ରଜାତନ୍ତ୍ର ଖେଳାଉ ଖେଳାଉ ହଠାତ୍ ନଜର ପଡିଗଲା ସେ ଦୁଃସମ୍ବାଦଟି ଉପରେ । ଅପା ଆଉ ଏଠି ନାହାନ୍ତି । ଏ କଥା ବିଶ୍ବାସ ହେଉନି । ଆଉ ଥରେ ସେ ସମ୍ବାଦଟିକୁ ପଢିଲି, କିନ୍ତୁ ପ୍ରକୃତରେ ସେ ଆଉ ନ ଥିଲେ । ଆମ୍ଭମାନଙ୍କୁ ଗୁଡି, ଚୁମ୍ବକର ଆକର୍ଷଣ ଭୁଲେଇ ସେ ଚାଲି ଯାଇଥିଲେ ତାଙ୍କ ପ୍ରିୟ ପରମ ପୁରୁଷଙ୍କ ପାଖକୁ ଯାହାଙ୍କୁ ସେ ଜୀବିତାବସ୍ଥାରେ ବି ସବୁବେଳେ ଝୁରି ହେଉଥିଲେ । □

* ଅଟଳ ବିହାରୀ ମହାବିଦ୍ୟାଳୟ
ବାସୁଦେବ ପୁର, ବାଲେଶ୍ବର

Digitized by srujanika@gmail.com

॥ ଅଶ୍ରୁ ତର୍ପଣ ॥

• ହଂସନାଥ ମୁଦୁଲି

ତୁମେ ଚାଲିଗଲ ଅପା ? ଏଇ ଦୁନିଆର ମାୟାଭୁଲି । ମିଛ ସଂସାରର ସବୁକିଛି ଭୁଲି ତୁମେ ଏକ ନୂଆ ଦୁନିଆର ସନ୍ଧାନରେ ଚାଲିଗଲ ।

ସବୁବେଳେ 'ଏକାମ୍ର' 'ଏକାମ୍ର' (ଏକାମ୍ର ସାହିତ୍ୟ ସଂସଦ) ହୋଇ ଶେଷରେ ସେଇ ତମର 'ଏକାମ୍ର' କୁ ଛାଡ଼ି ବି ଚାଲିଗଲ ।

ତୁମେ ଅନେକ କଳ୍ପନା କରିଥିଲ 'ଏକାମ୍ର' ପାଇଁ ଘର ଖଣ୍ଡିଏ କରିବସୁନ୍ଦର ଘରଟିଏ ସାମନାରେ ଚୌରିଟିଏ ଥିବ···
କେତେସୁନ୍ଦର କଳ୍ପନା ସତେ ! କିନ୍ତୁ ତୁମେ ସେସବୁକୁ ରୂପ ଦେବାକୁ ତ ରହିଲ ନାହିଁ ?

ତୁମେ ସବୁବେଳେ କହୁଥିଲ "ଏଇ ଏକାମ୍ରହିଁ ମୋର ପରିବାର' ଆଜି ଏକାମ୍ର ପରିବାରହିଁ ମୋର ଶବଦାହ କରିବ ।

ସେହି କଥା··· ନଷିଛ କଥା··· ସତ ହୋଇଗଲା । କେତେ ସ୍ନେହ ମମତା ସତେ ଥିଲା ତମର ଆମମାନଙ୍କପାଇଁ ଆଜି ତମର ମାନସ ସନ୍ତାନ "ଚୁମ୍ବକ' କଥାତ ଥରେ ଭାବିଲନାହିଁ । ମନେ ପଡ଼େ କିଛିଦିନ ତଳେ ତୁମେ ପ୍ଲାନ କରୁଥିଲ ତାର (ଚୁମ୍ବକର) ଅଷ୍ଟମ ବାର୍ଷିକ ଜନ୍ମୋତ୍ସବ ପାଳନ କରିବ ——ଆଉ କରିଥିଲ ମଧ୍ୟ । ଆମ୍ଭମାନଙ୍କୁ କେଇପଦ ମିଠାକଥା କହି । ସ୍ନେହମମତାରୁ କଣିକାଏ

Digitized by srujanika@gmail.com

ଲେଖାଏ ଦେଇ ସେଇଠାରେ ତ ଠକ ହୋଇଥିଲ । ସମସ୍ତେ କହୁଥିଲେ ଚମ୍ପକ କିପରି ଆଗକୁ ଆଗକୁ କୁଶଳରେ ଗତିକରୁ । କିନ୍ତୁ ଏ କଣ ହେଲା ! ତମର 'ଚମ୍ପକ' କିପରି ପ୍ରକାଶିତ ହେବ, ନା ଚୁପହୋଇ ବସିଯିବ ? -ନା ନା ତମେ କେବେ ଚୁପ ବସିପାରନା ତାହାପାଇଁ ଚମ୍ପକପାଇଁ — ସାରସ୍ୱତ ସେବାପାଇଁ ତମେତ ଘର ଭୁଲିଛ, ସ୍ୱାଇ ଭୁଲିଛ ଖାଇବା ପିଇବା ଭୁଲିଛ, ଦେହକଥା ଭୁଲିଛ-ତମେ କ'ଣ ଚୁପ ହୋଇ ତା ବିନା ବସିପାରିବ ।

ଏକାମ୍ର ଆଜିତାର ପରିବାର ବର୍ଗ ଆଜି ତୁମକୁ ଦେଖିବ ନାହିଁ ଝଡ଼ବର୍ଷା ପାଣିପବନକୁ ବେଖାତିର କରି ତମେ ଆସି ତମର ହସହସ ମୂର୍ତ୍ତି ଦେଖାଉଥିଲ ସେଇଟା ଆଉ ଆମେ ଦେଖି ପାରିବୁନାହିଁ । ତମର ସୁମିଷ୍ଟ ବାକ୍ୟାଳାପ, ମନଛୁଆଁ ଗଳ୍ପ କବିତା ଆମପାଇଁ ଏତିକରେ ଶେଷ କରିଦେଲ ?

ତମକୁ ଦେଇଛୁ କ'ଣ ? ଦେବୁବା କ'ଣ ? ଆରପାରିର ସେଇ ସୁନ୍ଦର ଦୁନିଆକୁ ଆଜିତ କିଛି ପଠାଇ ପାରିବୁନାହିଁ କେବଳ ବନ୍ଧୁ ଅଶ୍ରୁ ତର୍ପଣ କରୁଛୁ- ସ୍ନେହ ମମତା ନେଇ । □

* ବ୍ୟାଙ୍କ୍ ଅଫ ଇଣ୍ଡିଆ
ଜଶିପୁର, ମୟୂରଭଞ୍ଜ

Digitized by srujanika@gmail.com

॥ ଚୁମ୍ବକ କାନ୍ଦୁଛି ॥

ବସନ୍ତ କୁମାର ମଲିକ

ଯୁଗପରେ ଯୁଗ ନୁହେଁ, ବର୍ଷପରେ ବର୍ଷ ନୁହେଁ, ମାତ୍ର କେତୋଟି ମାସ—କେତୋଟି ଦିନ । ଆଗରୁ ଯେ ହସୁଥିଲେ, କାଲି ପରି ଲାଗୁଛି । ତା ଆଖିରେ ଆଖିଏ ଲୁହ । ସେ ଲୁହ ଲିଭିବାର ନୁହେଁ, ସଞ୍ଜ ସକାଳ ଭଳି ଯେ ଝରି ଝରି ଚାଲିଯାଉଛି । ଚୁମ୍ବକ କାହା ପାଇଁ କାନ୍ଦୁଛି ? ସେ କାନ୍ଦୁଛି ତାର ଜନନୀ ପାଇଁ । କେବଳ ଚୁମ୍ବକର ଜନନୀ ନୁହେଁ । ନବ ପ୍ରତିଭାଙ୍କ ଜନନୀ ସେ, ତାଙ୍କ ନିକଟରେ ଥିଲା ଅତୁଳନୀୟ ସ୍ନେହ । ଯିଏ ଥରେ ତାଙ୍କ ସଂସ୍ପର୍ଶରେ ଆସିଛି ସେ ଜାଣିଛି ସ୍ୱର୍ଗୀୟା ଶୈଳବାଳା ମହାନ୍ତିଙ୍କର ମାତୃସ୍ନେହ ।

ଅଙ୍ଗ ନଭେଇଛି । କଥାବାର୍ତ୍ତା ହୋଇଥିଲା ବରହମ୍ପୁର ଯିବା ବେଳେ ଭୁବନେଶ୍ୱରସ୍ଥ ତାଙ୍କ ବାସଭବନରେ । ପ୍ରଥମ ସାକ୍ଷାତରେ ଶିଶୁଭଳି ହସି ହସି ମୋର ନମସ୍କାର ଗ୍ରହଣ କରିଥିଲେ । କିନ୍ତୁ ମୁଁ ଥିଲି ସଂପୂର୍ଣ୍ଣ ଅପରିଚିତ । ତା ପରେ ପରିଚୟ···ସାହିତ୍ୟ କୃତି ସଂପର୍କରେ ଆଲୋଚନା ବର୍ତ୍ତମାନର ସାହିତ୍ୟ କ୍ଷେତ୍ରରେ ଚାଲିଥିବା ପ୍ରିୟାପ୍ରୀତି ଉତ୍କ୍ଷଣର ଯେ ଛବି ସମାଲୋଚନା କରିଥିଲେ । ତାଙ୍କର ଅତୁଟ ସ୍ନେହ ପୂର୍ଣ୍ଣ କଥାବାର୍ତ୍ତା ମାଧ୍ୟମରେ ମୋର ମଥା ନଇଁଯାଇ ଥିଲା । ଇଚ୍ଛା ହେଉଥିଲା ପାଦଧୂଳି ନେବାକୁ । ବସ୍ ଟାଇମ୍ ହୋଇ ଯିବାରୁ ମୁଁ ବିଦାୟ ନେଇ ଆସିଲି । ସେ ହସ ହସ ମୁହଁରେ ବିଦାୟ ଦେଇ କହିଲେ ଚୁମ୍ବକ ପାଇଁ ଲେଖା ପଠାଇବେ । ମୁଁ ନୂତନ ଲେଖକ ମାନଙ୍କୁ ଉତ୍ସାହିତ କରି ଆସୁଛି । ବାଟସାରା ଏହି ମହୀୟସୀ ଦେବୀପ୍ରତିମା ମହିଳାଙ୍କ କଥା ମୋର ସ୍ମୃତିପଟରେ ଭାସି ଉଠୁଥାଏ ।

Digitized by srujanika@gmail.com

କିନ୍ତୁ ସେଦିନ ହଠାତ୍ ଶୁଣିଲି ମୋର ସେହି ସ୍ନେହମୟୀଙ୍କର ଚିର ବିଦାୟ । ପ୍ରଥମେ ବିଶ୍ୱାସ କରି ପାରିଲି ନାହିଁ । ଯାହା ଚିରନ୍ତନ ସତ୍ୟ ତାକୁ ତ ବିଶ୍ୱାସ କରିବାକୁ ହେବ । ଜନ୍ମ ଆଉ ମୃତ୍ୟୁ—ଏ ତ ସମସ୍ତ ସଜୀବର କପାଳରେ ଲେଖା । କାଳଯମ ବଡ଼ ଦାରୁଣ, ସେ ଭଲ ମନ୍ଦ ବିଚାର କରେନି । ଅନ୍ତତଃ ସେ ଆଉ କିଛି ଦିନ ବଞ୍ଚିଥିଲେ ମୋ ଭଳି ନୂତନ ଲେଖକଙ୍କର ସାହସ ଆସିଥାନ୍ତା । ନିଜର ଲେଖନୀ ଚଳାଇବାକୁ ।

କବି ସ୍ୱର୍ଗୀୟା ଶୈଳବାଳା ମହାନ୍ତି କବିତାର ଅମୂଲ୍ୟ ସମ୍ଭାର ନେଇ ସେ ତାଙ୍କର ଜୀବନ ନଉକାଟିକୁ ଚଳାଇ ନେଇ ଶେଷରେ ବିଦାୟ ନେଲେ । କବିଙ୍କର ପ୍ରତିଭା ଆଜି ସାରା ଓଡ଼ିଶାର ପ୍ରତିକୋଣ ରେ ସମସ୍ତ କବିଙ୍କ ମନର ପ୍ରତି ରେଣୁରେ ପହଂଚି ପାରିଛି ଏଥିରେ ବୋଧେ କେହି ଦ୍ୱିମତ ହୋଇ ପାରିବେ ନାହିଁ । କବିଙ୍କ ପ୍ରତିଭାର ଯେତେବେଳେ ମୁଁ ପୂଜା କରିବାକୁ ଯାଉଛି ତାଙ୍କର ଗୋଟିଏ କବିତାକୁ ଆଲୋଚନାକୁ ଆଣୁଛି ।

ସଦ୍ୟ ପ୍ରକାଶିତ ବାଣେଶ୍ୱର କଥା ପବ୍ଲିକେଶନରୁ ଶ୍ରୀ ପଦ୍ମଦାଶଙ୍କ ସଂପାଦନରେ ପ୍ରକାଶ ହୋଇ ଥିବା କବିଙ୍କର ଏକ ମର୍ମାନ୍ତିକ କବିତା "କାଲିକି ସକାଳ ହେବ" । ସକାଳ ହେବ ପୁଣିଗୋଟି ହେବ ଏମିତି କେତେ ସକାଳ ଆସିବ ପୁଣିଯିବ । କିନ୍ତୁ ଏ ସକାଳ ଆଉ ସେ ସକାଳର ପାର୍ଥକ୍ୟ ଆକାଶ ଆଉ ପାତାଳ । ସେ ସକାଳ ଥିଲା ଫୁଲ ଫଳରେ ଭରା, ସେ ସକାଳ ଥିଲା ଚନ୍ଦନ ଗନ୍ଧରେ ଭରପୂର । କିନ୍ତୁ ଆଜିର ସକାଳ ଗନ୍ଧହୀନ ଆଉ ଥର ମରୁଭୂମିର ନିର୍ଜନତାର ଶବ୍ଦ ତ । ପବନରେ ଅଛି ସୀମାହୀନ ଜ୍ୱାଳା ଆଉ ଯନ୍ତ୍ରଣା, ମନ୍ଦିର ଆଜିପଡ଼ି ରହିଛି କିନ୍ତୁ ଦେବତା ତାହିଁ । କିନା ଅଛି ମାତ୍ର କର୍ପୂର ଉଡ଼ିଯାଇଛି । କବି ମର୍ମେ ମର୍ମେ ପରଖି ନେଉଥିଲେ ଏ ଦୁନିଆକୁ ।

Digitized by srujanika@gmail.com

ସେ ତାଙ୍କର ଅନ୍ତର୍ବେଦନା ପ୍ରକାଶ କରି ଏତିକି କେବଳ ଲେଖିଥିଲେ—

"କାଲିକି ସକାଳ ହେବ ଗହଳରେ ଭରିବନି ଦୁନିଆ
ଝରିଯିବ ବିଫଳ ବେଦନ ନିଭିବନି ମୋ ମନରୁ ନିଆଁ ।
ପରବର ଶୂନ୍ୟ ପଞ୍ଜିକାରୁ ମୁଁ ଖାଲି ବାରି ଦେଖୁଥିବି
ଅଶ୍ରୁଭିଜା ଆଖିର କଜ୍ଜଳେ, କେତେଆଉ କବିତା ଲେଖିବି ।"

ସେ ଚେତାଇ ଦେଇ ଗଲେ ଆଗାମୀ ବଂଶଧରମାନଙ୍କୁ । ସେ ବୁଝିଆର କରି ଦେଇ ଗଲେ ଆଗାମୀ ନୂତନ ସାହିତ୍ୟିକ ମାନଙ୍କୁ । ଧୈର୍ଯ୍ୟଧରି ସାହସୀ ହେବାକୁ ଉପଦେଶ ଦେଇ ଗଲେ କବିତା ମାଧ୍ୟମରେ । ସେ ଆଜିର ସାହିତ୍ୟର ପ୍ରତିଷ୍ଠାପ୍ରୀତି ତୋଷଣର ସେତୁବନ୍ଧକୁ ଭାଙ୍ଗି ଦେବା ପାଇଁ କହିଗଲେ ! କିନ୍ତୁ ହାୟରେ ବିଧାତା ଆଉ କିଛି ଦିନ ତାଙ୍କୁ ବଞ୍ଚାଇ ଦେଇଥିଲେ ସେ ନିଜ ଆଖିରେ ଦେଖି ଯାଇଥାନ୍ତେ ମନ୍ଦିର ମଧ୍ୟରେ ଦେବତା ରହୁଛନ୍ତି କି ନା ? ସେ ଅଶ୍ରୁରେ ଭିଜାଇ ନାହାନ୍ତି ତାଙ୍କ ଆଖିକୁ । ତାଙ୍କ ପାଇଁ ଅଶ୍ରୁଝରାଇ ସାରା ଭୁବନେଶ୍ୱରକୁ ଭିଜାଉଛି ତାଙ୍କର ଶ୍ରଦ୍ଧାର ଚୁମ୍ବକ—ଚୁମ୍ବକ ହରାଇ ଆଜି ଅଶ୍ରୁଭିଜାଉଛି ତାଙ୍କର ଅଳିଅଳି ଦୁହିତା ।

ତାଙ୍କ ଅମର ଆତ୍ମା ମୋ ଭଳି କେତେକ ଅନାଧେୟ ସାହିତ୍ୟ ସେବକଙ୍କୁ ସବୁବେଳେ ଉଦ୍ଦୀପନା ଏବଂ ସାହସ ଯୋଗାଉ ଏହାହିଁ ମୋର ମଙ୍ଗଳମୟ ସର୍ବନିୟନ୍ତାଙ୍କ ନିକଟରେ ପ୍ରାର୍ଥନା । □

ପା./ପୋ.- ବଡବିଲ
କେନ୍ଦୁଝର-୭୫୮୦୩୫

Digitized by srujanika@gmail.com

॥ ଅପାଶୋରା ଶୈଳଅପା ॥

• ବିବେକାନନ୍ଦ ପାଣିଗ୍ରାହୀ

ଶୈଳଅପା ଚାଲିଗଲେ ! ଏହି ଦୁଃସମ୍ବାଦ ବିଦ୍ୟୁତ୍ ବେଗରେ ଓଡ଼ିଶା ସାରା ଖେଳିଗଲା, ବେତାରଯନ୍ତ୍ର ଓ ଖବରକାଗଜ ପୃଷ୍ଠାରେ ତାଙ୍କର ଅକାଳ ବିୟୋଗ ଜନିତ ଖବର ଓଡ଼ିଶାର ବହୁ ତରୁଣ ଲେଖକ ଲେଖିକାଙ୍କୁ ଯେ ବେଦନ ମର୍ମାହତ କରିଥିବ ଏଥିରେ ସନ୍ଦେହ ନାହିଁ ।

ଶୈଳଅପାଙ୍କ ବିୟୋଗରେ ଓଡ଼ିଶା ଜଣେ ନାରୀ ଲେଖିକାଙ୍କୁ ହରାଇଲା, ଚନ୍ଦ୍ରିକା ତାର ଜନ୍ମଦାତ୍ରୀ ଓ ସମ୍ପାଦିକାଙ୍କୁ ହରାଇଲା । ବିଭିନ୍ନ ଲେଖକ ଲେଖିକା ସେମାନଙ୍କ ଜଣେ ସାରସ୍ୱତ ବନ୍ଧୁଙ୍କୁ ହରାଇଲେ ଶ୍ରେଷ୍ଠବଡ଼ ପତ୍ରିକାମାନ ସେମାନଙ୍କ ଜଣେ ପ୍ରିୟ ଲେଖିକାଙ୍କୁ ହରାଇଲେ । ମୁଁ କିନ୍ତୁ ଏସବୁ ସହ ଏକମତ ହେଲେବି ଉପରୋକ୍ତ ସତ୍ୟକୁ ଗ୍ରହଣ ନକରି ମୋ ପ୍ରିୟ ଶୈଳଅପାଙ୍କୁ ହରାଇଥିଲି । ସେ ମୋ ପାଇଁ ଥିଲେ ଶୈଳଅପା, ମୋପରି ବହୁ ଲେଖକ ଲେଖିକାଙ୍କପାଇଁ ସେ ଥିଲେ ଅପା । କଟକ ଓ ଭୁବନେଶ୍ୱରରେ ଅନେକ ତାଙ୍କର ନାଁ ନ ଜାଣିଥିଲେ ବି ଅପା କିମ୍ବା ଚନ୍ଦ୍ରିକା ଅପା କହିଲେ ବେଶ୍ ଜାଣନ୍ତି ।

ଶୈଳଅପାଙ୍କର ଏହି ସର୍ବଜନପ୍ରିୟତା ପଛରେ ଥିଲା, ତାଙ୍କ ଆତ୍ମୀୟତାର ଆକର୍ଷଣ । ସମସ୍ତଙ୍କୁ ସେ ଅତିକମ୍ ସମୟରେ ନିଜର କରି ନେଉଥିଲେ । ତାଙ୍କର ଅନାବିଳ ସ୍ନେହ ଓ ଶ୍ରଦ୍ଧା ସମସ୍ତଙ୍କୁ ତାଙ୍କସହ ନିବିଡ଼ ସଂପର୍କର ଡୋରିରେ ବାନ୍ଧି ଦେଉଥିଲା । ଏଣୁ ଅପା ସହ ଥରେ ପରିଚୟ ଓ ସଂପର୍କ ଆରମ୍ଭ ହେଲେ ଆଉ ପୂର୍ଣ୍ଣଚ୍ଛେଦ ପଡ଼େନା । ଅପା ତାଙ୍କୁ ସର୍ବଦା ସ୍ମରଣ କରେ, ଚିଠି ଲେଖେ, ଚନ୍ଦ୍ରିକା ପଠାଏ ।

Digitized by srujanika@gmail.com

ଦେଖାହେଲେ ଘରକୁ ନିମନ୍ତ୍ରଣ କରେ । ଅପାଙ୍କ ଘରକୁ ଯେ ଯାଇଛି ସେ ଖାଲିହାତରେ ଫେରେନି । ନିଶ୍ଚୟ କିଛି ଉପହାର । ଚମ୍ପକକୁ ଖଣ୍ଡେ ଦିଖଣ୍ଡ ସ୍ୱରଚିତ କବିତାଗ୍ରନ୍ଥ 'ଲୁହର ଯମୁନା' ଓ ଅନ୍ୟକୁ ତା ସହ ଅସୀମ ସ୍ନେହ ଓ ଶୁଭେଚ୍ଛା ।

୧୯୭୭ ଜୁନ୍‌ମାସର କଥା ମୁଁ ସେତେବେଳେ ବ୍ରହ୍ମପୁର ବିଶ୍ୱ-ବିଦ୍ୟାଳୟର ଛାତ୍ର ଥାଏ । ମୋ ସମ୍ପାଦନାରେ ଏକ ସାହିତ୍ୟପତ୍ର 'ଅଂଶୁମାନ'ର ପ୍ରକାଶ ପାଇଁ ମୁଁ ବ୍ୟସ୍ତଥାଏ । ସେତେବେଳେ ଅପାଙ୍କୁ ମୁଁ ଚିଠିଲେଖି କବିତା ପାଇଁ । ସପ୍ତାହେ ଭିତରେ କବିତା ସହ ଏକ ଦୀର୍ଘ ଚିଠି ଅନେକ ଶୁଭେଚ୍ଛା ସାଙ୍ଗରେ ଅନେକ ଉପଦେଶ ପଠାଇଥିଲେ ସେତେବେଳେ 'ଅଂଶୁମାନ'ର ସ୍ୱରୂପ ଓ ସମ୍ପାଦନା ସମ୍ପର୍କରେ ସନ୍ଦିହାନ ହୋଇ ବହୁ ଲେଖକ ଲେଖିକା ନୀରବ ରହିଲେ । କିନ୍ତୁ ଯେଉଁ କେତେଜଣ ଉତ୍ସାହ ଓ ପ୍ରେରଣାପୂର୍ଣ୍ଣ ଶୁଭେଚ୍ଛା ପଠାଇଥିଲେ ସେମାନଙ୍କ ମଧ୍ୟରେ ଶୈଳଅପା ଥିଲେ ଅନ୍ୟତମ ।

ସେଦିନ ମୁଁ ମୁଷ୍ଟିମେୟ ସହୃଦୟ କବି ଓ ସାହିତ୍ୟିକଙ୍କ ଭିତରେ ଆବିଷ୍କାର କରିଥିଲି ଶୈଳଅପାଙ୍କୁ । ତା ପରେ ମୁଁ ବରାବର ଲକ୍ଷ୍ୟ କରିଛି । ଅପାଙ୍କ ଉପଦେଶ "ବିବେକାନନ୍ଦ' ଅଂଶୁମାନ୍‌କୁ ଦୀର୍ଘଜୀବୀ ଓ ଶକ୍ତିମାନ କର" ଅଂଶୁମାନର ସେ ଥିଲେ ଜଣେ ପରମ ଶୁଭେଚ୍ଛୁ ।

ଦୀର୍ଘ ଗୁରବର୍ଷର ସମ୍ପର୍କଭିତରେ ବହୁବାର ଅପା ସହ ଦେଖା ହୋଇଛି । କେବେ ରବୀନ୍ଦ୍ର ମଣ୍ଡପରେ ତ, କେବେ ବିଷୁବ ମଣ୍ଡପରେ । ପ୍ରାୟ ପ୍ରତ୍ୟେକ ସାଂସ୍କୃତିକ ଓ ସାହିତ୍ୟିକ ସମାବେଶରେ ଅପାଙ୍କ ଦେଖାହୁଏ । ସର୍ବଦା ତାର ଉପସ୍ଥିତିର ଜଞ୍ଜାଳଗ୍ରସ୍ତ ପାରିବାରିକ ଜୀବନଭିତରେ ମଧ୍ୟ ସାହିତ୍ୟ ପ୍ରତି ଏଭଳି ଅପାର୍ଥିବ ମୋହ । ଖୁବ୍ କମ ଲେଖିକାଙ୍କ ପର ଦୃଷ୍ଟିଗୋଚର ହୋଇଥାଏ ।

ସେ ଥିଲେ ଜଣେ ମହୀୟସୀ ମହିଳା । ତାଙ୍କ ପ୍ରତିଭାର ପଟାନ୍ତର ନାହିଁ ! ଚଳନ୍ତି ସମୟର ବହୁ ନୀରବ ସ୍ରଷ୍ଟାଙ୍କ ଭିତରେ ଯେଥିଲେ

Digitized by srujanika@gmail.com

ଅନ୍ୟତମ । ଆଶୁକବିତ୍ୱ, ତାଙ୍କ ପ୍ରତିଭାର ଏକ ଲକ୍ଷ୍ୟଣୀୟ ଦିଗ । ପାଶ୍ଚାତ୍ୟ ଶିକ୍ଷା ଓ ସାହିତ୍ୟ ସହ ତାଙ୍କର ନିବିଡ଼ ପରିଚୟ ଥିଲା ସତ, ତଥାପି ତା ପ୍ରତି ତାଙ୍କର ଆଦର କମ୍ ନଥିଲା । କବିତା ଓ ଗଳ୍ପ କ୍ଷେତ୍ରରେ ବିଭିନ୍ନ ପାଶ୍ଚାତ୍ୟ ଟେକ୍‌ନିକ୍‌ର ପ୍ରୟୋଗକୁ ସେ ସ୍ୱାଗତ କରୁଥିଲେ । ସାହିତ୍ୟ ପ୍ରତି ତାଙ୍କର ନିଜସ୍ୱ ଦୃଷ୍ଟି ଭଙ୍ଗୀ ରହିଥିଲା । ଜୀବଧର୍ମୀ ସାହିତ୍ୟ ସୃଷ୍ଟି କରିବାକୁ ସେ ବେଶୀ ପସନ୍ଦ କରୁଥିଲେ ଓ ପ୍ରବର୍ତ୍ତିତ ଥିଲେ । ସେ ଏକାଧାରରେ ଥିଲେ ଜଣେ ସଫଳ କବି, ଗାଳ୍ପିକ ଓ ଶିଶୁ ସାହିତ୍ୟିକା । ଏଣୁ ପ୍ରାୟ ସବୁ ଶ୍ରେଣୀର ପାଠକ ପାଠିକାଙ୍କ ନିକଟରେ ସେ ପରିଚିତା ଥିଲେ । ନିରବଚ୍ଛିନ୍ନ ସାହିତ୍ୟ ସାଧନାରେ ସେ ଥିଲେ ଏକାନ୍ତ ବିଶ୍ୱାସୀ । ବ୍ୟକ୍ତିଗତ ଜୀବନର ଝଡ଼ଝଞ୍ଜା ଭିତରେ ସାହିତ୍ୟ ଥିଲା ତାଙ୍କର ଚିରସାଥୀ । ଏଣୁ ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ସେ ନିଜ ସାହିତ୍ୟିକ ଅଭିରୁଚିରୁ ବିଦାୟ ନେଇନଥିଲେ ।

ତାଙ୍କ ବିୟୋଗରେ ତାଙ୍କ ସ୍ଥାନ ଅପୂର୍ଣ୍ଣ ରହିଲା । ଦୁନିଆରେ କାହାସ୍ଥାନ କେହି ପୂର୍ଣ୍ଣ କରିପାରେନି । ଏଣୁ ଶୈଳଅପାଙ୍କ ବିଦାୟ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଗଲା । କିନ୍ତୁ ତାଙ୍କର ସାରସ୍ୱତ ଅବଦାନ ଓ ନିଷ୍ଠାପର ସାଧନା ଏ ଦେଶର ଲେଖକ ଲେଖିକା ମାନଙ୍କ ପାଇଁ ଉଦାହରଣ ହୋଇ ରହିବ । କାଳ ତାଙ୍କ କୃତିର ବିଚାର କରିବ ।

କାଲିପରି ତାଙ୍କ ସହାସ୍ୟ ମୁଖମଣ୍ଡଳ ଆଖିଆଗରେ ଭାସିଯାଉଛି କିନ୍ତୁ ଶୈଳଅପା ଆଜି ଏ ସଂସାରରେ ନାହାନ୍ତି । ସେ ଚାଲିଗଲେ, ତାଙ୍କ ସହ ଚୁମ୍ବକକୁ ବି ନେଇଗଲେ । ତାଙ୍କ ସ୍ମୃତିହିଁ ବଂଚିରହିଗଲା । ମୁଁ ତାଙ୍କର ଅକାଳ ବିୟୋଗ ପାଇଁ ଭଗବାନଙ୍କୁ ଏକ ଅଶ୍ରୁଳ ପ୍ରତିବାଦ କରି ଜଣେ ପରମ ଆତ୍ମୀୟାର କ ଶେଷ ସ୍ମୃତି କୁ ଅଶ୍ରୁଳ ନୟନରେ ସମ୍ମାନ ଜଣାଇ ହୃଦୟର ଶ୍ରଦ୍ଧାଞ୍ଜଳି ନିବେଦନ କରିଥିଲେ । □

* କଳିଙ୍ଗ ମହାବିଦ୍ୟାଳୟ

ଜି. ଉଦୟଗିରି

Digitized by srujanika@gmail.com

॥ ସିଏ ଜଣେ ମହୀୟସୀ ନାରୀ ଥିଲେ ॥

● ଶ୍ରୀ ପଞ୍ଚାନନ ଦାଶ

ସିଏ ଏକ ନାରୀ ଥିଲେ । ଓଡ଼ିଶାରେ— ଓଡ଼ିଆ ମାଟିରେ । ଏଇ ପାଣି ପବନକୁ ସେ ଅତି ନିଜର କରିଥିଲେ । ଏଇ ମାଟିକୁ ଜାବୁଡ଼ି ଧରିଥିଲେ ନିଜ ଭିତରେ । କିନ୍ତୁ, ଶେଷରେ ହେଲା କ'ଣ ? କ'ଣ ପାଇଲେ ସେ ଜୀବନରେ ? ବରଂ ନାନା ଯନ୍ତ୍ରଣା ଜର୍ଜ୍ଜରିତ ଜୀବନକୁ ତିଳ ତିଳ ଦଗ୍ଧ କରି ପରକୁ ଆପଣାର କଲେ । ଜୀବନର ସବୁ ସୁଖ ଅଜାଡ଼ି ଦେଉଥିଲେ ସାଧାରଣ ନିସ୍ୱହ ମଣିଷ ପାଖରେ । ଲେଖକ ବା ସାହିତ୍ୟିକଟିଏ ଦେଖିଲେ ଅମୃତଦାନ ଦେଉଥିଲେ । ତାଙ୍କ ପାଖରେ ସାନବଡ଼, ଧନୀ ଦରିଦ୍ରର ଧାରଣା ନଥିଲା । ଅଥଚ ସେ ଥିଲେ ଜଣେ ଡେପୁଟି ମେଜେଷ୍ଟ୍ରେଟଙ୍କ ସ୍ତ୍ରୀ ।

ସେଇ ମହୀୟସୀ ମହିଳାଙ୍କୁ ଓଡ଼ିଶାର ସବୁ ପ୍ରାନ୍ତରେ ସମସ୍ତେ ପ୍ରାୟ ଜାଣିଥିଲେ । ସମସ୍ତଙ୍କ ପାଖରେ ସେ ଗୋଟିଏ ସମ୍ବୋଧନ "ଅପା" । "ଶୈଳଅପା" କହିଲେ ସମସ୍ତେ ବୁଝୁଥିଲେ —ସମସ୍ତେ ଜାଣୁଥିଲେ । ବାରମ୍ବାର ସମସ୍ତଙ୍କ ମୁହଁରୁ ସେଇ ଅପାଙ୍କର ଭୂୟସୀ ପ୍ରଶଂସା ଶୁଣିଶୁଣି ପ୍ରବଳ ଇଚ୍ଛା ହେଲା ଥରୁଟିଏ ଦେଖିବାପାଇଁ । ସୁଯୋଗ ଅପେକ୍ଷାରେ ରହିଲି । ସୁଯୋଗ ପରିବର୍ତ୍ତେ ଦୁର୍ଯୋଗ ଭିତରେ ତାଙ୍କସହ ମୋର ଚିହ୍ନାହୁଏ ଅତି ଅକସ୍ମିକ ଭାବେ । ସେ ଏକ ପୁରୁଣା କଥା—ମୋର ବନ୍ଧୁ କହ୍ନେଇ ଏବେ ସ୍ୱର୍ଗରେ । ତା'ଠାରୁ ବହୁବାର ଶୁଣିଛି ଏଇ ଅପାଙ୍କ କଥା । ବେଳେବେଳେ କହନ୍ତି, କେଇ ଘଣ୍ଟା ସେଇଭଳି ଏକନାରୀ ପାଖରେ ଛାଡ଼ିଦେ । ଜୀବନର ଗତି ପଥ ବଦଳି ଯାଇପାରେ । ବିଚାର କଥା ହେଉଥିଲା, ନେଇ ଯିବ ମାସ ଠିକ୍ ଏଇ

Digitized by srujanika@gmail.com

ଆଲୋଚନା ପରେ ପରେ ଆମର ଉଥାକାର କହିଲେ ଆଜ ବାଙ୍ଗଲୋରରୁ ଫେରିଲେ । ଯା'ହେଉ ସେଇ କହୋଇର ଅକାଳ ବନ୍ୟାଗାରେ ମର୍ମାହତ ହୋଇ ଯେଉଁ କବିତାଟିଏ ଲେଖିଥିଲି ପ୍ରଜାତନ୍ତ୍ରରେ, ସେଇ କବିତା ହିଁ ଅପା ସହ ପରିଚୟ ହେବାର ମୁଖ୍ୟ କାରଣ । ହଠାତ୍ ଅପ୍ରତ୍ୟାଶିତ ଭାବେ ଚିଠିଟିଏ ପାଇଲି । ଚିଠି ଶେଷରେ ଲେଖାଅଛି ତମର 'ଶୈଳ ଅପା' । କ୍ରମଶଃ ଚିଠିର ଯୋଗାଯୋଗ ବଢ଼ିଲା । "ଚୁମ୍ବକ" ପାଇଁ ଲେଖା ପଠେଇଲି, ଛପା ହେଲା ।

୧୯୬୭ ମସିହା 'ବଷୁବ'କୁ ଯିବାପାଇଁ ଅପା ବାରମ୍ବାର ଲେଖିଥିଲେ । ଗଲି ଓ ପ୍ରଥମେ ପହଞ୍ଚିଲି ତାଙ୍କ ଘରେ । ସେଘର ସେଦିନ ମୋ ପାଇଁ ଥିଲା ଦେବାଦ୍ୱାର । ବନ୍ଧୁ ରାମଚନ୍ଦ୍ର ସାହୁଙ୍କ ସହ ତାଙ୍କଘରେ ପହଞ୍ଚିଲି । ନୂଆଲୋକ ମୁଁ । କାହାକୁ ଚିହ୍ନିନି । ପ୍ରଥମେ ଯିଏ କବାଟ ଖୋଲିଲେ, ସେଆଉ କେହି ନୁହେଁ — ତାଙ୍କ ଝିଅ ମନ୍ନା (ଶୁଭଲକ୍ଷ୍ମୀ) ରାମବାବୁଙ୍କ ଠାରୁ ମୋ ନାଁ'ଟା ଶୁଣି ଏତେ ବେଶି ଖୁସି ହୋଇଥିଲା ଯେ ସେ ଦୃଶ୍ୟ ଆଜିବି ମୋର ମନେପଡ଼େ । ବହୁ ସମୟ ଅପେକ୍ଷା ଓ କଥାବାର୍ତ୍ତା ପରେ ଅପାଙ୍କର ଦେଖାପାଇଲି । ପଚାରି ବୁଝିଲି, ପଟେକା କାମରେ କୁଆଡ଼େ ବାହାରକୁ ଯାଇଛନ୍ତି, ମାତ୍ର ଘରେ ଝିଅ ମାନ୍ନା ଓ ସ୍ୱାମୀ ସୁରବାବୁ (ସୁରେନ୍ଦ୍ର ନାରାୟଣ ମହାନ୍ତି)ଙ୍କୁ ବାରମ୍ବାର ମୋ କଥା କହି ଯାଇଛନ୍ତି ଯେ ମୁଁ ପହଞ୍ଚିଲାପରେ ମୋର ଯେମିତି କୌଣସି ଅସୁବିଧା ନହୁଏ । ସୁରବାବୁ, ବଡ଼ପୁଅ ରୁମା (ସୀତାନାଥ)ମଝିଆଁ ପୁଅ ମୁନାଙ୍କ ସହ ପରିଚୟ ହେଲା । ସମସ୍ତଙ୍କର ଅମାୟିକ ବ୍ୟବହାର ମୋତେ ମୁଗ୍ଧ କଲା ।

କିଛିସମୟ ପରେ ଅପା ଫେରିଲେ । ମୋତେ ଦେଖି ସେ ବହୁତ ଖୁସି ହେଲେ । ମୋର ସୁବିଧା ଅସୁବିଧା, ଖାଇବା ଓ ଅନ୍ୟାନ୍ୟ ସବୁ-କଥା ପଚାରି ବୁଝିଲେ—ମୋ ଘର ପିଲାମାନଙ୍କ କଥା, ଠିକ୍ ନିଜ ମା'ଟି ପରି । ଯାହାସବୁ କାନରେ ଶୁଣିଥିଲି -ଏବେ ଆଖିରେ ଦେଖିଲି । ସାରାରାତି ଗପିଲୁ ।

Digitized by srujanika@gmail.com

ଘରର ଜଞ୍ଜାଳମୟ ଜୀବନରେ ତୀକ୍ଷ୍ଣ ଅନୁଭୂତି ଭିତରେ ସାହିତ୍ୟକୁ ବଞ୍ଚେଇ ରଖିବା ଯେ କେତେ କଷ୍ଟକର, ସେକଥା ଏକା ସେଇ ଜାଣିଥିଲା । ଗାଁର ଜମିବାଡ଼ି ବୁଝିବା, ଧାନ ଅମଳ କରି ଘରକୁ ଆଣିବା, ସହରରେ ରୋଷେଇ ସରି ବଜାର କରି ପିଲାମାନଙ୍କ କଥା ପୁଣି ଅନିଦ୍ରା ହୋଇ ସାହିତ୍ୟ କରିବା ଓ ସାହିତ୍ୟ ପତ୍ରିକା ‘ଚୁମ୍ବକ’କୁ ନିୟମିତ ପ୍ରକାଶ କରିବା ଜଣେ ନାରୀ ପକ୍ଷେ କେତେ ଯେ କଷ୍ଟଦାୟକ ଓ ଦୁଃସାଧ୍ୟ ତାହା ପ୍ରତ୍ୟେକ ସାହିତ୍ୟିକ ଓ ସମ୍ପାଦକମାନେ ମର୍ମେ ମର୍ମେ ଅନୁଭବ କରି ପାରିବେ ।

ତା'ର ଭିତରେ ତା'ର ଜୀବନ । ତାର କବିତା ଓ ଗଳ୍ପ ପ୍ରାୟ ସବୁ ଶ୍ରେଣୀର ପାଠକଙ୍କୁ ଆନନ୍ଦ ଦେଉଥିଲା । "ଢେଉ ଢ଼େସିମିଲର ‘ଅଳିଆ ଶିଖା’, ‘ଲୁହର ଯମୁନା’ ପ୍ରଭୃତି କାବ୍ୟଗ୍ରନ୍ଥଗୁଡ଼ିକ ତାର ନିଜସ୍ୱ ଅନୁଭୂତି । ବାସ୍ତବ ଜୀବନର ନିଖୁଣ ଚିତ୍ର ଦେଇ ଅତି ସହଜ । ସରଳ ଓ ସାବଲୀଳ ଛନ୍ଦରେ ଯେ ରଚନା କରିଥିଲା ତା'ର କବିତାଗୁଡ଼ିକୁ, ଯେଉଁ କବିତା ଆଜି ନୁହେଁ—ଯୁଗ ଯୁଗ ପାଇଁ କାଳଜୟୀ ।

ସ'ହେଉ, ଏମିତି ବହୁବାର ମୁଁ ତା ଘରକୁ ଯାଇଛି । ସ୍ନେହ ମମତାର ମୂର୍ତ୍ତିମନ୍ତ ପ୍ରତୀକଟିଏ । ତା'ର ଆତିଥ୍ୟ, ଆନ୍ତରିକତା ସବୁ ଆଜି ମନେ ପଡ଼େ । ମନେ ପଡ଼େ, ଯେଉଁ ଲୋକ ବାଲେଶ୍ୱର ଆସିଲେ ମୋର ଦରିଦ୍ର କୁଡ଼ିଆକୁ ଆଦରି ନିଏ । ଶୋକ-ଦୁଃଖରେ ଖୁସି ହୁଏ । ଏଇ ଅଳ୍ପ ଦିନର ଘଟଣା—ଗଲା ବର୍ଷ ମେ' ମାସ (୧୯୮୦) । ହଠାତ୍ ଚିଠିଟିଏ ପାଇଲି । "ପଞ୍ଚ ନନ ! ତମେ ପ୍ରସ୍ତୁତ ହୋଇଥିବ ମୋ ସହ ଦିନେ ଦୁଇଦିନ ପାଇଁ କଲିକତା ଯିବାକୁ । ମୋର ସେଠାରେ ‘ଚୁମ୍ବକ’ ପତ୍ରିକା ସଂପର୍କରେ ଜରୁରୀ କାମ ଅଛି ।" ଠିକ୍ ସେଇ ସପ୍ତାହରେ ସେ ଆସି ପହଞ୍ଚିଲା । କଲିକତା ଗଲୁ । ସାଙ୍ଗରେ ଥାଏ ତା'ର ସବା ସାନ ପୁଅ କୁନା । କଲିକତାରୁ ଫେରିବା ପରେହିଁ ଆଉ ଆମ ସହ ମୋର ଦେଖା ହୋଇନି । ହଠାତ୍ ତା'ର ମୃତ୍ୟୁ ସମ୍ବାଦ ଶୁଣି ବିଶ୍ୱାସ କରି ପାରିଲିନି— ଅଥଚ ଯେ ଏତେ ଚଞ୍ଚଳ ଓଡ଼ିଶାର ଅସଂଖ୍ୟ ଭାଇ ଭଉଣୀ

Digitized by srujanika@gmail.com

ମାନଙ୍କୁ ଏକା ଛାଡ଼ି ଚାଲିଯିବ । ମୋ ସ୍ତ୍ରୀ ତା'ର ଭାଉଜ । ବହୁତ ଭଲ ପାଉଥାଏ ସେ । କହି ଯାଇଥିଲି ୮୯ ବଷୁବକୁ ତାକୁ ତା'ଘରକୁ ସାଙ୍ଗରେ ନେଇଯିବାକୁ ।

ଏଥର ବି 'ବର୍ଷ ବ' ଆସିଛି । କିନ୍ତୁ ତାର କବିତା ଆଉ ଶୁଣା ହେଉନି । ବହୁ ସାହିତ୍ୟିକ ସଭା ସମିତି, ସମ୍ମିଳନ ହେଉଛି, ଅଥଚ ସେ ସେଠି ପହଞ୍ଚି ପାରୁନି । ଏତେ ଚଞ୍ଚଳ ଯେ ସେ ନିଜକୁ ଜଳାଞ୍ଜଳି ଦେଇ ଚାଲିଯିବ, ଏକଥା ଓଡ଼ିଶାର ସାହିତ୍ୟିକମାନେ କେବେ ଚିନ୍ତା କରି ନଥିଲେ । ଆଜି ଆଉ ତାର ସୁକୋମଳ କଣ୍ଠସ୍ୱର ଶୁଭୁନି । ଆଜି ମନର ଆକୁଳତାର ନୀରବ ପ୍ରତିଧ୍ୱନି—ପୁଣି ଥରେ ଅପା ଫେରି ଆସନ୍ତା କି ? ଫେରି ଆସନ୍ତା ଆମରି ଭିତରକୁ— ॥ □

✻ ଗୋପାଳଗାଁ, ବାଲେଶ୍ୱର

Digitized by srujanika@gmail.com

॥ ଠିକଣା ବିହୀନ ମଣିଷ ନିକଟକୁ ଚିଠି ॥

● ଦେବ ପ୍ରସାଦ ଦାସ

ଅପା,

ନମସ୍କାର ନେବ ।

ଏମିତି ନମସ୍କାରଟେ କଣ ବୋଲି ଅଭିମାନ କରିବନି । କାରଣ ସେ ପୁରର ମଣିଷମାନଙ୍କ ମଧ୍ୟରେ ନମସ୍କାରର ଆଦାନ ପ୍ରଦାନ କିପରି ହୁଏ, ସେ ଧର୍ମକର୍ମରେ ଆମ ପୃଥିବୀର ମଣିଷ ଜାଣନ୍ତି ନାହିଁ ।

ଏମିତି ତ ଚିଠି ଦିଆନିଆରୁ ଆମ ସମ୍ପର୍କ ଗଢି ଉଠିଥିଲା । ତମ ନିକଟରୁ ଚିଠି ଖଣ୍ଡେ ପାଇଲେ ଅଜଣା ପୁଲକ ମନରେ ଖେଳିଯାଏ । 'ଚୁମ୍ବକ'ରେ ମୋ ଲେଖା ପଢ଼ି କିଏ କିପରି କମେଣ୍ଟ୍ ଦେଇଥିଲେ ସେ ବିଷୟରେ ତମେ ଲେଖିଥାଅ । ଏତେ ସ୍ନେହ ସେହି ନିର୍ଜୀବ କାଗଜ ଖଣ୍ଡିକରେ ଥାଏ । ସେସବୁ ବର୍ଣ୍ଣନା କରିବା ଶକ୍ତି ଏବେ ନାହିଁ ! ଆଜି କାଲି ଲେଖାଲେଖି ଟିକେ କମିଯାଇଛି । ତମପରି କେତେକ ହିତାକାଂକ୍ଷୀ ସମ୍ପାଦକଙ୍କ ପ୍ରେରଣା ଆଜି ସ୍ୱପ୍ନ । ତମେ ତ ଦେହ ଛାଡ଼ି ଚାଲିଗଲ । ଯେଉଁମାନେ ଅଛନ୍ତି, ସେମାନେ ବଞ୍ଚିଥାଇ ମଧ୍ୟ ମରି ଯାଇଛନ୍ତି ।

ହଠାତ୍ ଦିନେ ମୁଁ ଭୁବନେଶ୍ୱରର ତମ ଟାଇପ୍ ଫୋର୍ କ୍ୱାର୍ଟରର କବାଟ ବାଡେଇଲି । କବାଟ ଖୋଲି ତମେ ଅନେକ ପ୍ରଶ୍ନ-ବାଚୀ ନେଇ ଠିଆ ହେଲ । ମୁଁ କହିଲି, ମୁଁ ଦେବ ଦାସ । ତା'ପରେ ତମେ ଫଟ୍‌କିନି ମୋ ହାତ ଧରି ଟାଣି ଟାଣି ଘରକୁ ନେଇଗଲ ।

Digitized by srujanika@gmail.com

ଭୁବନେଶ୍ୱର ରହଣି ସମୟରେ ପ୍ରାୟ ପ୍ରତିଦିନ ତମ ସହ ଦେଖା ହୁଏ । ଭୁବନେଶ୍ୱରରୁ ଫେରିଲା ପରେ ବହୁଦିନ ଯାଏଁ ତମ ସହ ଦେଖା ହେଲନି । ଏ ଭିତରେ ତମେ ଯେ କେମିତି ନିଷ୍ଠୁର ଭାବେ ଆମ ସମ୍ପର୍କକୁ ଛାଡ଼ି କେମିତି ଏକ ନୂଆ ଘରକୁ ଚାଲିଗଲ, ମୁଁ ତ କେବେ ଭାବିନଥିଲି ।

ମଣିଷର ଜୀବନଧାରା ଭିତରେ ଆକସ୍ମିକ ଭାବେ ଏପରି କେତେକ ଘଟଣା ଘଟିଯାଏ, କାହିଁ କି ? ଆମ ପୃଥିବୀର ବାୟୁମଣ୍ଡଳ ତ ଏମିତି ?

ଆମ ପୃଥିବୀର ଗୋଟିଏ ପବିତ୍ର ଧର୍ମଗ୍ରନ୍ଥ 'ଗୀତା'ରେ ମଧ୍ୟ ଏକଥା ଉଲ୍ଲେଖ ଅଛି—

"ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋ ପରାଣି
ତଥା ଶରୀରାଣି ବିହାୟ ଜୀର୍ଣ୍ଣା
ନନ୍ୟାନି ସଂଯାତି ନବାନି ଦେହୀ"

ସେଇ ଗୋଟିଏ ଦିନର ସ୍ମୃତି । ଅନେକ ସମୟରେ ମୋର ମନେ ପଡ଼େ । ସେଇ ଗୋଟିଏ ଦିନ । ଗୋଟିଏ ରିକ୍ସାରେ ଆମେ ବଜାରକୁ ଗଲୁ । ଥଣ୍ଡା ତ ପଡ଼ୁଥାଏ । ମୋତେ କାଶ ହେଉଥାଏ । କୌଣସି ଜିନିଷ କିଣିବା ଆଗରୁ ତମେ ମୋପାଇଁ ଭିକ୍ସ ପ୍ୟାକେଟ୍‌ଟିଏ କିଣିଦେଲ । ତମେ ମୋତେ ନିଜର ଭାଇ ଠାରୁ ବି ଅଧିକ ଭଲ ପାଉଥିଲ । ସେଥିପାଇଁ ତମେ ଦୁନିଆର ଅନେକ ପର ଲୋକଙ୍କୁ ନିଜର କରିଥିଲ ସ୍ନେହ ବନ୍ଧନରେ ।

ତା ଆରଦିନ । ମୁଁ ଫେରିଲି । ସେଇଥିଲା ଆମର ଶେଷ ସାକ୍ଷାତ । ମୁଁ କଳ୍ପନା ଛକରେ ରିକ୍ସାରୁ ଓହ୍ଲାଇଲି । ତମକୁ ଦେଲି ଶେଷ ବିଦାୟ । ତମ ରିକ୍ସା ଚାଲିଲା । ତମେ ପଛକୁ ଚାହିଁ ହାତ ହଲାଉଛ ଆଉ ମୁଁ ଛକ ଉପରେ ଠିଆ ହୋଇ ତମକୁ ବିଦାୟ ଜଣାଉଛି । ମୋ ଚାରିପଟେ ଘେରି ଯାଇଛନ୍ତି କେତେକ ବ୍ୟସ୍ତ ବିବ୍ରତ ଦ୍ରୁତଗାମୀ ଯାନ । ସେମାନଙ୍କର ବ୍ୟାକୁଳ ଧ୍ୱନି ମୋ କାନକୁ ଅତଡ଼ା କରି ପକାଉଛି ।

Digitized by srujanika@gmail.com

ସେଇ ଆମର ଶେଷ ଦେଖା । ରେଡ଼ିଓରୁ ଶୁଣିଲି ତମ ମୃତ୍ୟୁ । ଖବର କାଗଜରୁ ପଢିଲି । ଏବେ ମାନା ପାଖରୁ ସ୍ମରଣିକା ପାଇଁ ଲେଖା ଆବଶ୍ୟକ ଚିଠି ପାଇଲି । ହେଲେ ସତରେ ଯେ ତମର ମୃତ୍ୟୁ ହୋଇଛି, ମୁଁ ତ ଅନୁଭବ କରି ପାରୁନ ।

ବେଳେ ବେଳେ ତମ 'ଲୁହର ଯମୁନା' ପଢେ । କୌଣସି ପୁରୁଣା ମାଗାଜିନ୍‌ରୁ ବାରମ୍ବାର ତମ ଲେଖାଗୁଡ଼ିକ ପଢିବାକୁ ଭଲ ଲାଗେ ଯଦିଓ ଆଗରୁ ସେଗୁଡ଼ିକୁ ମୁଁ ପଢ଼ୁନଥିଲି । ତେଣୁ ମୋର ମନେ ହୁଏ ତମେ ବଞ୍ଚିଛ ରକ୍ତମାଂସର କାୟା ଧରି ତମ ଲେଖା ଗୁଡିକ ଭିତରେ ।

ଯେ ଯାହାହେଉ, ଆମ ପୃଥିବୀର ଅଧିବାସୀଙ୍କ ମତରେ ତମର ମୃତ୍ୟୁ ହୋଇଛି । ତମପାଇଁ ସ୍ମରଣିକା ଛପା ହେବ । ତମେ ଏ ବିଷାକ୍ତ ପୃଥିବୀରୁ ଚାଲିଯାଇ ଏକ ଚିର ସୁନ୍ଦର ପୃଥିବୀରେ ଯେ ଶାନ୍ତିରେ ବସବାସ କରୁଛ, ଏହାହିଁ ଆମ ନିକଟରେ ଏକ ସ୍ମରଣୀୟ ଘଟଣା ।

ରହିଲି । କେବେ ଦିନେ ତମ ସହ ସେ ପୁରରେ ଦେଖା ହେବ, ସେତେବେଳେ ଅନ୍ୟ ସବୁ କହିବି ।

ତୁମର

ଦେବ ପ୍ରସାଦ ଦାସ □

Digitized by srujanika@gmail.com

॥ ମୋତିମାଣିକରୁ କଣା ॥

• ଶ୍ରୀ ମଧୁସୂଦନ ଦାସ

ସ୍ୱର୍ଗତା ଶୈଳଅପା କେତେଜଣ ସ୍ରଷ୍ଟାଙ୍କ ଜୀବନର କେତୋଟି ମୁହୂର୍ତ୍ତ ସୃଷ୍ଟିଶୀଳ ଓ ସ୍ମରଣୀୟ କରିଦେଇ ଯାଇଛନ୍ତି । ସେଇ ମୁହୂର୍ତ୍ତର ସୃଷ୍ଟି ଉପରେ ଦୃଷ୍ଟିପାତ କରି ତାଙ୍କର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ପ୍ରଣତି ଜଣାଉଛି ।

ଡିସେମ୍ବର ମାସ ଅଣତିରିଶ ତାରିଖ ବା'ସ୍ତରି ମସିହାର କଥା । ଗମ୍ଭୀର ବିଚିତ୍ର ମୁହୂର୍ତ୍ତଗୁଡ଼ିକୁ ବିକଟ ରଙ୍ଗରେ ରଚନା କରି କରି, ଶଙ୍କିତ ସନ୍ତ୍ରମରେ ବାଟ ଛାଡ଼ି ଛାଡ଼ି ହଟି ଯାଇଥିବା ବଣ ପାହାଡ଼, ନଈ ଓ ଧାନକ୍ଷେତ ସଙ୍ଗରେ ଲଗା କାଳର ସ୍ମୃତି ଭିତରକୁ ଉଡାଇ ନେଇ ନେଇ ରେଳଗାଡ଼ି ମାଡ଼ି ଚାଲିଥିଲା ବିଜୟନଗରମ୍‌ରୁ କଟକ ଅଭିମୁଖେ । ସେଇ ଭୂମିକମ୍ପର ଚଳନ୍ତା ମିନି ପୃଥିବୀ ଭିତରେ ଧାରାବାହିକ ଭାବରେ ଦୋହଲି ଦୋହଲି ଅଳସ ବିଶ୍ରାମ ଭୋଗ ଆମକୁ ଆଗେଇ ଯାଉଥିଲା । ଅନେକ ଆଗରୁ ଅନେକ ପଛରେ ଛାଡ଼ି ଆସିଥିଲୁ । ବଣ ପାହାଡ଼ର ଆଞ୍ଜୁଳାରେ ମଧୁର ଅଭିଭୂତ ଆତିଥ୍ୟ ଓ ସଜଳ ସ୍ମୃତିର ସହର ଜୟପୁର । "ଗୁମାର ଘାଟି ପାହାଡ଼ୀ ଓଠରୁ ଥାକ ଥାକ ଜଙ୍ଗଲୀ ଛୁଟକୁ ଜଙ୍ଗଲରୁ ଗଛଲତା ହାତେ ହାତ ଛନ୍ଦାଛନ୍ଦି ପାହାଡ଼ୀ ନଈକୁ, ସେଠାବରେ ଚୂନା ଚୂନା ଝରଣା ପାଣିକୁ । ଝରଣାରୁ ତରଳ ଆଲୋକମଖା ମସୃଣ କ୍ଷେତକୁ । ଡେଇଁ ଡେଇଁ" ଶୋଭାର ସୁବର୍ଣ୍ଣ ପକ୍ଷୀ ଖେଳି ବୁଲି-ବାର ଦୃଶ୍ୟ ବହୁତ ପଛରେ ପକାଇ ବାସ୍ ଆମକୁ ଆଣି ସଞ୍ଜବେଳକୁ ପହଞ୍ଚାଇ ଦେଇଥିଲା ବିଜୟ-ନଗରମ ଷ୍ଟେସନରେ । "କେତେ ରଙ୍ଗ ଆକାଶର ଗୋଳି ହୋଇ ପାଲୁରର ମୁହଁ" ଦିଶୁଥିଲା ଲାଲ୍

Digitized by srujanika@gmail.com

ଗୋଲପର ମୁହଁ ପରି ଅନେକ ଆଗରୁ । "ପାଦତଳରୁ ସରୁ ସରୁ ବଙ୍କା ବଙ୍କା ଉଠାଣି ଗଡାଣି ରାସ୍ତା" ନିର୍ଜନତା ଭୁଣି ଭୁଣି ଅନେକ ପଛକୁ ପଛକୁ ଘୁଞ୍ଚି ଯାଇଥିଲା । ଦୂର ଦିଗ୍‌ବଳୟ ତଳେ ନାଳ ନାଳ ପାହାଡ଼ ଆଉ ଆମନ୍ତ୍ରଣ ଜଣାଉ ନଥିଲା । ଗଛଲତା ଧୀରେ ଆସି ଆସି ପଥ ଓଗାଳୁ ନ ଥିଲେ, କେଉଁ ଅଜଣା ରାଜ୍ୟରୁ ଝରଣା ଅସି ଆସି ଅଜ୍ଞ କୁଳୁକୁଳୁ ଗୀତ ଗାଉ ନଥିଲା । କାହିଁ କେତେ ଦୂରରେ "ଟ୍ରପ୍ ଟ୍ରପ୍ ପାହାଡ଼ ଖୋଲରେ ଦିନଟାର କାମ ସାରି····· ବଂଶୀର ମସୃଣ କୋଳରେ" ଶୋଇ ପଡ଼ିଥିଲା ଜୟପୁର ହୃଦୟର ତାର ଜନ୍ମମୃତ୍ୟୁ ଏବଂ ଛଳନାର 'ଗୁମା କଣ୍ଠସ୍ୱର" ବହନ କରି । ସାଲୁର ପ୍ରଥମ ବୁଢ଼ୀ ଅସୁରୁଣୀର ଭୟଙ୍କର ରୂପରେ ଦେଖା ଦେଇ କ୍ରମେ ଆଈମା'ର ସ୍ନେହରେ କବିକୁ ବିମୋହିତ କରି ଶୁଆଇ ପକାଇଲା ବେଳେ ନିଜ ହୃଦୟର ଅନ୍ଧାରରେ ଆଖି ବୁଜି ଦେଇଥିଲା । ସ୍ମୃତି ହୋଇ ଯାଇଥିଲା । ଜୟପୁର ଯିଏ ଦେଇଥିଲା ତିନି ଦିନ କାଳ "ତା'ର ପ୍ରେମର ଇଙ୍ଗିତ" ପ୍ରୀତିର ମଧୁର ଗନ୍ଧ" ଓ ଗାଉଥିଲା "ପାଖେ ପାଖେ ରହି ରହି" "ପ୍ରିୟାର ସଙ୍ଗୀତ ।" ସାଲୁର ତଳ ନାଳ ବନ" ସବୁଜ ବନାନୀର ସାମ୍ୟ ସତ୍ତ୍ୱ ଓ କପୋତ ମନ" ଭିତରେ 'ମୁଁ'ର ଅନ୍ୱେଷଣ ଅନ୍ଧକାରରେ ଅନ୍ତ ହୋଇ ଯାଇଥିଲା । କବି ଲେଖକ-ଲେଖିକା, ଯେଉଁ ମାନେ ଯୁବ ଲେଖକ ସମ୍ମେଳନର ବାର୍ଷିକ ମିଳନରୁ ଫେରୁଥିଲୁ, ସଭିଙ୍କ "ମନରେ ପରଜା ଝିଅ" ବାନ୍ଧୁଥିଲା "ସ୍ମୃତିର ଜଞ୍ଜିରେ ।" ବେଳ ଗଳିଯାଇଥିଲା—ବାଟ ସରି ଯାଇଥିଲା—ଦେବମାଳୀ, ଗୁମାର, ସାଲୁର ଓ ସନୁବେଡ଼ର ଶୋଭା-- ଆମ୍ଭମାନଙ୍କୁ ସ୍ୱାଗତ ଜଣାଇଥିବା ଆଦିବାସୀ ନର-ନାରୀଙ୍କର ପ୍ରାଣଖୋଲା ନାଚଗୀତ, ଜୟପୁରରାଜା ଓ ଏମ୍. ଏଲ୍. ଏ ଏବଂ ଜନସାଧାରଣଙ୍କ ବାତ୍ସଲ୍ୟବହୁଳ ତଥା ଆନ୍ତରିକ ଆତିଥ୍ୟ ଅଶ୍ରୁସଜଳନୟ ବିଦାୟ ବେଳର ଆଲିଙ୍ଗନ-କଷ୍ଟ ଭୁଲି ପାରୁ ନଥିଲୁ; ବୁକୁରେ ସାଉଁଟି ଟୋଳୁଥିଲୁ ସୁନ୍ଦର ମଧୁର ସ୍ମୃତି ।

ଜଣେ ଜଣେ ଲେଖକର ଗୋଟିଏ ଶୁଭମୁହୂର୍ତ୍ତର ଉଚ୍ଚାରଣ ଲିପିବଦ୍ଧ ହେଲେ କାଳକାଳକୁ ଆନନ୍ଦର ଖୋରାକ ହୋଇଯାଏ । ଏପରି

Digitized by srujanika@gmail.com

ଶବ୍ଦଗ୍ରହଣ ଶୁଦ୍ଧ ଉଚ୍ଚାରଣ ଅଳଙ୍କୃତ ଭାବରେ ନୂତନ ଶ୍ରୋତାର ମନରେ ସୃଷ୍ଟି କରେ ସାମୟିକ ଉଚ୍ଛଳତା । ରସବୋଧ ଏବଂ ମୌଳିକ ରସିକତା ଥିବାଯୋଗୁଁ ଉତ୍ତୀର୍ଣ୍ଣ ହୁଏ ଆମୋଦପ୍ରଦ ମୂଳକ ଉକ୍ତି । କେତେକଙ୍କ ଲେଖାରେ ଏହା ସମ୍ଭବ ହୁଏତ ଆଉ କେତେକଙ୍କର ରଚନା ଓ ଆଳାପ ଆଲୋଚନା ଉଭୟ ହୋଇଥାଏ ସରସ ଓ ହୃଦୟଗ୍ରାହୀ । ଉପର ଗୋଟିଏ କୋଠରୀରେ ବସିଥିଲୁ ରତ୍ନାକର ଚଇନି, ଅନୁଜ ପ୍ରତିମ ସ୍ୱର୍ଗତ କାହ୍ନୁଚରଣ ଦାସ ଓ ମୁଁ । ଦେବର, କେତେଏ କବି ଲେଖକ ଆମକୁ ଖୋଜିଯାଇଥା'ନ୍ତି । ଚାଳି କଲି ଭଳି ହାସ୍ୟରସମୂଳ ଉକ୍ତି ପ୍ରତ୍ୟୁକ୍ତିରେ ବଗଚ ସେଇ ଇଲାକା ଜମ୍ ଜମାଟ୍ କରି ରଖିଥାଉଁ । ମଧ୍ୟେ ମଧ୍ୟେ ବ୍ରଜନାଥରଥ, ଫଣୀ ମହାନ୍ତି, ବୈଷ୍ଣବ ଚରଣ ସାମଲ ଓ ସୁବୋଧ ଦାସ ଆଦି ଯୁଡ଼ୁଥିଲେ ପଦେ ପଦେ ରସା-ଣିତ ବୃଟ୍ । ଶୃଙ୍ଗାର କେନ୍ଦ୍ରିକ ମଧୁର ବାକ୍ୟାଳାପର ଆନନ୍ଦ ଯେ ଭ୍ରମଣ ପ୍ରମୋଦ ବେଳେ କିଏ ନ କରେ ଏପରି ନୁହେଁ । ତଥାପି କବିମାନେ ଅଧିକନ୍ତୁ ଶୃଙ୍ଗାରଚିତ୍ତ ବୋଲି କଥା ଅଛି । ତେଣୁ ସେପରି ରସାଳାପ ଓ କିଛି କିଛି 'ଗୁଳି' ମଧ୍ୟ କବିକାଫେରେ ପରିବେଷଣ ଚାଲୁଥିଲା । ସ୍ୱାଭାବିକ ଅଲିଖିତ ଓ ଅନୁଚ୍ଚାରିତ ବୁଝାମଣା ମାଧ୍ୟମରେ ବ୍ରଜବାବୁଙ୍କ ବୟସ କମେଇ ନିଆଯାଇଥାଏ ତ କହ୍ନେଇ ଓ ମିଠୁ ବଉଜନାର ବୟସ ବଢ଼େଇ ନେଇ ସଭିଙ୍କୁ ମୋଟା ମୋଟି ସମବୟସ୍କ କରି ନିଆଯାଇଥାଏ । ତଥାପି ସେପରି ହାସ୍ୟପରିବେଷଣ ହେଉଥିଲା ଯଥେଷ୍ଟ ରୂପାକଣ୍ଠରେ ଅଦୂରରେ ଅନ୍ୟ କୋଠରୀରେ ବସିଥିଲେ ଜଣେ ବୟସ୍କା ମହିଳା କବି, ଲେଖିକା । ଆଉ କେତେଜଣ ଲେଖିକା ମଧ୍ୟ ଥିଲେ ସାଙ୍ଗରେ, ଯେଉଁମାନେ ତାଙ୍କ ପ୍ରେରଣାରେ ପ୍ରଥମେ ପ୍ରଥମେ ପଶୁଥିଲେ ସାହିତ୍ୟର ଇଲାକା ଭିତରକୁ । ଜୟପୁରରେ ସି. ଟି. ଟ୍ରେନିଂ ସ୍କୁଲରେ ଗୋଟିଏ ବଖରାରେ ସେ ସେମାନଙ୍କୁ ନେଇ ରହୁଥିଲେ । ସେଠି ତାଙ୍କୁ ପ୍ରଥମ ଦେଖି ତାଙ୍କ ଢଙ୍ଗଢାଙ୍ଗରୁ ମୋର ମନେ ହେଉ-ଥିଲା, ଆଉପାଗଳୀଟିଏ । ପରେ ଜାଣିଲି, ବନ୍ଧୁ ବୈଷ୍ଣବଚରଣ ସାମଲ ଓ ଚଇନି ଆଦି ଯେଉଁମାନେ ଆଗରୁ ଜାଣିଥିଲେ ସେମାନଙ୍କର ବି ସେମିତି ଧାରଣା । ଆମେ ସମସ୍ତେ କହୁ ଯେଇ ଗୋଷ୍ଠୀର ।

Digitized by srujanika@gmail.com

ସାଧାରଣ ଦୃଷ୍ଟିରେ ଆମର ଗୋଟିଏ ଯୋଡ଼ଏ ଘାଟି ଧୁ, ତିନି ଦିଶାପଡ଼େ। ତାଙ୍କର ହୁଏତ ଆଉ ଟିକିଏ ଅଧିକ। ସେଇ ଟିକିମିକିରେ ତ ସାଧାରଣଠୁଁ ଏ ଗୋଷ୍ଠୀର ଫରକ। ମୁଣ୍ଡରୁ ଦେଖିବାରୁ ଖସିପଡ଼ ଥିବା ଓଢ଼ଣା ଯଥା ସ୍ଥାନରେ ସ୍ଥାପନ କରୁ କରୁ ଏ ବଖରା ସେ ବଖରା ଘର ବୁଲୁଥିଲେ। ହାତରେ ଗୁଚ୍ଛ ପାଞ୍ଚଖଣ୍ଡ ପତ୍ରିକା। ସୁଦୃଶ୍ୟ ସୁସଂପାଦିତ ଓ ବହୁ ବ୍ୟୟରେ ପ୍ରକାଶିତ ନିଜଙ୍କ ପତ୍ରିକା ଖଣ୍ଡିଏ ଦେଇ ଅନୁରୋଧ କରୁଥିଲେ, "ଆସନ୍ତା ସଂଖ୍ୟା ପାଇଁ ଲେଖାଟିଏ ନିଶ୍ଚୟ ପଠାଇବେ।" "ଆପଣ କବିତା ଦେବେ।" "ଆପଣ ଦେବେ ଗପଟିଏ।" ଲେଖକଙ୍କ ଠିକଣା ଟିପି ନେଉଥିଲେ ଏବଂ 'ଚୁମ୍ବକ'ର ପୃଷ୍ଠା ଖୋଲି ଧରି କହୁଥିଲେ, "ଏଥିରେତ ମୋ ଠିକଣା ଅଛି।" ବିନା ମୂଲ୍ୟରେ ବହି ବା ପତ୍ରିକା ମିଳିଲେ ଆଦେବାର ନେଇ, ପ୍ରଚ୍ଛଦ ଓ ସୂଚୀରେ ପ୍ରଥମ ଓ ଶେଷଥର ପାଇଁ ଆଖି ବୁଲାଇ ଆଣି ପାଠକ ଓ ସାହିତ୍ୟିକଙ୍କର ପରମ କର୍ତ୍ତବ୍ୟ ଶେଷ କରୁଥିବା ଆମ୍ଭଙ୍କ ହାତ ଲମ୍ବି ଆସୁଥିବାର ଲକ୍ଷ୍ୟ କରି ହୁଏତ କହୁଥିଲେ "ପଢ଼ିବେ ନିଶ୍ଚୟ। ଆପଣଙ୍କ ମତାମତ ଜଣାଇବେ"। ସେ ଗଭୀର ଭାବରେ ଅନୁଭବ କରୁଥିଲେ କେବଳ 'ଚୁମ୍ବକ' ନୁହେଁ ଓଡ଼ିଆରେ ପତ୍ରିକା ବଞ୍ଚାଇ ରଖିବା ପାଇଁ-ପତ୍ରିକା ଓ ପୁସ୍ତକର ପ୍ରକାଶନ ଏବଂ ପ୍ରସାର ପାଇଁ ଆଗ୍ରହୀ ନିୟମିତ ପାଠକ ସଂଖ୍ୟା ବଢ଼ିବା କେତେ ଦରକାର, ଏବଂ ପଠନ ଅଭ୍ୟାସ ମଣିଷ ଜୀବନ ଲାଗି କେତେ ପ୍ରୟୋଜନ। ତେଣୁ 'ଚୁମ୍ବକ'ର ତୃତୀୟ ବର୍ଷ ଦ୍ୱିତୀୟ ସଂଖ୍ୟାର ସଂପାଦକୀୟରେ ଲେଖିଥିଲେ, "ଆମର ଖାଇବା ପିନ୍ଧିବା ପରି ଜୀବନ ଧାରଣ ପାଇଁ ଭଲ ବହି ଖଣ୍ଡିଏ ମଧ୍ୟ ନିହାତି ଦରକାର, ଏ କଥା ସମସ୍ତେ ବୁଝନ୍ତୁ, ଜଣେ ଦୁଇଜଣ ବୁଝିଲେ ଚଳିବ ନାହିଁ। ବିଶେଷତଃ ଭଉଣୀ ମାନଙ୍କୁ ମୋର ଅନୁରୋଧ, ପ୍ରତି ମାସରେ ପଢ଼ିବାର ପାଇଁ କିଛି ନା କିଛି ବହି କିଣନ୍ତୁ। ବ୍ରତ ବିବାହ ଆଦିରେ ପ୍ରିୟଜନ ମାନଙ୍କୁ ବହି କିଣି ଉପହାର ଦିଅନ୍ତୁ।

"ପିଲାମାନଙ୍କୁ ଭଲ ମଣିଷ କରିବାକୁ ପରିବାରର ସୁସ୍ଥ ବାତାବରଣ ଯେତିକି ସାହାଯ୍ୟ କରେ, ଭଲ ବହିଗୁଡ଼ିକରୁ ମଧ୍ୟ ସେତିକି

Digitized by srujanika@gmail.com

ଜ୍ଞାନ ମିଳିଥାଏ । ପ୍ରତି ପରିବାର ଭିତରେ ଗୋଟିଏ ଶ୍ରେଷ୍ଠ ପାଠାଗାର ରଖିବା ପାଇଁ ସମସ୍ତେ ସଚେଷ୍ଟ ହୁଅନ୍ତୁ । ଆଗ୍ରହୀ ଜ୍ଞାନ ପିପାସୁ ପାଠକ ପାଠିକାଙ୍କ ସଂଖ୍ୟା ଏ ଦେଶରେ ଯଥେଷ୍ଟ ବଢ଼ୁ—ଏହାହିଁ ଆନ୍ତର କାମନା ।"

ସେ ବୁଝୁଥିଲେ, ପତ୍ରିକାଟିଏ କରି ଭାଷା ସାହିତ୍ୟର ସେବା କରିବା, ତାକୁ ବଞ୍ଚାଇ ରଖିବା ଓ ମୁହୂର୍ତ୍ତକେ ଲେଖକ ଲେଖିକା-ମାନଙ୍କୁ ଭାଇ ଭଉଣୀ ଭାବେ ଆପଣାର କରି ନେବାର ଆଗ୍ରହାତିଶଯ୍ୟ ଲାଗି ଅନେକ ତାଙ୍କୁ କ'ଣ ଭାବନ୍ତି । ପ୍ରାୟ ସର୍ବସାଧାରଣ 'ଶୈଳଅପା' ଡାକ ସାଙ୍ଗରେ 'ବାଘୁଣୀ ଅପା' ଭାବର ଧାସ ଟିକିଏ ଲାଗି ରହିଛି । ସେଥି ନିଶ୍ଚୟ ବୁଝୁଥିଲେ । 'ଅରୁନ୍ଧତୀ' ନାହାଲେ 'ଚମ୍ପକ' ନାମକରଣ ହେଲା ପରେ ସମ୍ପାଦକୀୟରେ ଲେଖିଥିଲେ "ଘୃଣା, ବିରାଗ ଗ୍ଲାନି ନିଜର ମମତା ଦେଇ ଯେ ପରକୁ ଆପଣାର କରି ଶିଖିଛି, ସେ ସ୍ୱର୍ଗର ସମ୍ମାନ ପାଇଛି । କାହାର ଘୃଣା, କାହାର ଉପହାସକୁ ନଚାହିଁ, ଦୃଢ଼ ରହିବାକୁ ହେବ ।" କେବଳ ସମ୍ପାଦକୀୟ ଲେଖାର ତାଗିଦାରେ ନୁହେଁ, ଆନ୍ତରିକ ଭାବରେ ଯାହା ଅନୁଭବ କରିଥିଲେ, ତାହାହିଁ ଲେଖିଥିଲେ । ନିଜର ସାହିତ୍ୟିକ ଓ ସାମାଜିକ ଜୀବନରେ ଯେ ଏକଥା ପ୍ରତିଫଳିତ ହୋଇଥିଲା, ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି, ସମସ୍ତେ ତା'ର ସାକ୍ଷୀ ।

ରେଲଗାଡ଼ି ଭିତରେ କେତେଗୁଡ଼ିଏ ମୁହୂର୍ତ୍ତିକୁ କାବ୍ୟିକ ସମବେତ ସୃଷ୍ଟିକ୍ରିୟା ଭିତରେ ବାନ୍ଧି ଦେବା କଥା କେହି ଭାବି ନଥିଲୁ । ହଠାତ୍ ଶୈଳଅପା ଆସି ଆମ ପାଖରେ ହାଜର । କିନ୍ତୁ କୌତୁକ କରିବାକୁ ଛାଡ଼ିଲୁ ନାହିଁ । କହୁଥିଲି ତ ଥିଲା ରସିକତା ଓ ପ୍ରାଣ ଚଞ୍ଚଳତାର ଏକ ଉଚ୍ଛଳ ଝରଣା । ଜଣେ ହୁଏ ସେଇ କହି ଉଠିଲା, "ଏ ଚୁପ୍ ଚୁପ୍ ଚୁପ୍, ଅପା ଆସିଗଲେଣି; ବୋଧହୁଏ ଯାତ୍ରା ଭିତରେ କବିତା ଲେଖି ପକେଇଲେଣି, ଶୁଣେଇବେ ।" ଅପା ଯେମିତି ଲାଜକୁଳୀ ଢ଼ଙ୍ଗରେ, ଅଭିମାନିଆ ସ୍ୱରରେ କଥା କହୁଥିଲେ ସେମିତି କହିଲେ, "ନାଇଁମ, ମୁଁ କ'ଣ ଲେଖିବି ! ମୁଁ ଆପଣମାନଙ୍କୁ ଗୋଟାଏ

Digitized by srujanika@gmail.com

ଅନୁରୋଧ କରିବାକୁ ଆସିଛୁ ।" "ଶୁଣ ଶୁଣ, ଅପା କ'ଣ ଅନୁରୋଧ କରିବାକୁ ଆସିଲେଣି । କହନ୍ତୁ କ'ଣ କହନ୍ତୁ; ଆପଣଙ୍କ ଅନୁରୋଧ କ'ଣ ଏଡ଼େ ବୋଝ ହେବ ।" ଶୈଳଅପା କହିଲେ, "ଆପଣମାନେ ତ ଏମିତି ଖାଲି ଗପି ଗପି, ହସ ଖୁସି କରି ଚାଲିଯିବେ, ଏ ସୁନ୍ଦର ଜୟପୁର ଯାତ୍ରାର ସ୍ମୃତି ବଞ୍ଚେଇ ରଖିବେନି ? ଆପଣମାନେ ପ୍ରତ୍ୟେକ ଏଇନେ ଗୋଟିଏ କବିତା ଲେଖି ଦିଅନ୍ତୁ । ଭୁବନେଶ୍ୱର ପହଞ୍ଚିବା ଆଗରୁ; ଫେରିବା ବାଟରେ କବିତା । ମୁଁ 'ଚୁମ୍ବକ'ରେ ସ୍ୱତନ୍ତ୍ର ବିଭାଗ କରି ଛାପିବି । ଏ ସ୍ମୃତି ଆପଣମାନେ ବଞ୍ଚାଇ ଦିଅନ୍ତୁ । ଲେଖନ୍ତୁ ଗୋଟିଏ ଗୋଟିଏ କବିତା; ସଙ୍ଗେ ସଙ୍ଗେ ।" ପ୍ରସ୍ତାବ କରି ସେ ନିଜ ଜାଗାକୁ ଚାଲିଗଲେ । ଅଗତ୍ୟା ଆମ ଆଲୋଚନାର ଗତି ବଦଳି ଗଲା । କାହା କାହାକୁ ଧରି ଆସୁଥିଲା ଚଟାପଟ୍ ବରଗା କବିତା ଲେଖିଦେବାର ଭାବନା । ହାସ୍ୟରସରେ କିଛି ଭଟ୍ଟା ପଡି ଆସିଲା । ମୁହଁରେ ହସ ଫାଟି ପଡୁଥିଲେ ସୁଦ୍ଧା ଶୋଭାଗଶିର ସ୍ମୃତି ଓ ଫେରିବାର ଦୁଃଖ ଭିନ୍ନ ଭିନ୍ନ ଭାଷା ଓ ସ୍ୱରଗ୍ରାମରେ ବାଜୁଥିଲା ସଭିଙ୍କ ନିଭୃତ ମନରେ । କାଳି କଲମରେ ରୂପ ଦେବାର କଳ୍ପନା ହୁଏତ ନଥିଲା । ସଧାନ ଥଙ୍କ ପରି କେତେଜଣ ଅବା ଟିପା ଖାତା ଓ କଲମ ବା ପେନ୍ସିଲଟିଏ ସାଙ୍ଗଖାନା ପର୍ଯ୍ୟନ୍ତ ପାଖରେ ନେଇଥାନ୍ତି ! କାହା ପକେଟରେ କାଗଜ ନଥାଏ ତ କିଏ କଲମ ସନ୍ଧାନ କରୁଥାନ୍ତି । କିଏ କାହାକୁ ଧାରି ଦେବାର ପ୍ରଶ୍ନ ହିଁ ଉଠୁ ନଥିଲା । ସମସ୍ତଙ୍କୁ ତ ଏକାବେଳକେ ଗୋଟିଏ ଅଧିବେଶନରେ କବି ହେବାକୁ ପଡିବ । ଦଶ ପନ୍ଦର ମିନିଟ୍ ପରେ ପୁଣି ସେ ଆସି ତାଗିଦା କଲେ—"କାହିଁ ଆପଣମାନେ ଲେଖା ଆରମ୍ଭ କରିନାହାନ୍ତି ତ । ନିଅନ୍ତୁ ଆରମ୍ଭ କରନ୍ତୁ ।" ନିଜ ପାଖରେ ଗଚ୍ଛିତ କିଛି କାଗଜ ଦେଇ ଓ ଡାଏରୀରୁ ଗୋଟିଏ ଗୋଟିଏ ପତ୍ର ଛିଣ୍ଡାଇ ସମସ୍ତଙ୍କ ଲେଖିବାର ବ୍ୟବସ୍ଥା କରିଦେଲେ ନିଜେ ମଧ୍ୟ ଖଣ୍ଡିଏ ଧରି ବସି-ଗଲେ । ଆମେ ବାଧ୍ୟ ପିଲାପରି ନୀରବରେ ବସିଲୁ ଅନୁଭୂତିକୁ କଲମ ମୁନରେ ଧରି ପକାଇବାର ପରୀକ୍ଷା ଦେବା ପାଇଁ ।

ବ୍ରଜନାଥ ରଥ 'ଫେରିବାର ଦୁଃଖ' ସତ୍ତ୍ୱେ ନିଜକୁ ଶେଷରେ ଦେଲେ ଦାର୍ଶନିକ ସାନ୍ତ୍ୱନା —

Digitized by srujanika@gmail.com

ଆସିବାର ସ୍ୱପ୍ନ ସବୁ
ଫେରିବାର ଦୁଃଖ ହୋଇ ଜଳେ
ତଥାପି ଆସିବା ସତ୍ୟ
ଫେରିବାର ସତ୍ୟ ତା'ଠୁ ବଳେ ।

ପାହାଡ଼, ଅରଣ୍ୟ ଓ ଝରଣାର ଅପରୂପ ସୌନ୍ଦର୍ଯ୍ୟ ପକ୍ଷୀଙ୍କୁ ମୋ ଦୃଷ୍ଟିର ଦୃଶ୍ୟମାନେ କେମିତି ଆପୃତ କରି ଆଣିଲେ ଓ ମୁଁ ତାକୁ ମୋ ସ୍ମୃତିର ରୂପା ପଞ୍ଜୁରିରେ ସାଇତିଲି ସେଇ କଥା ହେଇ ଶେଷ କଲି ମୋର 'ସୁନା ଚଢ଼େଇ'—

"ଦୃଶ୍ୟମାନେ ଶିଅଡ଼ୀର ଫାଶ
ମୋ ଦୁଇ ଡୋଳାର ।
ଅଳ୍ପ ମାତ୍ର ଚଳାଗଲେ ବାଜୁଳି ଠାଣିରେ;
ଛନ୍ଦିଲେ ଅବଶ ପାଦ ଅଳସ ଲାଗନେ;
ଧରି ଆଣି ଦେଲେ ମୋତେ ସୁବର୍ଣ୍ଣ ଚଢ଼େଇ,
ମୁଁ ତାକୁ ରଖିଛି ମୋର
ରୂପା ପଞ୍ଜୁରିରେ ।"

କହ୍ନେଇ ମୋ ଠାରୁ ଦୂରକୁ କବିତାରେ ଲେଖିଲି ତାର ଦ୍ୱିଷ୍ଟାପୂ ବ୍ୟକ୍ତିର ସୌନ୍ଦର୍ଯ୍ୟରେ ଅଭିଭୂତ ହେବାର କଥା—

"ସମ୍ମେଳନକୁ ଫେରୁଥିବା ଲେଖକର ନିମଗ୍ନତା କୋଳାହଳ ଉତ୍ତରମି
ଜଣେ କିଏ ଭୁଲିଯାଏ ଅନେକ ପାହାଡ଼ ଟପି
ଅନେକ ଝରଣା ଡେଇଁ, ଅନେକ ଶୂନ୍ୟତା ନେଇ ଅନେକ ଦୂରକୁ
ହଠାତ୍ ମୁଁ ଅନୁଭବ କରେ ଆଜ ଚମତ୍କୃତ ହୁଏ
ମୋ ଆସନେ ମୁଁ ନାହିଁ, ମୋ ସ୍ଥାନ ଖାଲି" ।

ବୈଷ୍ଣବ ଚରଣ ସାମଲ ଲେଖିଲେ 'ଫେରିବା ପରେ' ସୁଧୀରଚନ୍ଦ୍ର ପଟ୍ଟନାୟକ 'ଅଚିହ୍ନା ସହର' ମିଠୁ ବଡ଼ଜେନା 'ନିଜ'
(୯୭ ପୃଷ୍ଠା ଦେଖନ୍ତୁ ।)

Digitized by srujanika@gmail.com

॥ ଚୈନିକ ଅପା ॥

● ଶ୍ରୀ ଅମରେଶ ପଟ୍ଟନାୟକ

ଏଥର ବିଷୁବରେ ସମସ୍ତଙ୍କ ଭିତରେ ତମେ ନଥିଲ । ଯେମିତି ନାହଁଛ !

ତମର ଓଡ଼ଣା ମନେ ପଡୁଛି— ।

ଗୋଲିଆ ଚଷମା ତଳେ ତମର ହସିଲ୍ ହସିଲ୍ ଆଖି, ତମର କଥା ଗୁଡ଼ାକ ମିଶା ହସ ଗୁଡ଼ାକ ମନେ ପଡୁଛି— ।

'ଚନ୍ଦ୍ରକ'କୁ ଲେଖା ନପଠାଇ ପାରି; ଆଜ ତମର ସ୍ମରଣିକାରେ ନିଜର ନାଁ ଗୁମ୍ଫି ହୁଏତ ଆତ୍ମ ଡିଣ୍ଡିମ ପିଟିବାକୁ ଯାଉଛି— । ଓଡ଼ିଆ ସହିତ୍ୟକୁ ଆଶୀର୍ବାଦ ଥାଉ—ତମର—ଅମ୍ଳାନ ।

—ଅମରେଶ □

* ସୋଭିଏତ ଦେଶ କାର୍ଯ୍ୟାଳୟ
କଲିକତା

Digitized by srujanika@gmail.com

।। ସ୍ମୃତି-ଯୋଡ଼ଏ ମୁହୂର୍ତ୍ତର ।।

• ଶ୍ରୀ କୈଳାସ ତ୍ରିପାଠୀ

ନାଁ। ଜାଣିଥିଲି— । । ନ ଜାଣିବାର ଉପାୟ ନଥିଲା ବୋଲି ସାହିତ୍ୟିକ ପରିସର ଭିତରକୁ ଯେ କେହି ପ୍ରବେଶ କରିଗଲେ ବି ହଠାତ୍ ନାଁଟିଏ ପାଇଯିବ, ଶୈଳବାଳା ମହାନ୍ତି । ଆଗରୁ ଯେତେବେଳେ ସାକ୍ଷାତ ପରିଚୟ ନଥିଲା, ଶୁଣିଥିଲି—ମଣିଷ ପରି ମଣିଷଟିଏ । ସାନଘରେ ଅବଶ୍ୟସମାପ୍ୟ ଆଦର ମିଳେ । ହ'ହଦ ମିଠା କଥାରେ ସେ ସୁନ୍ଦର ଭାବରେ କେବଳ ମନ ନୁହେଁ, ଆତ୍ମା କିଣି ନିଅନ୍ତି । ତାଙ୍କ ପାଖରେ ମଣିଷ ସ୍ୱୟଂକ୍ରିୟ ଭାବେ ସମର୍ପିତ ହୋଇଯାଏ ।

ସେମିତି ଗୋଟିଏ ସ୍ୱର୍ଗୀୟ ମୁହୂର୍ତ୍ତର ଆଶୀର୍ବାଦ ଖୋଜୁଥିଲି ।

କବିତାଟିଏ ପଠେଇଥିଲି 'ଚୁମ୍ବକ' ପାଇଁ । ପ୍ରକାଶନରେ ବିଳମ୍ବ ହେବାରୁ ବୁଝିଗଲି ଯେ, ଅମନୋନୀତ ତାଲିକାରେ ରହିଯାଇଛି । ଅଭିମାନ, ଅସହିଷ୍ଣୁତାରେ କ୍ଷୁବ୍ଧ ହେଲି । ଶୁଣିଥିବା ଭଲ ମଣିଷଟିଏ, ଏକଥା କିମିତି ହେଲା ? ଚୁମ୍ବକ ସହିତ ମୋ କାବ୍ୟିକ ଯୋଗସୂତ୍ରକୁ ତିଳାଞ୍ଜଳି ଦେଇ ଚୁପ୍ ରହିଗଲି ।

ଆଜି ଏକ ସଂଧ୍ୟାର ସ୍ମୃତିଚାରଣ କରୁଥିବା ଅବିସ୍ମରଣୀୟ ମୁହୂର୍ତ୍ତରୁ ଗୋଟିଏ ।

କୌଣସି କଳ୍ପିତ କାର୍ଯ୍ୟକ୍ରମ ନଥାଇ ହଠାତ୍ ଅଟକିଗଲି ସେଇଠି । ସାମ୍ନାରେ କ୍ୱାର୍ଟର୍ସ ନମ୍ବର ୧୪/୧ । ସିଦ୍ଧାନ୍ତ କଲି, ସାକ୍ଷାତ କରିବି । କିଛିଟା ତର୍କ ଅଜାଡ଼ି ଅମନୋନୀତ ମୋ କବିତାଟିକୁ ଫେରାଇ ଆଣିବି ।

Digitized by srujanika@gmail.com

ଅନୁମତି ମାଗୁ ମାଗୁ ପର୍ଦ୍ଦା ଆଡେଇ ପହଞ୍ଚିଗଲେ ଶ୍ୟାମାଙ୍ଗୀ ପ୍ରୌଢ଼ା ଜଣେ । ହାତ ଯୋଡ଼ିକି ଯୋଡ଼ି ହୋଇଗଲା । ସ୍ନିଗ୍ଧ, ପ୍ରଶାନ୍ତ ମୁହଁରେ ସରଳ ପ୍ରାକୃତିକ ହସ ଚେନାଏ ଫୁଟେଇ ମମତାର ମୂର୍ତ୍ତିଟି ସମ୍ଭାଷଣ କଲେ— ମୁଁ ଶୈଳବାଳା ମହାନ୍ତି । ଆସନ୍ତୁ ଭିତରକୁ— ।

ଭିତରକୁ ଗଲାପରେ ସେ ଜିଜ୍ଞାସା ବି କଲେନି ମୁଁ କାହିଁକି ଆସିଛି ? ମୁଁ ଯେପରି ନବାଗତ ନୁହେଁ । ତାଙ୍କ ସହିତ ମୋ ପରିଚୟ ଯୁଗାନ୍ତବ୍ୟାପୀ । ମୋର ଯିବା ଆସିବା ଚିରନ୍ତନ । ଖୁବ୍ ଆପଣାର ଭଳି ଦୁଃଖ ସୁଖର ଆଳାପ ଭିତରେ ଉପସ୍ଥାପନା କଲେ ଗୃହୀ ଆଜି କେକ୍ । ଜୋର କରି ଖଆଇବାରେ ମାତୃତ୍ୱର ଶାସନ । ବିରୋଧ କରିବାର କ୍ଷମତା ନାହିଁ ।

ସେ ମୋର ପରିଚୟ ଖୋଜିଲେନି । ଲକ୍ଷ୍ୟ ବୁଝିଲେନି । ହୁଏତ ତାଙ୍କ ନିଜସ୍ୱ ଅନୁଚିନ୍ତାର ଦାବୀରେ ସେ ସମ୍ପର୍କୀୟ ପ୍ରଶ୍ନହିଁ ଅଶାଳୀନ । କିନ୍ତୁ, ମୋର ଉଦ୍ଦେଶ୍ୟ ସେଇ କବିତାଟି । ଅଗତ୍ୟା କଥା ଉଠେଇଲି । ସେତିକିବେଳେ ନିଁ । ପଚାରିଲେ । କବିତା ଖୋଜିଲେ । ଉଭୟ ମନୋମାତ ଓ ଅମନୋମାତ ଫାଇଲରୁ । ମିଳିଲାନି । ପ୍ରତ୍ୟୟ ଆସିଲା, ସେ ପାଇ ନାହାନ୍ତି । ମୁହୂର୍ତ୍ତିକର ସାକ୍ଷାତ୍କାରରୁ ଜାଣିଗଲି ଯେ ସାହିତ୍ୟକୁ ଅବମାନନା କରି ଫିଙ୍ଗି ଫୋପାଡ଼ି ଦେବା ମଣିଷର ସ୍ୱଭାବ ଖାତାରେ ଏଇ ମହୀୟସୀ ମହିଳାଙ୍କୁ ରଖି ପ୍ରାୟଶ୍ଚିତ କରିବା ଭଳି ଅପରାଧ କରିଛି । ଅନୁମାନ କଲି, କବିତାବାହୀ ବନ୍ଧୁ ଜଣକ ସେଇଟାକୁ ହଜେଇ ଦେଇଥିବେ ବା ଦେବାକୁ ଭୁଲି ଯାଇଥିବେ ।

ଆତ୍ମଗ୍ଲାନିରେ ନିଜକୁ କ୍ଷମା କଲି । ଶୁଣିଥିବା ଭଳି ମଣିଷଟି ପ୍ରତି ମୋ ଶ୍ରଦ୍ଧା, ଅଭିମାନ ଥିଲା ଅବଗୃହିତ ଆତ୍ମ ପ୍ରତାରଣାହିଁ । ଭଲ ମଣିଷଟି ଆଗରେ ମୁଣ୍ଡ ନଇଁଗଲା । ଲାଜ ହେଉ ଅବଶ୍ୟ ଦୋଷ ସ୍ୱୀକାର କରି ପାରିଲିନି । ତଥାପି ଖୁସି ହେଲି, ନିଜକୁ ହିଁ କ୍ଷମଣୀୟ ମନେ କରିଥିବାରୁ ।

ଅନ୍ୟ ଦିନର ଅନ୍ୟ ଏକ ସନ୍ଧ୍ୟା । ଅନ୍ୟ ଏକ ମୁହୂର୍ତ୍ତ ।

Digitized by srujanika@gmail.com

ତାଙ୍କ ସଂପାଦିତ ତ୍ରୈମାସିକ ସାହିତ୍ୟ ସଂକଳନ "ଶତାବ୍ଦୀ" ପାଇଁ ଲେଖାଟିଏ ଆଶା କରି ପଠାଇଥିଲି ସେଦିନ । ସେଇ ମମତାଭରା ଆନ୍ତରିକତା । କେବେ ବି ଆଉ ଯୋଡ଼ିଏ ଲେଖକ୍‌ରେ କି ମହାର୍ଘ ଚିଠି । ସେଇଠି ସାକ୍ଷାତ କଲି ଗାଳ୍ପିକ, ଔପନ୍ୟାସିକ ଉତ୍କଳ-ପାନ୍ତୀଙ୍କୁ । ଗୁଣୀ, ଗୁଣଗ୍ରାହୀ ଯଥାର୍ଥ ସଂଯୋଗ । ସାହଚର୍ଯ୍ୟ ମଣି ଓ କାଞ୍ଚନର । ଦୁର୍ମୂଲ୍ୟ ଆଦରରେ ନିଜକୁ ସାମିଲ କରେଇ କୃତାର୍ଥ ହେଲି । ଅଲୋଚନା ପରିଧିକୁ ସମସ୍ତେ ଆସିଗଲେ । ସାହିତ୍ୟ, କଳା, ଜୀବନ ଦର୍ଶନ, ଆଧ୍ୟାତ୍ମିକତା ସହିତ ପଶୁ ପ୍ରୀତି । ଏଇଠି ସେଇ ଭଲ ମଣିଷଟିକୁ ଦେଖିଲି ଖୁବ୍ ସରଳ, କଅଁଳ ଦରୋଟି ଭାଷୀ ଶିଶୁ ହୃଦୟେ । ସେ ଯେମିତି ଅଜ୍ଞ । ସଦ୍ୟ ବିଦ୍ୟାର୍ଥୀ ସବୁ ଜାଣିବାକୁ, ଶିଖିବାକୁ ଚେଷ୍ଟା କରୁଛନ୍ତି । ଆଶ୍ଚର୍ଯ୍ୟ ଲାଗିଲା ।

ବିଦାୟ ବେଳକୁ "ଶତାବ୍ଦୀ" ପ୍ରକାଶନ ସଂପର୍କରେ କଥା ଉଠେଇଲି । ଉପଦେଶ, ଉତ୍ସାହ, ସହିତ ଲେଖାଟିଏ ଦେବାର ନିର୍ଭର ଯୋଗ୍ୟ ପ୍ରତିଶ୍ରୁତି ମିଳିଲା । ଉଦାରତାର ଅନ୍ୟ ଏକ ଦୃଷ୍ଟାନ୍ତ । ଅନୁରୋଧ ନଥିବା ସତ୍ତ୍ୱେ 'ଶତାବ୍ଦୀ'ର ବିଜ୍ଞାପନଟିଏ ସ୍ଥାନ ଦେଇଥିଲେ ଚୁମ୍ବକରେ । ସତରେ କେତେ ମହାନ୍ ସେ ମଣିଷ । କେତେ ଉଦାର ।

ସେଦିନ ଫେରି ଆସିବା ପରେ, ଆଉ ସାକ୍ଷାତ କରିନି । ଅଥଚ କବିତାଟିଏ ଯଥା ସମୟରେ ପାଇଥିଲି । ଦୁର୍ବୋଧ ନୁହେଁ । ଛନ୍ଦମୟୀ କବିତାଟିଏ । "ସୂର୍ଯ୍ୟ ଓ କୃଷ୍ଣଚୂଡ଼ା" ଶୀର୍ଷକ । ଉଦାସୀ ଭାବରେ ହୃଦୟସ୍ପର୍ଶୀ । ତା ୨୯ । ୪ । ୮୦ରେ ଲିଖିତ ନାଲି କାଳିରେ ନାଁଟିର ରଙ୍ଗ ନାଲି ।

ହାୟ !

କେତୋଟି ଅଙ୍ଗୁଳିରେ ଗଣିବା ଭଳି ସେଇଟି, ଦିନ ଭିତରେ ଆବର୍ତ୍ତନ ଚକ୍ରରେ ସବୁ ଓଲଟ, ପାଲଟ ହୋଇଗଲା । ଦୀପଟି ଲିଭିଗଲା । ବଡ଼ ଆକସ୍ମିକ ଭାବରେ । ନିଷ୍ଠୁର ସମୟ ମତେ ଭିଡ଼ି ନେଉଥିଲା ଦୂରକୁ । ଅନ୍ତିମ ଦର୍ଶନର ଫୁଲଟିଏ ଟେକେଇ ପାରିଲିନି—ନିସ୍ପନ୍ଦ ଦେହଟି ଉପରେ । ଦି ଟୋପା ଲୁହରେ ସେଇ ଯୋଡ଼ିଏ ମୁହୂର୍ତ୍ତର

Digitized by srujanika@gmail.com

ମୁକ୍ତି ଦେଇଥିଲା ସେଦିନ । ବାସ୍ — ସେତିକି ହିଁ ମୋର ସେଦିନର ଦୁର୍ଗନ୍ଧର ସନ୍ଧାନ । ସୁସ୍ପଷ୍ଟ ଅଲଙ୍ଘ ଦାଗଟିଏ ରହିଯାଇଛି । 'ଶତାବ୍ଦୀ'ର ଅନୁଶେଷ ନଥା ହେଲା, 'ଶତାବ୍ଦୀ'ର ସୃଷ୍ଟିରେ ଯାହାର ପ୍ରୋତ୍ସାହନ ଥିଲା ସବୁଠୁ ଅଧିକ । ଶତାବ୍ଦୀର ଆତ୍ମପ୍ରକାଶ ପୂର୍ବରୁ ହିଁ ସିଏ ଉଭାନ୍ ହୋଇଗଲେ ।

ଭଲ ମଣିଷଟି ଚାଲି ଯାଇଛନ୍ତି । ଯନ୍ତ୍ରଣା ଜର୍ଜରିତ ଜୀବନର ଏକ ମର୍ମଦାହୀ ଅବସାନ ଘଟିଯାଇଛି । ବର୍ଣ୍ଣୀସ୍ଥାନ ଲେଖମାନଙ୍କ ଅଥଚ, ନଥର ଫାଲଟି ଯାଇଛି । କାହାଣୀ, କବିତା ସମସ୍ତେ ବଧିର । 'ଚନ୍ଦ୍ରମୁଖ' ନୀରବ ।

ସିଏ କିନ୍ତୁ ଆଯୁଷ୍ମାନ୍ — ମୋ ହୃଦୟରେ— । □ □

※ ଘର ନଂ ୨ଆର.ଏ. ୭୦
ଇଉନିଟ-୯, ଭୁବନେଶ୍ୱର

॥ ସ୍ମୃତିରୁ ଧାରେ ॥

● ଶ୍ରୀମତୀ ଚନ୍ଦ୍ରପ୍ରଭା ପଟ୍ଟନାୟକ

‘ଶୈଳଅପା’ ଯିଏକି ସବୁ ବାଧା ବନ୍ଧନକୁ ବେଶ୍ ନିର୍ବିକାରରେ ଠେଲି ଦେଇ ମନରେ ଆସ୍ଥାନ ଜମାଇ ପାରେ । ସୃଜନର ସ୍ୱପ୍ନନେଇ ମତୁଆଲା ହୋଇ ଯିଏ ସ୍ୱପ୍ନ ଭିତରେ ଭାସି ବୁଲି ସେଇ ସ୍ୱପ୍ନର ଶ୍ୟାମଳିମାକୁ ଧୂଳି ଧରଣୀର ଧୂସର ବୁକୁରେ ବିଛେଇ ଦେବାକୁ ସର୍ବଦା ଯେ ପିଆସି ଥିଲି । ଯା’ ଭିତରେ ପ୍ରୀତି ତଳ ତଳ ମମତା ମଧୁର ହୃଦୟଟିରୁ ସ୍ନେହର ଝୁଆର ଛୁଟିଥିଲା । ସମସ୍ତଙ୍କୁ ଆପଣାର କରି ପାରିବାର ଶକ୍ତି ଯା’ ଠାରେ ଅନେକ ସେହି ମହାନ ବ୍ୟକ୍ତିତ୍ୱଟି ଏକ ଅପାଶୋରା ନାମ ‘ଶୈଳ ଅପା’ । ଯାହାର ନିଷ୍କପଟ ସ୍ୱଚ୍ଛ ହୃଦୟ ମାନବିକତାର ପରମ ଐଶ୍ୱର୍ଯ୍ୟରେ ଭରିଥିଲା । କରୁଣା ସମବେଦନା ମନୁଷ୍ୟପ୍ରୀତି ପ୍ରେମ ଭିତରେ ଯିଏ ହଜିଯିବାକୁ ଚାହୁଁଥିଲା, ଯା ଆଖିରେ ପ୍ରେମ ସ୍ୱୟଂ ଏକ ତ୍ୟାଗ ବନ୍ଧନ ଓ ତନ୍ମୟତା, ସେହି ପ୍ରେମର ପ୍ରାଙ୍ଗଣ ସର୍ବଦା ଶାଶ୍ୱତ ଥିଲା । ସେହି କର୍ମ ବ୍ୟକ୍ତିତ୍ୱଟି ବେଶ୍ ଚିତ୍ତାକର୍ଷକ କେବଳ ସେତିକି ନୁହେଁ ତାର ବାହ୍ୟ ନିରାଡ଼ମ୍ବର ଜୀବନ ଭିତରେ ମାନବିକତାର ଆଡ଼ମ୍ବରଟିକୁ ସୁନ୍ଦର ଭାବେ ରଖି ପାରିଥିଲା । ସେ ନିଜେ ଅନ୍ୟକୁ ହସି ହସାଇବାରେ ସିଦ୍ଧହସ୍ତା ଥିଲେ । ଅନ୍ୟର କଲ୍ୟାଣ ସକାଶେ ଆତ୍ମ ବିସ୍ମୃତି ଓ ସ୍ୱାର୍ଥ ବିସର୍ଜନର ଏ ବ୍ୟକ୍ତିତ୍ୱ କର୍ମ, ବାକ୍ୟ ଓ ଚିନ୍ତାଧାରରେ ପ୍ରତିଫଳିତ ହୋଇଥିଲେ । ଯା’ ପାଖରେ ସାହିତ୍ୟ ବିନା ଜୀବନର କିଛି ମାନେ ହୁଏନା । ପ୍ରେମ ବିନା ଜୀବନକୁ ଉପଭୋଗ କରି ହୁଏନା । ତ୍ୟାଗବିନା ଅନ୍ୟ ଭିତରେ ନିଜକୁ ଜଣେ ବୋଲି ଅନୁଭବ କରି ହୁଏନା, ଏହିଲାଗି ତାଙ୍କ ଜୀବନର ସଂଜ୍ଞା ।

Digitized by srujanika@gmail.com

ସେହି ଦରଦୀ ହୃଦୟଟି ସବୁରି ହୃଦୟର ବ୍ୟଥାକୁ ଅନୁଭବ କରି ଚାଲିଥିଲା । ଯେପରି ଦୀପର ଜ୍ୟୋତି ଅଛି, ଯେଉଁ ଜ୍ୟୋତି ସମସ୍ତଙ୍କ ଅନ୍ଧକାରକୁ ଲୁଚାଇ ଆଲୋକିତ କରେ, ହେଲେ ଦୀପ ତଳ ଅନ୍ଧାର । ସେମିତି ସିଏ ନିଜକୁ ଯନ୍ତ୍ରଣାରେ ଜାଳି ଜାଳି ଅନ୍ୟକୁ ଆଶ୍ୱାସନାର ବାଣୀ ଶୁଣାଇ ଅନ୍ୟ ମୁହଁରେ ହସକୁ ଫୁଟାଇ ପାରୁଥିଲା, ସେଇ ନିଚ୍ଛକ ମଣିଷଟି ବେଳେବେଳେ ଅଭିମାନରେ ଫାଟି ପଡ଼େ ସତେ ଯେପରି ତାର ସମସ୍ତଙ୍କ ଉପରେ ସ୍ନେହର ଅଧିକାର ଅଛି । 'ଚିନ୍ମୟ'ଟି ତାର ସତେ ଯେପରି ନିଜର କନ୍ୟା, ଅନେକ ଝଡ଼ ଭିତରେ ସିଏ ନିଜର ପାଦ ଦୁଇଟିକୁ ଠାଣ କରେ, ମନରେ ଅସୀମ ବଳ ଆଣେ, ସତେ ଯେପରି ଦୁର୍ଗା ଶକ୍ତି, କାରଣ ତାର 'ଚିନ୍ମୟ' ବଞ୍ଚିବ । ବାସ୍ତବିକ ଚିନ୍ମୟର ଆକର୍ଷଣ ଶକ୍ତି ପରି ଥିଲା ତାର ବିଶାଳ ହୃଦୟ, ଅପାରେଶ'ନ ପୃଥିବୀରେ ବଞ୍ଚି ରହିବା ଥିଲା ତାର ଲକ୍ଷ୍ୟ । ଏଇ ଧୂଳି ଧରଣୀକୁ ପ୍ରୀତିର ପରିଧି ଦେବା ମନ ତାର ଭାରି ଭଲ ପାଉଥିଲା । ହେଲେ ଏ ମାଟିର ଆକର୍ଷଣ ତାକୁ ଧରି ରଖି ପାରିଲା ନାହିଁ । ସେ ଆମ ମାନଙ୍କୁ ଶୋକ ସାଗରରେ ଭସାଇ ବିଦାୟ ନେଲା । ସମୟ ବଡ଼ ନିର୍ମମ । ମୃତ୍ୟୁ ବଡ଼ ଅସହ୍ୟ । ହେଲେ ସେ ତାର ପ୍ରତିଭା, ହୃଦୟବତା ଯୋଗୁ ହିଁ ତାର ବ୍ୟକ୍ତିତ୍ୱ ସବୁଦିନ ପାଇଁ ଭାସ୍ୱର ହୋଇ ରହିଗଲା ।

ଜୀବନର, ଚଲାପଥରେ ଅନେକ ମାଇଲ ଖୁଣ୍ଟ ବି ଆସେ । ଯାହାକି ଅବିସ୍ମରଣୀୟ ହୋଇ ଉଠେ ।

'ଶୈଳ ଅପା' ଅନେକ ଯନ୍ତ୍ରଣାର କୋହ କାହିଁକି କେଜାଣି ଚାଲି ଆସେ ଏହି ନାମଟି ଉଚ୍ଚାରଣ କଲାବେଳେ ! ଯାହାର ସ୍ନେହକୁ ଭୁଲି ହୁଏନା । ମନେ ପଡ଼େ କଲେଜରୁ ତା ବସାକୁ ଆସିଲେ କେତେ ଖୁସି ଯେ ନହୁଏ । ତାର ଆନ୍ତରିକତା ତଳେ ବିଭୋର ହୋଇଯିବାକୁ ଇଚ୍ଛା ହୁଏ । ସତରେ ତାର ହୃଦୟଟା ଏତେ ବିରାଟ ସ୍ୱଚ୍ଛ । ସବୁ ଭିତରେ ତା' ବ୍ୟକ୍ତିତ୍ୱର ପ୍ରତିଫଳନ ଥାଏ । ଗଳ୍ପ, କବିତା ଲେଖିବାକୁ ସେ ଅନେକ ପ୍ରେରଣା ଦିଏ, ବସି ବସି ଲେଖାଏ । ତାର କି ଶକ୍ତି

Digitized by srujanika@gmail.com

ଥାଏ ଯେ କେହି ବି ସେ ପ୍ରେରଣାରେ ଲେଖି ପାରିବ । ତାର ପ୍ରେରଣା ମତେ ବାଧ୍ୟ କରେ କିଛି ଲେଖିବାକୁ । ସେଇ ଭାବ ଭୋଳା ମଣିଷଟି ସାହିତ୍ୟକୁ ଯେ ଏତେ ଭଲ ପାଏ ଆଉ ସାହିତ୍ୟ ପ୍ରେମୀମାନଙ୍କୁ ମଧ୍ୟ ତା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ଗୋଟିଏ ଥର ଚମ୍ବକର ଜନ୍ମବାର୍ଷିକୀକୁ ମୁଁ ଅସୁବିଧାବଶତଃ ଯାଇପାରି ନଥାଏ । ତା ପରଦିନ କେତେ ଦୁଃଖ ମନ ନେଇ ମୋ ପାଖକୁ ଆସିଥିଲି, "ଚନ୍ଦ୍ରା ଓ ପ୍ରଶାନ୍ତ ତୁମେ ଗଲନି ?" ତା'ପରେ ସେ ଗଦ୍‌ଗଦ୍ ହୋଇ କହିଥିଲି ଜାଣ 'ଚମ୍ବକ'ର ଉତ୍ସବରେ ମତେ ଝିଅ ବିଭା କଲା ପରି ଆନନ୍ଦ ଲାଗିଲା । ସମାରୋହରେ କଲି । ସେଇ ବକ୍ତବ୍ୟ ଭିତରେ ମୁଁ ତା ମୁହଁରେ ଆନନ୍ଦର ପ୍ରଶାନ୍ତିମା ଦେଖୁଥାଏ । ଏଭଳି ମଣିଷଟି କେତେ ମହତ ସତେ ! ତାର ପୁଣି ପ୍ରଶ୍ନ 'ଚମ୍ବକ' ମୋର କ'ଣ ବଞ୍ଚିବନି ? ମୁଁ କହୁଥାଏ ତୋର ଆତ୍ମ ବିଶ୍ୱାସ, ତୋର ତପସ୍ୟା ନିଶ୍ଚୟ ଫଳପ୍ରଦ ହେବ । ଚମ୍ବକକୁ ବଞ୍ଚିବ । ଆତ୍ମାର ଦହନ ହିଁ ତପସ୍ୟାର ଅନ୍ୟ ନାମକ । ତାର ଜୀବନ ସାହିତ୍ୟର ମାଦକତା ଭିତରେ ସବୁ ଦୁଃଖକୁ ଭୁଲି ଯାଉଥିଲି । ଅସୁମାରି ଯନ୍ତ୍ରଣାକୁ ଛାତିରେ ନେଇ ମଧ୍ୟ ସେ ସର୍ବଦା ପ୍ରସନ୍ନା ଥିଲି ।

ମାଟି—ମଣିଷର—ମଣିଷ ମାଟିର, ସିଏ ଏ ମାଟିକୁ ଖୁବ୍ ଭଲ ପାଉଥିଲି । ଫୁଲ ଫୁଟିଲେ ଗନ୍ଧ ଉଠିଲେ ଜ୍ୟୋତ୍ସ୍ନାର ଚନ୍ଦନ ତା ମନରେ ଲେପି ଦେଉଥିଲା ଅନେକ କବିତା ସେମିତି ସେ 'ଲୁହର ଯମୁନା' କବିତା ଭିତରେ ଅଜସ୍ର ଲୁହ ସବୁର ଆଖିରୁ ଝରାଇ ଦେଉଥିଲି । ଜୀବନର ଅନେକ ଅନୁଭୂତିକୁ ଏପରି ଜୀବନ୍ତ କରି ସେ କବିତା ଭିତରେ ଲେଖିଥିଲି । ପଢ଼ିଲା ବେଳେ ତା' ଭିତରେ ନିଜେହିଁ ହଜିଯିବାକୁ ଇଚ୍ଛା ହୁଏ । ଏତେ ପ୍ରାଣସ୍ପର୍ଶୀ ଲେଖାଗୁଡ଼ାକ ଆଖିରୁ ଲୁହର ଯମୁନା ଛୁଟାଏ । ଇସ୍ ! କେତେ ବ୍ୟଥା, ବେଦନାର ଉଜାଣି ତାରି ମନରେ ମିଳି ଶୂନ୍ୟତାର ଆକର୍ଷଣ, ଚକାଡୋଳା ପାଖରେ

Digitized by srujanika@gmail.com

ହଜ ଯିବାର ବ୍ୟାକୁଳତା । ସେ କୁହନ୍ତି ବୁଝିଲ୍ ଚନ୍ଦ୍ର, ଟକାଟୋଲା ପାଖରେ ହଜ ଯିବାରେ କି ତୃପ୍ତି, ଜୀବନ ଏଠି ଆହ୍ୱାନ କରେ, ସବୁ କିଛି ହତାଶା ଭିତରେ ଆଶ୍ରୟର ପ୍ରତିଶ୍ରୁତି, ସବୁଜ ଶାନ୍ତ ଏହାର ଭିତରେ । "ଟକାଟୋଲା ବାହୁ ତୋଳି ମତେ ଡାକି ନିଅ ।" ଏହି ଉକ୍ତି ଭିତରେ ତା ଆଖିକୁ ମୁଁ ଚୁହେଁ । କି ଉଲ୍ଲାସ ତା ଭିତରେ ! ସତରେ ସେହି ଭାବବିହ୍ୱଳା ମଣିଷଟି ସମୟର ପାର୍ଶ୍ୱ ପରିଧିରୁ ବାହାରିବାର ଅକ୍ଷତ ବାଟ ଦେଇ ମୃତ୍ୟୁଶାଳାର ଶେଷ ପାହାଚରେ ପହଞ୍ଚି ଯାଇଥିଲେ ।

ହଜ ଯାଇଥିବା ଦିନ ଗୁଡାକୁ ମନୁଷ୍ୟ ଖୋଜି ଝୁରେ—ଅଭୁଲା ସ୍ମୃତି ମନ ତଳେ ଉଙ୍କିମାରେ । ଅଃ, ମଣିଷ ଏମିତି ଚୁଲିଯାଏ, ତାର ପାଦ ଚିହ୍ନକୁ ରଖି ଦେଇ ।

ସେଇ ସ୍ନେହମୟୀ, ଆଶୀଷମୟୀ ମୂର୍ତ୍ତିଟି ଭାରି ମନେ ପଡ଼େ । ଏମିତି ଦିନେ ଆମ ଘରେ ବସି ମୋ ପାଇଁ ଏକ କବିତା ଲେଖି ଦେଉଥିଲ—ସେଥିରେ ସେ ଲେଖିଥିଲ "ଚନ୍ଦ୍ରିକା ତୁମେ ପ୍ରଶାନ୍ତ ହୃଦୟ ରାଣୀ ।" ଏହି ଲେଖାଟି ପଢ଼ିଲା ବେଳେ କହିଥିଲେ ତମକୁ ମୁଁ ନଜର ଭଉଣୀ ଭାବେ । ପ୍ରଶାନ୍ତକୁ ଓ ତୁମ ଦୁହିଁଙ୍କୁ ଦେଖି ମୋ ହୃଦୟରୁ ଆଶୀର୍ବାଦ ଝରେ । ତମ ଦୁହିଁଙ୍କ ଚଲାପଥ ସୁରଭିତ ହୋଇ ରହୁ । ଅପାର ଆଶୀଷ ସର୍ବଦା ତୁମ ପାଇଁ ଥାଉ । ସତରେ ଯେ ଅପାଟିକୁ ଏତେ ନଜର ଲାଗେ ଏବେ ବି ତା ଆତ୍ମାର ଆଶୀର୍ବାଦ ଏ ଜୀବନକୁ ସୁରଭିତ କରୁ ପ୍ରାର୍ଥନା କରେ । ଭଉଣୀର କର୍ତ୍ତବ୍ୟ ମୁଁ କିଛି କରି ପାରିଲେ ଠିକେ ହେଲେ ତା ସ୍ନେହର ଋଣରୁ ମୁକ୍ତ ହେବି । ଆଃ ଅବିସ୍ମରଣୀୟା 'ଶୈଳ ଅପା' । ଏମିତି ଦିନେ କଲେଜରେ କୁନ୍ତଳା କୁମାରୀଙ୍କୁ ପଢାଇବା ବେଳେ ଭାରି ଭାବପ୍ରବଣ ହୋଇ ପଡ଼ିଲି । ମୋର ମନେ ହେଲା ଆଜି ଜଣେ କୁନ୍ତଳା କୁମାରୀ ଯେପରି ଅଛନ୍ତି । 'ଶୈଳ ଅପା' ମନେ ପଡ଼ିଲ । ସେହି ଦୃଷ୍ଟିରୁ କୁନ୍ତଳା କୁମାରୀଟିକୁ

Digitized by srujanika@gmail.com

ଦେଖିବା ପାଇଁ ମନରେ ବ୍ୟଗ୍ରତାକୁ ସମ୍ବରଣ କରି ନପାରି ଶୈଳ ଅପା ଘରକୁ ଆସିଥିଲି । ମୋ ଉକ୍ତି ଶୁଣି ସେ କହିଥିଲେ "ସତରେ ମୋ ଜୀବନ କୁନ୍ତଳା କୁମାରୀଙ୍କ ଠାରୁ ଆହୁରି କରୁଣତର !" "ମୁଁ ବି ସେମିତି ଅଳ୍ପ ଦିନରେ ସମସ୍ତଙ୍କ ଠାରୁ ଦୂରକୁ ଚାଲିଯିବି । ସେତେ-ବେଳେ ସେମାନଙ୍କର ମୋର ଏହି କଥା ମନେ ପଡ଼ିବ ।" ବାସ୍ତବିକ ଶେଫାଳି ପରି ସେ ଗୋଟିଏ ବର୍ଷର ଜୀବନ ନେଇ ଆସିଥିଲି । ଚାଲିଗଲି । ହେଲେ ସେ ଏମିତି ଅନେକ ହୃଦୟରେ ବଞ୍ଚି ରହିବ ସବୁ ଦିନ ପାଇଁ । କୁନ୍ତଳାଙ୍କ ଶେଫାଳି ପ୍ରତିରେ ଅନନ୍ତ ବିନାଶ × × ଲେଖା ନାହିଁ କପାଳେ—, ମନେ ପଡ଼େ । ସେହି ନୈରାଶ୍ୟ ଭିତରେ ଆଶାବାଦୀ ନାରୀଟି କ୍ଷଣିକ ଜୀବନ ନେଇ ଆସିଥିଲେ ବି ତାଙ୍କ ଆଦର୍ଶ ଓ ପ୍ରତିଭା ଚିର ଭାସ୍ୱର । ପ୍ରତି ହୃଦୟର ସ୍ପନ୍ଦନ ଏଠି । ପ୍ରତି ପ୍ରାଣରେ ଯିଏ ନିଜର ହୋଇ ପାରିବାର ଦକ୍ଷତା ରଖିଥିଲି, ପର ପାଇଁ ଯିଏ କାନ୍ଦୁଥିଲି, ନିଜ ଆଦର୍ଶକୁ କର୍ତ୍ତବ୍ୟ ଧରି ଯିଏ ଝଡ଼ ଭିତରେ ଚାଲି ପାରିଥିଲି, ସେହି ଶୈଳ ଅପା ପାଖରେ ଭକ୍ତିରେ ମୁଣ୍ଡ ନଇଁଯାଏ । ଚକାଡୋଳା ତାଙ୍କର ପବିତ୍ର ଆତ୍ମାକୁ କୋଳ କରି ନେଇଛନ୍ତି । ସେ ଅମର । ତାଙ୍କ ସ୍ମୃତି ଅମଳିନ ହୋଇ ରହିବ । □

Digitized by srujanika@gmail.com

॥ ସ୍ନେହ ଆଦରର ପ୍ରତିମୂର୍ତ୍ତି : ଶୈଳ ମାଉସୀ ॥

● ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ

ଆଜକୁ ଠିକ୍ ଆଠ ବର୍ଷ ତଳର କଥା ।

ଶୈଳ ମାଉସୀ ! ତମେ ମାଙ୍କ ସହ ଆମ ଘରକୁ ଆସିଥିଲ । ମା ମତେ କହିଲେ ନମସ୍କାର ଜଣାଇବାକୁ । ମୁଁ ନମସ୍କାର ଜଣାଇ ଥିଲି । ପ୍ରତି ବଦଳରେ ପାଇଥିଲି ମୋ ମୁଣ୍ଡରେ ତମ ସ୍ନେହବୋଳା ହାତର ସ୍ପର୍ଶ । ସେଦିନ ଥିଲା ତମ ସହ ମୋର ପ୍ରଥମ ଦେଖା । ତା ପରେ ଏମିତି ଅନେକ ଥର ଦେଖା ସାକ୍ଷାତ ହୋଇଛି । ତମ ସ୍ନେହ, ଶ୍ରଦ୍ଧା, ଆଦର ବୋଳା କେତେପଦ କଥା, ତମ ହସ ହସ ମୁହଁ ମତେ ଖୁବ୍ ନିଜର କରି ନେଇଚି । ଏଭଳି ଅନେକ ସମୟରେ ମୁଁ ତମ ସ୍ନେହ ଓ ଆଦର ଭିତରେ ମୁଁ ମୋ ସ୍ଥିତିକୁ ଖୋଜି ବିହ୍ୱଳ ହୋଇ ଯାଇଛି । ତମ ନିକଟରେ ମୋ ମୁଣ୍ଡ ନଇଁ ଯାଇଛି ଭକ୍ତି ଓ ଶ୍ରଦ୍ଧାରେ ।

ତାପରେ ତ ମୁଁ କଲିକତା ଚାଲିଗଲି ସୂକ୍ଷ୍ମ ଚାରୁକଳା ପଢ଼ିବା ପାଇଁ । ଆଉ ତମ ସହ ବାରମ୍ବାର ଦେଖା ହେବା ସମ୍ଭବ ହେଲାନାହିଁ । ଥରେ କିନ୍ତୁ ତମ ସହ ଦେଖା ହୋଇଯାଏ ସୁଚରିତା ପତ୍ରିକା ଦ୍ୱାରା ଆୟୋଜିତ କବିତା ପାଠୋତ୍ସବରେ । ଅନେକ ଦିନ ପରେ ଦେଖା ହୋଇଥିବାରୁ ତମେ ଖୁସି ହୋଇ ପଚାରି ବସିଲ ଅନେକ କଥା । ମୁଁ କ'ଣ ଜାଣିଥିଲି ଏହା ତମ ସହ ଶେଷ ଦେଖା !

ଥରେ ଘରକୁ ଫେରି ହଠାତ୍ ଶୁଣିଲି ତମେ ଆଉ ନାହଁ—ତମ ସହ ଆଉ ଦେଖା ସାକ୍ଷାତ ହୋଇ ପାରିବ ନାହିଁ । ନିଜ କାନକୁ ବିଶ୍ୱାସ

Digitized by srujanika@gmail.com

କର ହେଲା ନାହିଁ । ମୋ ଓଠ ଦୁଇଟି ଥର ଉଠିଲା—ହୃଦୟର କୋହ, ମନର ଯନ୍ତ୍ରଣା ସବୁ ଅସ୍ପଷ୍ଟ ହୋଇ ରହିଗଲା ସେଇ ଦୁଇ ଓଠର ସୀମିତ ପରିଧି ଭିତରେ !

କିଛି ସମୟ ପରେ ସ୍ତବ୍ଧତା କାଟି ମାଙ୍କୁ ପଚାରିଲି

—ମାଉସୀ ଯେ ଏମିତି ହଠାତ୍ — ?

—ହଁ, ଏକ ସାଧନାରତ, କର୍ମରତ ଜୀବନ, ଶେଷରେ ବିଶ୍ରାମ ନେଇ ଯାଇଛନ୍ତି ସବୁଦିନ ପାଇଁ ।

ଶରୀରଟା ବୋଧେ ବିଶ୍ରାମ ଖୋଜୁଥିଲା—ବିଶ୍ରାମ ନେଲା । କିନ୍ତୁ ଆତ୍ମା ? ନାଁ ମାଉସୀ ! ତମେତ ସବୁବେଳେ ଆମ ପାଖେ ପାଖେ ରହି ପ୍ରେରଣା ଦେଇ ଚାଲିଛ, କଳା, ସାହିତ୍ୟର ସାଧନା ପଥରେ ଆଗେଇ ଯିବାକୁ ଏବଂ ବାଣ୍ଟି ଚାଲିଛ ମୁଠା ମୁଠା ସ୍ନେହ ଆଦର ।

ତମ କଥା ମନେ ପଡ଼ିଗଲେ ଲୁହ ସବୁ ଆସି ଜମାଟ ବାନ୍ଧେ ଆଖିରେ । ହଁ ମାଉସୀ ତମେ ଯେଉଁଠି ଥାଅ ନିଶ୍ଚୟ ଭଲରେ ଥିବ ଏବଂ ତମେ ଅଜାଡ଼ି ଦେଇଥିବା ସ୍ନେହ ଆଦର ଅମୂଲ୍ୟ ସମ୍ପଦ ହୋଇ ରହିଥିବ ଆମମାନଙ୍କ ପାଇଁ ।

ତମେ ମୋର ଚିର ନମସ୍ୟା ! □

* ପ୍ଲଟ ନଂ ୪୪୫
ଶହୀଦ ନଗର
ଭୁବନେଶ୍ୱର-୭

Digitized by srujanika@gmail.com

ଏକ ଚୁମ୍ବକୀୟ ବ୍ୟକ୍ତିତ୍ୱ

● ଡକ୍ଟର ଭବଗ୍ରାହୀ ମିଶ୍ର

ଛୋଟିଆ ମଣିଷଟିଏ, ବାଙ୍ଗରା ମାଇପିଟିଏ, କଳା ମଚ ମଚ ଦେହଟିଏ । ସତେ ଯେମିତି କୋଉ ବନ୍ଧାଣୀଟିଏ କଳା ମୁଗୁନି ପଥର ଦେହରେ ଖୋଳି ଦେଇଛନ୍ତି ଶିଳ୍ପୀ ମଣିଷଟିଏ । ମୁଣ୍ଡରେ ଓଢ଼ଣା, କପାଳରେ ଡାଉ ଡାଉ ହୋଇ ଜଳୁଥିଲା ସିନ୍ଦୁର ଟିପା । ଏଇ ଭଳିଆ ମାଇପିଟିଏ ଆଜି କାଲିକା ଯୁଗରେ ଖୋଜି ପାଇବା କଷ୍ଟକର । ସତେ ଯେମିତି ମାନବିକତାର ସ୍ପର୍ଶରେ ଉବୁ ଟୁବୁ ହେଉଥିବା ବ୍ୟକ୍ତିତ୍ୱଟି ସବୁବେଳେ ସ୍ନେହ, ସୌହାର୍ଦ୍ଦ୍ୟ, ଶ୍ରଦ୍ଧା, ଅନୁକମ୍ପା ଢାଳିଦେବାକୁ ଚାହୁଁଥିଲା କେତେ ଜଣା ଅଜଣା ଭାଇ ଭଉଣୀଙ୍କ ଉପରେ ଯେଉଁମାନଙ୍କର ସେ ଥିଲେ "ଶଇଳ ଅପା" ।

ଗାଁର କ୍ଷେତ ବାଡ଼ି ବୁଝିବା, ପିଲାଝିଲା, ସ୍ୱାମୀଙ୍କର ଅଳି ଅରଦଳି ବୁଝିବା ଆଉ 'ଶଇଳ ଅପା'ର ଯେତେ ଭାଇ ଭଉଣୀ, ସେ ସମସ୍ତଙ୍କ କଥା 'ଚୁମ୍ବକ'ରେ ବୁଝି 'ଚୁମ୍ବକ'ର ସଂପାଦନା ଦାୟିତ୍ୱ ତୁଲାଉଥିଲେ ଏଇ ନାରୀ ଜଣକ ।

ମୋ ଘରେ ଏମିତି ଅକାଳେ ସକାଳେ ଦୁଇ ତିନିଥର ପହଞ୍ଚି ଯାଇଥିଲେ ସେ, ଲେଖା ପାଇଁ ଅନୁରୋଧ କରି । କୌଣସି ଆଧୁନିକ ମହିଳା ପତ୍ରିକାର ସଂପାଦିକା ଭାବରେ ନୁହେଁ— ଜଣେ ଦରଦୀ ଲେଖିକା ଭାବରେ- ସବୁ ଭାବ ଅଭାବକୁ ସଜାଡ଼ି ରଖିବା ପାଇଁ 'ଚୁମ୍ବକ'ର ପୃଷ୍ଠାରେ ।

ଅନେକ ମହିଳା ଜାୟା ହୋଇ ପାରନ୍ତି, କେହି କେହି ଜନନୀ ହୋଇ ପାରନ୍ତି । କିନ୍ତୁ ଜାୟା ଓ ଜନନୀ ଉଭୟର ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ଭିତରେ ସାହିତ୍ୟ ଲେଖିକା ଓ ସାହିତ୍ୟ ପତ୍ରିକା

Digitized by srujanika@gmail.com

ସଂପାଦନା କରି ବୃଦ୍ଧ ତରୁଣ, ପୌଢ଼ ସମସ୍ତଙ୍କୁ ସ୍ନେହ ସୂତ୍ରରେ ବାନ୍ଧିରଖି ପାରିଥିବା ଏଇ ମହୀୟସୀ ମହିଳା ସତେ ଯେପରି ଥିଲେ ଏକ ଚୁମ୍ବକୀୟ ବ୍ୟକ୍ତିତ୍ୱ । 'ଚୁମ୍ବକ' ବନ୍ଦ ହୋଇଗଲା । କିନ୍ତୁ ସବୁ 'ଚୁମ୍ବକ' ଭିତରେ ସେ କେତେ ପ୍ରାଣୀଙ୍କୁ, କେତେ ମନକୁ ଚୁମ୍ବକୀୟ ଭାବରେ ବାନ୍ଧିଦେଇ ଚାଲିଗଲେ ଏକ ସରଳ ନିଷ୍କପଟ ନାରୀର ପ୍ରାଣ ପ୍ରାଚୁର୍ଯ୍ୟ ଓ ସ୍ନେହ ସୌହାର୍ଦ୍ଦ୍ୟର ସ୍ପର୍ଶରେ ! ସତରେ 'ଶଇଳ ଅପା' ଥିଲେ ସେମାନଙ୍କ ପାଇଁ ସୂତ୍ରଧର; ଆଜି ଆମ ମାନଙ୍କ ପାଇଁ ଏକ ବିଗତ ସମାଜର ମୂର୍ତ୍ତିମନ୍ତ ପ୍ରତୀକ-ଏକ ମନଲୋଭା କଳା ମୁଗୁନି ପଥରରେ ଖୋଦିତ ଜୀବନ୍ତ ପ୍ରତିମା—

□ □

Digitized by srujanika@gmail.com

।। ନା' ସ୍ୱର୍ଗକୁ, ନା ତମକୁ ।।

• ଶ୍ରୀ ବସନ୍ତ କୁମାର ସାମଲ

ରାତି ବାରଟା······

ରାଜଧାନୀର ଏକ ସାହିତ୍ୟ ଆସର ଜାମସାରି ତମ ଘରକୁ ଫୋଗ ଦେବାକୁ ଆସିଥିଲେ । ତାରିଖ ବାର ମନେନାହିଁ । ଡାଇରୀ ବ୍ୟବହାର କରେନା । କେମିତି ମନେ ରହିଯାଇଛି ସେ ରାତିବାରଟା । ଜୀବନରେ ସେ ସମୟଟା ବେଶ ସ୍ମୃତିମୟ । ପ୍ରଥମ ଦେଖା । ଶ୍ୟାମଳୀ ଦେହଟା- ମଧ୍ୟମ ଧରଣର ସ୍ୱାସ୍ଥ୍ୟ । ସେ ଯେଉଁ ଅଣନିଶ୍ୱାସୀ ଧୂର ଫେରା ଧୁଁ । ଦଉଡ଼ । ଖାଲି ବ୍ୟସ୍ତତା । ପ୍ରସନ୍ନ ପାଟଶାଣୀ, ଗୁରୁମହାନ୍ତି, ହୁସେନ୍- ରବି ଗାଂଧୀ, ସଦାଶିବ ଦାଶ, ଫଣୀ ମହାନ୍ତି ସମସ୍ତଙ୍କର ବୟସରେ ଅପା । ସବୁ ଯୁବ ସାହିତ୍ୟିକଙ୍କର ଅପା । ମାନମୟୀ ଅପା । ସୁନ୍ଦର ଅପା । ଗେହ୍ଲା ଅପା । ମୋର ବି ଅପା !

ତମେ ଶୈଳ ଅପା

ସାହିତ୍ୟିକା

କବି

ଗାଳ୍ପିକା

ସେଦିନ ରାତି ବାରଟାରେ ସମସ୍ତେ ପିଲାମାନେ ଶୋଇ ପଡ଼ିଥିଲେ । ଘୁର ଘାଇ ଟୁରରେ । କମିତି ମାଡ଼ ମାଡ଼ ପଡ଼ିଲା । କନକନ ଛନଛନ ମନ । ଅହଂକାରର ସୁନାଜରି ପାଗ ବାଂଧି ମୁଁ ଯାଇଛି । ଆସର ପରେ କେଉଠି ରହନ୍ତି । ତମେ ହାତଧରି ଟାଣି ନେଇଥିଲ । ତମଘରେ

Digitized by srujanika@gmail.com

ରହଣି । ଖାଇବାକୁ ଇଚ୍ଛା ନଥାଏ । ତଥାପି ବଳେଇ ବଳେଇ ସେଇ ସୁଆଦିଆ ହାତର ପ୍ରସ୍ତୁତ ଖାଦ୍ୟ । କଏ ଗ୍ରୁଡେ ··· ? ···ସବୁ ସଂକୋଚ ଭୁଲି ମୁଁ ତମ ମୁହଁକୁ ଚାହିଁ ଖାଇଯାଉଥିଲି । ତାପରେ ସେଇ ବଚ୍ଛଥାକ-କୁଂଚିଧର । ତାର ବାରଣ୍ଡାର ଚେୟାରରେ ଏକଦମ ଲାଗିକରି ବସି କବିତା ପାଣ୍ଡୁଲିପି ଆଣି ପଢିବାର ଯେଉଁ କଷ୍ଟର ଆଗ୍ରହ । ଗୁଲି ଗୁଲି କ୍ଲାନ୍ତ ଲାଗୁଥିଲେ ମଧ୍ୟ ଉତ୍କଣ୍ଠାର ଅଭିନୟ କରି କବିତାଗୁଡ଼ି ଶୁଣୁଥିଲି ; କାରଣ ଦେହ ଓ ମନ ସଂପୂର୍ଣ୍ଣ ଅନାଗ୍ରହୀ । କିଂତୁ କେମିତି କଣ ଶୁଣି ଯାଉଥିଲି ।

ଶୈଳ ଅପା କବିତା ପଢୁଚ ତ ପଢୁଚ-ଏକ ଲୟରେ, ଏକାଗ୍ରତାକୁ ନେଇ । କୁଆଡ଼କୁ ନଜର ନାହିଁ । କି ଭାବପ୍ରବଣ । ଆବେଗମଧୁ ସେ ନଜନ କବିତା ପାଠ । କବିତା ପରେ କବିତା- ତାପରେ ସେ କବିତା ପାଠ ବନ୍ଦକରି ପ୍ରକୃତିସ୍ଥ ହେଲାପରେ ଦେଖିଲେ ମୁଁ ଢୋଳାଇ ହେଉଛି ଧୀରେ ଡାକିଲେ··ଖୁବ ମିଠା ସେ ଧୀର ଗଳା···ଆପଣାର କରିନେବାର ଗଳା···ସତେ ଅବା ଯଶୋଦାର ବାତ୍ସଲ୍ୟ ଗଳା । ଧୀରେ ଆଖିମେଲି ଦେଖିଲି ଏ କଣ ? ସାଙ୍ଗେ ସାଙ୍ଗେ କହିଠକାଇଲେ ଭଲ ସମାଲୋଚକ ଭାଇଟିଏ - ମୁଁ ପଢୁଚି ଯେ ପଢୁଚି ଅଥଚ ତୁ ଶୋଇ ପଡ଼ିଲୁଣି କେତେବେଳେ । ବଡ଼କ୍ଲାନ୍ତ ଜଣାପଡୁଛୁ-ଚାଲେ ଶୋଇବୁ ଜାଗା କରି ଦେବି ।

ମୁଁ ଉଠିପଡି ଅଶ୍ଚର୍ଯ୍ୟରେ ଆଖି ମଳିଲି । ଲଜ୍ୟା ସଂକୋଚରେ ନଇ ବଧୂ ପରି ତଳକୁ ମୁହଁ ହାଣି କହିଲି-କ୍ଷମାକରିବ ଅପା । ମନେ କିଛିବ ନାହିଁ ମୋ ଅଯୋଜନୀୟ ବ୍ୟବହାର ପାଇଁ ।

ହସିଲେ ଶୈଳଅପା । ସେ ହସ ପ୍ରାଣଖୋଲା ହସ । ଖୁବ ନିର୍ବିକାର-ଏକବାର ପବନ ପରି ହାଲୁକା··ଫୁଲ ପରି ନରମ ସବୁକୁ ଉଡେଇ ଦେବାର ଫୁତ୍କାରଭରା ଦମ୍ଭିଲା ପୁଣି କୋମଳ ହସ କି

Digitized by srujanika@gmail.com

ଆଶ୍ଚର୍ଯ୍ୟ ଦରଦ ସହାନୁଭୂତି ସ୍ନେହମିଶା ସେ ହସ । ଆଜି ବି ମନରେ ଲାଖି ରହିଛି ସେ ହସ । ମୁଁ ମନକୁ ମନ ତାଙ୍କପାଖରେ ସାନ ହୋଇ ଯାଇଛି ଯେ ଆଜଯାଏ ସାହାସ ହୋଇନି ତାଙ୍କର ବଡ଼ଭାଇ ହେବାକୁ । ଲଜ୍ଜିତ ହେଲି ।

ତା ପର ଦିନ ସକାଳେ ଜନ୍ମକଲି ସାନଭାଇ ହୋଇଗଲି । କହିଲି ଦେ' ତୋ କବିତା ଗୁଡ଼ା । ପଢ଼ିବି । ତତେ ବୁଝିବାକୁ ଚେଷ୍ଟା କରିବି । ତୋ ଦୁଃଖ ମାନଙ୍କୁ ଦେଖିବି ସେମାନେ କେମିତି ତୋ ମାନସ ସନ୍ତାନ କବିତାରେ ସବାର ହୋଇଛନ୍ତି । ଦେଖିଲି । ପରଖିଲି । ବୁଝିଲି ତୋ ମନର ଦୁଃଖ କ'ଣ ? ତେ ର ଅବଶେଷ କଣ ? ପ୍ରାଣର ଆର୍ତ୍ତି କ'ଣ ? ବେଦନା ଓ ବ୍ୟଥାର ମାନେ କଣ ? କେତୋଟି କବିତା ସଂକଳିତ କବିତା ଗ୍ରନ୍ଥ "ଲୁହର ଯମୁନା"ରେ ଦେଖିବାକୁ ପାଇଲି ପରେ ।

ବହୁ କମେଣ୍ଟ୍ ଦେଇଛି ଭଲ ଓ ମନ୍ଦର । ସବୁ ଗଳାଧଃକରଣ କରି କେବଳ ପ୍ରାଣ ଖୋଲି ହସ ହସିଛୁ । ଚିଠିପାଇଁ ଏତେ ବ୍ୟାକୁଳତା । ତମେରୁ ତୁ କୁ ଖସି ଆସିବାକୁ ମୁହୂର୍ତ୍ତେ ଲାଗିଲାନି । ବାଳିମାର କହି ପାରେ ତୁ କୁହୁକମା କି ମାୟାବିନୀ ନୁହଁ ? କେତେ ପତ୍ର । ଆଜି ଯେବେ ପୁରୁଣା ଚିଠି ଗୁଡିକ ଖେଲାଇଲି ବେଳେ ଆଖିରେ ଲୁହ ଆସୁଛି । ସେ ଚିଠିରେ କେତେ ତାଗିଦ୍ କେତେ ନିମନ୍ତ୍ରଣ କେତେ ପ୍ରଶଂସା କେତେ ବିରକ୍ତି କେତେ ଲହୁଲୁହ ହସ କୋହର ତର୍ଜମା । ଏକାରକ୍ତର ଭାଇ । ଏକାନାହି ଦୁଇଖଣ୍ଡ ହୋଇଛି ସତେ ଯେପରି । ପରକୁ ଆପଣର କରିବା ଏଇ ଗୁଣ ବାସ୍ତବିକ କାହାଠି ଦେଖିନି । ସତ କହୁଛି···ବ୍ୟସ୍ତତାର ଚିଠି ପଢି ମୁଁ ବି ସରଞ୍ଜନ ହୋଇ ଯାଇଛି । ପ୍ରବନ୍ଧପାଇଁ ଚିଠି । "ଚମ୍ପକ" ପତ୍ରିକାର ଜନ୍ମ ଜାତକ, ମୋର ପ୍ରଥମ ଏକମାତ୍ର ପ୍ରବନ୍ଧ "ଓଡ଼ିଆଣୀ" ପଢି ତୁ ଲେଖିଥିଲୁ—ଏଇ ପ୍ରବନ୍ଧଟି ପାଇଁ ରାମପ୍ରସାଦ ମହାନ୍ତି (ଶିଶୁ ସାହିତ୍ୟିକ) ତୋତେ ଦେଖିବାକୁ ଚାହୁଁଛନ୍ତି । ତା ପରେ ଯେଉଁଠି ଜହ୍ନ ଅସ୍ତ ହୁଏ, ସେଇଠି ବାଘର ଭୟ । ବାଘର ଭୟ ଆରମ୍ଭ ହେଲା । ଯୁବଲେଖକ ସମ୍ମେଳନ, ଜୋନାଲ ରାଇଟର୍ସ କନଫରେନ୍ସ । କଲିକତା ଆଜ ଶ୍ରେଷ୍ଠବଡ଼ ସାହିତ୍ୟ ଅନୁଷ୍ଠାନ ସହ ଜଡ଼ିତ । ଶୈଳ ଅପା ନ ଗଲେ କେହି ସାହିତ୍ୟିକ

Digitized by srujanika@gmail.com

ଯିବେ ନାହିଁ । ଏଣୁ ସବୁ ଯୁବ ଲେଖକ ତୋ ପାଖରେ ହାଜର ।
ଏଇଠି ତେର ପାଗ୍ଲାମି ।

ସାହିତ୍ୟ ସଂଗଠନ, ପତ୍ରିକା ପ୍ରକାଶନ ପୁଣି ବିଜ୍ଞାପନ ସଂଗ୍ରହ ଲେଖା ସଂଗ୍ରହ-ଏ ସବୁ କାର୍ଯ୍ୟରେ ତୁ ଅଦ୍ୱିତୀୟ । ସେଇଥି ପାଇଁ ବିଷୁବ ମିଳନରେ ସଂଗଠିକା ସାର୍ଟିଫିକେଟ ପାଇ ଆସିଲାବେଳେ ଘାଟରେ ସାକ୍ଷାତ । ହଠାତ୍ ଦେଖାହେଲା...... ଆଗରେ ବସନ୍ତ-ଭୂଲି ଗଲୁଣି ଗତିବ ଅପାକୁ । ଅପା କଣ ତୋତେ ଭୁଲିପାରିବ । "କହ୍ନେଇ-ନାମା" ପାଇଛୁ, ସେଇଟି ପାଇଁ କମ୍ ଖଟିନାହିଁ । କହ୍ନେଇ ଘରି ମନେ ପଡ଼ୁଛି—କାନ୍ଧ ପକେଇଲା ଶୈଳଅପା । ତା ପରେ ପାଖକୁ ଆସିଲି ପଣତ କାନରେ ଲୁହ ପୋଛୁ । ସାଙ୍ଗରେ କଣ ସାହିତ୍ୟିକ ଝିଅ ଦୁଇଟି । ଆଜିର ଦୁନିଆରେ ସମସ୍ତେ ନିଜ ପାଇଁ ଧାଇଁଲା ବେଳେ ପରପାଇଁ ଯେଉଁ କେବଳ କାନ୍ଦେ । ମୁଁ କହିଲି ଶୈଳଅପା ! ମୋର ଭୁଲ୍ ହୋଇ ଯାଇଛି ।

ସେ ଆଶ୍ଚର୍ଯ୍ୟ ଗଳାରେ କହିଲା -ଭୁଲ୍ ?

ମୁଁ କହିଲି ଲେଖାପାଇଁ ବହୁ ତ୍ରୁଟି ପାଇ...

ଖୁବ ହସିଲା ଶୈଳଆପା-ସତେଯେପରି ସେ କିଛି ନୁହେଁ...ଖୁବ ପାଖକୁ ଲାଗିଆସି ମୋ ପିଠି ଥାପୁଡ଼େଇ-ଏଇ ଗୋଟେ କଥା । ତା ପରେ ବ୍ୟକ୍ତିଗତ କଥା । ସଂଗଠନ କଥା, ଲେଖାଲେଖି କଥା । ସାହିତ୍ୟ ଛଡ଼ା ଦୁନିଆରେ ଆଉ ଚିନ୍ତା ଯେପରି କିଛିନାହିଁ । ଏଇ ପାଗଳୀ ଅପାକୁ ଦୁନିଆ ଯେଉଁ ଦୃଷ୍ଟିରେ ଦେଖୁଥିଲା-ସେ ଦୃଷ୍ଟି ବିଷାକ୍ତ ହୋଇ ପାରେ ହେଲେ ସେ ଦୃଷ୍ଟିର ଅନ୍ତରାଳରେ ଅନ୍ୟ ଏକ ଦିବ୍ୟଦୃଷ୍ଟି ଥିଲା ଯାହା ଅପୂର୍ବ...ଅନନ୍ୟ...

ଗତ ବାରଟା ନୁହେଁ ଦିନ ବାରଟା । ପ୍ରଜାତନ୍ତ୍ର ବିଲଡିଂର ଝଙ୍କାର କାର୍ଯ୍ୟାଳୟରୁ ଶୁଷ୍କ ତଥା ନିରସ ମନରେ ଫେରୁଥିଲି ବେଳେ ହଠାତ୍ ଅପା "ଲୁହର ଯମୁନା" ସଦ୍ୟପ୍ରକାଶିତ କବିତା ସଂକଳନଟି ଧରି ଆଗରେ ଉଭା । କି ଖୁସି । ଝଟ୍ଟେ ଦେଖି ! ବହୁତ ପଇସା ଖର୍ଚ୍ଚ ହେଲା ।

Digitized by srujanika@gmail.com

ତାହା ତ ମୋର ଉତ୍ତର । କେତେକଥା ବାଛୁ ବସିବୁ ପତ୍ରିକାର ମତାମତ ଦେବୁ । ଏଇଲାଗେ ନୁହେଁ - ଶଠେରେ ଲେଖିବୁ । ତା ପରେ ବ୍ୟସ୍ତଭାବେ ନାଟକୀୟ ଢଙ୍ଗରେ ପ୍ରସ୍ଥାନ, ମୁଁ "ଲୁହର ଯମୁନା" କବିତାଗ୍ରନ୍ଥର ପୃଷ୍ଠା ଓଲଟାଇ ଯାଉଥିଲି । ଛନ୍ଦ, ଆବେଗ, ପ୍ରବହତା, ସାବଲୀଳତା, ଭାବମୟତା ଆଃ, ନିଜର କଥା କହିବାକୁ କି ସଫଳ ଶିଳ୍ପୀ । ଭାବନାର ସ୍ରୋତ ସ୍ୱାଭାବିକ ଭାବରେ ବୋହି ଯାଇଛି । କବି ପ୍ରାଣର ସରଳ ତରଳ ଚମତ୍କାର ଅଭିବ୍ୟକ୍ତି ଏ ପରା ।

ଆଜି ଶୁଭଲକ୍ଷ୍ମୀର ହାତ ଲେଖାଶଠେ । ତୁ ତାକୁ ଡିଆର କରିଥିଲୁ । ତା'ର କବିତା ଉପରେ ମୁଁ ଯେଉଁ ମନ୍ତବ୍ୟ ଦେଇଥିଲି ଆଜି ମନେ ପଡ଼ୁଛି । ସେ ବି ମନେରଖିଛି । ମହାଶୟ ବୋଲି ଲେଖିଛି । ତୁ ବର୍ତ୍ତମାନ ସ୍ୱର୍ଗରେ··· ଏ ଲେଖା ସ୍ୱର୍ଗକୁ ? ହେଲେ ଶୁଭଲକ୍ଷ୍ମୀକୁ ନା ତମକୁ ? ତୋର ଉପନ୍ୟାସ, ଗଳ୍ପ, କବିତା ସବୁ ଗ୍ରନ୍ଥାବଳୀ ହେବ । ଶୁଭଲକ୍ଷ୍ମୀ ଲେଖିଛି ତ ଖୁସି କଥା । ଯେଉଁ ଭୁବନେଶ୍ୱରରେ ପ୍ରଖ୍ୟାତ ଯଶା ବିଦ୍ୟୁତପ୍ରଭାଙ୍କର ଆକସ୍ମିକ ମୃତ୍ୟୁ- ସେଇ ରାଜଧାନୀରେ ତୋର ବି । ତୋ ଚିତା ଧୂଆଁର ପବିତ୍ର ବିସ୍ତୃତ ଦିଶୁଚି···ତୁ ଦେଇ ଯାଇଥିବା ଅବଦାନ ତ ସମୟର କଷଟିରେ କଷା ହୋଇ ଖାଣ୍ଟି ସୁନାପରି ଝଲମଲ ହେବ । ତୋର ସଂଗଠନ ଶକ୍ତି······ ତୋର ପତ୍ରିକା ସମ୍ପାଦନା ତୋର ଗଳ୍ପ କବିତା ଇତ୍ୟାଦି ମିଶି ଯେପରି ଲେଖିକା ମରୁଡ଼ି ରାଜ୍ୟରେ ଏକ ପ୍ରତିଭାର ସ୍ୱାକ୍ଷର ଦେଇ ଯାଇଛି । ତୋର ଅସମ୍ଭବ ଆତ୍ମବିଶ୍ୱାସ । ମୋତେ ଚିରଦିନ ମୁଗ୍ଧ କରି ଅଛି । ତୋର ପରି ମୁଁ ହେବାକୁ ଚାହିଁଲେ ବି ପାରୁନି ।

ଆଜି ରାତିବାରଟା······ରାତିଅଧ

ଆକାଶରେ ଜହ୍ନ···ସେମିତି ଝଲ୍‌ଝଲ୍ ଅନ୍ଧାର । ମୋ ଆଖିରେ ବି ଲୁହର ଫସଲ । ସମ୍ଭବତଃ କି କରି ହୋଇ ସକାଳକୁ ଝରି ପଡିବ । ପ୍ରେମ······ଏଇ ଶାଶ୍ୱତ ପ୍ରେମ ପାଇଁ ଜଳି ଜଳି ତୁ ଅଙ୍ଗାର ହୋଇ ଯାଇଛୁ । ଆଜି ମାପୁଛି ତୋ ହୃଦୟକୁ—ହୃଦୟର ଗଭୀରତାକୁ ।

Digitized by srujanika@gmail.com

ଓଡ଼ିଶାରେ ଲେଖିକା ମାନେ ଆଗେଇ ପାରୁନାହାନ୍ତି । ଆଜିବି ସେଥି ନିଜକୁ ପ୍ରକାଶ କରିବାକୁ ଆଜିବି ଭୟ ମାଡ଼ି ମାଡ଼ି ପଡ଼ୁଛି । ତା ସତ୍ତ୍ୱେ ତୁ କଲମ ଧରିଲୁ ସେ କଲମର ଜୟ କେଉଁଠି ଧାଡ଼ିରେ ।

ତୋ ଲୁହର ଯମୁନା ଏବେବି ଉଜାଣି ବହୁଛି ସବୁରି ହୃଦୟରେ । କୃଷ୍ଣର ବେଣୁ ବାଜୁଛି ଏଇ ଯେପରି ଯମୁନା କୂଳ ସବୁଜ ଅରଣ୍ୟ ଭିତରେ । କଦମ୍ବଫୁଲ ଝରୁଛି ଘନଘୋର ଶ୍ରାବଣୀ ବର୍ଷାରେ । ତୋ ରାଧିକାତ୍ମା କାହ୍ନୁକୁ ବେଣୁ ଛାଡ଼ି ହାତଧରି ବାଟ ଚାଲିବାକୁ କେତେ ଆକୁଳ ମିନତି ବାଢ଼ୁଛି । ଏ ତ ଜଗତର ଚିରନ୍ତନ ପ୍ରେମର ସ୍ୱାକ୍ଷର । ଏକ ବିରହ-ଜ୍ୱଳିତ ତନୁର ଚମତ୍କାର ସ୍ୱୀକାର ପତ୍ର । ଜୀବ ପରମର ମିଳନ ପାଇଁ କେତେ ତନୁ ଯେ···ଏଇଠି ତ ହୋଇଛି କବି ପ୍ରାଣର ସାର୍ଥକ ପ୍ରକାଶ । ଆଜି କାହିଁକି ସବୁ ଦିନେ ନାରୀ ଲେଖିଥିବ ପୁରୁଷ ପାଖକୁ ଫୁଲ ପାଖୁଡ଼ାରେ କରୁଣ ଚିଠି । ହଁ ଲେଖିଥିବ ଆଖିର କଜଳରେ ।

ଶୈଳଅପା ତୁ ଆମଭିତରେ ନାହୁଁ ପୁଣି କେତେ ଅନ୍ତରଂଗ ହୋଇ ରହିବୁ ଯେ··· କେମିତି ଭୁଲି ହେବ ଯେ···ଲୁହର ଯମୁନାକୂଳେ ଠିଆହୋଇ କାହ୍ନୁ ବେଣୁକୁ ଆମେ କାନ ଡେରିଛୁ । ଯମୁନାର ଉଜାଣି ପଥର ପାଷାଣୀର ହୃଦୟକୁ ବୁଝିନିତ । "ପ୍ରେମ ଚିର ସୁନ୍ଦର ଶାଶ୍ୱତ" ଏଇ ଅନୁଭବ ଲୁହର କବିତାରେ ଲେଖିଛ । ପ୍ରତୀକ୍ଷାରତା ନାରୀର କୁହୁଳା କୋହ, ଆରାଧନା, ବାଟ ଭୁଲାପଣ, ଓଠରେ ହସ ଆଖିରେ ଲୁହଭରି । ମମତା ବଦଳରେ ବ୍ୟଥା ଚଟକାରୀର ଗୁମୁରି ଢ଼ଂଗ । ଫୁଲ ଫଗୁଣ ମଳୟ ପ୍ରତି ଅଭିମାନ ବିଜୟୀ ନାୟିକା ଅଶ୍ରୁଳ ଗୀତ- ପାହାଡ଼ ପାହାଡ଼ ଅନୁଚିନ୍ତାର ବୋଝ ସାଂଗକୁ ବିଫଳ, ବ୍ୟର୍ଥ ନଳତାବଡ଼ି ଇତ୍ୟାଦି ଭିତରେ ତୋ ନାରୀ ମନର ଚିରନ୍ତନ ରହସ୍ୟ ଏବେ ମୁଁ ଉଦ୍‌ଘାଟନ କରି ମନେ ପକାଉଛି । ବର୍ତ୍ତମାନ ଗଭୀରରାତି ଅଧରାତି··· ବେଣୁତ ବାଜୁଛି --କଦମ୍ବବନରେ ତୁ ସ୍ୱର୍ଗ ନା ମର୍ତ୍ତ୍ୟରେ ନା ପାତାଳରେ ତୁ ସବୁଠି··· ତୁ ବିଶ୍ୱମୟୀ । ଅରୂପ ଅତୀନ୍ଦ୍ରିୟ

Digitized by srujanika@gmail.com

ଜଗତରେ ସତେ ଯେପରି ଘୂରି ବୁଲୁଚୁ । ତୁ କେବେ ମରି ପାରୁନା ? ତୋ ଇଚ୍ଛା ପୂରଣ ହୋଇଛି ତ ? ତୁ ଚାହିଁଥିଲୁ···

ଜୀବନ ଯମୁନା ବୁକେ ଉଜାଣି ଜୁଆର
ଗ୍ରାସିବାକୁ ମୋତେ ଆଜ ଆସୁଛି ଯେ ଧାଇଁ
ବେଣୁ ଛାଡ଼ି ବନ୍ଧୁ ମୋର ହାତ ଟିକେ ଧର
ଏତିକ ମୋ ଅନୁରୋଧ ଆଉ କିଛି ନାହିଁ ।

କାହାରି ଯେତେବେଳେ ଏ ଆକୁଳତା ପୂର୍ଣ୍ଣ ହୋଇ ନାହିଁ··· ତୋର ବା କେମିତି ହୁଅନ୍ତା । ତେବେ ତୋରି କଥାରେ ତୋରି ସ୍ମୃତି ଚାରଣ କରୁଚ । ମନ ଭିତରେ ବୋହରେଇ ହେଉଛି ସେଇ କବିତା ପଂକ୍ତିଟି ।

“ବାଟ ଭୁଲିବାଟା କାହ୍ନୁର ସହଜ କଥା
ରାଧାବସି କାହିଁ ଆଖିରୁ ଗଡ଼ାଏ ଲୁହ ।
ବହିଯାଏ ନିତି ମନଭରା ଆକୁଳରେ
ସ୍ମୃତି ଛଳ ଛଳ ନୀଳ ଯମୁନାର ସୁଅ ।।”

“ପାଇବା ସତ୍ୟ ଅବା ହରାଇବା ତା'ଠୁ ବଳି ସତ୍ୟ ।” ଏହାହିଁ ଯେପରି ତୋ ଜୀବନର ପ୍ରଧାନ ମନ୍ତ୍ର । ତୋ ଅସଜଡ଼ା ମନର ଝରିବାପଣ କେତେ ତାଠୁ ଅଧିକ ସତ୍ୟ । ଏ ସବୁ ଭାବିଲାବେଳେ ତୁ କେତେ ମନେ ପଡ଼ୁଛୁ······ଭୁଲି ହଉନତ । ସୀତାଙ୍କ ପାତାଳ ପଶା ଦାରୁଣ ସତ୍ୟକୁ ଆଦର୍ଶ ମନେ କରି ତୁ ଚାଲି ଯାଇଛୁ । ଆମକୁ ଛାଡ଼ି··· ଯାଇଛୁ ଯେ··· ଏତ ସଂସାର କଥା ନୁହେଁ—ତୁ ଗଢ଼ିଥିବା ତୋ ହାତର ସଂସାର···ଚମ୍ପକ ପରିବାର···ସାହିତ୍ୟ—ପରିବାର କଥା କେବଳ । □

※ କମଗଡ଼
କଟକ

Digitized by srujanika@gmail.com

।। ତର୍ପଣ ।।

• ଶ୍ରୀମତୀ ନିର୍ମଳା ମହାପାତ୍ର

ଗୋଟାଏ ସ୍ମୃତିକୁ ବାରମ୍ବାର ଭୁଲିଯିବାକୁ ଶତ ଚେଷ୍ଟା କରିବାର ପୁନରାବୃତ୍ତି ଫଳରେହିଁ ତାହା ଚିର ଅଭୁଲା ରହିଯାଏ । ଜନ୍ ମାସ ପନ୍ଦର ତାରିଖ । ତୁମେ ମୁକ୍ତି ପାଇ ଚାଲିଗଲ । କିନ୍ତୁ କେତେକଙ୍କର ସ୍ନାୟୁ ଭିତରେ ତୁମ ସ୍ମୃତି ଖୁନ୍ଦା ହୋଇ ରହିଗଲା । ସେ ରେଖାଚିତ୍ର ମସ୍ତିଷ୍କର । ହୃଦୟର । ଆତ୍ମ ସଂବେଦନାର । ଧଳା ଶାଢ଼ୀର ପଣତ । ଆଉ ଅନାବନା କେଶ ସହିତ ଓଢ଼ଣା ଭିତରେ ସେଇ ମୁହଁଟାରୁ ହସ ଝରୁଥିଲା । ସମସ୍ତଙ୍କୁ ମୋର କରିବାର ଭାବ···

ତୁମ ହାତ ଲେଖା କବିତାଟିଏ ମୁଁ ସାଇତି ରଖିଛି । ଅଙ୍କା ବଙ୍କା ଅକ୍ଷରର ସମ୍ମେଳନ । ସେଇ ମତେ ଭାବିବାକୁ ଦେଉଛି, ଏବେ ମଧ୍ୟ ତୁମେ ଲେଖୁଛ । ରାଶି ରାଶି କବିତା, ସେଇଠାରେ ଥାଇ ବାଣ୍ଟି ଦେଉଛ । ସବୁ ଗୁଡ଼ିକ ତୁମର ଚୁମ୍ବକୀୟ ସ୍ପର୍ଶରେ ପ୍ରଫୁଲ୍ଲିତ । ପୁଲକିତ । ଉଚ୍ଛ୍ୱସିତ । ତୁମ ଉଷ୍ମ ମୂଲ୍ୟବାନ ସ୍ପନ୍ଦନର ତରଙ୍ଗ ତୁମର ଚଞ୍ଚଳ ମନର ବେଳାଭୂମିକୁ ଛୁଇଁସାରି ନିଃଶବ୍ଦରେ ଫେରି ଆସୁଛି । ଯାହା ହୁଏତ ବନ୍ଧନ ତାହା ତୁମ ପକ୍ଷରେ ଜୀବନ । ଜୀବନକୁ ତୁମେ ସ୍ୱାଗତ କର । କାରଣ ତୁମେ କଳାକାର । କଳା ତୁମର ପ୍ରାଣ । ଜୀବନ ତୁମର କଳାମୟ । ତୁମେ ମହାନ୍ ।

ତୁମର ଅତି ନିଜର ବଂଧୁଙ୍କ ସହ ପ୍ରାୟ ପ୍ରତ୍ୟେକ ଦିନ ସାକ୍ଷାତ ହୁଏ । ତୁମର ତ ସମସ୍ତ କୃତି-ଶ୍ରଦ୍ଧାଞ୍ଜଳୀ ତାଙ୍କର ପାଇଁ ହିଁ ଉତ୍ସର୍ଗୀକୃତ । ନିଦବେଳାରେ ତୁମର ପରମ ବଂଧୁଙ୍କୁ ମୁଁ ଦେଖୁଥିଲି

Digitized by srujanika@gmail.com

ଆଖିରେ ଗୁହେଁ । ସେ ହସନ୍ତି । କହନ୍ତି "ତମେ ଭଲରେ ଅଛ ।" ସଂଧ୍ୟା ଓ ସକାଳର ସଂଘର୍ଷ ଓ ଚକ୍ରାନ୍ତ ଭିତରେ ମୁଁ ତୁମର ସତ୍ତା ଉପଲବ୍ଧ କରେ ।

ସତରେ ଯଦି ମୃତ୍ୟୁ ପରେ ରହିବା ପାଇଁ ଆଉ ଏକ ପୁର ଥାଏ, ତୁମେ ସେଇଠାରେ ଅଦୃଶ୍ୟ ଭାବରେ ଥାଇ ଦେଖୁଥିବ, ତୁମ ଅଭାବରେ ଏକାମ୍ରର ସମସ୍ତ ସାହିତ୍ୟ ସଂଧ୍ୟା ମଳିନ । ଏକାମ୍ର ଝୁରି ହେଉଛି ଆଉ ଚନ୍ଦ୍ରକ ଗୁମୁରି ଗୁମୁରି କାନ୍ଦି ଉଠୁଛି ଠିକ୍ ମାତୃହରା ତୁମ ସାନ ପୁଅର ଅଭିମାନୀ ସାନ ପୁଅ ପରି । ☐

* ଢେଙ୍କାନାଳ

Digitized by srujanika@gmail.com

॥ ଶୈଳ ଅପାଙ୍କୁ ଚିଠି ॥

● ଲଳିତ କାନୁନ୍‌ଗୋ

ଶୈଳ ଅପା !

ସ୍ମୃତିର ରଙ୍ଗକୁ କିଏ ସବୁଜ କହେ ମୁଁ ଜାଣେନା । କିନ୍ତୁ ସ୍ମୃତିର ରଙ୍ଗ ସବୁ ମୋ ପାଇଁ ଗାଢ଼ ଲାଲ ରଙ୍ଗ ଏକଥା ମୁଁ ସେଇ ଦିନ ଜାଣିଲି ଯେଉଁଦିନ ତୁମର ଦେହାନ୍ତ ଖବର ମୋତେ ହତଚକିତ କରି ଦେଲା । ଝଲକା ଝଲକା ସ୍ମୃତିର ରକ୍ତ ବାହାରି ଆସିଥିଲା ମୋର କଣ୍ଠ ଦେଶରୁ । ଝାପ୍‌ସା ହୋଇ ଆସିଥିଲା ଟୋପା ଟୋପା ଲୁହ ଭିତରେ ତୁମର ସେ ହସ ହସ ମୁହଁଟା । ମିଛ କହିଲି ମୁଁ । ସେଇ ମୁହଁଟାକୁ ମୁଁ ଆଦୌ ହସ ହସ କହି ପାରିବିନି କାରଣ ସେଇ ହସ ହସ ମୁହଁର ଅନ୍ତରାଳରେ ଲୁଚି ରହିଥିଲା ଏକ ଶୋକ-ଦଗ୍ଧା ଜନନୀର ଦରଦୀ ହୃଦୟ । ଯାହାର ରଙ୍ଗ ଚିର ଶୁଭ୍ର । ମୋ ପାଇଁ ଏକା ନୁହେଁ ମୋ ଭଳି ଅସଂଖ୍ୟ ସ୍ନେହ କାଙ୍ଗାଳଙ୍କ ପାଇଁ ।

ତୁମର କଣ ସେଦିନ କଥା ଆଦୌ ମନେ ପଡ଼ିଲାନି । ମୋ ନିଜ ଲେଖା ଗୀତର କଣ୍ଠ ସ୍ୱର । ବନ୍ଧୁ ଅଜିତ୍ ଦାସ ମହାପାତ୍ରର ହସ ବିଶେଷ କରି ମୋ ବାନ୍ଧବୀର ଗୀତ । ମନେ ଅଛି ତୁମର ? କାହ୍ନେଇର ଲେଖା ବହି ପାଇଁ ତମେ ବ୍ୟସ୍ତ ହୋଇ ପଡ଼ିଲା ବେଳେ ମୁଁ ତୁମକୁ କହିଥିଲି—"ଶୈଳ ଅପା ! ମୋ ମୃତ୍ୟୁ ପରେ ମୋ କବିତାର ସଂକଳନ ଗୋଟାଏ ତୁମେ ଛାପି ଦେବ ।" ବାସ୍ ସେତିକି । ତୁମର ସ୍ନେହର ଆଙ୍ଗୁଳିଗୁଡ଼ା ଲମ୍ବି ଆସିଥିଲା ମୋତେ ଚୁପ୍ କରି ଦେବାକୁ । ଏକ ନିବିଡ଼ ସ୍ନେହର ଅତଳ ମହାସାଗର ଭିତରେ ମୁଁ ହଠାତରେ

Digitized by srujanika@gmail.com

ସେଦିନ ଜଳମଗ୍ନ ହୋଇ ପଡ଼ୁଥିଲା । ସନ୍ଧ୍ୟା ନଇଁ ଆସୁଥିଲା । ଝିଅ ଗାଁ ସ୍କୁଲରୁ ଫେରି ଆସିଥିଲେ । ବଙ୍ଗଳା ପଢ଼ୁଥିବା ଦୁର୍ବଳ ପୁଅ, ଗେହ୍ଲା ସାନ ପୁଅ ସମସ୍ତଙ୍କ ପାଇଁ ବ୍ୟସ୍ତ ହୋଇ ତୁମେ ଉଠିଗଲ ଭିତରକୁ ଏଇ ଆସୁଛି କହି । ଅଫିସରୁ ସୁର ଭାଇଙ୍କର ଫେରିବା ବେଳ ହୋଇ ନଥିଲା । ହାତରେ କିଛି ପକୁଡ଼ି ଓ ପାମ୍ପଡ ଧରି ଫେରି ଆସିଥିଲ । ତାରିଖଟା ତମର ମନେ ଅଛି ? ୧୯୭୭ ମସିହା ଅଗଷ୍ଟ ୨୩ ତାରିଖ । ବର୍ଷଣ ମୁଖର ସନ୍ଧ୍ୟା । ବସି ବସି ଅନେକ ଗପ ଭିତରେ ତମେ ଆମକୁ ଜୀବନ ଦର୍ଶନର ଅନେକ କଥା କହି ପକେଇଥିଲ ।

କିଏ ଜାଣିଥିଲା ତମ ସହ ସେଇ ମୋର ଶେଷ ସାକ୍ଷାତ ବୋଲି । ତମେ ସତରେ ମୋତେ ଆଦୌ ଭୁଲି ନଥିଲ । ମୋ କବିତା ତମେ ତମ "ଚୁମ୍ବକ"ରେ ଛାପୁଥିଲ । 'ଝଙ୍କାର'ରେ କବିତା ଛାପିବାକୁ ଦେବାକୁ ଦେବ ବୋଲି ସରୋଜ ବାବୁଙ୍କୁ ମୋ କଥା କହୁଥିଲ । ମାତୃ ସୁଲଭ ସ୍ନେହରେ ତମେ ମୋତେ ଅନ୍ଧ କରି ଦେଇଥିଲ । ମୋର ମନେ ଅଛି ତମର ସେଇ କବିତାଟି କଥା । ମୋର ପତ୍ରିକା 'ପଞ୍ଚପାଖୁଡ଼ା'ରେ ଛାପିବା ପାଇଁ ମୁଁ ତୁମକୁ କବିତାଟିଏ ମାଗିଥିଲି । ଚିଠିଟିଏ ଲେଖିଥିଲ ତମେ । କେଡେ ଗଭୀର ଆତ୍ମୀୟତା ଥିଲା ସତରେ ସେ ଚିଠିରେ । ଏବେ ମଧ୍ୟ ସେ ଚିଠି ପଢ଼ିଲେ ମୁଁ ରୋମାଞ୍ଚିତ ହୁଏ । ଆଖିରେ ଲୁହ ଜକେଇ ଆସେ । ତମେ ସ୍ୱର୍ଗପୁରରେ କଣ ସତରେ ଭଲରେ ଅଛ ଶୈଳ ଅପା ? ମୁଁ କିନ୍ତୁ ଏଠି ରୌରବ ନର୍କରେ ଘାଣ୍ଟି ହେଉଛି । କାମନା ଓ ଈର୍ଷାର ଘୋର ଅନ୍ଧକାର ପୂର୍ଣ୍ଣ ଚଉରାସ୍ତାରେ ମୁଁ ହଜି ହଜେଇ ଦେଇଛି । ମୁଁ ରାସ୍ତା ପାଉନି । ମୁଁ ସତରେ ଅନ୍ଧ—କଣ କରିବି, ଯନ୍ତ୍ରଣା ର ଗଣ୍ଠିଲି ନଦି ଜୀବନ ନାମକ ଏଇ ଭଙ୍ଗା ଶଗଡ଼ଟାକୁ ଠେଲି ଠେଲି ନେବାଟା ଯେ କେଡେ ଯନ୍ତ୍ରଣା ସତେ ! ଆହା ! ମୋର କିଛି କରିବାର ନାହିଁ ଏଠି । ମୁଁ ହେଲେ ସହଜରେ ତମ ପାଖକୁ ଚାଲିଯାଇ ପାରନ୍ତି । ଆମେ ସେଠାରେ ଭଲ କବିତା ସଂକଳନଟିଏ ଛାପନ୍ତେ ।

ତମ ସ୍ମରଣିକା ପାଇଁ ମୋତେ ପୁଣି ତମ ସ୍ମୃତି କଥା ଲେଖି-ବାକୁ ପଡ଼ିବ । ଏ ଆଶା ଆଦୌ କରି ନଥିଲି । ତମକୁ କୁକୁର

Digitized by srujanika@gmail.com

କାମୁଡୁଥିଲା ଦେହ ଭଲ ନଥିଲା । ଭାରି ଇଚ୍ଛା ହେଉଥିଲା ତମକୁ ଥରେ ଦେଖି ଆସିବା । ହେଲେ ସୁଦୂର କଳାହାଣ୍ଡିରୁ ରାଜଧାନୀ, ତେଲ ଲୁଣର ସଂସାର ଗୁଡ଼ ଆଖି ବତେଇଲେ ବି ପାଏନା । ଶେଷରେ ସେଇଆ ହେଲା । ଆମ ମାନଙ୍କୁ ଅସହାୟ କରି ଦେଇ ତମେ ମହା କାଳର ଆମନ୍ତ୍ରଣକୁ ସ୍ୱୀକାର କରିନେଲ ।

କାହିଁ ଥରେ ଭାବିଲନି ତ ତମେ ଚାଲିଗଲା ପରେ ଆମେ ସବୁ କେମିତି ଅବସ୍ଥାରେ ଥିବୁ ? କଣ ଖାଉଥିବୁ କ'ଣ ପିନ୍ଧୁଥିବୁ । କଣ ଲେଖିଥିବୁ । ତମ 'ତ୍ର୍ୟମ୍ବକ' କ'ଣ ଅବସ୍ଥା ହେବ । ତମେ କେମିତି ଭୁଲିଗଲ ଯେ ତୁମକୁ ପୁଣି ପ୍ରେସ୍ ବାଲା ଅପେକ୍ଷା କରୁଥିବେ ବୋଲି ।

ତମେ ସିନା ଭୁଲିଗଲ ହେଲେ ଆମ ପାଇଁ ତମ ଏକ ନମ୍ବର ଇଜନଷ୍ଟ୍ର ଟାଇପ୍ ଭି/୨ ୧୪/୧ ନମ୍ବର କ୍ୱାର୍ଟରର ସ୍ୱପ୍ନ ତୀର୍ଥ ହୋଇ ରହିଗଲା । ତମର ସ୍ନେହ ଛପି ଛପି ଏକ ଶେଷ ବସନ୍ତ ରାତିର ଶୀତଳ ହାଓ୍ୱା ପରି ଛୁଇଁ ଛୁଇଁ ଚାଲିଗଲା । ତମର ସ୍ମୃତି ଆମର ସ୍ମରଣୀୟ ହୋଇ ରହିଗଲା ।

'ପଞ୍ଚପାଖୁଡ଼ା' ଆଜି ତୁମ ଲେଖା ପାଇବନି । ତମର ଆଶୀ-ର୍ବାଦକୁ କାନ୍ଧରେ ବୋହି ସେ ଆଗେଇ ଚାଲିଛି । ତମେ ତ ମୋର ଦିଗ୍‌ଦର୍ଶିକା । ତମେ ମୋର ସେ ଦିନର ମାତୃ ସ୍ୱରୂପିଣୀ ଉତ୍ସାହ ଦାତ୍ରୀ ।

କଣ ଲେଖିବି ବେଶୀ ତୁମକୁ ସ୍ୱର୍ଗରେ ଶାନ୍ତିରେ ରହ ତମର କଲ୍ୟାଣୀୟ ଲଳିତାକୁ ଆଶୀର୍ବାଦ କରିବ । ଟୁଆଁ ସହ ଅସଂଖ୍ୟ ପୁଅ ଝିଅଙ୍କ ପ୍ରଣାମ ନେବ ।

ଇତି

ତୁମର ଏକଦା

ସ୍ନେହାବଦ୍ଧ

ଲଳିତ କାନୁନ୍‌ଗୋ □

* ଭବାନୀପାଟଣା
କଳାହାଣ୍ଡି

॥ ସ୍ମୃତିରୁ ଝିଏ ॥

• ଅଧ୍ୟାପକ ଶ୍ୟାମ ସୁନ୍ଦର ପଣ୍ଡା

ବାସ୍ତବିକ ଗୋଟିଏ ଗୋଟିଏ ମୁହୂର୍ତ୍ତ ଏମିତି ଚାଲିଯାଏ ଯାହାର ସ୍ମୃତିକୁ ପାଥେୟ କରି ସାରା ଜୀବନ କଟାଇବାକୁ ହୁଏ । ଅନେକ ସମୟରେ ମନ ବାତାୟନରେ ଝଙ୍କି ମାରେ । ଆଜି ଶୈଳ ଅପା ଇହ ଜଗତରେ ନାହାନ୍ତି । ସ୍ମୃତିର ଦରଜା ଖୋଲି ମୁଁ ଆଜି ଖୋଜୁଛି । କିନ୍ତୁ ସମୟ ଅତିକ୍ରାନ୍ତ ।

ତାଙ୍କ ସହିତ ମୁଁ ଗୋଟିଏ ଦିନର ଗୋଟିଏ ଘଣ୍ଟା ବିତାଇଛି । ମାତ୍ର ସେଇ ଘଣ୍ଟାଟିର ଅନୁଭୂତି ଏବେ ମଧ୍ୟ ମନ ଆକାଶରେ ଚନ୍ଦ୍ର ଭଳି ପ୍ରତିଭାତ ହେଉଛି । ଶୀତ ଦିନ । ସୂର୍ଯ୍ୟର ଉତ୍ତାପ ସହ ମନର ଅନେକ ଉଷ୍ଣତାକୁ ନେଇ ସେଠାରେ ପହଞ୍ଚିଲି । ସଂପୂର୍ଣ୍ଣ ଅପରିଚିତ । ମାତ୍ର କେଇ ପଦ କଥା ଭାଷା ମଧ୍ୟରେ ସେ ଅପାର ସ୍ଥାନ ଅଳଂକୃତ କଲେ । ଆଜି ବି ସେଇ 'ଚୁମ୍ବକ' ପତ୍ରିକାର ତାଙ୍କ ହସ୍ତ ଲିଖିତ ଅକ୍ଷର ଗୁଡ଼ିକ ସଜୀବ ଅଛନ୍ତି । ବିଷୁବ ମିଳନ ପାଇଁ ପ୍ରସ୍ତୁତ ହେଉଥାନ୍ତି । ରଚିତ କବିତା ଗୁଡ଼ିକ ମଧ୍ୟରୁ ୨।୩ଟି କବିତା ପାଠ କଲେ । ସାଧାରଣତଃ କବିତା ଗୁଡିକ ବିଭୁ ପାଦରେ ସମର୍ପଣ କରି ହୋଇଛି । ଯେଇ ପରମାରାଧ୍ୟ ଜଗନ୍ନାଥ ଚରଣ ପଦ୍ମ ତଳେ । ମାତ୍ର କବିତା ଗୁଡିକୁ ବିଶ୍ଳେଷଣ କରି ଅନୁଭବ କଲି ଏଥିରେ ଯେପରି ପତି ବିରହ ବିଧୁରା ଅତୃପ୍ତ ଆତ୍ମାର ଆର୍ତ୍ତନାଦ । ମାତ୍ର ମୁଁ ରୀତିଯୁଗୀୟ କାବ୍ୟର ରାଧା କୃଷ୍ଣ ପ୍ରେମ ଲୀଳା ମଧ୍ୟରେ ଭାସିଗଲି । ସେଇ ଦିନରୁ ଅନୁଭବ କରୁଥିଲି ଅପାଙ୍କର କବିତାରେ ବ୍ୟକ୍ତିଗତ ଜୀବନର ନିଃସଂଗତା ।

Digitized by srujanika@gmail.com

ସବୁବେଳେ ସେ ସମସ୍ତଙ୍କୁ ବାରମ୍ବାର ଦେଖା କରିବାକୁ
କହୁଥିଲେ ସତେ ଯେପରି ସମସ୍ତେ ତାଙ୍କର ଆତ୍ମୀୟ, ଆପଣାର ।
ମୁହୂର୍ତ୍ତର ଅନୁପସ୍ଥିତିକୁ ସେ ସହ୍ୟ କରି ପାରୁନଥିଲେ । କିଛି ସମୟ
ପରେ କବି ଉତ୍କଳ ଭାଇ ପହଞ୍ଚିଲେ । ତାଙ୍କ ସହିତ ମଧ୍ୟ କଥା ଭାଷା
ହେଲେ । ବାହାରୁ ଫୋନ ମଧ୍ୟ ବାରମ୍ବାର ଆସୁଥାଏ । ଅନୁଭବ କଲି
ଅପାର ସମସ୍ତ ଏଇ ଅତିଥି ଚର୍ଚ୍ଚାରେ କଟାଉଛନ୍ତି । କଥା ପ୍ରସଙ୍ଗରେ
ବାରମ୍ବାର ମୃତ୍ୟୁ ଶବ୍ଦ ଉଚ୍ଚାରଣ କରୁଥିଲେ । ସେଦିନ ହଜି ଯାଇଛି ।
ସେ ଆତ୍ମା ଆଜି ଅନେକ ଦୂରରେ । ଚିରମୂକ ଆଜି ନିଃସହାୟ । ସେ
ଦିନର ସେ ସ୍ମୃତି ଆଜି ମଧ୍ୟ ଜୀବିତ । ଓଡ଼ିଆ ସାହିତ୍ୟ ତାଙ୍କ ଠାରେ
ଚିର ଋଣୀ । ସୁସାହିତ୍ୟିକ ଭାବରେ ପ୍ରତିଷ୍ଠା ଅର୍ଜନ କରି ଯାଇଛନ୍ତି ।
ଏ ଜାତି ତାଙ୍କୁ କେବେ ଭୁଲି ପାରିବ ନାହିଁ । ପତ୍ରିକା ସଂପାଦନା
କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇ ଯାଇଛନ୍ତି । ଅବଶେଷରେ
ଆତିଥ୍ୟ ପ୍ରଦାନରେ ଚିର ଦିନ ଧରି ପ୍ରତ୍ୟେକଙ୍କ ଚାଖରେ ଥିବେ ଏହା
ବିଗତ ଦିନର ସ୍ମୃତିକୁ ପାଥେୟ କରି ଦୁଇ ଧାଡ଼ି ଟିପା ବିଷୟରେ
ଲେଖୁଛି । ଏହା ମହାନ୍ ଆତ୍ମା ପ୍ରତି କିଞ୍ଚିତ୍ ଶ୍ରଦ୍ଧାଞ୍ଜଳି । □

* ବେଲାଭୂମି ମହାବିଦ୍ୟାଳୟ
ଅରଣା, ବାଲେଶ୍ୱର ।

Digitized by srujanika@gmail.com

॥ ଅମର ମଣିଷ ॥

● ଚିତ୍ତରଂଜନ ତ୍ରିପାଠୀ

କାଠ ଉପରେ କାଠ ଲଦି ଦିଆଯାଉଛି । ମାଲ ଭାଇମାନେ କାଠ ସଜେଇ ଦେଉଛନ୍ତି । କଳାହାଣ୍ଡିଆ ମେଘ ଘୋଟିଛି । ଭୁହାକୁ ଭୁହା ମାଡ଼ି ଆସୁଥିବା ପ୍ରବଳ ବର୍ଷା, ଘଡ଼ଘଡ଼ି ଶ୍ମଶାନଟାକୁ ଥରେଇ ଦେଉଛି । ଆମେ ବି ଥରୁଛୁ । ବର୍ଷାରେ ଭିଜି ଥରି ଥରି ଅନ୍ୟମନସ୍କ ହୋଇ ପଡ଼ୁଛୁ । ବୁଝି ପାରୁନୁ କ'ଣ ଘଟୁଛି । ଆଉ କ'ଣ ଆଗକୁ ଘଟିଯିବ, ଆମ ହୃଦୟୁ ପୋଡ଼ି ଦେଇଯିବ । ନିଜକୁ ନିଜେ ବୁଝାଉଛୁ—ଏହା ସବୁଦିନେ ଘଟେ । ଆଗକୁ ମଧ୍ୟ ଘଟିବ । ଏହା ବନ୍ଦ ହେବନି । ବନ୍ଦ ହେବାର ନୁହେଁ ମଧ୍ୟ । ଏହା ସଂସାରର ନୀତି । ତଥାପି ମନ ବୁଝୁନି । କୋହ ଉଠୁଛି ।

ଭିତରେ କିଏ ଜଣେ ଦୋହଲେଇ ଦୋହଲେଇ ପଚାରୁଛି— ସେ ସବୁ ତମର ନିଜର ଆପଣାର ତାକୁ ରଖି ପାରୁନ । ତା ଅସମୟରେ ସାହାଯ୍ୟ କରି ପାରୁନ । ତମେ କାପୁରୁଷ, ନିଷ୍ଠୁର, ବିଶ୍ୱାସଘାତକ ।

ଗୋଟିଏ ପରେ ଗୋଟିଏ ସବୁ କାର୍ଯ୍ୟକର୍ମ କରାଯାଉଛି । କୌଣସିରେ ତ୍ରୁଟି ନାହିଁ । ପୁରୋହିତ ଅନର୍ଗଳ କଣ୍ଠରେ ଶ୍ଳୋକ ପଢ଼ି ଯାଉଛନ୍ତି । ଆଖିରୁ ହୃଦୟରୁ ଲୁହ ଝରାଇ ତାଙ୍କ ନିର୍ଦ୍ଦେଶକୁ ଆମେ ମାନି ଯାଉଛୁ । ସେ ଯେପରି କହୁଛନ୍ତି ଆମେ ସେପରି ଆଗକୁ ମାଡ଼ି ଯାଉଛୁ ।

Digitized by srujanika@gmail.com

ହାତ ଯୋଡ ବର୍ଷରେ ଭଳ ଭଳ ଆଗକୁ ଗୃହୀଁ ରହିଛୁ । ଆଉ କିଛି ସମୟ ପରେ ଏସବୁର ବଳୟ ଘଟିବ । ଏ ନଶ୍ୱର ଦେହଟା ପୋଡ ପାଉଁଶ ହୋଇଯିବ । ଯାହାକୁ ବର୍ତ୍ତମାନ ଛୁଇଁ ପାରୁଛୁ, ଦେଖି ପାରୁଛୁ, ସେ ସବୁବନ ପାଇଁ ଏ ପୃଥିବୀରୁ ବଲନ ହୋଇଯିବ ।

ଗଲା କାଲି ଅପା ଥିଲା । ଆମ ସାଙ୍ଗରେ ଗପୁଥିଲା । ଦୁଃଖ ଶୁଣୁଥିଲା ତ ନଜ ଦୁଃଖ ଶୁଣାଉଥିଲା । ପିଠା କରି ଖୁଆଉଥିଲା । ଲେଖା ଦେଖଥିଲା, ଦେଖାଉଥିଲା । ଖୁସି ତାମସା ହେଉଥିଲା । ସେସବୁ ଆଜି ମିଛ ହୋଇ ଯାଇଛି । ମାନ ଅଭିମାନର ବିଆନିଆ ହୋଇ ପାରୁନ । ଆମ କଥା ସେ ବୁଝିପାରୁନ । ଆମେ ମଧ୍ୟ ତା କଥା ବୁଝି ପାରୁନୁ । ଏହା ଭିତରେ ଗୋଟାଏ ବିରାଟ ପରିବର୍ତ୍ତନ ଘଟିଛି ।

ମଲା ଶରୀରଟା ଆମ ଆଗରେ ପଡିଛି । ତାକୁ ଆମେ ଦେଖୁଛୁ, ଆମ ମନର ଦୁଃଖ ତାଙ୍କୁ ଶୁଣାଉଛୁ, ସେ ଶୁଣି ପାରୁନ । କିଛି କହି ପାରୁନ ।

ଏ ଦୁନିଆରେ କିଏ କାହାର କୁହଁ ସମସ୍ତେ ଭିନ୍ନ, କାହା ସହ କାହାର ସମ୍ପର୍କ ନାହିଁ । ଖାଲି ଗୋଟାଏ ମୋହରେ, ମମତାରେ ଟାଣି ହେଉଛେ । ସେ ମୋହଟା ଭାଙ୍ଗିଗଲେ, ମମତାଟା ଛିଡିଗଲେ—ତୁ ପର ମୁଁ ପର ।

ଆମେ କେମିତି ଏଇଟାକୁ ମାନିବୁ ?

ଅପା ନଜ ମା'ଠୁ ଅଧିକା ସ୍ନେହ କରେ । ଯତ୍ନ ନିଏ, ଭୁଲ ଥିଲେ ତାଗିଦ କରେ, ବୁଝାଏ । ସେ ଅପା ଆଜି ନାହିଁ । ସେ ଆଶ୍ୱାସନା ଦେଇ ପାରୁନ—ସୁଖ କେବେ ମନକୁ ମନ ଆସେନ । ସୁଖକୁ ଜବରଦସ୍ତ ଆଣିବାକୁ ପଡେ । ତମେ ପିଲାଗୁଡାକ ଏତେବେଠୁଁ ହତୋତ୍ସାହ ହୋଇ ପଡନା । ମୋ ଜୀବନରେ ଅନେକ ଦୁଃଖ ସହି ପୁଣି ବଞ୍ଚିଛି ।

"ଚୁମ୍ବକ" ପାଇଁ ସେ ଆଉ ଲେଖା ମାଗିପାରୁନ । "ଚୁମ୍ବକ"ର ଲେଖା ଆମକୁ ଦେଖାଇ ତର୍ଜମା କରି ପାରୁନ । ସେ ନୀରବ ହୋଇ

Digitized by srujanika@gmail.com

ଯାଇଛୁ । ଆମକୁ ଯାହା ଶିଖାଇଛ, । ଭଲ କଥା କହୁଛୁ, ଆମେ ତାହା ମାନି ଚଳୁଛୁ କି ନାହିଁ ବୋଧହୁଏ ସେ ଦେଖୁଛୁ ।

ଅଧା ତମେ ସବୁଠି, ମହତ୍ । ତମକୁ କେମିତି ଭଲ ବୋଲି କହିଲେ; ଉନ୍ନତ ବୋଲି କହିଲେ ଅନ୍ୟମାନେ ବୁଝି ପାରିବେ । ସେଇଟା ମୁଁ ମଧ୍ୟ ବୁଝିପାରୁନି । ଖାଲି କହୁଛୁ ତମେ ଭଲ ଥିଲ, ମହତ୍ ଥିଲ ।

ମଡଟା ଗୃହପଟେ ଛୁଡ଼ା ହୋଇ ଅମେ ବିଭିନ୍ନ କଥା ଭାବୁଛୁ, କିଏ ଭାବୁଛି—ତମ ସାହିତ୍ୟ ବିଷୟରେ କିଏ ତମ ବଳିଷ୍ଠ ନେତୃତ୍ୱ ସାଂଗଠନିକ ମନୋବୃତ୍ତି, କିଏ ଆଉ କିଣ, ମୁଁ ଦେଖୁଛି ତମ ସ୍ନେହାପ୍ଲୁତ କୋମଳ ହୃଦୟ । ଆମ କାନରେ ପ୍ରତିଧ୍ୱନିତ ହେଉଛି— ମୃତ୍ୟୁ ମଣିଷକୁ ଉନ୍ନତ କରେ, ମଣିଷ ମଲା ପରେହିଁ ତା ମହତ୍ତ୍ୱ ଲୋକ ଲୋଚନକୁ ଆସେ । ମୃତ୍ୟୁ ଏ ଦେହର ବିଲୟ ଘଟାଏ କିନ୍ତୁ ମାନ ବୃଦ୍ଧି କରେ ।

ଏତେ ହେଲା ପରେ ମଧ୍ୟ ଅମେ କେମିତି ମନକୁ ବୁଝାଇବୁ— ତମର ମୃତ୍ୟୁ ହୋଇ ଭଲ ହୋଇଛି । ମାନ ସମ୍ମାନ ଅପେକ୍ଷା ଜୀବନଟା ଯେ ମୂଲ୍ୟବାନ ଏଇଟା ତମେ ବୁଝି ପାରିଲନି । ସମ୍ମାନ ନଥାଇ ମଧ୍ୟ ମଣିଷ ବଞ୍ଚିପାରେ । ତମେ ଟିକିଏ ଅନୁଭବ କରି ପାରିଲନି—ତମର ଟିକିଏ ମାନସିକ ଶାନ୍ତିର ସ୍ୱାଦ ପାଇଁ ମୃତ୍ୟୁ ହୋଇ ଭଲ ହୋଇଛି । କିନ୍ତୁ ଆମେ କେତେ ଅଶାନ୍ତିରେ ରହିଛୁ । ବିକଳରେ ତମ କଥା ଭାବି ଯନ୍ତ୍ରଣା ପାଉଛୁ ।

କାର୍ଯ୍ୟକ୍ରମ ସରି ଆସିଲା । ତମ ଚିତାରେ ନିଆଁ ଲଗାଇ ଦିଆଗଲା । ଆମେ ଜଳ ଜଳ ହୋଇ ଦେଖୁଥିଲୁ । ତମେ ଜଳିଲ, ହୁତୁହୁତୁ ହୋଇ ଜଳିଲ—ହେଲେ ବରଷା ବି ବଢ଼ିବାରେ ଲାଗିଲା ! ତମ ଚିତାରୁ ଧୂଆଁର କୁଣ୍ଡଳୀ ଆକାଶକୁ ଭେଦ ଯାଉଥିଲା । ତମ

Digitized by srujanika@gmail.com

ଜୀବନର ସବୁ ଦୁଃଖ-ସୁଖ, ଶାନ୍ତି-ଅଶାନ୍ତି, ମାନ-ଅଭିମାନ ସବୁ ଜଳିବାରେ ଲାଗିଲା । ତମେ ଝାଉଁଳାଇ ହୋଇ ପଡ଼ିଲ ।

ଅପା ! ତମେ ମରି ଅମର ହୋଇଛ । ତମେ ଏବେ ବି ବଞ୍ଚିଛ । ଆମେ ତମକୁ ଭୁଲି ପାରୁନୁ । ଆଗ ତମେ ଆଖିରେ ଥିଲ, ବର୍ତ୍ତମାନ ହୃଦୟରେ ଅଛ ।

ତମ ମୃତ୍ୟୁ ବାର୍ଷିକୀରେ ମୁଁ ପ୍ରଣାମ କରୁଛି । □

❊ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ୍
ବିଷମ କଟକ
କୋରାପୁଟ

Digitized by srujanika@gmail.com

(୬୪ ପୃଷ୍ଠାର ଅବଶିଷ୍ଟାଂଶ)

ଚିନ୍ତାମଣି ବଳିଆରସିଂହ 'ସ୍ମୃତିର ସହର' ନରେନ୍ଦ୍ର କୁମାର ଦାସ 'ଜୀବନର ପ୍ରଥମ ଅଙ୍କ' ରତ୍ନାକର ଚଇନି 'ଅନନ୍ତ ଶୟନ' ଫଣୀ ମହାନ୍ତି 'ସାଲୁର-୧' । ସୁବୋଧ ଦାସ ଦେଲେ 'ବାଉଁଶୀ' ଶିଖର-ମହାପାତ୍ର ସ୍ମୃତି' ଗ୍ରେମହନ୍ତନ କଲେ । ଅନ୍ୟ ଏକ ସୁନ୍ଦର 'ସ୍ମୃତି'ର ଆଲେଖ୍ୟ ରଖିଲେ ଶୈଳ ଅପା ନିଜେ—

ବନଫୁଲ ବାସ ସାଲୁର ତୋ ବୁକେ ଭରୁଥିବ ଶିହରଣ
ଆକୁଳିତ ପୁଣି କରୁଥିବ ଏଇ ନିଶାରେ ଚକୋରୀ ମନ ।
ଝରଣା ପାଣିରେ ହଜିଗଲା ମଣି ଖୋଜି ଲୋଟୁଥିବ ତାର
ସାଲୁର ତୋ ଛବି ପଖାଳି ଲୁହରେ ଯାଉଛି ମୁଁ ବାଟସାରି ।

ଏଇ କବିତାର ଶେଷକୁ ଯେଉଁ ଦୁଇଧାଡ଼ି ସେ ଲେଖିଥିଲେ ତାହା ଅତିଶୟ ଅନ୍ତର ନିଗିଡ଼ା ସରଳ, ସାବଲୀଳ ଓ ଅବିସ୍ମରଣୀୟ । **"ଜୟପୁର କବିତା (ଫେରନ୍ତା ରାସ୍ତାରେ)"** ଚୁମ୍ବକର ଏଇ ବିଶେଷ ଅଂଶ ତେରଗୋଟି କବିତା ନେଇ ମଣ୍ଡିତ ହୋଇଥିଲା ଏବଂ ଶେଷରେ ହିଁ ସେ ରଖିଥିଲେ ନିଜର କବିତା । ଝରଣା ପାଣିରେ ତା'ର ଅନ୍ତଃସତ୍ତା ଖୋଜିବାର କଳ୍ପନା ଭିତରେ ଅନ୍ୟ ଜଣେ କୁନ୍ତଳା-କୁମାରୀ—ଏଇ ଶୈଳବାଳା ନିଜ ଜୀବନର ଅଶ୍ରୁ ଝରଣାରେ ସୁଖ ସରସତାର ହଜିଲା ତାରହିଁ ହୁଏତ ଖୋଜିବାର ବ୍ୟର୍ଥ କରୁଣ ପ୍ରୟାସ କରିଛନ୍ତି । ଏକ ବିଧ୍ୱସ୍ତ ଜୀବନର ଛବି ଲୁହରେ ପଖାଳି ବାଟସାରି ଚାଲିବାର କଥା ହୁଏତ କହିପକାଇଛନ୍ତି । ତାଙ୍କର ବେଳ ଚାଲି ଯାଇଛି, ବାଟ ସରିଯାଇଛି; ବହୁ ଝଡ଼ ଝଞ୍ଜା ବିକ୍ଷୁବ୍ଧ ଅଭୁଲା ଜୀବନର ସ୍ମୃତି ଶସ୍ୟ ଅନେକ ବାକ୍ୟ କବିତା ଓ ଗଳ୍ପ ଭିତରେ ବୁଣିଦେଇ ଯାଇଛନ୍ତି । ଗୋଟିଏ ପତ୍ରିକା ପରିବାରର ଚୁମ୍ବକୀୟ ଆକର୍ଷଣୀ ନିଃଶେଷ ହୋଇଯାଇଛି ବର୍ଷେ ହେଲା । ଜଣେ ଅଦ୍ଭୁତ ନୈଷ୍ଠିକ ସଂପାଦିକା ନଳିନୀ ଦେବୀ ରାଉତରାୟଙ୍କ ଦେହାନ୍ତ ପରେ 'ମରୁତୀର୍ଥ'ଭଳି ଚୁମ୍ବକ ମଧ୍ୟ ସ୍ତବ୍ଧ । ପ୍ରତ୍ୟେକ ସଂପାଦକଙ୍କ ବ୍ୟକ୍ତିତ୍ୱ ଭିତରେ ସେଇ ଆକର୍ଷଣୀ ସଂଜୀବିତ ହୁଅନ୍ତା କି !

ଶୈଳବାଳା ସ୍ମରଣିକା ॥ ୯୭

Digitized by srujanika@gmail.com

'ଚୁମ୍ବକ' ଖଣ୍ଡିଏ ହାତରେ ଧରାଇଦେଲେ ସେ ଲେଖିଦେଇଥିଲେ

"କଲ୍ୟାଣୀୟ ମଧୁବାବୁ—

ଶୁଭକାଙ୍‌କ୍ଷିଣୀ—

ଶୈଳଅପା"—

ତାଙ୍କର ଏଇ ସ୍ନେହ, ଆଦର, ଘରେ କବିତା ପାଠ ଓ ଆଲୋଚନା ବସ୍ତରେ ତାଙ୍କର ସ୍ନେହଭୋଳା ଆତିଥ୍ୟ, ସାହିତ୍ୟ ପାଇଁ ଓ ସାହିତ୍ୟିକ ପାଇଁ ତାଙ୍କର ବାପୁଣୀ ପରି ବ୍ୟାକୁଳତା, ସର୍ବୋପରି ଜୟପୁରରୁ ଫେରିବା ବାଟର ସ୍ମୃତି ହୃଦୟରେ ଭୁହାଇ ଭୁହାଇ ଜାଗରୂକ ହୁଏ । ଯେଉଁ କବିତାର ସ୍ମୃତିରକ୍ଷା ଲାଗି ତାଙ୍କ ଉଦ୍ୟମର ଅନ୍ତ ନଥିଲା ତା'ର ହସ ହସ ମୁହଁ ସାଙ୍ଗକୁ ଖାଣ୍ଟି ଓଡିଆଣୀ ଶୈଳ ଅପାଙ୍କ ସେଇ ଲାଜର ଢଙ୍ଗ ଓ ଅଭିମାନିଆ କଥା—

ବେଳ ଗଡ଼ିଯିବ—ବାଟ ସରିଯିବ···

କିନ୍ତୁ ପାରିବନି ଭୁଲି

···ସ୍ମୃତିକୁ ବୁକୁରେ ସାଉଁଟି ତୋଳିବ

ମୋତି ମାଣିକରୁ ବଳି । □

* ଅଧ୍ୟାପକ, ଇଂରାଜୀ ବିଭାଗ

ରାଧାକୃଷ୍ଣ ମହାବିଦ୍ୟାଳୟ

ଜଳେଶ୍ୱର, ବାଲେଶ୍ୱର

Digitized by srujanika@gmail.com

॥ ମନେପଡ଼େ ॥

• ଶ୍ରୀମତୀ ଶାନ୍ତପ୍ରିୟା ଜେନା

ମନେପଡ଼େ ସେ ଦିନ ।

ଯେଉଁ ଦିନ, ପ୍ରଥମ କରି ତୁମର ମୋର ରାମବାବୁଙ୍କ ସହିତ ଜାଣିପୂର୍ବକ ଶୀତ ବାବୁଙ୍କ ଘରେ ପ୍ରଥମ ପରିଚୟ ! ପରିଚୟ ବା ସମ୍ବନ୍ଧ ବିହୀନ ମିଳନ କେବେ ମିଳନ ହୋଇ ପାରେନା । ଜାଣେନି ତୁମେମୋର କେଉଁ ଜନ୍ମର କେତେ ଆପଣାର ଥିଲ ଅପା । ପ୍ରଥମରୁହିଁ ତୁମେ ମତେ ସାନ ଭଉଣୀର ସ୍ନେହ ଦେଇ ଡାକି ଥିଲ ଶାନ୍ତି । ଆଉ ମୁଁ ଡାକିଥିଲି ଅପା । ଅନେକ ସ୍ମୃତି ଅନେକ ସାଥୀ, ଅନେକ କଥା; ଅନେକ ଯାତନା ବହୁତ ଯନ୍ତ୍ରଣାର ଆଦାନ ପ୍ରଦାନ ଭିତରେ ଆମେ ଘନିଷ୍ଠ ହୋଇ ଆହୁରି ଆପଣାର ହୋଇ ଉଠିଥିଲେ । ତୁମ ବିନା କୌଣସି ଲେଖା, ସମ୍ମିଳନୀ କିମ୍ବା ସାହିତ୍ୟ ଆସର ଯୋଗ ଯୋଗାଦେବା ମୋର ହୋଇ ପାରିନି କିମ୍ବା ମୋ ଥିବା ଭିତରେ ମତେ ନ କହି ମତେ ନ ନେଇ ତୁମେ କୁଆଡ଼େ ଯିବାକୁ ଯେମିତି କୁଣ୍ଠିତା ଥିଲ । ମୋର ଘଟଣା ଚକ୍ରରେ ଗାଁକୁ ଯିବାଦ୍ୱାରା ତୁମେ ମତେ କେତେ ଖୋଜିଛ ଚିଠି ଲେଖିଛ ଫୋନ୍ କରିଛ ଦୀର୍ଘ ଏକ ବର୍ଷ ପରେ ଅନେକ ଦିନର ସାଇତା କଥା ସବୁ ତୁମ ଆଗେ ଖୋଲିବା ପାଇଁ ମୁଁ ଆସିଛି ଅପା ।

ରାଜଧାନୀର ପ୍ରତ୍ୟେକ ରାଜ ରାସ୍ତାରେ ତୁମର ଡାକ, ତୁମ କଥା ତୁମ ହସ ମୁଁ ଅନୁଭବ କରୁଛି । କିନ୍ତୁ ତୁମେ କ'ଣ ମତେ ପର କରି ଦେଲ ? ମୋ କଥା ମୋ ଲେଖା ମୋ କବିତା ଆଉ ସଂଶୋଧନ କରିବ ନାହିଁ ? ଶୁଣିବ ନାହିଁ ? ପଢ଼ିବ ନାହିଁ ?

Digitized by srujanika@gmail.com

ଅପା ମୁଁ ଭାବୁଁଛି ତୁମ ସାଥିରେ ଯିଏ ଥରେ ପରିଚିତ ସେ ଭାବୁଛି ଦ୍ୱାପର ଯୁଗରେ ଗୋଟିଏ କଦମ୍ବଗଛ କିନ୍ତୁ ତୁମେ ତ କଳ୍ପ-ନାର କଦମ୍ବ ବନ ସୃଷ୍ଟି କରିବାକୁ ବା ତୁମ ଅନୁଭବରେ କଦମ୍ବ ବନର ସୃଷ୍ଟି ଏ ପ୍ରତ୍ୟେକ କବିତା ଓ ଗଳ୍ପରେ ପ୍ରାୟେ କାହ୍ନୁ ଓ କଦମ୍ବର ତୁମେ ଅନୁସନ୍ଧାନ । ସୁବାସିତ ଶୀତଳ ମଲ୍ଲୀ ଓ ଜ୍ୟୋସ୍ନା ତୁମପାଇଁ ଉତ୍କଣ୍ଠ ଓ ପାଣ୍ଡୁର ଥିଲା ସେଇ କଦମ୍ବ ବନର ବାସ୍ନା କାହ୍ନୁର ମୁରଲୀ ତୁମକୁ ଅନୁସନ୍ଧାନ କରୁଥିଲା । ହୁଏତ ତାରି ସନ୍ଧାନରେ ତୁମେ ଦୂରକୁ ଚାଲି ଯାଇଛ ଅପା - - - - ତୁମେ ଚାଲିଯାଇଛ ଦୂରକୁ ଆଉ ମୁଁ ବସିଥିଲି ତୁମ ଡାକକୁ ରାଜଧାନୀର ପ୍ରତ୍ୟେକ ରାଜରାସ୍ତାରେ ତୁମର ଅନୁସନ୍ଧାନରେ । ମୁଁ ଭୁଲି ପାରୁନ । କେହିବି ଭୁଲି ପାରିବେ ନାହିଁ । ତୁମ ସନ୍ଧାନ ସଫଳ ହେଉ ମୋ ସନ୍ଧାନ ସଫଳ କରିବାପାଇଁ ତୁମେ ଯେପରି ଭୁଲି ନ ଯାଅ । ଯେଉଁ ଜନ୍ମରେ ହେଉ ତୁମ ସହିତ ପୁଣି ମିଳନ ହେବ ଏହି ଆଶାରେ । ଶାନ୍ତି

ତୁମର ଅନାବିଳ ମଧୁର ଡାକ ଶାନ୍ତି □

❊ କେନ୍ଦ୍ରାପଡ଼ା, କଟକ

ସ୍ମୃତିରୁ ଖିଏ

• ଶ୍ରୀମତୀ ଜ୍ୟୋସ୍ନା ଦାଶ

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହାସପାତାଳ । ମହିଳା ଅର୍ଥୋପେଡ଼ିକ୍ର ବିଭାଗର ଗୋଟିଏ ଖଟିଆରେ ୧୯୮୦ ମସିହା ରଜ ସଂକ୍ରାନ୍ତିର ପାଞ୍ଚ ଛଅ ଦିନ ପୂର୍ବରୁ ଜଣେ ରୋଗିଣୀ ଭର୍ତ୍ତି ହୋଇ ଥାଆନ୍ତି ଚିକିତ୍ସା ପାଇଁ । ଆମେ ସେବିକା ଭଉଣୀମାନେ ଅନେକ ରୋଗୀ ତ ଏମିତି ଦେଖୁ । ତେବେ ମଝିରେ ମଝିରେ ଏ ଭଳି ଜଣେ ଜଣେ ରୋଗୀ ଆସନ୍ତି, ଯାହାଙ୍କ ବ୍ୟବହାରରେ କିଛିଟା ଆକର୍ଷଣ ଶକ୍ତି ଥାଏ । ଆଲୋଚ୍ୟ ମହିଳା ଜଣକ ସେଇ ଶ୍ରେଣୀର । ତାଙ୍କ ବ୍ୟବହାରରେ କେବଳ ସେବିକା ନୁହନ୍ତି ଡାକ୍ତରଖାନାର ଅନ୍ୟାନ୍ୟ କର୍ମଚାରୀ ଏପରିକି ଡାକ୍ତର ଏବଂ ରୋଗୀମାନେ ମଧ୍ୟ ମୁଗ୍ଧ ହୋଇ ଉଠିଲେ । ତାଙ୍କର ନିରାଡମ୍ବର ବେଶ ପରିପାଟି, ସରଳ ତରଳ ଭାବ ଭଙ୍ଗୀ, ନିରହଙ୍କାର ଅଭିବ୍ୟକ୍ତି ସମସ୍ତଙ୍କୁ ସହଜେ ଟାଣି ନେଇଥିଲା । ତାଙ୍କର ସେ ନିରାଡ଼ମ୍ବର ରୂପ ଏବେ ବି ମୋ ଆଖି ଆଗରେ ନାଚି ଯାଉଛି । ଦେହରେ ସୂତାର ଛାପା ଶାଢ଼ୀ, ମଥାରେ ସିନ୍ଦୂର ଟୋପା, ଓଠରେ ହୃଦୟ ଜିଣା ହସର ସରୁ ରେଖାଟିଏ ! ତା ସାଙ୍ଗକୁ ରୋଗ ବିରୁଦ୍ଧରେ ଲଢ଼େଇ କରିବାର ସର୍ବଜନ ଗ୍ରହଣଯୋଗ୍ୟ କି ଅପୂର୍ବ ଭାବଧାରା- ''ରୋଗୀ ବୋଲି ଭାବି ଭାବି ବସି ରହିବାଟା ଭଲ ନୁହେଁ । ସମସ୍ତଙ୍କ ସହ ମିଳିମିଶି ମନକୁ ଟାଣ କରି ନେବା ଦରକାର । ରୋଗହେଲେ ବି, ଏଭଳି ଭାବନା ମନରୁ ଦୂରେଇ ଦେଲେ ରୋଗର ବଳ କମିଯିବ ।'' କି ସୁନ୍ଦର ଭାବନା ! କି ଅଦମ୍ୟ ମନୋବଳ । ସମସ୍ତଙ୍କ ପାଇଁ ଶିଖିବା ଭଳି କଥାଟିଏ । ଦୁଇଦିନ ପରେ ଜଣେ ସାଙ୍ଗ ପଢ଼ିବାକୁ ଦେଲେ ପତ୍ରିକା ଖଣ୍ଡିଏ 'ଚୁମ୍ବକ' । ପତ୍ରିକାର ସମ୍ପାଦିକା ତାଙ୍କୁ ସେଟି ଉପହାର ଦେଇଥିଲେ । ପୂର୍ବରୁ ମୁଁ ଚୁମ୍ବକର ଜଣେ ନିୟମିତ ପାଠିକା ଥିଲି । ଟ୍ରେନିଂ ଆସିବା

Digitized by srujanika@gmail.com

ଘରେ ସେତକ ବନ୍ଦ ହୋଇ ଯାଇଥିଲା । ପତ୍ରିକା କ୍ଷଣିକ ଚାଳିଲି ଶ୍ରୀ ହେଲ । ପତ୍ରିକାର ସମ୍ପାଦକାଙ୍କୁ ମନେ ମନେ ଧନ୍ୟବାଦ ଦେଲି । ଯିଏ ଏ ପତ୍ରିକା ସମ୍ପାଦନା କରନ୍ତି ସେ କେମିତି ନ ହୋଇଥିବେ ।

ପରଦିନ ହଠାତ୍ ଯେତେବେଳେ ଜାଣିବାକୁ ପାଇଲି ଯେ ପତ୍ରିକାର ସମ୍ପାଦକା ମୋ ମନକୁ ଆଗରୁ କିଣି ନେଇଥିବା ଲେଖିକା ଲେଖିକା, 'ଶୈଳ ଆପା' ସେତେବେଳେ ମୋ ଆନନ୍ଦର ସୀମା ରହିଲାନି । ସତେ ଅବା ସରଗ ମୋ ହାତ ପାହାନ୍ତରେ । କେତେ ମହାନ୍ ସେ, କେତେ ଶ୍ରେଷ୍ଠ ମୁଁ ତାଙ୍କ ଆଗରେ । ତଥାପି ମନରେ ତ କାହିଁ ଗର୍ବର ଗନ୍ଧ ବି ନାହିଁ । ଏପରି ଜଣେ ମହୀୟସୀ ମହିଳାଙ୍କର ସାନିଧ୍ୟଲାଭ କରିଥିବାରୁ ମୁଁ ନିଜକୁ ଭାଗ୍ୟବତୀ ମନେକଲି । ତା ପରଠୁ ସମ୍ପାଦକା ଶୈଳ ଅପାଙ୍କ ପାଖକୁ ମୁଁ ଅଧିକ ଟାଣି ହୋଇଗଲି । ରଜ ଯେତିକି ପାଖେଇ ଆସୁଥାଏ ଶୈଳ ଅପାଙ୍କ ସହ ସମ୍ପର୍କ ସେତିକି ଘନିଷ୍ଠରୁ ଘନିଷ୍ଠତର ହେବାରେ ଲାଗିଥାଏ । ଭାବିଲି ଯାହାହେଉ ରଜ ଏ ବର୍ଷ ମୋ ପାଇଁ ବେଶ ନୂଆ ମଜା ଆଣିଦେଲା । ଶୈଳ ଅପାଙ୍କର ଅପରେସନ ରଜ ଛୁଟି ଭିତରେ ହେବ ବୋଲି ଠିକ ହେଲା । ମୁଁ ମଧ୍ୟ ଠିକ କରିନେଲି ଏ ବର୍ଷ କଟକରେ ରହି ଶୈଳ ଅପାଙ୍କ ପାଖରେ ରଜ ପାଳିବି । ଏଭଳି ଜଣେ ପୁଣ୍ୟାତ୍ମାଙ୍କ ସେବା କରିବାର ସୁଯୋଗ ମିଳିଲେ ସେବିକା-ଜୀବନ ସାର୍ଥକ ହେବ । କିନ୍ତୁ ଏକଥା ଜାଣିବାପରେ ଶୈଳଅପା ମୋତେ ପାଖକୁ ଡାକି ବୁଝେଇଲେ "ରଜକୁ ତୁମେ ଘରକୁ ନଗଲେ ବାପା, ମା, ଭାଇ ଭଉଣୀ ସମସ୍ତଙ୍କ ମନ ଖରାପ ହେବ । ମୋତେ ମଧ୍ୟ ଭଲ ଲାଗିବନି । ମୋ ଝିଅ ରଜ ପାଳି ପାରୁ ନଥିବାରୁ ମତେ କେତେ ଖରାପ ଲାଗୁଛି । ସିନ୍ଧୁ (ଲେଖିକାର ଡାକନାମ) ତୁ ଘରକୁ ନଗଲେ ଆଉଜଣେ ମା' ଠିକ୍ ସେଇ ଭଳି ଦୁଃଖିତା ହେବେ ନିଶ୍ଚୟ ! "

ତାଙ୍କର ସେଇ ସ୍ନେହ ବୋଳା ମଧୁର କଥାର ପ୍ରତିବାଦ କରି ପାରିଲିନି । ରଜ ପାଳିବାକୁ ଗାଁକୁ ଗଲି । ରଜ ମଜଜ ଭିତରେ ହଜି ଗଲେବି ମଝିରେ ମଝିରେ ଶୈଳ ଅପାଙ୍କ କଥା ମନେ ପଡ଼ି ଟିକିଏ

Digitized by srujanika@gmail.com

କେମିତି କେମିତି ଲାଗୁଥାଏ । ତେବେ ଗାଁର ସାଙ୍ଗ ସାଥୀ ଭାଇ ଭଉଣୀଙ୍କ ମେଳରେ ନିଜକୁ ପୁଣି ହଜାଇ ଦେଉଥାଏ ।

ଛୁଟି ଶେଷରେ କଟକ ଅଭିମୁଖେ ଫେରି ଆସିଲି । ମନରେ କେତେ ଆଶା । ଶୈଳ ଅପାଙ୍କୁ ଭେଟିବି । ତାଙ୍କର ସାନିଧ୍ୟ ଲାଭ କରି ନିଜକୁ କୃତ୍ୟ କୃତ୍ୟ ମଣିବି । ଘର ଛାଡିବା ବେଳେ ସବୁଥର ମନରେ ଟିକିଏ ଦୁଃଖ ଆସେ । କିନ୍ତୁ ଶୈଳ ଅପାଙ୍କ ସ୍ନେହ ବୋଳା ବ୍ୟବହାରର ସ୍ମୃତି ଏଥର ସେ ଦୁଃଖକୁ ମନରୁ ପୋଛି ଦେଇଛି । ବାଦାମ ବାଡି ବସଷ୍ଟାଣ୍ଡରେ ପହଞ୍ଚିଲି ବେଳକୁ ମନ ଥୟ ଧରୁ ନ ଥାଏ । କିନ୍ତୁ ବସରୁ ଓହ୍ଲାଇ ଶୁଣିଲି ଶଇଳ ଅପା ଆଉ ଇହଧାମରେ ନାହାଁନ୍ତି । ଗୁଣ ମୁଗ୍ଧ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ସେ ଚାଲିଗଲେ ଅମରଧାମକୁ । ଏଇଆ ଶୁଣିବି ବୋଲି ଗାଁରୁ ଧାଇଁ ଆସିଥିଲି କିନା, ହାୟ ଭଗବାନ ! ନିୟତି କି ନିଷ୍ଠୁର ସତେ ତୁ । ତୋ ଆଖିକୁ ଆଉ କେହି ଦେଖା ଗଲେନି । ଶୈଳ ଅପା ତୋ ଆଖିରେ ଜଳୁଥିଲେ !

ସୁଖ ଦୁଃଖ ଆସେ ଯାଏ ପୁଣିଯାଏ । ଧୀରେ ଧୀରେ ସେ ଦୁଃଖ ଦୂରେଇ ଗଲାଣି । ବିଶ୍ୱାସ ହଉନି, କେତେ ଶୀଘ୍ର ଚୁହୁଁ ଚୁହୁଁ ବରଷଟିଏ ପୂରିଗଲା । ଋଜ ପୁଣି ଆସିବ ଯିବ । ହେଲେ ଶୈଳ ଅପା··· ? । ହେ ଈଶ୍ୱର ଏତିକି ପ୍ରାର୍ଥନା, ଶୈଳ ଅପାର ପବିତ୍ର ଆତ୍ମାର ସଦ୍‌ଗତି ହେଉ ।

□□

※ ସେବକାଗ୍ରଣୀ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ

Digitized by srujanika@gmail.com

ମୋ' ଜୀବନ ସେ' ଏକ ଅଭୁଲା ସ୍ମୃତି

• ଶ୍ରୀମତୀ ବ୍ରତତୀ ଚ୍ୟାଟାର୍ଜୀ

ଡାଇରୀର ପୁରୁଣା ପୃଷ୍ଠାର ଅନେକ ହଜିଗଲା ଦିନମାନଙ୍କର ଗହଳ ମଧ୍ୟରୁ ଆଜି ସେଇ ଦିନଟି ମନେ ପଡ଼ିଗଲେ ଆଖିରେ ମୋ' ଅଜାଣତରେ ଲୁହ ଜକେଇ ଆସେ, ସେଇ ଆନନ୍ଦର ଦିନଟି, ୧୯୭୩ ମସିହା ମେ ମାସ ୧୪ ତାରିଖ ଯେଉଁଦିନ ମୋ'ର ପହିଲ ପରିଚୟ ହୋଇଥିଲା ମମତା ଭରା ସେଇ ସ୍ନେହ ହୃଦୟଟି ସହିତ । ଗ୍ରୀଷ୍ମ-ଆତଙ୍କ ଜ୍ୟେଷ୍ଠର ଭୀଷଣ ଉତ୍ତାପ । ମୁଁ ଓ ମୋ'ର ଜଣେ ବାନ୍ଧବୀ ରାଜଧାନୀ ବସଷ୍ଟାଣ୍ଡରୁ ଫେରୁଥାଉ । କଥାବାର୍ତ୍ତା ମଧ୍ୟରେ ସେ ମୋତେ ହଠାତ କହିଦେଲି-"ତମେତ କବିତା ଲେଖ, ସାହିତ୍ୟ ଭଲପାଅ, ଆମର ଜଣେ ଅପା ଅଛନ୍ତି ବହୁତ ସ୍ନେହୀ, ବହୁତ ଭଲ ଭଲ ଗପ କବିତା ଲେଖନ୍ତି । ବାଟରେ ତାଙ୍କ ଘର ପଡ଼ିବ, ଚାଲ ଯିବା, ଦେଖିବ ସେ କେତେ ଖୁସୀ ହେବେ ।" ତା' ଠାରୁ ଏହାଶୁଣି ମନଟା ମୋ'ର ଅଜଣା ପୁଲକରେ ଭରି ଯାଇଥିଲା । ପିଲାଦିନରୁ କବି, ଲେଖକ ମାନଙ୍କ ପ୍ରତି ମୋ' ମନରେ ଏକ ବିଶେଷ ଆକର୍ଷଣ ଓ ଭକ୍ତିଥିଲା । ଅଶେଷ କୌତୁହଳ ନେଇ ଆମେ ଦୁହେଁ ୧ ନମ୍ବର ଇଉନିଟ୍‌ର ୧୪୮୧ କ୍ୱାର୍ଟରର ପିଣ୍ଡା ଉପରକୁ ଉଠି ଯାଇଥିଲୁ । ବାନ୍ଧବୀ ଜଣକ କବାଟରେ ଆଘାତ କରିବାମାତ୍ରେ କବାଟ ଖୋଲି ବାହାରି ଆସିଲେ ଜଣେ ୩୭/୩୮ ବର୍ଷର ମହିଳା, ଦେହରେ ନିହାତି ସାଧାରଣ ହିନ୍ଦୁ ରମଣୀର ପୋଷାକ ଓ ଅଳଙ୍କାର, ମୁହଁରେ ଅମଳିନ ହସ, ଆଖିରେ ସ୍ନେହାର୍ଦ୍ର ଗୃହିଣୀ । ଆମ ଦୁହିଁଙ୍କୁ ଦେଖି ହଠାତ୍ ହଜିଲା ରତ୍ନ ଖୋଜି ପାଇଲା ପରି ଆନନ୍ଦରେ ଅଧୀର ହୋଇ, ମୋ' ପରିଚୟ ପାଇବା ପୂର୍ବରୁହିଁ କାନ୍ଧରେ ହାତ ପକାଇ ଘର ଭିତରକୁ ଭିଡ଼ି ନେଲେ । ବହୁତ ବ୍ୟସ୍ତହୋଇ କହୁଥାନ୍ତି "ଏଇ ଖରାଟାରେ କାହିଁକି ବାହାରିଛ ? ଝିଅ ମାନଙ୍କ ଦୁଃଖ ଦେଖିଲେ ମୋ'ର ବହୁତ କଷ୍ଟହୁଏ । ତୁମମାନଙ୍କୁ କଷ୍ଟ ହେଉଥିବ, ଭଲକଲ ଆମ ଘରକୁ ଚାଲିଆସିଲ ।" ତାଙ୍କର

Digitized by srujanika@gmail.com

ଏଇ ପ୍ରଥମ କଥା ପଦକରେ ମୁଁ ଛୋଟୀ ହୋଇ ଯାଇଥିଲି ସେଇ ଅମଳିନସ୍ନେହ ବାରିରେ ଅବଗାହନ କରିବାକୁ । ସନ୍ଧ୍ୟାବେଳେ ତାଙ୍କ ଘରୁ ଫେରିବା ବେଳେ ସେ ବାରମ୍ବାର କହୁଥାନ୍ତି "ବୁଢ଼ୀ ଆଜିଠ'ରୁ ତମେ ବଡ଼ମା'ର ଜଣେ ଝିଅ ହେଲ। ଯେତେବେଳେ ଖୁସୀ ଏଇ ଗରିବ ଅପା ଘରକୁ ଚାଲି ଆସିବ।"

ସେ ଦିନର ସେଇ କେତୋଟି ମୁହୂର୍ତ୍ତ ମଧ୍ୟରେ ଅପା ଓ ମୋ ଭିତରେ ପରିଚୟ ସୀମିତ ନଥିଲା। ଦିନ ପରେ ଦିନ ଅନେକ ସୁଖ-ଦୁଃଖର ଜୁଆର-ଭଟ୍ଟା ମଧ୍ୟରେ ମୁଁ ତାଙ୍କ ସହିତ ତଥା ତାଙ୍କ ପରି-ବାର ସହିତ ଘନିଷ୍ଠତର ହୋଇପଡ଼ିଥିଲି । ଏକ ରକ୍ତ-ସଂପର୍କୀୟ ଅନୁଭୂତି ପରେ ଏବେବି ମୁଁ ତାହା ଅନୁଭବ କରେ । ଅପା ଆମ ପରିବାର ମଧ୍ୟରେ ବି ବହୁତ ଆଦରଣୀୟା ହୋଇ ଉଠିଥିଲେ । ମନେପଡ଼େ ମୋ' ମାଆଙ୍କର ଅପାଙ୍କ ପ୍ରତି ସେଇ ଶେଷ କଥା, 'ଆପଣଙ୍କ ପାଖରେ ମୋ ଝିଅଥିଲେ ମୁଁ କିଛି ଭାବେନି, ବହୁତ ନିଶ୍ଚିନ୍ତ ଥାଏ। ମୋ ପିଲମାନେ ରହିଲେ, ମୁଁ ହିଏତ ଅପା ଆଉ ବଂଚିବିନି"- କ୍ୟାପିଟାଲ ହସପିଟାଲର ମା'ଙ୍କ ବେଡ୍ ପାଖରେ ବସି ମା'ଙ୍କ ମଥା ଆଉଁସୁ ଥିବାବେଳେ ତାଙ୍କର ଏଇ କଥା ପଦଟି ଶୁଣି ଭେ ଭେ ହୋଇ କାନ୍ଦି ଉଠିଥିଲେ ମୋ'ର ସେଇ ସ୍ନେହମୟୀ ଅପା। ମାଙ୍କ ମୃତ୍ୟୁର ପୂର୍ବଦିନ ଅପା କାହିଁକି କେଜାଣି ମୋତେ ନେଇ ଚାଲି ଆସିଥିଲେ ତାଙ୍କ ଘରକୁ। ହଠାତ୍ ମୋତେ କୁଣ୍ଢେଇ ଧରି କାନ୍ଦି ଉଠି-ଥିଲେ। ଆଜି ବି ମନେପଡ଼େ ସେହି ଭୟଙ୍କର ଦିନଗୁଡ଼ିକ। ମା' ମୋର ଆଖି ବୁଜିଲେ ୧୯୭୭ ମସିହା ଡିସେମ୍ବର ୨୪ ତାରିଖ ରାତିରେ। ତା'ପରେ ପରେ ମୋ ଜୀବନରେ ତଥା ଆମ ପରିବାରରେ ଦୁଃଖ ଆଉ ହତାଶର ବନ୍ୟା। ମୋ ଜୀବନର ସେଇ ମର୍ମନ୍ତୁଦ ଦୁଃଖର ଦିନଗୁଡ଼ାକରେ ସ୍ନେହ ଆଉ ସାନ୍ତ୍ୱନାର ବାରିଧାରାରେ ମୋ ଜୀବନକୁ ସିକ୍ତକରି ହତାଶର ବାଲିଚଡ଼ା ମଧ୍ୟରେ ଆଶାର ସବୁଜିମା ଭରିବାର ଚେଷ୍ଟା କରିଥିଲେ ସେ। ସେଇଁ ସ୍ନେହମୟୀ ଅପା, ସେ ଆଜି ନାହାନ୍ତି ବୋଲି ଭାବିବା ହୁଏନା। ମୋ ଜନ୍ମଦାତ୍ରୀ ମା'ଙ୍କୁ ହରାଇ ବି ଆଉ ଜଣେ ମାଆଙ୍କୁ ସତେ ଯେମିତି ମୁଁ ପାଇଥିଲି। ଆମ ଦୁହିଙ୍କ ମଧ୍ୟରେ ଅନେକ ଭୁଲ ବୁଝାମଣା, ମନୋମାଳିନ୍ୟ ମୁଣ୍ଡ ଟେକିଛି ପୁଣି

Digitized by srujanika@gmail.com

ସେମାନେ ପରିଚିତ ହୋଇନଥିବା ହୃଦୟର ମମତା ନିକଟରେ । ଅପା ଥିଲେ ବହୁତ ଅଭିମାନିନୀ । କିନ୍ତୁ ତାଙ୍କର ସେଇ ଅମଳିନ ସ୍ନେହ ଆଉ ଆଖିର ଲୁହରେ ସବୁ ମାନ ଅଭିମାନକୁ ଧୋଇ ପରକୁ ଆପଣାର କରିବାର ବ୍ରତରେ ସତେ ଯେମିତି ସେ ସଦା ସର୍ବଦା ବ୍ରତୀ ଥିଲେ । ଦୁନିଆରେ ତ ଅନେକ କବି ଲେଖକ ଜନ୍ମ ହୁଅନ୍ତି । କବିତ୍ୱର ଅହଂକାରକୁ ନେଇ କେତେଜଣ ବିଶ୍ୱ ଆଗରେ ନିଜ ହୃଦୟକୁ ଖୋଲି ଦେଇ ପାରନ୍ତି ? ପରକୁ ଆପଣାର କରିବାର ନିଶାରେ ମସ୍‌ଗୁଲ ହୋଇ ମମତାର ଫଲ୍‌ଗୁଧାରା ବୁହାଇ ଦିଅନ୍ତି ? ହୁଏତ ଅଳ୍ପ । କିନ୍ତୁ ଅପାଥିଲେ ଏ ଦିଗରୁ ଅନନ୍ୟ ସାଧାରଣ ମହିଳା । ହୃଦୟଭରା ସ୍ନେହ, ହସ ହସ ମୁହଁ ଓ ସର୍ବୋପରି ତାଙ୍କ ଅନ୍ତଃସ୍ଥ ସ୍ୱଚ୍ଛନ୍ଦତା ଖୁବ କ୍ୱଚିତ୍ ଦେଖିବାକୁ ମିଳେ । ଯେଉଁମାନେ ଗୋଟିଏ ମୁହୂର୍ତ୍ତ ପାଇଁ ବି ତାଙ୍କ ସମ୍ପର୍କରେ ଆସିଛନ୍ତି, ସେମାନେ ନିଶ୍ଚୟ ଏଇ ଅମୂଲ୍ୟ ମୁହୂର୍ତ୍ତର ସ୍ମରଣ କରୁଥିବେ ବୋଲି ମୋର ବିଶ୍ୱାସ ।

ଅପା ବହୁତ ସଙ୍ଗୀତ ପ୍ରିୟ ଥିଲେ । ମୋ’ କଣ୍ଠରୁ ଗୀତଟିଏ ଶୁଣିବା ପାଇଁ ସତେ ଯେମିତି ସେ ପାଗଳ ହୋଇ ଯାଉଥିଲେ । ଅଧିକାଂଶ ଦିନର ଅଧିକାଂଶ ମୁହୂର୍ତ୍ତ ଗୁଡ଼ାକ ମୋ’ର ତାଂକର ଘରେ କଟିଯାଏ । କଲେଜରୁ ମୁଁ ଫୋନ୍ କରେ ଅପାଙ୍କୁ । ଆନନ୍ଦରେ ଅଧୀର ହୋଇ ସେ କହନ୍ତି—“ମୁନି ତୁ କଲେଜରୁ ଫେରି ଆଜି ସିଧା-ସଳଖ ଏଠାକୁ ଆସିବୁ । ତୁମ ପାଇଁ ମୁଁ ଅପେକ୍ଷା କରୁଛି ।ଖାଇବୁ ଆଉ ମୋତେ ଗୀତ ଶୁଣାଇବୁ, ” ଅପାଂକ ଅନୁରୋଧ ମୁଁ ଉପେକ୍ଷା କରି ପାରେନା, ଯେତେ ଅସୁବିଧା ଥିଲେ ମଧ୍ୟ ଦୌଡ଼ି ଯାଏ ତାଂକ ପାଖକୁ ନଗଲେ ବହୁତ ଅଭିମାନ କରନ୍ତି, ମୁଁ ଗାଏ, ଅପା ଶୁଣନ୍ତି “ଦୁଃଖ ନାଶନ ହେ ସୁଖ ନ ପାଇଲି ଦିନେ”—ଗାଇଲା ବେଳେ ଅପାଂକ ଆଖି ଛଳ ଛଳ ହୋଇ ଉଠେ । ଗୋଟିଏ ପରେ ଗୋଟିଏ ଜଗନ୍ନାଥ—ଜଣାଣ ମୁଁ ଗାଏ, ସେ ଶୁଣନ୍ତି । ଅନେକ ସମୟରେ ଭାଇ (ଅପାଂକ ସ୍ୱାମୀ)ମଧ୍ୟ ଥାଆନ୍ତି ଶ୍ରୋତା ହୋଇ ସେ ମଧ୍ୟ ବହୁତ ସଙ୍ଗୀତ ପ୍ରିୟ ।ମୋର ମନେ ଅଛି ରବୀନ୍ଦ୍ରନାଥଂକ କଥା ‘,ବିପଦେ ମୋର ରକ୍ଷା କରେ ଏ ନୁହେଁ ମୋର ପ୍ରାର୍ଥନା” ଏବଂ କାଜି

Digitized by srujanika@gmail.com

ନଜରୁଲ୍‌ଙ୍କ "ନୟନ ଭରା ଜଲ ଗୋ ତୋମାର ଆଁଚଲ ଭରା ଫୁଲ" ଏଇ ଦୁଇଟି ଗୀତ ଥିଲା ତାଙ୍କର ସବୁଠାରୁ ପ୍ରିୟ ଗୀତ । ବେଳେ ବେଳେ ନିଜ ମନକୁ ମନ ସେ ଗାଇ ଉଠୁଥିଲେ "ଯଦି ତୋର ଡାକ ଶୁନେ କେଉ ନା ଆସେ ତବେ ଏକଲା ଚଲୋ" । ମୃତ୍ୟୁର କିଛି ଦିନ ପୂର୍ବରୁ "ଝଙ୍କାର" ପତ୍ରିକାର ଅଷ୍ଟମ ବର୍ଷିକ ଉତ୍ସବ ଦିନ ଅପରାହ୍ନ-ରେ ଏଇ ଗୀତ ଗୁଡ଼ିକ ତାଙ୍କରି ବାଧ୍ୟ ବାଧକତାରେ ମୋତେ ତାଙ୍କୁ ଶୁଣାଇବାକୁ ପଡ଼ିଥିଲା । ଅପାଙ୍କ ମନବଳ ବାସ୍ତବିକ ବେଳେ ବେଳେ ବହୁତ ଆଶ୍ଚର୍ଯ୍ୟ କରୁଥିଲା ମୋତେ । ଧର୍ମ, ସଂସ୍କୃତି, ଦେଶପ୍ରେମ, ସାହିତ୍ୟ ସବୁକିଛିକୁ ଏକ କାଳେ ଆକଣ୍ଠ ପାନ କରିବାର ଦୁର୍ବାର ପିପାସା ନେଇ ପ୍ରତ୍ୟେକ ଆବାଳ ବୃଦ୍ଧ ବନିତାକୁ ବିଶେଷ କରି ନବ-ଗୋଷ୍ଠୀକୁ ସେ ପ୍ରେରଣା ଦେଉଥିଲେ ନୂତନ ସାହିତ୍ୟ ସୃଷ୍ଟି ପାଇଁ । ମୋ ସହିତ ବାଟ ଚାଲୁ ଚାଲୁ ହଠାତ୍ ଛିଡ଼ା ହୋଇ ଡାଇରୀରେ ଦୁଇପଦ କବିତା ଲେଖି ଯାଉଥିଲେ ! ମୁଁ ହସିଦେଲେ ଅପା କହନ୍ତି, ଜାଣିଛ ବ୍ରତତି, ଲେଖା ମୋତେ ପାଗଳ କରିଛି, ଯା'ର ପାଇଁ ମୁଁ ପରିବାରରେ ମଧ୍ୟ ଅପ୍ରିୟ ହୋଇପଡ଼ିଛି ।" ମୁଁ ଚୁପ୍ ରହେ । ରାସ୍ତା ଘାଟରେ ସେ କବିତା ରଚନା କରନ୍ତି-କି ଅଦ୍ଭୁତ ମଣିଷଟିଏ । ଦିନେ ଦିନେ ସାହିତ୍ୟ ନେଇ ଆମଭିତରେ ଆଲୋଚନା ହୁଏ । ତାଙ୍କର ସାହିତ୍ୟ ଜ୍ଞାନ ତଥା ଭାଷାଜ୍ଞାନ ନିକଟରେ ମୁଁ ହାରିଯାଏ । ଅଳ୍ପଶିକ୍ଷିତା ଜଣେ ସାଧାରଣ ଗ୍ରାମ୍ୟ ମହିଳା, ସଂସାରର ଜଞ୍ଜାଳ ମଧ୍ୟରେ ବି ଅଦ୍ଭୁତ ସାହିତ୍ୟ ସାଧନା ! ମୋତେ ଆଶ୍ଚର୍ଯ୍ୟ ଲାଗେ ମୁଁ ଚୁପ୍ ହୋଇ ଭାବିବସେ ତାଙ୍କ ଅସାଧାରଣତ୍ୱକୁ ।

କହ୍ନେଇ ଭାଇ (କାହ୍ନୁଲାଲ)ଙ୍କର ମୃତ୍ୟୁପରେ ତାଙ୍କର ଗଳ୍ପ ଗୁଡ଼ିକର ଏକ ସଙ୍କଳନ ଛପାଇବାର ଉଦ୍ୟମ ଅପାହିଁ ପ୍ରଥମେ କରିଥିଲେ । ତାଙ୍କ ସହିତ ମୁଁ ବି ଯାଇଛି ଅନେକ ସ୍ଥାନକୁ ଗଳ୍ପ ଆଦାୟ କରିବା ପାଇଁ । ଅକ୍ଲାନ୍ତ ଉଦ୍ୟମ ନେଇ ସେ ଆଗେଇ ଆସି-ଥିଲେ ଜଣେ କବିଙ୍କ ସ୍ମୃତିରକ୍ଷା କରିବାକୁ । ତାଙ୍କୁ ଶୁଣିବାକୁ ପଡ଼ିଛି ଅନେକ ବଦନାମ, ଲାଞ୍ଛନା । ଏଇଥିପାଇଁ ଦିନେ କାନ୍ଦି କାନ୍ଦି ମୋ ଆଗରେ ସେ କହିଥିଲେ—"ଜାଣିଛ ବ୍ରତତି, ଏ ଦୁନିଆଟା ଭାରି ହାରାମ । ପ୍ରତିଭାକୁ ଏମାନେ ଚିହ୍ନି ପାରନ୍ତିନି, ଦେଖୁନୁତ କହ୍ନେଇର

Digitized by srujanika@gmail.com

ମୁଁ ତାହାଙ୍କ ନିମନ୍ତେ କେତେ କଥା ଶୁଣିବାକୁ ପଡ଼ୁଛି ! କବି ଲେଖକଙ୍କୁ ଚିହ୍ନିବା ମହାପାପ । ମୁଁ ବି ମରିଗଲେ କେହି ହୁଏତ ମନେପକାଇବେନି, ଏମିତି ଭୁଲିଯିବେ ।" ସେ ଦିନର ସେଇ ଅଭିମାନ ଭରା କଥା ଗୁଡ଼ିକ ଆଜି ବି ମନେ ପଡ଼ିଲେ ହୃଦୟରେ ଯନ୍ତ୍ରଣା ଅନୁଭବ କରେ । ମୃତ୍ୟୁର ନିକଟତମ ହୋଇ 'ଚମ୍ପକ'ର ୮ମ ବାର୍ଷିକ ଉତ୍ସବ ପୂର୍ବଦିନ ସେଇ କଥା ପୁଣି ସେ ଉଚ୍ଚାରଣ କରିଥିଲେ । ସେଦିନ ରାଧାନାଥ (ନିଧାରିଣୀ ବଶୋଇଙ୍କ) ଘରେ ବସି କେତେ ଅଭିମାନ କରିଗଲେ । ମୁଁ ଥାଏ ତାଙ୍କ ସହିତ ଫେରିଲା ବେଳେ ସେ କହୁଥାନ୍ତି- 'ମୁଁ ଆଉ ବଂଚିବିନି । ତମେମାନେ ତ ଅଛ, ମୋ 'ଚମ୍ପକ'କୁ ବଂଚେଇ ରଖିବ…" । ସେଇ ଉତ୍ସବ ଦିନରେ ବଜାରରୁ କିଛି କିଣି ନିଜ ହାତରେ ସେ ପିଠା ତିଆରି କରି ସାହିତ୍ୟିକ ବନ୍ଧୁ ମାନଙ୍କୁ ପରିବେଷଣ କରି ଖୁଆଇଥିଲେ । କି ଅଦ୍ଭୁତ ଆନନ୍ଦ ! ବାରମ୍ବାର କହୁଥାନ୍ତି-"ମୋ'ର ବହୁତ ଇଚ୍ଛାଥିଲା ସମସ୍ତଙ୍କୁ ଦେଖେଇ କରି ଖୁଆଇବି । ତାହା ସାମାନ୍ୟ ପାରିଲି ନକରି ରହିପାରିଲିନି ।" ତାଙ୍କ ନିଜ ପରିବେଷଣରେ ସେଦିନ ହିଁ ଯେ ଶେଷ ପ୍ରୀତିଭୋଜନ ଥିଲା, ତାହା କିଏ ସେଦିନ ଜାଣିଥିଲା ? ବିଦାୟ ନେଲାବେଳେ ମୋ'ତେ କହିଥିଲେ, "ତମେ ବ୍ରତଘରି ରଜଦିନ ନିଶ୍ଚୟ ଆସିବ," ଘରେ କହିଦେବ, ସେ ଦିନ ଆମ ଘରେ ରହିବ" ଏହାହିଁ ଥିଲା ମୋ' ପ୍ରତି ତାଙ୍କ ଶେଷ ଉଚ୍ଚାରିତ କଥା ।

ଏହା ପରେ ଅବଶ୍ୟ ତାଂକ ସ୍ନେହ ବୋଳା ଚିଠି ପାଇଥିଲି ଯାହା କି ଥିଲା ତାଂକ ଶେଷ ଚିଠି । ମୃତ୍ୟୁର ୮ ଦିନ ପୂର୍ବରୁ ସେଇ ଚିଠିରେ ମଧ୍ୟ ସେ ପୂର୍ବ ପରି ପ୍ରେରଣା ଦେବାକୁ ଭୁଲି ନାହାଁନ୍ତି । ସେ ଲେଖିଥିଲେ, "ତୁମର ପ୍ରତିଭା ଅଛି । ପ୍ରତିଭାକୁ ନଷ୍ଟ କରିବନି । ମୁଁ ବଞ୍ଚିବି, ଗୀତ ଗାଇବା, କବିତା ଲେଖି ଚଳେଇନେବା । ମୋ ପରେ ତୁମେ ସବୁ ମୋ 'ଚମ୍ପକ'କୁ ରକ୍ଷା କରିବ । ମୋତେ ଏଠି କିଛି ଭଲ ଲାଗୁନି, ଏଠି ଖାଲି ମୃତ୍ୟୁର ଯନ୍ତ୍ରଣା, ବେଡ୍‌ରେ ଶୋଇ ଶୋଇ କେତେ ଗୁଡ଼ାଏ କବିତା ଲେଖିଛି, ଗଲେ ପଢ଼ି ଶୁଣେଇବି ।"

Digitized by srujanika@gmail.com

ଆଉ ତାଂକ ମୁହଁରୁ କଥା ପଦକ ଶୁଣିବାର ଭାଗ୍ୟ ମୋ'ର ନାହିଁ । ଛଟିପଟାଇ ଦୌଡ଼ି ଯାଇଥିଲି କଟକ ହସପିଟାଲକୁ । କିନ୍ତୁ ମୁଁ ହତଭାଗ୍ୟ । ମୁଁ ଯାଇ ପହଁଞ୍ଚିଲା ବେଳକୁ ସଦା ମୁଖରିତ ସେଇ ସ୍ନେହପୂର୍ଣ୍ଣ ଭାଷାର ଝଂକାର ସ୍ଥିର, ନିଶ୍ଚଳ ହୋଇ ଯାଇଥିଲା । ଅନେକ ଆଶା ନେଇ ଦୁଇ ରାତ୍ରୀ ତାଂକ ବେଡ୍ ପାଖରେ ଉଜାଗର ହୋଇ ବସିଥିଲି । ତଥାପି ମନ କହୁଥିଲା—ମୁହାଣରୁ ଜଳସ୍ରୋତ ଲେଉଟିବ ନାହିଁ । ସଜ୍ଞାହୀନ ଅବସ୍ଥାରେ ସମସ୍ତଂକ ଆଖି ଆଗରେ ସମସ୍ତଂକ ଅଜାଣତରେ ଜୁନ୍ ୧୫ ତାରିଖ ରାତ୍ରୀରେ କେତେବେଳେ ସେଇ ଶ୍ରେଷ୍ଠ ଜୀବନତରୀଟି ମହାସମୁଦ୍ରର ଅନନ୍ତ ଗଭୀରତା ମଧ୍ୟରେ ଟୁବ୍‌କରି ବୁଡ଼ି ଗଲା, କେହି ଆଉ ଖୋଜି ପାଇଲେ ନାହିଁ । ହଜିଗଲା ସେ ଅନନ୍ତ ନୀଳିମାରେ ।

ମୋର ଦୁଃଖ ରହିଗଲା ତାଂକ ଶେଷ ମୁହୂର୍ତ୍ତରେ ମୁଁ ତାଙ୍କ ପାଖରେ ରହି ପାରି ନ ଥିଲି । ଦିନେ ଦିନ ବି ମୁଁ ପହଁଞ୍ଚିଲା ବେଳକୁ ସାଜସଜ୍ଜିତା ହୋଇ ସେ ଅନ୍ୟମାନଂକ କାନ୍ଧରେ ବିସର୍ଜନଯାତ୍ରା କରି ସାରିଥିଲେ । ହୁଏତ ମୋ ପାଇଁ ଏହାହିଁ ଥିଲା ତାଂଙ୍କ ଇଚ୍ଛା । ମୁଁ ହୁଏତ ସେ ଅନ୍ତିମ ସାଜସଜ୍ଜାକୁ ଦେଖି ପାରି ନ ଥାନ୍ତି, ତାଂକୁ ସଜାଇ ପାରି ନ ଥାନ୍ତି । ସେ ଯେ ମୋତେ ଓ ଅନ୍ୟ ଝିଅମାନଂକୁ କେତେ ସଜେଇ ଦେଉଥିଲେ । ସବୁବେଳେ କହୁଥିଲେ, "ଝିଅମାନେ ସାଜିଲେ ବହୁତ ଭଲ ଦେଖାଯାଏ । ମୋତେ ତେଣୁ ତମମାନଂକୁ ସଜେଇବାକୁ ସଜେଇବାକୁ ଭଲଲାଗେ । "

ହାୟ, ଅପା ତମେ ଆଜି କାହିଁ କେତେଦୂରକୁ ଚାଲିଗଲ ।ତୁମ ବଗ ଆଜି ନୀଳ ଆକାଶରେ ଉଡ଼ିଯାଉଛି । ଏହି ଦୁନିଆଁରେ ଯେତେ ହାତ ଲମ୍ବିଥିଲେ ବି ତୁମ ବଗୁଲାର କିଛି ଯାଏ ଆସେନା...... । ତଥାପି ଅପା, ତୁମର ସେ ଅମଳିନ, ନିଷ୍କପଟ ସ୍ନେହ ଆଉ ମମତାର ଅଭୁଲା ସ୍ମୃତି ହିଁ ଆମକୁ ପ୍ରେରଣା ଦେବ ଜୀବନର ଯାତ୍ରା ପଥରେ । ତୁମେ ଅଦୃଶ୍ୟ, ଅନନ୍ତ ନୀଳିମାରେ ରହିଲେ ମଧ୍ୟ ତୁମର ଆଶୀର୍ବାଦ ହିଁ ଆମର ଚିର ପାଥେୟ ହୋଇ ରହିବ ।

□□

Digitized by srujanika@gmail.com

ଶୈଳ ଅପାଙ୍କ ସହ କେତୋଟି ମୁହୂର୍ତ୍ତ

• ଜଗନ୍ନାଥ ପାଣିଗ୍ରାହୀ

ଅନେକ ଦିନର ତ ନୁହେଁ କେତୋଟି ଦୁର୍ଲଭ ମୁହୂର୍ତ୍ତର ଦେଖା ସାକ୍ଷାତ, ଆଳାପ। ତାଙ୍କ ସ୍ୱଚ୍ଛ ହସର ଅମୀୟ ବୋଳା ଆଳାପ ଅନ୍ତତଃ ସେଇ କେତୋଟି ମୁହୂର୍ତ୍ତ ପାଇଁ ଅନ୍ୟ ଏକ କୃତ୍ରିମତା ବିହୀନ ଇଲାକାକୁ ଟାଣି ନେଇ ଯାଉଥିଲା।

ଶୁଣିଥିଲି ତାଙ୍କର ଅନେକ ଦୁଃଖ ଥିଲା। କିନ୍ତୁ ଚେଷ୍ଟା କରିବି ତାହା ଅନୁଭବ କରି ପାରିନଥିଲି। ଅନ୍ୟର ସୁଖ ଦୁଃଖରେ ନିଜକୁ ଅତି ସହଜଭାବେ ସାମିଲ୍ କରି ନିଜ ଦୁଃଖ ଭୁଲିଯିବା ବୋଧେ ଥିଲା ତାଙ୍କ ଚରିତ୍ରର ବୈଶିଷ୍ଟ୍ୟ। ବୋଧହୁଏ ନିଜ ଦୁଃଖକୁ ସେ ଏଇଭଳି ହସି ଉଡାଇ ଦେଉଥିଲେ। ଦୁଃଖରୁ ଜାତ ହସ ଏବଂ ସୁଖ ସମୃଦ୍ଧିର ହସର ଆକର୍ଷଣ ଅଲଗା ଧରଣର। ଆଜି ମନେ ହୁଏ ଅନେକଙ୍କ ହୃଦୟରେ ଏଯାଏଁ ରହିଯାଇଥିବା ତାଙ୍କ ଦୁଃଖଜ ହସ-ଫୁଲ ମାନଙ୍କର ମହକଭରା ସ୍ମୃତି ସବୁ, ତାଙ୍କୁ ମୃତ୍ୟୁହୀନ କରି ରଖିଛି ଓ ରଖିବ।

ପ୍ରଥମେ ତାଙ୍କ ସହ ସାକ୍ଷାତ ହୋଇଥିଲା ବନ୍ଧୁ ଉଜ୍ଜ୍ୱଳ ପାଢୀଙ୍କ ସହ ଜଣେ ଡାକ୍ତରଙ୍କ ନିକଟକୁ ଯାଇଥିବା ବେଳେ। ସେ ଆମ ଦୁହିଁଙ୍କୁ ପରିଚୟ କରାଇ ଦେଇଥିଲେ। ସେଠି ଖୁବ୍ ଅଳ୍ପ ସମୟ ଲାଗି ହୋଇଥିବା ଆଳାପ ଭିତରେ ଅନୁଭବ କଲି ନିରାଡମ୍ବର ବସନ ଭୂଷଣ ସହ ଏକ ଛଳନା ବିହୀନ ସ୍ନେହ ମମତାମୟ ବ୍ୟକ୍ତିତ୍ୱ। ଫେରିବା ବେଳେ ରାସ୍ତାରେ ଭାବିଲି, ଅନ୍ୟମାନଙ୍କ ଭଳି ମୁଁ ବି ସ୍ନେହମୟୀ ଅପାଟିଏ ପାଇଲି। ହଁ, ଡାକ୍ତର ନିକଟକୁ ଯିବାବେଳେ ଅପାଙ୍କ ହାତରେ ଖଣ୍ଡେ ବହିଥିଲା-ବୋଧେ ଆମସହ ଦେଖା ନହୋଇଥିଲେ ସେ ପଢ଼ିଥାନ୍ତେ।

Digitized by srujanika@gmail.com

କିଛିଦିନ ପରେ ମିଳିଲା ଏକ ନିମନ୍ତ୍ରଣ ପତ୍ର; ଚନ୍ଦ୍ରିକାର ଅଷ୍ଟମ ବାର୍ଷିକ ଉତ୍ସବ (୨୫-୫-୮୦)ରେ ଯୋଗ ଦେବାପାଇଁ। ମୁଁ ତ ଅନେକ ଦିନ ଧରି ଭାବୁଥିଲି ଅପାଙ୍କୁ ଭେଟିବା ପାଇଁ। ସେଦିନ ଥିଲା ରବିବାର। ସେଇ ସଂଧ୍ୟାରେ, ସେଇ ଉତ୍ସବ ଉପଲକ୍ଷେ ତାଙ୍କର କର୍ମ ପ୍ରବଣତା, ସ୍ନେହ ଆଦର ସହ ସମସ୍ତଙ୍କୁ ଅଭ୍ୟର୍ଥନା ଏପାଏଁ ଭୁଲି-ପାରିନାହିଁ। ଆଗରୁ ତ 'ଏକାମ୍ର' ଓ ଅନ୍ୟ ସାହିତ୍ୟିକ ଉତ୍ସବାଦିର ପ୍ରାଣକେନ୍ଦ୍ରରୂପେ ତାଙ୍କୁ ଦେଖିଥିଲି କିନ୍ତୁ ସେଦିନର ଦୃଶ୍ୟ ଯେପରି ଥିଲା ଅପୂର୍ବ ! ଜଣକୁ ବି ନିଜେ ନିଖୁଆଇ ସେ ଛାଡି ଦେଇ ନଥିଲେ। ସମସ୍ତଙ୍କର ତ ଅପା, ସମସ୍ତଙ୍କ ଉପରେ ଥିଲା ତାଙ୍କର ସମାନ ସ୍ନେହା-ଧିକାର ; କାହାକୁ ଛାଡ଼ି ଦିଅନ୍ତେ ? ତାପରେ ଆମେ ଗୋଟି ଗୋଟି କବିତା ପାଠକଲୁ। ସେବି ପଢ଼ିଲେ। ତାହାହିଁ ଶେଷ କବିତା ପାଠୋ-ତ୍ସବ ତାଙ୍କ ସହ। ମନେହୁଏ ଏଭଳି ମନଃପୂତ କବିତା-ପାଠୋତ୍ସବ ସେ ଦିନଠୁ ଆଉ ସେପରି ଜମିନାହିଁ।

ସେଇ ଉତ୍ସବ ଶେଷରେ ଅବଶିଷ୍ଟ ଆମମାନଙ୍କୁ ସେ କହିଥିଲେ କଟକରୁ ଫେରିଲେ ଭଲକରି ଆଉ ଗୋଟାଏ ସାହିତ୍ୟିକ ଉତ୍ସବର ଆୟୋଜନ କରିବେ। ତାପରେ ତ ଆଉ ଫେରିଲେନି। ଏହାହିଁ ଶେଷ ଦେଖା—ନିୟତି କେଡ଼େ ବାଧିତ ?

ହଁ ଅପା ତମେ ଆଉଏକ ବଡ ସାହିତ୍ୟିକ ଉତ୍ସବର ଆଶା ଦେଖାଇ ପିଲଙ୍କୁ ଭଣ୍ଡି ଦେଲା ପରି କଟକ ଡାକ୍ତରଖାନାରୁ କୁଆଡ଼େ ଚାଲିଗଲ ସେ ଏଯାଏଁ ଦେଖାନାହିଁ। ଏବଂ ଆମେ ଅପେକ୍ଷା କରି ବସିଛୁ ଏଯାଏଁ। ତମ ପ୍ରତିଶ୍ରୁତି ତ ପାଳିନ କଲନି ; ଏଠିକା ସାହିତ୍ୟିକ ଉତ୍ସବ ଗୁଡ଼ିକ ମଧ୍ୟ ଆଉ ସେମିତି ଭଲ ଲାଗୁନାହିଁ। ତମେ ଆସ ଫେରି ଆସ; ଅନ୍ତତଃ ସାହିତ୍ୟିକ ଉତ୍ସବ ବେଳେ-ଅନ୍ତତଃ ଅଶରୀରୀ ରୂପେ ଆସି ସବୁ ପ୍ରାଣବନ୍ତ କରିଦିଅ ! ପ୍ରାଣବନ୍ତ କରିଦିଅ ଆମକୁ, ସାହିତ୍ୟିକ ଉତ୍ସବ ମାନଙ୍କୁ ଓ ସାହିତ୍ୟକୁ।

□□

* ଏ. ଜି ଅଫିସ
ଭୁବନେଶ୍ୱର-୧

Digitized by srujanika@gmail.com

ଚିଠି

ବୋଉ,

ତୁ ଚାଲିଯିବାର ଆଜକୁ ଠିକ୍ ଏକବର୍ଷ ନଅମାସ ହେଲା । ଆଶ୍ଚର୍ଯ୍ୟ ଲାଗେ- ସତରେ ଏ ଦୁନିଆଟା କ'ଣ ? ଆଜି ଅଛି, କାଲିକି ନାହିଁ । ବେଳେ, ବେଳେ ଚୁପ୍ ଚାପ୍ ବସିଥିଲାବେଳେ ହଠାତ୍ ମନେ-ହୁଏ ତୁ ଭୁବନେଶ୍ୱରରେ ଅଛୁ । ଛୁଟିରେ ଆମେ ଘରକୁ ଗଲେ, ତୁ ଆମ ପାଖକୁ ଦୌଡ଼ି ଆସିବୁ । ଗୋଛା ଗୋଛା କବିତା ଲେଖି ରଖିଥିବୁ, ଆମକୁ ସେ ସବୁ ପଢ଼ି ଶୁଣାଇବୁ । ଏଠାରେ ବିଦେଶରେ ସମସ୍ତଙ୍କ ଚିଠି ଆସିଲା ବେଳେ ଆମେ ଡ଼ାକ ପିଅନକୁ ଚାହୁଁ, ମନେହୁଏ ତୁ ଆମ ପାଖକୁ ଚିଠି ଲେଖିଥିବୁ । ବାହାରେ ଚଳିବା ପାଇଁ ଅନେକ ଉପଦେଶ ଦେଇଥିବୁ । କିନ୍ତୁ, ସେମିତି କିଛି ଘଟେନି ! ପୋଷ୍ଟ ପିଅନ ତା ବାଟରେ ଚାଲିଯାଏ । ତୋ ହାତ ଲେଖାଚିଠି ଆମ ପାଖରେ ପହଁଞ୍ଚେ ନାହିଁ । ଆମେ କେବଳ ସେତିକି ବେଳେ ଶୂନ୍ୟ ଆକାଶକୁ ଚାହୁଁ । ବହିରେ ପଢିଥିବା ସ୍ୱର୍ଗକୁ ଖୋଜିବସୁ । ତୁ କ'ଣ ସତରେ ସେଇ ସ୍ୱର୍ଗରେ ଅଛୁ ? ବୁଝି ହୁଏନା, — ସତରେ ଆତ୍ମାଟା କୁଆଡେ ଯାଉଛି, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ବହିରେ ପଢିଥିବା କଥାଗୁଡାକ ଖାଲିମିଛ ମନେହୁଏ ।

ହସ୍‌ପିଟାଲର ସେଇ ଦିନଗୁଡ଼ାକ ଖୁବ୍ ବେଶୀ ବେଶୀ ମନେ ପଡେ । ଅପରେସନ୍‌ର ଗୋଟିଏ ମିନିଟ୍ ପୂର୍ବରୁ ତୁ କେତେ କଥା କହୁଥିଲୁ, ହସୁଥିଲୁ । ହସ୍‌ପିଟାଲର ସେଇ ବେଡ଼୍ ଉପରେ ବସି କେତେ କବିତା ଲେଖୁଥିଲୁ । କିନ୍ତୁ, ଏ କ'ଣ ହେଲା ? ସେଇ ଅପରେସନ ପରେ ତୁ ଆଉ କଥା କହିଲୁନି, ହସିଲୁନି । ଅପରେସନର ଦୁଇଦିନ ପରେ ଚାଲିଗଲୁ । ତୁ କୁଆଡ଼େ ଗଲୁ ଏବେବି ଆମେ ବେଳେ ବେଳେ ଚିନ୍ତାକରୁ । ନିରୋଳା ଏକାକୀ ମୁହୂର୍ତ୍ତରେ, ସ୍କୁଲ୍ ଫେରନ୍ତା ରାସ୍ତାରେ ତୁ ଖୁବ୍ ବେଶୀ ବେଶୀ ମନେପଡୁ । ତୁ ଚାଲିଯିବା ପରେ ଜୀବନର ଅନେକ ଗୁଡାଏ ଯନ୍ତ୍ରଣାକୁ ସାଥୀକରି ଆମେ କେବଳ ବଞ୍ଚିରହିଛୁ । ଏ ବଞ୍ଚିବାର କିଛି ମାନେ ହୁଏନା । ତତେ ହରାଇଲା ପରେ ଏ ପୃଥିବୀଟା ଖାଲି ଶୂନ୍ୟ ମନେହୁଏ । ଯେଉଁ ଚକାଡ଼ୋଳା ତତେ ଆମଠାରୁ ଆଉ ଏକ ସୁନ୍ଦର ପୃଥିବୀକୁ ଏତେଶୀଘ୍ର ନେଇଗଲା, ସେଇ ଚକାଡ଼ୋଳାକୁ ଆମେ ସ୍ମରଣ କରୁ, ତୋର ଆତ୍ମାକୁ ସେ ଶାନ୍ତି ଦେଉ । କିନ୍ତୁ, ଚକାଡୋଳାକୁ ସେ ଡ଼ାକ ଶୁଭେ କି ନାହିଁ

Digitized by srujanika@gmail.com

କିଏ ଜାଣେ ? ଜୀବନର ଦୁଃଖ ଯନ୍ତ୍ରଣାକୁ ସାଥୀକରି ଏ ପୃଥିବୀରେ ଆମର ପ୍ରତିଟି ମୁହୂର୍ତ୍ତ କଟେ !

ସମୟ ତା ବାଟରେ ଚାଲିଯାଏ । ଦୁଃଖ ଗୁଡ଼ାକ ଜୀବନର ଚଲାପଥରେ ଲଇନ ବାନ୍ଧି ଠିଆ ହୁଅନ୍ତି । ମୁହୂର୍ତ୍ତର ବର୍ଷା ଭିତରେ ଆମେ କେବଳ ତତେ ଖୋଜିବୁ । କିନ୍ତୁ, କାହିଁ ତତେ ଏ ପୃଥିବୀର କୋଣ ଅନୁକୋଣରେ ଆମେ ପାଉନା ।

ତୋ ପାଇଁ ଯେ ଏତେ ଶୀଘ୍ର ସ୍ମରଣିକା ଛପିବାକୁ ହେବ; ତୋ ଫଟୋ ପାଖରେ ଏତେ ଶୀଘ୍ର ଧୂପ ଦେବାକୁ ହେବ, ଏକଥା କିଏ ଜାଣିଥିଲା ? ଆମେତ ଆଦୌ ବିଶ୍ୱାସ କରି ପାରୁ ନଥିଲୁ, ତୁ ଏତେ ଶୀଘ୍ର ଏମିତି ଅସମୟରେ ଆମକୁ ଛାଡ଼ିଚାଲିଯିବୁ ।

ଆକାଶର ତାରାମାନେ ତୋ ଖବର ଆମକୁ ଦିଅନ୍ତି ନାହିଁ କି ଏ ପୃଥିବୀର କେହି ଜଣେ ମଣିଷ ଯିଏ ଯାଏ ସେ ଫେରେନା । କିନ୍ତୁ, ଏମିତି ଅବେଳରେ, ଏମିତି ଅସମୟରେ ଯିଏଯାଏ, ସେ କ'ଣ ଆଉ ଫେରେନା ? ଆମେ ଜାଣୁ ଏ ପୃଥିବୀରେ ଆମକୁ ଆଉ ତୋ ହାତର ପରଶ ଖାଇବାକୁ ମିଳିବନାହିଁ ଓ ତୋ ସ୍ନେହବୋଳା କଥା ଆଉ ଶୁଣିବାକୁ ମିଳିବ ନାହିଁ । ତୁ ଚାଲିଯିବା ପରେ ମା'ର ସେଇ ସ୍ୱର୍ଗୀୟ ସ୍ନେହ ଆମ ପାଇଁ ସ୍ୱପ୍ନ ହୋଇଗଲା !

ବୋଉ, ତୁ ଯେଉଁଠି ରହିଛୁ, ସେଇଠି ସୁଖରେ ରହ । ତୋର ଟିକି ଟିକି ପୁଅ ଝିଅ ଆମେ ଖାଲି ପ୍ରାର୍ଥନା କରୁଛୁ, ତୁ ଯେଉଁଠି, ରହିଲେ ବି ତୋ ଆତ୍ମା ଶାନ୍ତିପାଉ । ତୋର ଅମର ଆତ୍ମା ପ୍ରତି ଆମର ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି ତୁ ଗ୍ରହଣ କର ଏବଂ ସ୍ୱର୍ଗରେ ରହି ଆମକୁ ଆଶୀର୍ବାଦ କର !

□□

※ ଘର ନମ୍ବର ୧୪୮୧	ତୋର
ଟାଇପ୍ ଘର	ଅତି ଆଦରର, ପ୍ରାଣର
ୟୁନିଟ୍-୧	ପୁଅ ଝିଅ
ଭୁବନେଶ୍ୱର	ମାନା, ଚୁମା, ମୁନା, କୁନ୍ନା

Digitized by srujanika@gmail.com

“ଲୁହ ଯମୁନା”ର କଣ୍ଠ

● ଅଧ୍ୟାପକ ହୃଷୀକେଶ ପଣ୍ଡା (ଶାନ୍ତିନିକେତନ)

ସୁଦୂରର ନକ୍ଷତ୍ର ଜଗତର ଗ୍ରହ, ଉପଗ୍ରହ, ଜ୍ୟୋତିଷ୍କ ସମ୍ପର୍କରେ ଆମର ଧ୍ୟାନ, ଧାରଣା ଅନ୍ୱେଷାର ଅନ୍ତନାହିଁ । ସେହି ସୁଦୂର-ମହାକାଶର ରହସ୍ୟମୟ ଜଗତ ସମ୍ପର୍କରେ ଆମର ଅଭିଜ୍ଞାନ, ଅବବୋଧ ପର୍ଯ୍ୟାପ୍ତ ନ'ହେଲେ ମଧ୍ୟ, ଉଣା ନୁହେଁ । କିଂନ୍ତୁ ଆମର ଅତି ନିକଟରେ ଥିବା ସମୁଦ୍ର ସମ୍ପର୍କରେ ଆମେ ଜାଣିଛୁ କେତେ ? ଆମର ଚିର ପରିଚିତ ସମୁଦ୍ର ଆଜିବି ଆମ ପାଖରେ ଚିର ଅପରିଚିତ ଅନାତ୍ମୀୟ ଓ ଅଲଭ୍ୟ । ସେହିପରି ଆମେ ସେଲି, କିଟସ, ବାଇରନ ସେକସପିଅରଙ୍କୁ ଭଲଭାବେ ଚିହ୍ନିଛୁ । ଭଲଭାବରେ ଅଧ୍ୟୟନ କରିଛୁ, ଆତ୍ମୀୟ କରିଛୁ ଓ ଆତ୍ମସ୍ଥ କରିଛୁ । କିଂନ୍ତୁ ଆମର ଦେଶରେ ଆମର ଏହି ଓଡ଼ିଶା ମାଟିରେ କେତେ କୋରକ ଅକାଳରେ ଫୁଟି ଅନାଦର, ଅବହେଳା, ଉପେକ୍ଷାରେ ଅସମୟରେ ଝଡ଼ିଯାଇଛନ୍ତି । ତା'ର ଖବର ଆମେ ରଖିନାହୁଁ । ତାକୁ ସାଇତିବାର ଆବଶ୍ୟକତା ଅନୁଭବ କରିନାହୁଁ । କେତେବେଳେ କେମିତି ଟିକିଏ କାହା କଥା ମନେ ପଡିଲେ ପଦେ ଦୁଇପଦ ସ୍ମୃତି ଚାରଣ କରି, ସ୍ମୃତିର ସମାଧିପିଠେ ଗଢ଼ିଦେଲେ ଆମର କର୍ତ୍ତବ୍ୟ ଶେଷ । ପ୍ରତିଭାର ଯଥାର୍ଥ ମୂଲ୍ୟାୟନ କରିଛୁ ବୋଲି ଅହମିକାରେ ଝଙ୍କାପିତ କରୁ ନିଜକୁ । କିଂନ୍ତୁ ମହାକାଳର କରାଳ ସ୍ରୋତ ଭିତରେ ସେହି ସ୍ମୃତିର ସମାଧି ବଞ୍ଚିରହିବ କେତେ ଦିନ··· ? ସେମାନଙ୍କ ସୃଷ୍ଟିର ଯଥାର୍ଥ ସମୀକ୍ଷା କରି ସାହିତ୍ୟର ଇତିହାସରେ ସ୍ଥାନିତ କରିବାର ଉଦ୍ୟମ ହେଲେ ଅବଲୁପ୍ତ ପ୍ରତିଭାର ପୂଜା ହେବ ସାର୍ଥକ ।

ସ୍ୱର୍ଗତା ନାରୀ କବି ଶୈଳବାଳା ମହାନ୍ତିଂକ ସହିତ ମୋର ପରିଚୟ ସ୍ୱଳ୍ପ ଦିନର । ‘ଚୁମ୍ବକ’ର ସଂପାଦିକା ଭାବରେ ତାଂକୁ ମୁଁ ଜାଣିଥିଲି । ଓଡ଼ିଆ ପତ୍ରପତ୍ରିକାରେ ପ୍ରକାଶିତ ତାଂକ ଲେଖାରୁ ପରୋକ୍ଷ ପରିଚୟ ଥିଲା । କେତୋଟି ସାହିତ୍ୟ ସମ୍ମେଳନରେ ତାଂକ

Digitized by srujanika@gmail.com

ସହ ମୋର ପ୍ରତ୍ୟକ୍ଷ ପରିଚୟ ଘଟିଛି । ଚନ୍ଦନବୃକ୍ଷ ତା'ର ମଳୟରେ ସମୀପବର୍ତ୍ତୀ ବୃକ୍ଷଲତାକୁ ସୁବାସିତ କଲାପରି, ତାଙ୍କର ସହଜ ସରଳ ସୁମଧୁର ଆନ୍ତରିକତାରରେ ସେ ବିମୁଗ୍ଧ କରିଥିଲେ ମୋତେ । ତାଙ୍କର ସ୍ୱଭାବ ସୁଲଭ ସ୍ନେହୀ ହୃଦୟର ଉଦାର ପ୍ରସ୍ପର୍ଶରେ ଅଗ୍ରଜାର ଅଧିକାର ଜାହିର କରିଥିଲେ ମୋର ସଙ୍କୀର୍ଣ୍ଣ ସମବୟସ୍କ ଅନ୍ୟ ଲେଖକ ବନ୍ଧୁଙ୍କ ଉପରେ ।

ଜୀବନର ଶତଦୁଃଖ ଯନ୍ତ୍ରଣା ବେଦନା ବେଦଥିର ଧୂ ଧୂ ସାହାରାରେ ଓଏସିସର ସ୍ୱପ୍ନନେଇ ସେ ଆଗେଇ ଚାଲିଥିଲେ । ସେ ଯେପରିଥିଲେ ଏକ ମରୁର ଓଟ । ଦ୍ୱିଧା ନାହିଁ କ୍ଳାନ୍ତି ନାହିଁ, ଅନୁତାପ ନାହିଁ, ଅନୁଶୋଚନା ନାହିଁ, ଉପରେ ରୌଦ୍ର ଦଗ୍ଧ ଆକାଶ, ପାଦତଳେ ତପ୍ତ ବାଲିର ସମୁଦ୍ର । ଦୂରର ଚକ୍ରବାଳ, ଲୋକକଥାର ପଦ୍ମପରି ଘୁଞ୍ଚିଯାଉଛି ଦୂରକୁ ଦୂରକୁ, ତଥାପି ଚାଲିବାର ଅଙ୍ଗୀକାର ନେଇ ସେ ଚାଲିଛନ୍ତି ! ସମୟର ସମୁଦ୍ର-ମନ୍ଥନରୁ ନିଜେ ବିଷପାନ କରି ଅନ୍ୟକୁ ଅମୃତ ଦାନ କରିବାର ଶପଥ ନେଇ ଜୀବନ-ସଂଗ୍ରାମରେ ପାଦ ବଢାଇ ଥିଲେ । ସମସ୍ତ ବାଧା ବିପତ୍ତି ପ୍ରତିବନ୍ଧକ ସତ୍ତ୍ୱେ ବ୍ୟକ୍ତିଗତ ଉଦ୍ୟମରେ ଦୀର୍ଘକାଳ 'ଚୁମ୍ବକ' ପତ୍ରିକାର ସମ୍ପାଦନା କରି ଚାଲିଥିଲେ । ସାହିତ୍ୟ ସାଧନାରେ ସେ ଥିଲେ ଏକନିଷ୍ଠ ସାଧିକା ।

ଆଧୁନିକ ସାହିତ୍ୟ କ୍ଲିଷ୍ଟତା ଓ ଦୁର୍ବୋଧତାରେ ଦୋଷଦୁଷ୍ଟ ହେଉଥିବା ବେଳେ, ଲେଖିକା ଶୈଳବାଳାଙ୍କ ସୃଷ୍ଟି ସମୂହ ସରଳ ସାବଲୀଳ ଭାଷା ବିନ୍ୟାସ, ଅକପଟ ଭାବ ପ୍ରକାଶରେ ଯେପରି ରୁଚିବନ୍ତ ସେହିପରି ପ୍ରାଣସ୍ପର୍ଶୀ ହୋଇଛି । ତାଙ୍କ 'ଲୁହର ଯମୁନା' କାବ୍ୟଗ୍ରନ୍ଥର ପ୍ରତିଟି କବିତାରେ ଏକ ଭାବବିମୁଗ୍ଧ କବିପ୍ରାଣର ଗଭୀର ଅନୁଭବ ସ୍ୱଚ୍ଛ, ସ୍ଫୁର୍ତ୍ତି ପ୍ରକାଶ ଲାଭକରି କାବ୍ୟ ଜଗତରେ ସ୍ୱଚ୍ଛନ୍ଦରେ ବିଚରଣ କରିଛି । ଏଇଠି ହିଁ ଲେଖିକା ଶୈଳବାଳାଙ୍କ ସୃଷ୍ଟିର ସାର୍ଥକତା । ମାନବ ଚରିତ୍ରକୁ ଯେପରି ଭାବରେ ଅଧ୍ୟୟନ କରିଛନ୍ତି, ଜୀବନକୁ ଯେମିତି ବିଶ୍ଳେଷଣ କରିଛନ୍ତି, ପ୍ରକୃତିକୁ ଯେତିକି ଆହରଣ ଓ ଆତ୍ମସ୍ଥ କରିଛନ୍ତି, ଅନୁରୂପଭାବରେ ପ୍ରକାଶ କରିଛନ୍ତି କାବ୍ୟ

Digitized by srujanika@gmail.com

କବିତାରେ । ଅଥଚ, କବିର ମୌଳିକ ଦୃଷ୍ଟିଭଂଗୀ ଗଭୀର ସାମଗ୍ରୀ ବୋଧରେ ସୃଷ୍ଟିସମୂହର କଳାଗତ ମୂଲ୍ୟ ନିରୂପିତ ହୋଇଛି ।

ଲେଖିକାଙ୍କ ଜୀବନକୋରକ ପୁଷ୍ପିତହେବା ପୂର୍ବରୁ ଝରିଗଲା । ଆଉ କିଛି କାଳ ଜୀଇଁଥିଲେ ସେ ମୌଳିକ ସୃଷ୍ଟିରେ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିପାରନ୍ତେ । ତଥାପି ଜୀବିତାବସ୍ଥାରେ ଯେତିକ ସେ ସୃଷ୍ଟି କରି ଯାଇଛନ୍ତି ତା'ର ଯଥାଯଥ ମୂଲ୍ୟାୟନ କରାଯାଇ ସାହିତ୍ୟର ଇତିହାସରେ ସ୍ଥାନିତ କରାଇବା ଆବଶ୍ୟକ । ତାହାହିଁ ହେବ ଏକ ସ୍ନେହପ୍ରବଣା ମମତାମୟୀ ଦରଦୀ କବିର ବିଗତ ଆତ୍ମାପ୍ରତି . ଯଥାର୍ଥ ଶ୍ରଦ୍ଧାଞ୍ଜଳି ।

"ଜାତସ୍ୟହି ଧ୍ରୁବୋ ମୃତ୍ୟୁଃ ଧ୍ରୁବଂଜନ୍ମ ମୃତସ୍ୟ ଚଃ" ତେଣୁ, ନାରୀ କବିଂକ ଅକାଳବିୟୋଗ ଅପ୍ରତ୍ୟାଶିତ ହେଲେବି ଅସ୍ୱାଭାବିକ ନୁହଁ । ଲେଖିକାଙ୍କ ବିଗତ ଆତ୍ମା ପ୍ରତି ମୋର ଏ ଶ୍ରଦ୍ଧାଞ୍ଜଳି —

ଏ ପାରିରେ ଥାଇ ଦେଖିଲିନି ତୁମ ପ୍ରତିଭାର ଦୀପଶିଖା ।
ସେପାରିରେ ରହି ନିଅ କବି ଏଇ ଅଶ୍ରୁର 'ସ୍ମରଣିକା ।।

□ □

ଅଧ୍ୟାପକ, ଓଡ଼ିଆ ବିଭାଗ
ଅକ୍ଷୟ ନାରାୟଣ ପ୍ରହରାଜ ସ୍ମୃତି ମହାବିଦ୍ୟାଳୟ
ଜାମଶୁଳୀ, ବାଲେଶ୍ୱର

Digitized by srujanika@gmail.com

ଲୁହର ଝରଣା

—ଲୁହର ଯମୁନା

● ନୃସିଂହ ମହାପାତ୍ର

·········ସେ ସ୍ୱରର ରଙ୍ଗ ଥିଲା, ସେ ରଙ୍ଗରେ କମ୍ପନ ଥିଲା, ସେ କମ୍ପନ ରେ ଶିହରଣ ଥିଲା । ସେ ଆଶନ୍ତ ସ୍ୱର ଗୁମୁରି ଗୁମୁରି ଗାଉଥିଲ -

ଯମୁନା ସେ ଖାଲି   ଭୁଛାକୁ ବହୁଛି
ରାଧା ଲୁହ ବୁକେ ତୋଳି
ସେ କି ଜାଣେ ନାହିଁ   ମଥୁରାର କାହ୍ନୁ
ବେଣୁଧରେ ନାହିଁ ବୋଲି ?

*   *   *   *   *

ମୁକ୍ତର ମାଣିକ   ମଣି ଖୋଜି ଖୋଜି
ଲୁହର ଯମୁନା କୂଳେ
ଆଜିବି ରାଧାଟା   ବୁଝୁନାହିଁ କହୁ
ଅବେଳା ରେ ପୁଣି ବୁଲେ ।

କବି ଶ୍ରୀମତୀ ଶୈଳବାଳା ମହାନ୍ତଙ୍କର ଏକତିରିଶ ଗୋଟି କବିତା ସଂକଳିତ " ଲୁହର ଯମୁନା " ଯେ କି ବ୍ୟାକୁଳ ହୃଦୟର ପରିପ୍ରକାଶ ତାହା ଅନୁଭବ ନକଲେ ପ୍ରକାଶ କରି ହେବନାହିଁ । ସମସ୍ତ କବିତାରେ ଆଘାତପ୍ରାପ୍ତ ଆତ୍ମାଟି ସାମାନ୍ୟ ପ୍ରାଣ ପ୍ରାଚୁର୍ଯ୍ୟର ସଂଭାବନାରେ ଆଶାନ୍ୱିତ ହୋଇ ପରିଶେଷରେ ବ୍ୟର୍ଥତାରେ ପର୍ଯ୍ୟ-ବେଶିତ ହୋଇଛି । ପ୍ରତ୍ୟେକ କବିତାରେ ଏକ ଚଞ୍ଚଳ ମୁହୂର୍ତ୍ତର

Digitized by srujanika@gmail.com

କଂପନକୁ କେନ୍ଦ୍ର କରି କବିତାର ପରିଧି ନିର୍ଣ୍ଣୟ କରାଯାଇଛି । କବିଙ୍କ ହୃଦୟର ଶୋକୋଚ୍ଛ୍ୱାସ ଓ ବ୍ୟାକୁଳତା ସ୍ପଷ୍ଟରୂପେ କବିତାର ସ୍ୱରରୁ ପ୍ରକଟିତ; ପ୍ରତ୍ୟେକଟି ହିଁ କବିଙ୍କର ଅସରନ୍ତି ଲୁହକୁ ଉଦ୍‌ଗତ କରିବାରେ ସମର୍ଥ ହୋଇଛି । କିନ୍ତୁ କିଏ ବା ଜାଣିଛି, କେଉଁ ଏକ ରକ୍ତାକ୍ତ ମୁହୂର୍ତ୍ତ ପରବର୍ତ୍ତୀ କାଳରେ କବିତାକୁ ସାକାର ରୂପ ଦେଇ ପାରିଛି ? କିଏ ବା ଜାଣିଛି, ହୃଦୟର କେଉଁ ତନ୍ତ୍ରୀରେ ଆଘାତ ଦ୍ୱାରା ରକ୍ତ-କ୍ଷରଣହେତୁ କବି ବିବ୍ରତା ହୋଇ ଏ ଲୁହର ଯମୁନା ସୃଷ୍ଟି କରିଯାଇଛନ୍ତି

'ପ୍ରେମ ଓ ପ୍ରିୟା' କବିତା 'ଲୁହର ଯମୁନା'ର ଦ୍ୱିତୀୟ କବିତା ପୁଷ୍ପ । ଏହି କବିତାରେ ସୂର୍ଯ୍ୟ ଓ ଶେଫାଳି, ଚନ୍ଦ୍ର ଓ ନଳିନୀଙ୍କ ସମ୍ପର୍କ ସହ ନାରୀ-ପୁରୁଷର ସମ୍ପର୍କକୁ ତୁଳନାତ୍ମକ ସମୀକ୍ଷା କରାଯାଇଛି ଏବଂ ନାରୀ ଯେ ପ୍ରେମପାଇଁ ସାଧନା କଲେ ସିଦ୍ଧିଲାଭ କରେ, ତାହାହିଁ ଦର୍ଶାଯାଇଛି । ପୁରୁଷର ନିଷ୍ଠୁରତା ହିଁ ନାରୀକୁ ସର୍ବଂସହା କରେ । ତେଣୁ ନାରୀ ପାଇଁ ପ୍ରେମ ସର୍ବଦା ଶାଶ୍ୱତ ଓ ସୁନ୍ଦର । ଲୁହର ଯମୁନା କବିଙ୍କର ପ୍ରତୀକ୍ଷା ଜନିତ ବ୍ୟର୍ଥତାର ଏକ ସ୍ଫୁରଣ । ବ୍ୟର୍ଥତା ହୃଦୟରେ ଦାରୁଣ ଆଘାତ ଦେବାବେଳେ ଝରିପଡ଼ିଥିବା ସ୍ମୃତିର ପାଖୁଡ଼ା ସବୁକୁ ଧରି ରଖିବା ପାଇଁ କବିଙ୍କର ଲେଖନୀ ଚଳଚଞ୍ଚଳ ହୋଇଛି । ବ୍ୟର୍ଥତାକୁ ମାଧ୍ୟମ କରି ବନଫୁଲ ହିଁ 'ବନ ଫୁଲର ସ୍ମୃତି' ରେ କବିତାର ମୁଖ୍ୟ ଚରିତ୍ର । ହସେ ବନଫୁଲ ଆଜି ହସୁଛି ; କିନ୍ତୁ କବିଙ୍କର ଲହୁ-ଲୁହ ଏକାକାର ହୋଇ ଯାଇଛି । ଏହାହିଁ କବିତାର ଶୋକାର୍ତ୍ତ ଚିତ୍କାର ।

କବିତା 'ଅନୁରୋଧ'ରେ ଜୀବନରେ ଝଡ଼ ଉଠିବାବେଳେ ଚନ୍ଦ୍ରର ପ୍ରଶାନ୍ତ ଜ୍ୟୋତ୍ସ୍ନା, ମଳୟ ପବନ କବିଙ୍କୁ ଉତ୍ତଳା କରିବା ପରିବର୍ତ୍ତେ ହୃଦୟରେ କଂପନ ଓ ଦୁଃଖସୃଷ୍ଟି ହୋଇଛି । ଅନ୍ୟପକ୍ଷରେ 'କୃଷ୍ଣଚୂଡ଼ା' କବିତ ବିଦଗ୍ଧା ନାୟିକାର ବସନ୍ତର ବାସନ୍ତୀ ପବନର ପ୍ରଲେପରେ ସୃଷ୍ଟି ହୋଇଥିବା କରୁଣ ସ୍ୱରକୁ ଆହୁରି କରୁଣତର କରିଛି । ବାରବାଟୀର ଚକୋରୀ, କାଠଯୋଡ଼ିର ସ୍ରୋତ 'ଆଜି'

Digitized by srujanika@gmail.com

କବିତାର ମୂଳାଧାର ହୋଇଛି । 'ନନ୍ଦିକା' ନାମ୍ନୀ କେଉଁ ଏକ ନାୟିକାର ଅତୃପ୍ତ ଆତ୍ମା କାଠଯୋଡ଼ିର ବାଲିଉପରେ ଘୁରିବୁଲୁଛି କେଉଁ ଏକ ଅତୃପ୍ତ ଇଚ୍ଛା ପରିପୂରଣର ଆଶାରେ । କିନ୍ତୁ କବିତା 'ଆରାଧନା ଭୂମିପାଇଁ' ରେ ଯେଉଁଭଳି ଭାବରେ ମାଳକଇଁ ଶୂନ୍ୟତାରେ ଅପୂର୍ଣ୍ଣ ରହିଯାଏ କେବଳ ଶିଶିରଶ୍ରୁକୁ ପାଥେୟ କରି, ସେହିପରି ଅଦମ୍ୟ ପିପାସା ବି କବିଙ୍କର ପିପାସାରେ ରହିଯାଇଛି । କବିତା 'ପଥର ଚନ୍ଦ୍ର' କଦମ୍ବର ରୋମାଂଚ, ଯମୁନା କୂଳରେ ବେଣୁସ୍ୱନର ବେପଥୁ ସ୍ୱରର ଝଙ୍କାର । ସେଇଭଳି 'ଆଶାୟୀ' କବିତାରେ କବି ପ୍ରେମିକ ମନ ମିଳନ ଆଶାରେ ଆଶାୟିତ ହୋଇ ଉଠିଚନ୍ତି । କବିତା "ସ୍ମୃତି ଛଳଛଳ ନୀଳ ଯମୁନାର ସୁଅ" ପ୍ରେମ-ସଂପର୍କରେ ଏକ ଚୁମ୍ବିତ ପୁଷ୍ପର ସତେଜ ପାଖୁଡ଼ା । 'ତମେ' କବିତାରେ ଚୈତ୍ରର ଏକ ନରମ ସକାଳରେ କୋଇଲି ସ୍ୱରର ମଧୁର ଝଙ୍କାର କବିଙ୍କୁ ମୁଗ୍ଧ କରିଛି ।

'ହଜିଲାସୁର' ଏକ ସାର୍ଥକ ସୃଷ୍ଟି । ସେଇ କଦମ୍ବ, ସେଇ ଯମୁନା' ସେଇ କାହ୍ନୁ, ସେଇ ବେଣୁସ୍ୱନ··· କିନ୍ତୁ ସ୍ୱରରେ ଅନେକ ପାର୍ଥକ୍ୟ । ଲୁହର ସରସୀ ସୃଷ୍ଟି କଲେ, ସେଠାରେ ସରସୀଜ ଫୁଟେ ନାହିଁ; ଗଡ଼ିଗଲା ପାଣି, ଗୁଳିଗଲା ଧନ ଆଉ ଲେଉଟି ଆସେ ନାହିଁ । ତଥାପି ମଣିଷର ମନ ଅତୀତକୁ ଝୁରିହୁଏ । 'ଫୁଲଫଗୁଣ' କବିତାସେଇ ସମାନ ସ୍ୱରର ଅନ୍ୟଏକ କାବ୍ୟିକ ଆବେଦନ । କାଲିର ମମତା ଆଜିର ଲୁହ ହୋଇ ଝରିଯାଏ; ଆଉ କାଲିର ଫୁଲ ଆଜିର ସୂର୍ଯ୍ୟ କିରଣରେ ମଉଳିଯାଏ । କାଲିର ଭଲପାଇବା, ଆଜି ଝରିଯାଏ ! ଏହାହିଁ ଅନ୍ୟଏକ କବିତା 'କାଲି ଓ ଆଜି' ର ଆତ୍ମିକ ଭାବୋଚ୍ଛ୍ୱାସ । ବୟସର ସୁଅ ରେ ଅନେକ ଥର ଗୋଡ଼ଖସେ । ଅସଜଡ଼ା ଜୀବନରେ ଅସଂଯତ ଭାବନା ଆସେ । ମଣିଷ ଜାଣି ଜାଣି ମଧ୍ୟ ଅମଡ଼ା ପଥରେ ଭୂଲ କରିବସେ । "କାହ୍ନୁର ଶେଷକଥା" କବିତାର ଏହାହିଁ ଅଭିବ୍ୟକ୍ତି ।

କବିତା 'ବ୍ୟର୍ଥତା,' କବିତାସ୍ତବକ 'ଲୁହର ଯମୁନା'ର ମଧ୍ୟାନ୍ତର

Digitized by srujanika@gmail.com

ଜୀବନର ସମସ୍ତ ଗ୍ଲାନି, ଶୋକ, ବ୍ୟଥା ହିଁ କେବଳ କବି-ଭଳି ପାଇବା ସହ ଜଡ଼ିତ ? କବି ଏହାହିଁ ଜିଜ୍ଞାସା କରିଛନ୍ତି ।

ବଉଳଫୁଲର ମାଦକତା, ମୁକୁଳର ଅପୂର୍ବ ବାସ୍ନା ଓ ମଳୟ ପବନ ହୃଦୟରେ ବିସ୍ଫୋରଣ ସୃଷ୍ଟି କରେ, ଧବଳ ଧୂସର ମନ ତଳେ ସବୁଜିମା ଭରିଦିଏ । କିନ୍ତୁ କବି ଜୀବନରେ ଯେ କାଳ ବୈଶାଖୀର ଝାଞ୍ଜିର ଝନତ୍କାର ! କବିତା 'ମଳୟକୁ' ସମ୍ବୋଧନ କରି କବି ମଳୟ ପ୍ରତି ବୀତସ୍ପୃହ ହୋଇ ଉଠିଛନ୍ତି । ଆଖିର କଜ୍ଜଳ ଲୁହରେ ଗୋଳାଇ କବିତା ଲେଖିବାର ଅନୁଭୂତି କାହାର ଥାଇପାରେ, ନଥାଇ ବି ପାରେ । କିନ୍ତୁ କବି ଯେତେବେଳେ କଜ୍ଜଳରେ କବିତା ରଚନା କରନ୍ତି, ସେତେବେଳେ ଓଠରେ ଗଙ୍ଗଶିଉଳି ପ୍ରସ୍ଫୁଟିତ ହେବାବେଳେ ତାଙ୍କର ମନର ମଣିଷର ବାଡ଼ିତଳେ ଯେ ବିଦମ୍ବ ପ୍ରସ୍ଫୁଟିତ ହୁଏ ଏହାହିଁ ତାଙ୍କୁ ସାନ୍ତ୍ୱନା ଦିଏ । କିନ୍ତୁ ହାୟ ! ପାଷାଣ-ପୁରୁଷର ମନକ'ଣ ଯମୁନା ସ୍ରୋତକୁ ବୁଝିପାରେ !

"କବିତା ଲେଖିଲେ ଦଦରା-କଲମ ନଚାଲଇ କାଗଜରେ
ଫୁଲଝରା ପଥେ କିଏଚାଲେ—ବିକ୍ଷତ ମୋ ପଦୁ ଲହୁଝରେ

'ଝରାବଉଳ' ରେ ଲହୁ ଓ ଲୁହ ଏକାକାର ହୋଇଯାଇଛି । ଝରାବଉଳର ସଂସ୍ପର୍ଶରେ ହିଁ କବି ବ୍ୟାକୁଳ······ଆଖିପତା ଆର୍ଦ୍ର । ଏ ସଂସାର ହସ କାନ୍ଦର, କିନ୍ତୁ କବିଙ୍କ ପାଇଁ କେବଳ ଲୁହର ସାଗର !

ବସନ୍ତ ରେ ମଲ୍ଲୀର ସେଇ ମାଦକ ମଧୁ ସୌରଭ ଓ ଚୈତ୍ରର ଏକ ସଂଧ୍ୟା 'ଚଇତ ଗଲାଣି' କବିତାରେ ପ୍ରାଣ ପାଚୁର୍ଯ୍ୟ ସୃଷ୍ଟି କରିଛି ।

କବିତା 'ସ୍ମୃତି' 'ତମେ କହିଥିଲ' ପାଏ କି ନପାଏ ତମର ମନକୁ' ଖୋଜିଲା ମନର ହଜିଲା ହଜିଲା ସ୍ମୃତିର ଏକ ଏକ ଆଲେଖ୍ୟ ;

ଅନ୍ୟପକ୍ଷରେ 'ତମରକଥା' ତମେ କହିଥିଲ 'ଅନ୍ତ୍ୟାନ୍ନ' ଆଦି କବିତା ସେଇ ମନରମଣିଷ ଆକଟପ୍ରେମ ଓ ବ୍ୟର୍ଥତା— ଏହି ତ୍ରିକୋଣକୁ ନେଇ ସୃଷ୍ଟି । ବ୍ୟର୍ଥତା ପରେ କବିତା 'ସଫଳତା'

Digitized by srujanika@gmail.com

ଅନ୍ୟଏକ କାରୁଣ୍ୟର ରଙ୍ଗ । 'ପ୍ରତିଦାନ' କବିତାରେ ଭଲପାଇବାର ପ୍ରତିସ୍ୱର, ପ୍ରତିଦାନର ବର୍ବରତା କବିଙ୍କର ମାନସରେ ଝଡ ସୃଷ୍ଟି କରିଛି । କବିତା 'ଶେଷକବିତା'ରେ ଏକ ଭଗ୍ନବେହେଲାର ଆହତ ସ୍ୱର ପରି କବି କ୍ରନ୍ଦନ କରିଛନ୍ତି ।

'ଲୁହର ଯମୁନା'ର ଶେଷଅର୍ଘ୍ୟ 'ସେଇ ବନତଳେ' ପୁରାତନ ସ୍ମୃତିର ଉପଳ ଖଣ୍ଡ ମଧ୍ୟରୁ ଗୋଟିଗୋଟିକର ସାକାର ରୂପ। ସେଇ ଶ୍ୟାମଳ ବନାନ୍ତରେ, ଯେଉଁଠାରେ ଅଭିସାରିକା କ୍ଲାନ୍ତ ହୁଏନା, ଯେଉଁଠାରେ ଜହ୍ନର ମୁଠାମୁଠା ରୂପାର ମୂରୁଜ ମଧ୍ୟରେ ହଜିଯାଏ ଜୀବନର ସମସ୍ତ ଦୁଃଖର ସଂଜ୍ଞା ସେହିଠାରେ ମଧ୍ୟ କବିଙ୍କର ଲୁହର ଧାର ଶିଶିର ରୂପେ ଝରିଯାଏ ।

......ଲୁହର ଯମୁନା ସୃଷ୍ଟି ହୁଏ ଲୁହର ଝରଣାରେ । ହୃଦୟର କେଉଁ ଏକ କନ୍ଦରରେ ଆଘାତ ହେଲେ ପ୍ରବାହିତ ଲହର ଧାର ଚକ୍ଷୁର କୂଳ ଦେଇ ପରି ପ୍ରକାଶିତ ହୁଏ । କବି ଆଜି ଆଉ ଏଇ ଲୁହ-ଲହୁ ପରିବେଷ୍ଟିତ ପୃଥିବୀରେ ନାହାନ୍ତି, ବହୁ ଊର୍ଦ୍ଧ୍ୱରେ । କିନ୍ତୁ, ତାଙ୍କର 'ଲୁହର ଯମୁନା' ଅଗଣିତ ସାଶ୍ରୁନୟନ ପାଇଁ ଏକ ମାତ୍ର ହୃଦୟର ଉଚ୍ଛ୍ୱାସ ସ୍ୱରୂପ ରହିଯାଇଛି ।

□□

* ବାଣୀବିହାର
ଭୁବନେଶ୍ୱର

Digitized by srujanika@gmail.com

'ଲୁହର ଯମୁନା" ଏକ ଦୃଷ୍ଟିପାତ

• ଶ୍ରୀ ସୁରେନ୍ଦ୍ର କୁମାର ମିଶ୍ର

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁଃ ··· 'ଗୀତା'ର ଏହି ଉକ୍ତିର ସତ୍ୟତା ଆମେ ପ୍ରତ୍ୟେକ ଦିନ ପ୍ରତ୍ୟେକ ମୁହୂର୍ତ୍ତରେ ଅଂଗେ ନିଭାଉଛୁ, ଏଥିରେ ଦ୍ୱିରୁକ୍ତି ନାହିଁ । କିନ୍ତୁ— ଏଇ ଚିରନ୍ତନ ଗତାନୁଗତିକତାର ହିସାବ ନିକାଶ କେହି ରଖେନା । ହିସାବନିକାଶରେ ଯେ ନିଜ ଜୀବନକୁ ତିଳତିଳ ଦଗ୍ଧକରି ଶତ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇ ସମାଜ ଓ ସଂସ୍କୃତିକୁ କିଛି ଦେଇଯାଏ, ତାର ପ୍ରତିଭା-ଦୀପ୍ତ ସ୍ମରଣ ସମାଜର ଅଗଣିତ ବାସିନ୍ଦାମାନଙ୍କୁ ଉଦ୍‌ବୁଦ୍ଧକରେ, ମନରେ ଚେତନାସ୍ଫୂର୍ତ୍ତି ଆଣିଦିଏ । କଳ୍ପଦ୍ରୁମପୂର ଚିରଚରିତ ଝଡ଼ବାତାସୀର ଜୁଆରରେ ସୁରଭୀ ଯେତେବେଳେ ତା'ର ସତ୍ତା ହରେଇ ଦିଏ, ସେତେବେଳେ ଆମେ ସୁରଭୀକୁ ସାଉଁଟି ବସୁ । ଠିକ୍ ସେତିକିବେଳେ ଉପଲବ୍ଧିକରୁ ସୁରଭୀର ଅନୁପସ୍ଥିତି ।

ଆଜି ଠିକ୍ ଆମେ ଉପଲବ୍ଧି କରୁ ନାହିଁ କବି ଶ୍ରୀମତୀ ମହାନ୍ତିଙ୍କ ଅନୁପସ୍ଥିତି । ସାହିତ୍ୟର ନନ୍ଦନକାନନରେ ତାଙ୍କର ସାହିତ୍ୟିକ ମୂଲ୍ୟବୋଧ ପ୍ରତି ଦୃଷ୍ଟି ନିକ୍ଷେପ କଲେ ତାଙ୍କର ଚିନ୍ତାଧାରା, କାବ୍ୟିକ ସୌନ୍ଦର୍ଯ୍ୟାନୁଭୂତି, ନୈତିକ ଚେତନାରେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । କବିଙ୍କର ଶ୍ରେଷ୍ଠଅର୍ଘ୍ୟ କବିତା ଗୁଚ୍ଛ 'ଲୁହର ଯମୁନା' କବିତା — ଉଦ୍ୟାନରେ ଏକ ଭିନ୍ନ ସ୍ୱର, ଏହାର ମୂଲ୍ୟବୋଧ ହୁଏତ ଶହ ଶହ ବର୍ଷପାଇଁ ପାଠକମାନଙ୍କୁ ନିଶ୍ଚିତ ମୁଗ୍ଧ କରିବ ।

ପ୍ରସନ୍ନ କୁମାର ମହାନ୍ତିଙ୍କ ଭାଷାରେ "କବି ଓ ମଣିଷ ଦୁଇଟି ଭିନ୍ନ ଭିନ୍ନ ଜୀବ । ମଣିଷର ଅନୁଭୂତିକୁ କବି ମନୋମୁଗ୍ଧକର ସୁଶୃଙ୍ଖଳିତ କଳାରେ ପରିଣତ କରିଥାଏ"। ସେଇ ଅନୁଭୂତି ପୂର୍ଣ୍ଣ "ଲୁହର ଯମୁନା"ର ପ୍ରତ୍ୟେକ ସୃଷ୍ଟି ମାନବଜୀବନ ସହିତ ଓତଃ-ପ୍ରୋତଭାବରେ ଜଡିତ ଦୈନନ୍ଦିନ ତେଲଲୁଣ ଅନୁଭୂତିର ସମାହାର; ।

Digitized by srujanika@gmail.com

ଆଜି କବିଙ୍କ ମନର କଳ୍ପିତ ଚରିତର ଅଭିବ୍ୟକ୍ତି । କବିତା ନୂତନ ପାଠକ ସମ୍ମୁଖରେ ଜୀବନ୍ତ ପ୍ରାଣବନ୍ତ । ପ୍ରତ୍ୟେକ ଶବ୍ଦବିନ୍ୟାସ ହୃଦୟସ୍ପର୍ଶୀ । ପ୍ରତ୍ୟେକ କବିତାରେ ପାଠକପାଏ ଭାବବିହ୍ୱଳତାର ସ୍ପୃଷ୍ଟିରସ, ଯାହା ପାଠକର ମନଗହନର ଗଭୀରତମ ପ୍ରଦେଶକୁ ଆନ୍ଦୋଳିତ କରେ । ସେଇଠି ପାଠକ ପ୍ରତ୍ୟେକ ଶବ୍ଦ ଉପଲବ୍ଧିକୁ ଆଣେ, ଯେଉଁଠି ତା ଜୀବନର ଶବ୍ଦ ସହିତ ସେ ଶବ୍ଦଗୁଡ଼ିକର ସାମଂଜସ୍ୟ ପାଏ । ସେଇଥି କବିର ସୃଷ୍ଟି କରିବାର କଳା । ସେଥିପାଇଁ ଉପଯୁକ୍ତ ପାଠକ ଆବଶ୍ୟକ । କାରଣ ବାସ୍ତବ-କଳାକୁ ପରିବେଷଣ କରିବାପାଇଁ କବିର ଯେତିକି ପ୍ରୟୋଜନ ସେ କଳାକୁ ଗ୍ରହଣ କରିବାପାଇଁ ପାଠକର ପ୍ରୟୋଜନ ମଧ୍ୟ କିଛି କମ୍ ନୁହେଁ ।

'ଲୁହରଯମୁନା'ରେ ଯେତେଗୁଡ଼ିଏ କବିତା ସନ୍ନିବେଶିତ ହୋଇଛନ୍ତି, ପ୍ରତ୍ୟେକ କବିତାରେ, ଆଧ୍ୟାତ୍ମିକତା କବିତା ଗୁଡ଼ିକୁ ଏକ ଭିନ୍ନ ସ୍ୱାଦ-ରେ ଗଢ଼ିତୋଳିଛି । ଆଧ୍ୟାତ୍ମିକ ଭାବର ତାଳେତାଳେ କବି ଦୁଃଖ କଷ୍ଟ ସବୁକୁ ନେଇ ଏକ ଅଭୂତପୂର୍ବ ସୃଷ୍ଟି କରିଛନ୍ତି ନିଜ ଅନୁଭୂତିର ଉପଲବ୍ଧିରେ । ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ସୁବର୍ଣ୍ଣମୟ ହୋଇ-ପାରେନା : ଜୀବନରେ ସୁଯୋଗଆସେ ଥରେ । ସେ ସୁଯୋଗକୁ ବ୍ୟର୍ଥ କରିବ ଅର୍ଥ କେବଳ ପାଶ୍ଚାତ୍ତାପ ସାରହିବ । ତେଣୁ କବି ପ୍ରକାଶ କରୁଛନ୍ତି "ପାଣିଫୋଟକାର ଜୀବନର ମୂଲ୍ୟ ଅନେକ ବେଶୀ" । କବି କର୍ତ୍ତବ୍ୟକୁ ଶ୍ରେଷ୍ଠସ୍ଥାନ ଦେଇଛନ୍ତି । ଆଜିର କର୍ତ୍ତବ୍ୟ-ଧର୍ମପ୍ରବଣତାଶୂନ୍ୟ ଯୁବଗୋଷ୍ଠୀ ସମ୍ମୁଖରେ ଉତ୍କଳୀୟ ଐତିହ୍ୟକୁ ଉଜ୍ଜୀବିତ କରିବାକୁ ଯାଇ କବିପ୍ରାଣ ତାଙ୍କର ଉଦ୍‌ବେଳିତ ହୋଇ-ଉଠିଛି "ବାରବାଟୀ ବୁକୁ ଅଭିଶପ୍ତାକେ ଅଲକ୍ଷେ ଠାରୁଛି ହାତ ।"

କବିଙ୍କର ଏକ ନିର୍ଦ୍ଦିଷ୍ଟ ଚେତନା କବିତା ଗୁଡ଼ିକର ପ୍ରାଣ-କେନ୍ଦ୍ରକୁ ସୂକ୍ଷ୍ମ ଭାବରେ ନିୟନ୍ତ୍ରଣ କରିଛି । କବି ପ୍ରାଣର ଭାବପ୍ରବଣତାକୁ ପ୍ରକାଶ କରିବାକୁ ଯାଇ ଲେଖିଛନ୍ତି—

ଆଉ ହସେ ନାହିଁ ପ୍ରତିପେ ସେ ହସ ଗୁନ୍ଦ
ଯେଉଁ ହସ ହସେ ପୁନଅଁ ଜହ୍ନକୁ ଧରି ।

Digitized by srujanika@gmail.com

ଫୁଟିଲେ ଫୁଲଟି ସେ ବାସ ମନ୍ଦକେ ଏରେ
ବାସି ପାଖୁଡ଼ାରେ ମିଳେନା ତା ଖୋଜକର ।

ଦାର୍ଶନିକ (Philosophical) ଦୃଷ୍ଟିରୁ 'କୃଷ୍ଣ ଚୂଡ଼ାକୁ' ଚାଇତ ଗଲିଣି··· କବିତା ଗୁଡିକର ଭାବ ଅତ୍ୟନ୍ତ ଗମ୍ଭୀର ତଥା ତାତ୍ତ୍ୱିକପୂର୍ଣ୍ଣ । ଜୀବନରେ ସ୍ନେହ/ମମତା ଅପରିହାର୍ଯ୍ୟ । ସ୍ନେହ ମମତା ମନ ଆଦାନପ୍ରଦାନର ମାପକାଠି । ମାନବ ଯେତେବେଳେ ସ୍ନେହ ମମତା ପ୍ରତିଦାନରେ ପାଏ ବ୍ୟଥା ଯନ୍ତ୍ରଣା ସେତେବେଳେ ତା ମନରେ ଅଭିମାନ ଝଙ୍କାର ତୋଳେ । "ମମତା ବଦଳେ ପ୍ରତିଦାନେ ଖାଲି ମିଳେ ବ୍ୟଥା, ମାନ ନାହିଁ ତୁମେ ଦୁନିଆଁର ଏଇ ସତକଥା ।··· "

ଆତ୍ମାଭିମାନରେ କବିମନ ବିଚଳିତ ହୋଇ ଉଠିଛି ।

ଗୁଣିର ତାଣିକୁ ଲୁହ ପୋଛିବାକୁ
ଜନମିଛି ଏଠି ସିଏ,

ଫୁଲ ଫଗୁଣରେ କି ଯାଏ ଆସେ ତା
ବଞ୍ଚିବ ମରିଛି ସିଏ ।··· ···

ସ୍ୱାର୍ଥାନ୍ୱେଷୀ ସମାଜପ୍ରତି କବିମନ ଉଦ୍‌ବେଳିତ ହୋଇଉଠିଛି, ଆଜି ସମବେଦନା ତ ଦୂରର କଥା ସହୃଦୟତା ମାନବଠାରୁ ବହୁ ଦୂରରେ । କବି ମନର କ୍ଷୋଭକୁ ପରିପ୍ରକାଶ କରିଛନ୍ତି—"ଏଇ ଦୁନିଆଁରେ ଭଲ ପାଇବାଟା ବିରାଟ ଭୁଲ । କେହି ବୁଝେ ନାହିଁ କାହାମନ କଥା ଲୁହର ମୂଲ ! ।······ "

କବି ବାସ୍ତବବାଦକୁ ରୂପଦେଇଛନ୍ତି । ଶାଶ୍ୱତ, ଚିରଂତନ ତଥା ସଦ୍‌ଭାବର ପରିପ୍ରକାଶ ତାଙ୍କ କବିତାରେ ଫୁଟି ଉଠିଛି । କବିଙ୍କର ଶୀର୍ଷକ ତଥା କାବ୍ୟିକ ଶବ୍ଦ ସଂଯୋଜନା ପ୍ରତ୍ୟେକ କବିତାରେ ସ୍ୱତନ୍ତ୍ରତା ପ୍ରତିପାଦନ କରେ । "କବିର କବିତ୍ୱ ହିଁ ତାକୁ ଚିରଦିନ ଅମର ରଖେ ।" କବି ନିପୁଣିତର ନିର୍ଦ୍ଦେଶରେ ତାଙ୍କର ଅଗଣିତ ପାଠକ, ଶ୍ରୁତ ଭକ୍ତ, ତଥା ଅସମ୍ପୂର୍ଣ୍ଣ ସାହିତ୍ୟ, ସାଧନା ଓ ଅସମ୍ପୂର୍ଣ୍ଣ ଜୀବନଠାରୁ ବିଦାୟ ନେଇଛନ୍ତି । ସେଇ

Digitized by srujanika@gmail.com

ଅସମ୍ପୂର୍ଣ୍ଣ ସାହିତ୍ୟ ସାଧନାକୁ ଯାହା କିଛି ସୃଷ୍ଟି ହୋଇଛି ସେଗୁଡ଼ିକ ଆଜି ପାଠକଙ୍କୁ ବିସ୍ମିତ କରିଦିଏ । ମୁଁ କେବଳ ଜଣେ ଦରଦୀ ପାଠକ, ସେଇ ଦରଦ ପ୍ରାଣ ନେଇ ଏଇ ଅବସରରେ କବିଙ୍କ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସଙ୍ଗେସଙ୍ଗେ ଆଜି ସହଯୋଗୀ ମାନଙ୍କୁ, ଯେଉଁମାନେ କି କବିଙ୍କ ଭାଷାକୁ ପ୍ରାଣେ ପ୍ରାଣେ ପହଂଚାଇ ଦେବାକୁ ସଂକଳ୍ପ ବଦ୍ଧ, ସେମାନଙ୍କୁ ଅଭିନନ୍ଦନ ଜଣାଉଛି ।

□□

* ସୁରେନ୍ଦ୍ର ମିଶ୍ର ।
ସଦାଚିବ କେନ୍ଦ୍ରୀୟ ସଂସ୍କୃତ ମହାବିଦ୍ୟାଳୟ, ପୁରୀ ।

Digitized by srujanika@gmail.com

।। ସ୍ନେହ—ସ୍ୱରୂପା ।।

• ପ୍ରସନ୍ନ କୁମାର ମହାନ୍ତି

ଆମ ସମସ୍ତଙ୍କର ଅତି ଆପଣାର, ଅତି ଆଦରର, ଏକାନ୍ତ ନିଜର ଶୈଳଅପା ଆମକୁ ଛାଡ଼ିଯିବାର ଦେଢ଼ ବର୍ଷରୁ ଅଧିକ ହୋଇଗଲାଣି । ଅଥଚ ତାଙ୍କକଥା ମନେ ପଡ଼ିଗଲା ମାତ୍ରେ ତାଙ୍କର ଦୀର୍ଘ ମଧୁର ସ୍ମୃତି ଏଇ ଗତକାଲିର କଥାପରି ଆଖି ଆଗରେ ନାଚି-ଯାଏ ଏବଂ ବିଶ୍ୱାସ କରିବାକୁ କଷ୍ଟହୁଏ ଯେ ସେ ସତରେ ଆଉ ନାହାନ୍ତି— ତାଙ୍କ ହସ ହସ ମୁହଁ ଆଉ ଦେଖି ହେବନି, ତାଙ୍କ ସ୍ନେହ ସିକ୍ତ ମଧୁରକଣ୍ଠ ଆଉ ଶୁଣି ହେବନି, ତାଙ୍କର ଅନାବିଳ ଅମାପ ସ୍ନେହରୁ ଆଉ ଅଧିକ କଣିକାଏ ହେଲେ ପାଇହେବନି !

ଶୈଳଅପା ପୃଥିବୀର ଅନ୍ୟ ଶହଶହ ଅପାଙ୍କଠାରୁ ଅଲଗା-ଥିଲେ । ସେ ଥିଲେ ଏକ ମହାତ୍ମା । ଆଜି ତାଙ୍କର ଦେହାନ୍ତ ପରେ ଚେଷ୍ଟାକୃତ ଭାବରେ ତାଙ୍କୁ ବଡ଼ କରି ଦିଆଯାଉଛି ବୋଲି କେହି ଯେପରି ନ'ଭାବନ୍ତି ! ବସ୍ତିର ସାମାନ୍ୟ କୁଲିଟିଏ ଦୁର୍ଘଟଣାରେ ପଡ଼ି ମରିଗଲେ ମଧ୍ୟ ତା'ର ବ୍ୟକ୍ତିତ୍ୱ ଓ ଚରିତ୍ର ସମ୍ପର୍କରେ ମତାନୈ-କ୍ୟର ଏକ କ୍ଷୀଣ ସ୍ୱର ସୃଷ୍ଟି ହୋଇଥାଏ । ତା'ର ବନ୍ଧୁମାନେ ତା'ର ପ୍ରଶଂସା କରନ୍ତି ଏବଂ ବିରୋଧିମାନେ ନିନ୍ଦା ପ୍ରକାଶ କରନ୍ତି । ବଡ ବଡ଼ ଲୋକଙ୍କ ମୃତ୍ୟୁରେ ତ ଖୁବ୍ ବଡ଼ ବଡ଼ ଅନୈକ୍ୟର ସୃଷ୍ଟି ହୁଏ । କିନ୍ତୁ ଶୈଳଅପାଙ୍କର କେହି ଶତ୍ରୁ ତ ଖୁବ୍ ଦୂରର କଥା, ସମ୍ଭବତଃ କେହିଜଣେ ହେଲେ ବିରୋଧୀ, ନିନ୍ଦୁକ, ଈର୍ଷୁକ ବା ଅଶ୍ରଦ୍ଧାକାରୀ ବ୍ୟକ୍ତି ନଥିଲେ । ତାଙ୍କ ସମ୍ପର୍କରେ ଆସିଥିବା ବାଳୁତ, କିଶୋର, ତରୁଣ, ପୌଢ଼, ବୃଦ୍ଧ ସମସ୍ତଙ୍କ ପାଇଁ ତାଙ୍କର ସ୍ନେହ, ଶ୍ରଦ୍ଧା, ଆତ୍ମୀ-ୟତା, ଅଭ୍ୟାଗତ ଚର୍ଚ୍ଚା, ଉଦାରତା, ମହାନୁଭବତା, ନିଷ୍କପଟତା ଓ ପରଦୁଃଖ କାତରତା ଦୃଷ୍ଟିରୁ ସେ ଥିଲେ ଏକାନ୍ତ ଅଦ୍ୱିତୀୟା ଓ

Digitized by srujanika@gmail.com

ଅନନ୍ୟା । ଠିକ୍ ଏହି କାରଣରୁ ହିଁ ଭୁବନେଶ୍ୱରରେ ତାଙ୍କ ବାସଗୃହ ପରିଣତ ହୋଇଥିଲା ଏକ ସାହିତ୍ୟିକ ତୀର୍ଥ କ୍ଷେତ୍ରରେ । ତୀର୍ଥକ୍ଷେତ୍ରରେ ପ୍ରତ୍ୟହ ଭକ୍ତଙ୍କର ଭିଡ଼ ଲାଗିରହିଥିବା ପରି ଅପାଙ୍କ ଘରେ ପ୍ରାୟ ପ୍ରତ୍ୟହ ସାହିତ୍ୟିକ ମାନଙ୍କର ଏକ ଗୋଷ୍ଠୀ ଆସର ଅନୁଷ୍ଠିତ ହେଉଥିଲା ।

ଶୈଳଅପା ଥିଲେ ଅନ୍ୟାନ୍ୟ ଅନେକଙ୍କ ପରି ସାଧାରଣ ଓଡ଼ିଆ ଗୃହିଣୀଟିଏ । କିନ୍ତୁ ପ୍ରକୃତରେ ଏଇ ସାଧାରଣ ଓ ବୈଶିଷ୍ଟ୍ୟ-ହୀନ ଶୁଷ୍କ ପରିବେଶରୁ ସେ କାହିଁ କେତେ ଊର୍ଦ୍ଧ୍ୱକୁ ଉଠିଯାଇଥିଲେ । ରୋଷେଇ ବାସନଠାରୁ ଆରମ୍ଭ କରି ସ୍ୱାମୀ, ପୁଅ, ଝିଅ ସମସ୍ତଙ୍କର ଖାଇବା ପିଇବା, ପିନ୍ଧିବା ଆଦି ସମସ୍ତ ସୁବିଧା ଅସୁବିଧା ବୁଝିବା ତଥା ସମଗ୍ର ଘରର ସଂପୂର୍ଣ୍ଣ ଆଭ୍ୟନ୍ତରୀଣ ଦାୟିତ୍ୱ ବହନ କରିବା ମଧ୍ୟରେ ସେ ଯନ୍ତ୍ରପରି ପରିଶ୍ରମକରି 'ଚମ୍ପକ' ପାଇଁ ଲେଖା ଓ ବିଜ୍ଞାପନ ସଂଗ୍ରହ କରୁଥିଲେ ଓ ପତ୍ରିକାର ମୁଦ୍ରଣ ବିଷୟ କଟକ ଯାଇ ବୁଝୁଥିଲେ; ଏବଂ ବାକି ସବୁଯାକ ସମୟ ତାଙ୍କ ଘରେ ଏକତ୍ରିତ ହେଉଥିବା ସାହିତ୍ୟିକ ବନ୍ଧୁମାନଙ୍କୁ ଗଳ୍ପରେ ଏବଂ ଖାଦ୍ୟ ପେୟରେ ଆପ୍ୟାୟିତ କରାଇବାରେ କଟାଇଦେଉଥିଲେ ।

ଦିନର ଯେ କୌଣସି ସମୟରେ ତାଙ୍କ ଘରକୁ ଯାଅ, ରାତିର ଦଶଟା ପର୍ଯ୍ୟନ୍ତ ମଧ୍ୟ, ଦେଖିବ ଯେ କେହି ନା କେହି ସାହିତ୍ୟିକ ସେଠାରେ ଅପାଙ୍କ ସହ ଗଳ୍ପ କରୁଥିବେ । ଏତେ ଲୋକଙ୍କର ଆତ-ଯାତ ସତ୍ତ୍ୱେ ଅପା ଜଣ ଜଣ କରି ସମସ୍ତଙ୍କୁ ବିଭିନ୍ନ ବିଷୟରେ ଖୁସି-ଗଳ୍ପ ବ୍ୟତୀତ ନାନା ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଖୁଆଇ ଆପ୍ୟାୟିତ କରୁଥିଲେ ଏବଂ ସମ୍ଭବତଃ, ସେ ନିଜେ କୌଣସି ଏକ ପ୍ରକାର ଅଦ୍ଭୁତ ଆମୋଦ ମଧ୍ୟ ଲାଭକରୁଥିଲେ । ତାଙ୍କ ସହ ଦୀର୍ଘ ପ୍ରାୟ ୬/୭ ବର୍ଷର ସଂପର୍କ ମଧ୍ୟରେ ମୁଁ କେବେ ହେଲେ ତାଙ୍କୁ କାହା ଉପରେ ବିରକ୍ତ, କ୍ରୁଦ୍ଧ ବା ଅସନ୍ତୁଷ୍ଟ ହେବାର ଅଥବା କାହା ବିରୁଦ୍ଧରେ କୌଣସି କଟୁମନ୍ତବ୍ୟ ପ୍ରକାଶ କରିବାର ଶୁଣିନାହିଁ । ବେଶୀ କଷ୍ଟ ପାଇଲେ ସେ ଏକାନ୍ତ ନୀରବରେ କେବଳ କାନ୍ଦିପକାଉଥିଲେ । ଏ ସବୁ ଦୃଷ୍ଟିରୁ

Digitized by srujanika@gmail.com

ସେ ସାହିତିକ କାଳର ଜଟିଳ ହୃଦୟ ଓ ମାନସିକତା ସଂପନ୍ନ ବ୍ୟକ୍ତି ମାନଙ୍କ ମଧ୍ୟରେ ଥିଲେ ଏକ ସ୍ପଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟତିକ୍ରମ ତଥା ସ୍ୱୟଂ ସେ ଥିଲେ ଏକ ଶିକ୍ଷାକେନ୍ଦ୍ର, ଏକ ଉଦାହରଣ ।

ଅପାଙ୍କର ସ୍ମୃତି ମୋ' ପାଇଁ ଏତେ ଦୀର୍ଘ; ଏତେ ଜୀବନ୍ତ ଓ ଏତେ ହୃଦୟସ୍ପର୍ଶୀ ଯେ ସେ ସବୁକୁ ଏକ କ୍ଷୁଦ୍ର ଲେଖାରେ ସ୍ଥାନ ଦେଇ ହେବନି । କିଛି ବର୍ଷ ତଳେ ଭୁବନେଶ୍ୱରସ୍ଥ ଏକାମ୍ର ସାହିତ୍ୟ ସଂସଦର ଆମେ ସଭ୍ୟ ସଭ୍ୟାମାନେ କୋଣାର୍କ ଯାଇଥିଲୁ ବଣଭୋଜି କରି । କୋଣାର୍କ ମନ୍ଦିରଠାରୁ ସମୁଦ୍ର ଆଡ଼କୁ ଯାଉଥିବା ରାସ୍ତାରେ ମନ୍ଦିର ନିକଟରୁ ଅଳ୍ପଦୂର ଯିବାପରେ ରାସ୍ତାର ବାମପାର୍ଶ୍ୱରେ କିଛି ଦୂରରେ ଏକ ବିସ୍ତୀର୍ଣ୍ଣ ଘାସପୂର୍ଣ୍ଣ ପ୍ରାନ୍ତର ଏବଂ ତା'ର ଚତୁଃପାର୍ଶ୍ୱରେ ଝାଉଁବଣର ଅରଣ୍ୟ ଦେଖି ଉଭୟେ ଅପା ଓ ମୁଁ ସେ ସ୍ଥାନର ଅପୂର୍ବ ସମ୍ମୋହନର ଶିକାର ହୋଇପଡ଼ିଥିଲୁ । ଏବଂ ସେଠାରେ ହିଁ ଆମେ ନିଷ୍ପତ୍ତି ନେଇଥିଲୁ ଯେ ନିକଟ ଭବିଷ୍ୟତରେ କେବେ ସୁବିଧାକରି ଅପା ମୁଁ ଓ ଆମର ଅଧିକତର ଘନିଷ୍ଠ ଦୁଇ ତିନି ଜଣ ମାତ୍ର ବନ୍ଧୁ ଏକାଠି ହୋଇ ଆଉଥରେ କୋଣାର୍କ ଆସିବୁ ଏବଂ ପୂର୍ବୋକ୍ତ ସେଇ ପ୍ରାନ୍ତର ନିକଟରେ ବଣଭୋଜି କରି ପ୍ରାନ୍ତରଟା ସାରା ବୁଲି ଓ ଫଟୋ ଉଠାଇ ତାର ଆକର୍ଷଣୀୟତାକୁ ପ୍ରଚୁର ଉପଭୋଗ କରିବୁ । ହେଲେ ସେଦିନ ଫେରିବାପରେ ବିଭିନ୍ନ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମୁଁ ସେଦିନର ସେଇ ଯୋଜନାକୁ କାର୍ଯ୍ୟକାରୀ କରିବା ବିଷୟରେ ବିଶେଷ ଯତ୍ନଶୀଳ ହୋଇ ପାରିନଥିଲି । କିନ୍ତୁ ଯେତେଥର ଅପାଙ୍କ ସହ ଦେଖାହୁଏ ସେ ଗଭୀର ଉତ୍ସାହରେ ମନେ ପକାଇ ଦିଅନ୍ତି : "ପ୍ରସନ୍ନ, କ'ଣ ଭୁଲିଗଲ ? ଆମେ ପରା ଆଉଥରେ କୋଣାର୍କ ଯିବା ? ତୁମକୁ ଖୁବ୍ ଭଲ ଲାଗିଥିବା ସେଇ ତୃଣାବୃତ୍ତ ପ୍ରାନ୍ତରଟା ସାରା ମନଭରି ବୁଲିବା ଚାଲ ଶୀଘ୍ର, କେବେ ଯିବା ? ଅନ୍ୟ ମାନଙ୍କୁ କୁହ, ସେମାନେ ଆସିଲେ ବସି ଯିବା-ବିଷୟରେ କଥାବାର୍ତ୍ତା ହେବା !"

କିନ୍ତୁ ନାଁ, ଶେଷସୁଦ୍ଧା ତା' ଆଉ ସମ୍ଭବ ହୋଇନଥିଲା ! ଅପାଙ୍କ ସହ ଆଉଥରେ କୋଣାର୍କ ଯାଇ ବୁଲିବା ଭାଗ୍ୟରେ ନଥିଲା । ଅପା ଥିଲାବେଳେ ଆଉ ଥରଟିଏ ମାତ୍ର ମୁଁ ଏକ ବିଶେଷ ପରିସ୍ଥିତି-

Digitized by srujanika@gmail.com

ରେ କୋଣାର୍କ ଯାଇଥିଲି । ସେ ବାଲି ଗଡ଼ଆ ଆଡ଼େ ଥରେ ଗୁରୁଁ-ବାର ସୁଯୋଗ ସୃଷ୍ଟି କରିନଥିଲି ସେଥର । ଆଜି, ଅପା ଗୁଲିଗିବା ପରେ, ସେ ଘାଢ଼ ବାଲୁକା ପ୍ରାନ୍ତରର ମାମର୍ଗିକ ସ୍ମୃତି ଏକ ବିଷାଦ-ମୟ ରହସ୍ୟାଚ୍ଛନ୍ନତାରେ ଆବୃତ୍ତ ହୋଇପଡ଼ୁଛି ମୋ' ପାଇଁ । ତା'ପ୍ରତି ଥିବା ଗଭୀର ଆକର୍ଷଣ ବଦଳରେ କିପ ଏକ ଭୟ ମିଶ୍ରିତ ଉଦାସୀନତା ମୋତେ ଗ୍ରସ୍ତକରି ପକାଉଛି ।

ଅପା ପ୍ରଚୁର ଚିଠିପତ୍ର ଲେଖୁଥିଲେ । ତାଙ୍କ ଚିଠି ଲେଖାରେ ସବୁବେଳେ କିଛିନା କିଛି ବୈଶିଷ୍ଟ୍ୟ ଓ ବୈଚିତ୍ର୍ୟ ପ୍ରକଟିତ ହୋଇ-ଥାଏ । ସ୍ନେହ, ଶୁଭେଚ୍ଛା ଓ କଲ୍ୟାଣ ପ୍ରଦାନ, ଅଭିନନ୍ଦନ, ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ, ଗୁହାକୁ ଆମନ୍ତ୍ରଣ ଅଥବା କୌଣସି ନୂତନ ପ୍ରସ୍ତାବ ବା ଯୋଜନା ସଂପର୍କରେ ସୂଚନାଦି ବ୍ୟତୀତ ତାଙ୍କ ପତ୍ରରେ କୌଣସି ପ୍ରକାର ଯୁକ୍ତିତର୍କ, କ୍ରୋଧ ବା ବିରକ୍ତି, ବିରୂପାତ୍ମକ ମନ୍ତବ୍ୟ ଅଭିଯୋଗ ବା ପ୍ରତିବାଦ, ପରୋକ୍ଷ ତାଗିଦ୍ ବା ପରିହାସ ଅଥବା ଭର୍ତ୍ସନା, ନିନ୍ଦା ପ୍ରଭୃତି ବିଦ୍ୱେଷପୂର୍ଣ୍ଣ ବିଷୟବସ୍ତୁର ଆଭାସମାତ୍ର ରହୁନଥିଲା ।

୧୯୭୫ ମସିହାରେ ଅପା ଥରେ ବସ୍‌ରେ ପୁରୀ ଯାଉଥିବାବେଳେ ଚଳମାନ ବସ୍‌ରେ ବସି ମୋ' ପାଖକୁ ଏକ ପତ୍ର ଲେଖିଥିଲେ । ଅପାଙ୍କ ପ୍ରଦତ୍ତ ସ୍ୱଳ୍ପ ପତ୍ରମଧ୍ୟରୁ ଏଇ ଗୋଟିକ ଅକ୍ଷତ ଅବସ୍ଥାରେ ରହି ଯାଇ-ଥିଲା । ସେତେବେଳକୁ ଅପାଙ୍କ ସହ ପରିଚୟ ହେବାର ଖୁବ୍ ବେଶୀ ଦିନ ହୋଇନଥାଏ ଏବଂ ଅପା ମୋତେ 'ପ୍ରସନ୍ନବାବୁ' ଏବଂ ଆପଣ ଆଦି ଶବ୍ଦରେ ସମ୍ବୋଧନ କରୁଥାନ୍ତି । ଚିଠିଟିର ଅବିକଳ ନକଲ ଏଇମିତି ।

ପୁରୀବସ୍
୧।୧୧।୭୫

କଲ୍ୟାଣୀୟ ପ୍ରସନ୍ନବାବୁ,

ମୋର ସ୍ନେହ ଓ ଶୁଭେଚ୍ଛା । ଆଶାକରେ ଭଲ ଥିବେ । ବୋଉ ଓ ବାପାଙ୍କୁ ମୋର ପ୍ରଣାମ ଜଣାଇବେ । ଆପଣ ତ ଭଲ ଲେଖନ୍ତି, ପୁଣି ଭଲଗୀତ ବି ଗାଆନ୍ତି । ଭବିଷ୍ୟରେ ଆପଣ

Digitized by srujanika@gmail.com

ବହୁତ ବଡ଼ ହେବେ—ସବୁବେଳେ ଏତିକି ମୋର ଆଶୀଷ ।ଇତି

ଆପଣଙ୍କର ଶୁଭକାଂକ୍ଷିଣୀ ଶୈଳଅପା

ଗୋଟିଏ ଚଳନ୍ତା ବସ୍ ଭିତରେ ବସି ଜଣେ ବଡ ହେଉବୋଲି ଆଶୀଷ ପ୍ରଦାନକରି ଗୋଟିଏ ଲେଖିବା ଭିତରେ ହିଁ ଅପାଙ୍କର ମଧୁ-ମୟତା, ନିଷ୍କପଟ ଆନ୍ତରିକତା, ପ୍ରଶସ୍ତ ହୃଦୟବତ୍ତା, କଲ୍ୟାଣମୟୀ ଭାବମୂର୍ତ୍ତି ଓ ସର୍ବୋପରି ସ୍ନେହ ଓ ପ୍ରେମପୂର୍ଣ୍ଣ ତାଙ୍କ ହୃଦୟର ସ୍ପଷ୍ଟ ନିଷ୍କପଟ ପ୍ରକାଶିତ ।

ଅପାଙ୍କର ସ୍ୱପ୍ନ ଓ ଯୋଜନା ଥିଲା ଯେ 'ଚୁମ୍ବକ' ପାଇଁ ସେ ନିଜେ ଏକ ପ୍ରେସ୍ ପ୍ରତିଷ୍ଠା କରିବେ ଏବଂ ସେଥିରୁ 'ଚୁମ୍ବକ' ପତ୍ରିକା ତ୍ରୈମାସିକ ପରିବର୍ତ୍ତେ ମାସିକ ସାହିତ୍ୟ ପତ୍ରିକା ହୋଇ ନିୟମିତ ପ୍ରକାଶ ପାଇବ । ଭୁବନେଶ୍ୱର ଛଅ ନମ୍ବରରେ ତାଙ୍କର ତିଆରି ହୋଇଥିବା ଘର ପ୍ରାଙ୍ଗଣରେ ପ୍ରେସ୍‌ଟି କରିବାକୁ ଅପା ଚିନ୍ତା କରୁ-ଥିଲେ । ସେଇ ଅସମ୍ପୂର୍ଣ୍ଣ ଘରର ଛାତ ଉପରେ ବସି ମୋର ଅତ୍ୟନ୍ତ ସଫଳ କଣ୍ଠସ୍ୱର ଓ ଗାୟକୀରେ ମଧ୍ୟ ତାଙ୍କୁ କେତେଥର ମୁଁ ହିନ୍ଦୀ ଚଳଚିତ୍ରର କେତେକ ଆବେଗପୂର୍ଣ୍ଣ କରୁଣ ଗୀତ ଗାଇ ମୁଗ୍ଧ କରିଛି !

ସେ ସବୁକିଛି ଆଜି ଇତିହାସ ହୋଇଯାଇଛି ହଠାତ୍ । ବ୍ୟକ୍ତି-ଗତ ଇତିହାସ ହୋଇଯାଆନ୍ତା କି ଏକ କିମ୍ବଦନ୍ତୀ ! କପାଳ ଲିଖନ, ଅଦୃଷ୍ଟ, ବିଧି, ଭାଗ୍ୟ, ନିୟତି··· ପ୍ରଭୃତି ଶବ୍ଦ ମାନଙ୍କ ଜରିଆରେ ଆମେ ସେଇ ଅଦୃଶ୍ୟ ପରମ ଶକ୍ତିଶାଳୀ ଶକ୍ତିଟିର ଇଚ୍ଛାକୁ ସ୍ୱୀକାର କରିଛୁ, କରିଆସିଛୁ । ତାର ଜିଦ୍ ସମ୍ମୁଖରେ ମଣିଷ କେତେକ୍ଷୁଦ୍ର, ନଗଣ୍ୟ, ହେୟ, ଅସହାୟ ଓ ଦୟନୀୟ ହୋଇ ନ'ପଡେ ସତେ ! ଅପାଙ୍କ ଭଳି ମଣିଷ କିନ୍ତୁ ଢେର୍ ଢେର୍ ବର୍ଷ ବ୍ୟବଧାନରେ ଥରେ ଥରେ ମାତ୍ର ଆମ ମାନଙ୍କ ମେଳକୁ ଆସନ୍ତି, ଅଳ୍ପକାଳ ଆମକୁ ଭାଗ୍ୟବାନ କରନ୍ତି ତାଙ୍କର ସାନ୍ନିଧ୍ୟ ଦେଇ ।

□□

* ଅଧ୍ୟାପକ ଓଡ଼ିଆ ବିଭାଗ
ଏକାମ୍ର ମହାବିଦ୍ୟାଳୟ, ଭୁବନେଶ୍ୱର-୨

Digitized by srujanika@gmail.com

ଶୈଳବାଳା ମହାନ୍ତି : ଏକ ବହୁବିଧ ପ୍ରତିଭା

ଶ୍ରୀ ଭଗବାନ ପଣ୍ଡା

କୌଣସି ଗୋଟାଏ କାର୍ଯ୍ୟ ପଛରେ ପାଗଳ ପରି ନଲାଗିଲେ ଚରମ ସାର୍ଥକତା ଲାଭ କରିବା ସମ୍ଭବ ନୁହେଁ । ଏହି ପାଗଳାମିକୁ ଅନ୍ୟ ଭାଷାରେ କୁହାଯାଏ ନିଶା । ଅବଶ୍ୟ ନିଶା ଏକ ଏପରି ପଦାର୍ଥ ଯାହା ମଣିଷକୁ ଅନେକ ସମୟରେ ଖରାପ କରିଦିଏ । କିନ୍ତୁ ସାହିତ୍ୟ ନିଶାରେ ନିଜକୁ ମଜଗୁଲ କରି ନଦେଲେ ଅଦୃଶ୍ୟ ଆନନ୍ଦଟି ଲାଭ କରିବା ଏକ ଦୁରୂହ ବ୍ୟାପାର ହୋଇପଡ଼େ । ସେ ନିଶାରେ ଯିଏ ଯେତେ ମଜଗୁଲ ତାର ସାରସ୍ୱତ ସାଧନା ସେତେ ତେଜସ୍ୱୀ ଏବଂ ଫଳଦାୟିକା । ଥରେ ସେଥିରେ ନିଜକୁ ହଜାଇ ଦେଲେ ସେଥିରୁ ମୁକୁଳିବା ଭାରି କଷ୍ଟ ସାଧ୍ୟ । ସେମିତି ଏକ ନିଶାରେ ନିଜକୁ ତିଳତିଳ କରି ହଜେଇ ଦେଇଥିଲେ ଆମ ଶୈଳ ଅପା—ଶୈଳବାଳା ମହାନ୍ତି । ପିଲାଟି ଦିନରୁ ସରସ୍ୱତୀଙ୍କ ଆରାଧନାରେ ନିଜକୁ ସମର୍ପି ଦେଇ ଜୀବନର ଶେଷ ଦୀପଶିଖାଟି ନିର୍ବାପିତ ହେଲାପର୍ଯ୍ୟନ୍ତ ସେ ସେଥିରୁ ନିବୃତ୍ତ ହୋଇ ପାରିନଥିଲେ । ଶୈଳ ଅପା ଥିଲେ ଜନ୍ମରୁ କବି, ନିଜ ଚେଷ୍ଟାରେ ସାହିତ୍ୟକାର ଆସନ ମଣ୍ଡିବସିବାକୁ ସେ କେବେ ପ୍ରୟାସ କରି ନାହାଁନ୍ତି । ଐଶ୍ୱରିକ ଆଶୀର୍ବାଦରେ ତାଙ୍କର ବାଣୀ ଆରାଧନା ସମୃଦ୍ଧ ହୋଇଛି । ଏହି ମହୀୟସୀ ଲେଖିକାଙ୍କ ରଚନା ବଳି ସାରସ୍ୱତ ଭଣ୍ଡାରକୁ ଏକ ନିଶ୍ଚିତ ଅବଦାନ ହୋଇପାରେ ଭାବି ନିମ୍ନରେ କିଛିଟା ଆଲୋକପାତ କରିବାର ପ୍ରଚେଷ୍ଟା କରାଯାଇଛି ।

ଲେଖିକାଙ୍କର ପ୍ରଥମ ରଚନା ଆତ୍ମପ୍ରକାଶ କରେ ୧୯୬୪ ମସିହାରେ ଅମଉଳା ଫୁଲ (କ୍ଷୁଦ୍ର କାବ୍ୟ) ଆକାରରେ । ପରେ ପରେ ୧୯୬୫ ମସିହାରେ କବିତା ପୁସ୍ତକ ସଞ୍ଜ ସୌରଭ, ୧୯୭୩ ମସିହା-ରେ ଗଳ୍ପପୁସ୍ତକ ହଜିଲାଛନ୍ଦ, ୧୯୭୮ ମସିହାରେ ଉପନ୍ୟାସ ତେର-

Digitized by srujanika@gmail.com

ଡେ଼ସିମିଲ, ୧୯୭୦ ମସିହାରେ କ୍ଷୁଦ୍ର ଉପନ୍ୟାସ ତେରଡେ଼ସିମିଲର ଅଲିଭ ଶିଖା, ୧୯୭୪ ମସିହାରେ କବିତା ପୁସ୍ତକ ଲୁହରଯମୁନା, ଏବଂ "ଭ୍ରମର ପାଇଁ" ପ୍ରକାଶିତ ହୁଏ । ଏହିସବୁ ପ୍ରକାଶନମାନଙ୍କରୁ ଲେଖିକା ମହାନ୍ତି ଯେ ଗଳ୍ପ, କବିତା ରଚନା ତଥା ଉପନ୍ୟାସ ସୃଷ୍ଟିରେ ମନୋନିବେଶ କରି ଅନେକ ସଫଳତା ଲାଭ କରିଥିଲେ ତାହା ସ୍ପଷ୍ଟ ପରିଲକ୍ଷିତ ହୁଏ ।

"ତେର ଡେ଼ସିମିଲର ଅଲିଭ ଶିଖା" ସ୍ୱର୍ଗୀୟା ମହାନ୍ତିଙ୍କର ଏକ ମର୍ମସ୍ପର୍ଶୀ ଅଭିବ୍ୟକ୍ତି । କେତେକ ସତ୍ୟ ଘଟଣାର ମାଟିପିଣ୍ଡରେ କଳ୍ପନାର ପୁଟ ଦେଇ ସେ ଯେଉଁ ଆଲେଖ୍ୟଟି ଜୀବନ୍ତ କରି ଥୋଇପାରିଛନ୍ତି ତାହା ପାଠକଲେ ପାଠକ ମନରେ ମର୍ମଭେଦୀ ବେଦନାର ଏକ ଗଭୀର ରେଖାପାତ ହୁଏ । ଉପନ୍ୟାସର ଛତ୍ରେଛତ୍ରେ ପରିଦୃଷ୍ଟ ହୁଏ ଅନ୍ୟାୟ ଅବିଚାର ବିରୁଦ୍ଧରେ ଲେଖିକାଙ୍କର ବୈପ୍ଳବିକ ଅଭିବ୍ୟକ୍ତି । ଗଭୀର ଈଶ୍ୱରବିଶ୍ୱାସରେ ଲେଖିକା "ପାପର ନିଷ୍କୃ ପ୍ରାୟଶ୍ଚିତ୍ତ କରିବାକୁ ପଡିବ"-ଉକ୍ତିକୁ ମୂଳ ଉପଜୀବ କରି ଜୀବନ୍ତଭାବେ ଚିତ୍ରଣ କରି ଅଛନ୍ତି । ଉପନ୍ୟାସଟି ପାଠ କରିସାରିଲା ପରେ ଦେଖିବାକୁ ମିଳେ ଯେ ପାପୀ ତା'ର ଶାସ୍ତି ଭୋଗ କରିଛି, ଏବଂ ଯିଏ ନିଷ୍ପାପ ଓ ସତ୍ ତା'ର ଜିତ୍ ହୋଇଛି । ଏହି ଉପନ୍ୟାସରେ ଡାକ୍ତର ଯୋଗୀବାବୁ ଦୋଷୀକୁ ରକ୍ଷା କରିବାକୁଯାଇ ପୋଷ୍ଟମର୍ଟମର ଯେଉଁ ମିଥ୍ୟା ବିବରଣୀ ଦାଖଲ କଲେ ତାର ପରିଣତି ତାଙ୍କୁ ଭୋଗ କରିବାକୁ ହେଲା । ଏକଦୁର୍ଘଟଣାରେ ମୃତ୍ୟୁଘଟିଲା ତାଙ୍କ ଅଲିଅଳ ଝିଅର, ପୁଅ ମାଟ୍ରିକ୍ ପରୀକ୍ଷାରେ ଫେଲ୍ ହୋଇ ବିଷଖାଇ ଆତ୍ମହତ୍ୟା କଲା ଏବଂ ନିଜ ପୁତ୍ର କନ୍ୟାଙ୍କ ଅକାଳ ମରଣରେ ପାଗଳୀ ହୋଇ ସ୍ତ୍ରୀ ମଧ୍ୟ ଇହଧାମ ତ୍ୟାଗ କଲା । ଶେଷରେ ନିଜକୃତ ଅପକର୍ମର ରୋମନ୍ଥନ କରି ସେ ମର୍ମାନ୍ତୁଦ ଯନ୍ତ୍ରଣାରେ ଶେଷ ଜୀବନ ଅତିବାହିତ କଲେ । କଲ୍ୟାଣୀର ମୃତ୍ୟୁପାଇଁ ଦାୟୀ ଅନ୍ୟ ଚରିତ୍ର ନନ୍ଦଆ ମଧ୍ୟ ପାଗଳ ହୋଇ ନରକଯନ୍ତ୍ରଣା ଭୋଗକଲା । ଅନ୍ୟତମ ଅପରାଧୀ ଅକ୍ଷୟ ମଧ୍ୟ ସେଥିରୁ ବାଦ ପଡିଲାନାହିଁ । କିନ୍ତୁ ଶ୍ରୀକାନ୍ତ ଓ ସଞ୍ଜ ସାମୟିକ ବିଚ୍ଛେଦ ଅନୁଭବ କରିଥିଲେ ହେଁ ଶେଷରେ ଦୁହିଁଙ୍କର ମିଳନ ଘଟିଛି ଏବଂ ସୁଖରେ

Digitized by srujanika@gmail.com

ଦୁହେଁ ନୀତ ରଚନା କରିଛନ୍ତି । ସଂସାରରେ ଧର୍ମ ରହିଛି ଏବଂ ଧର୍ମହିଁ ଏକମାତ୍ର ସତ୍ୟ — ଏହା ଉକ୍ତ ଉପନ୍ୟାସରେ ସ୍ପଷ୍ଟ ପରିଲକ୍ଷିତ ହୁଏ ।

ଏହି ଉପନ୍ୟାସରେ ସବର୍ଣ୍ଣ ଓ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବିବାହସମ୍ପର୍କ ସ୍ଥାପନ କରିବା ଅବସରରେ ଲେଖିକା କୁସଂସ୍କାର ଦୂରୀକରଣର ଦୃଢ ସମର୍ଥକ ଭାବରେ ଠିଆ ହୋଇ ଅଛନ୍ତି । ସର୍ଣ୍ଣ ସାନ୍ତାଳ ଘରେ ପାଳିତା ହୋଇଥିବାରୁ ଶ୍ରୀକାନ୍ତଙ୍କ ବିବାହ ପ୍ରସ୍ତାବ ଉପରେ ଆସ୍ଥା ସ୍ଥାପନ କରିପାରି ନାହିଁ । କିନ୍ତୁ ଶ୍ରୀକାନ୍ତର ବଳିଷ୍ଠ ଯୁକ୍ତି ଓ ତାଙ୍କ ପରିବାରର ସମ୍ମତି ସେଥିରେ କୌଣସି ପ୍ରତିବନ୍ଧକ ହୋଇ ପାରିନାହିଁ ।

'ସୁନ୍ଦର ଯମୁନା' ଲେଖକର ଅନେକ ପ୍ରେରଣାରେ ପରିପୁଷ୍ଟ । ଏହାର ପ୍ରତି ଛତ୍ରେ ଛତ୍ରେ ମର୍ମସ୍ପର୍ଶୀ ଅଭିବ୍ୟକ୍ତିର ସମ୍ବେଦନଶୀଳ ଆବେଦନ ପାଠକ ମନରେ ଗଭୀର ରେଖାପାତ କରିଥାଏ । ସେହିପରି ତେରଡ଼େଣ୍ଟିମିଲ, ଭ୍ରମର ପାଇଁ, ହଜିଲା ଗୃହ, ସର୍ଣ୍ଣସୌରଭ, ଅମଉଲା ଫୁଲ ପ୍ରଭୃତି ପ୍ରତ୍ୟେକ ପୁସ୍ତକ ପାଠକମନକୁ ଗଭୀର ଭାବରେରସାପ୍ଲୁତ କରିଥାଏ ।

ମୈତ୍ରୀ, ସ୍ନେହ, ମମତା, ଭଲପାଇବା, ପରକୁ ଆପଣା କରିବା ପାଇଁ ସେ ସର୍ବଦା ପାଗଳ ହୋଇ ଉଠୁଥିଲେ । ବିଭିନ୍ନ କବିତାରମୁଖ୍ୟ ଉପଜୀବ୍ୟ ହେଉଛି ଏହି ସବୁର ଆବେଦନ । ପ୍ରେମ, ମମତା, ବାତ୍ସଲ୍ୟ ଓ ଆନ୍ତରିକତା ବଳରେ ସବୁକିଛି କରିବାଯେ ଅସମ୍ଭବ ନୁହେଁ—ଏକଥା ସେ ତାଙ୍କର ବିଭିନ୍ନ କବିତା ମାଧ୍ୟମରେ ଉଲ୍ଲେଖ କରି ଯାଇଅଛନ୍ତି । ଶିଶୁସାହିତ୍ୟ ରଚନାରେ ମଧ୍ୟ ସେ ଥିଲେ ସିଦ୍ଧହସ୍ତା । ପାରିବାରିକ ଜଞ୍ଜାଳମୟ ଜୀବନର ସମସ୍ତ ଘାତ ପ୍ରତିଘାତ ଭିତରେ ତାଙ୍କର ଆପ୍ରାଣ ଉଦ୍ୟମ ଓ ଏକନିଷ୍ଠ ଫଳରେ ୧୯୭୦-୭୧ କସିହାଠାରୁ 'ଚୁମ୍ବକ' ନିରବଚ୍ଛିନ୍ନଭାବରେ ପ୍ରକାଶିତ ହୋଇ ଆସିଥିଲା ଓ ବହୁ ନୂଆ ଲେଖକ ଲେଖିକାଙ୍କୁ ପ୍ରେରଣା ଯୋଗାଇ ପାରିଥିଲା ।

Digitized by srujanika@gmail.com

ଜୀବନର ଅନ୍ତିମ ପର୍ଯ୍ୟାୟରେ ଲେଖକ ଲେଖିକାଙ୍କ ପ୍ରାୟ ସମସ୍ତ କବିତା ଜଗତର ନାଥ ଜଗନ୍ନାଥଙ୍କୁ ଭକ୍ତି କରି ଅଥବା ଉଦ୍ଦେଶ୍ୟ କରି ରଚିତ । ବହୁ ପତ୍ର ପତ୍ରିକାରେ ପ୍ରକାଶିତ ବିଭିନ୍ନ ଗଳ୍ପରୁ ମଧ୍ୟ ଏହା ସୂଚିତ ହୁଏ । ଜଗନ୍ନାଥଙ୍କସହ ସଂପର୍କିତ କବିତା ଗୁଡ଼ିକର ଏକ ସଂଚୟନ ପ୍ରକାଶିତ ହେବା ଉଚିତ ।

ଶୈଳ ଅପାଙ୍କ ପ୍ରତିଭା କେବଳ ଲିଖିତ କାର୍ଯ୍ୟରେ ସୀମିତ ନଥିଲା । ବିଭିନ୍ନ ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସେ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ । ଏକାମ୍ର ସାହିତ୍ୟ ସଂସଦର ବିଭିନ୍ନ ପଦବୀରେ ରହିମଧ୍ୟ ସେ ସୁଗୃହିଣୀ ରୂପେ ନିଜର ସମସ୍ତ କର୍ତ୍ତବ୍ୟ ସଂପାଦନ କରୁଥିଲେ । ନିଜ ଗ୍ରାମରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକର୍ମ ପାଳନକରିବା ଠାରୁ ଆରମ୍ଭ କରି ସଭା ସମିତି, ବକ୍ତୃତା, ଓଡ଼ିଆ ଯୁବଲେଖକ ସମ୍ମେଳନ-ଉତ୍ସବ ଆୟୋଜନରେ ଭାଗ ନେବା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ସହ ସେ ସଂପୃକ୍ତ ଥିଲେ । ତାଙ୍କର ବହୁବିଧ ପ୍ରତିଭା ଥିଲା ଅମଳିନ ଏବଂ ଚିର ଜାଜ୍ଜ୍ୱଲ୍ୟମୟ ।ଗୋଟାଏ ପଂକ୍ତିରେ କହିବାକୁଗଲେ ଶୈଳଅପା କେବଳ ଜଣେ ସୁଲେଖିକା ଓ ସୁସଂପାଦିକା ହିଁ ନଥିଲେ; ଅନେକ ତରୁଣ ପ୍ରତିଭାନ୍ ଲେଖକ ଲେଖିକା ସୃଷ୍ଟି କରାଇବାରେ ତଥା ନୂତନ ନୂତନ ସାହିତ୍ୟ ପତ୍ରିକା ସୃଷ୍ଟିରେ ମଧ୍ୟ ତାଙ୍କ ଭୂମିକା ଅବିସ୍ମରଣୀୟ । ତାଙ୍କର ବହୁ ଅପ୍ରକାଶିତ ସୃଷ୍ଟି ଲୋକଲୋଚନକୁ ଆଣିବା ଓ ସେଗୁଡ଼ିକର ଚର୍ଚ୍ଚା ହେବା ଏକାନ୍ତ ଆବଶ୍ୟକ ।

□□

* ଗେଜେଟିଅରସ୍ ଅଫିସ
ଭୁବନେଶ୍ୱର

Digitized by srujanika@gmail.com

ଓଡ଼ିଶାର ନାରୀକବି ଶୈଳବାଳା

କିଶୋର ସ୍ୱାଇଁ (ଉଷସ୍ମୀ)

ଲବ୍ଧ ପ୍ରତିଷ୍ଠା ନାରୀ କବି ଶ୍ରୀମତୀ ଶୈଳବାଳା ମହାନ୍ତିଙ୍କ ଅକାଳ ବିୟୋଗ ଓଡ଼ିଆ ସାହିତ୍ୟର ଲେଖକ ତଥା ପାଠକ ମହଲରେ ଯେଉଁ ଗମ୍ଭୀର ଶୋକର ଛାୟା ଖେଳାଇ ଦେଲା, ତାହା ଏଯାଏଁ ଅନେକ ଭୁଲିପାରି ନାହାନ୍ତି । ଜଣେ ଉଚ୍ଚ ପ୍ରଶଂସିତା ଲେଖିକା, ସୁସଂଗଠିକା ଓ ସମାଜସେବୀ ରୂପେ ସେ ଓଡ଼ିଶାର ବିଭିନ୍ନ ମହଲରେ ପରିଚିତା । ତାଙ୍କ କବିତା ରଚନାର ଶୈଳୀ, ଭାଷା ଓ ଭାବ ପାଠକଙ୍କ ହୃଦୟରେ ରେଖାପାତ କରେ । ତାଙ୍କର ଗଳ୍ପ ଗୁଡ଼ିକ ଜୀବନଧର୍ମୀ ଓ ସମାଜର ନିଚ୍ଛକ ଘଟଣା ସମୂହର ସତ୍ୟତା ଉପରେ ଆଧାରିତ । ଶିଶୁ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ମଧ୍ୟ ତାଙ୍କର ଲେଖନୀ ନୀରବ ନ ଥିଲା । ଓଡ଼ିଶାର ପ୍ରାୟ ଅଧିକାଂଶ ପତ୍ର ପତ୍ରିକାରେ ତାଙ୍କର କବିତା, ଗଳ୍ପ ଓ ଶିଶୁ - ଉପଯୋଗୀ ଲେଖାମାନ ନିୟମିତ ପ୍ରକାଶ ପାଉଥିଲା । ଦୀର୍ଘ ଆଠବର୍ଷଧରି ସାହିତ୍ୟ ପତ୍ରିକା 'ଚୁମ୍ବକ'ର ସଂପାଦିକାରୂପେ ସେ ଓଡ଼ିଶାର ବହୁ ତରୁଣ ପ୍ରତିଭାଙ୍କୁ ପ୍ରେରଣା ଦେଇ ଆସିଥିଲେ ।

ଶୈଳବାଳାଙ୍କ ବାଲ୍ୟ ଜୀବନ ଜାମସେଦପୁର ଠାରେ ଅତି ବାହିତ ହୋଇଥିଲା । ମାତ୍ର ସାତବର୍ଷ ବୟସରୁ ସେ କବିତା ଲେଖା ଆରମ୍ଭ କରିଥିଲେ । ବାଲ୍ୟାବସ୍ଥାରୁ ତାଙ୍କ ସୃଷ୍ଟି-ପ୍ରତିଭାର ସୂଚନା ମିଳିଥିଲା । ଉଚ୍ଚ ଶିକ୍ଷିତା ନ ଥିଲେ ବି ହିନ୍ଦି ଓ ବଙ୍ଗଳା ଭାଷାରେ ତାଙ୍କର ବେଶ୍ ଦକ୍ଷତା ଥିଲା । ତାଙ୍କର ଲିଖିତ ଓ ପ୍ରକାଶିତ ପୁସ୍ତକାବଳୀ ମଧ୍ୟରୁ ଅମଉଳାଫୁଲ (କ୍ଷୁଦ୍ର କାବ୍ୟ) ସଖି ସୌଭ, ଲୁହରଯମୁନା (କବିତା ସଂକଳନ) ହଜିଲାଛନ୍ଦ, ଅଭୁଠ ଶିଉଳି (ଗଳ୍ପ) ଭ୍ରମର ପାଇଁ (ଶିଶୁ କବିତା) ଓ

Digitized by srujanika@gmail.com

ଚେରଚେଙ୍ଗିମିଲ ଓ ଚେରାଙ୍ଗିମିଲ ଅଲଭ୍ୟା ଶିଖା କ୍ଷୁଦ୍ର ଉପନ୍ୟାସ ଗୁଡ଼ିକ ଅନ୍ୟତମ । ୧୯୭୪ ମସିହାରେ ପ୍ରଜାତନ୍ତ୍ର ବିଷୁବ ମିଳନ ଉତ୍ସବରେ ସେ ଶ୍ରେଷ୍ଠ ନାୟିକାର ରୂପେ ସମ୍ମାନିତା ହୋଇଥିଲେ ।

ସମାଜରେ ନାରୀ ଜାତିର ଅବହେଳାକୁ ସେ ବରଦାସ୍ତ କରି ପାରୁ ନଥିଲେ । ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ନିଜର ସ୍ୱାତନ୍ତ୍ର୍ୟ ଅଧିକାରରୁ କାହିଁକି ବଞ୍ଚିତ ରହୁଛନ୍ତି, ତାଙ୍କ ଉପରେ ଅନ୍ୟାୟପୂର୍ଣ୍ଣ ବ୍ୟବହାର ଓ ନିର୍ଯ୍ୟାତନା କାହିଁକି ଲଦି ଦିଆ ଯାଉଛି, ଏ ସମ୍ପର୍କରେ ବିଭିନ୍ନ ସମୟରେ 'ଚୁମ୍ବକ'ର ସମ୍ପାଦକୀୟରେ ତାଙ୍କର ଦୃଢ଼ ପ୍ରତିବାଦର ସ୍ୱର ସୁସ୍ପଷ୍ଟ ।

ଗତ ୧୯୮୦ ମସିହା ମେ ମାସ ୨୫ ତାରିଖରେ ଚୁମ୍ବକର ଅଷ୍ଟମ ବାର୍ଷିକ ଉତ୍ସବରେ ଶ୍ରୀମତୀ ମହାନ୍ତିଙ୍କୁ ଓଡ଼ିଶାର ବିଶିଷ୍ଟ କବି ସୀତାକାନ୍ତ ମହାପାତ୍ର ବଧାଇ ଜଣାଇ ଲେଖିଥିଲେ, "ଶ୍ରୀମତୀ ଶୈଳ ବାଳା ମହାନ୍ତି ଚୁମ୍ବକ ପତ୍ରିକାର ସମ୍ପାଦିକା । ଆଜି ଏହି ପତ୍ରିକାଟିର ଅଷ୍ଟମ ଜନ୍ମ ତିଥି । ପତ୍ରିକାଟିକୁ ବଂଚେଇ ରଖି ତାକୁ ନିଜ ସାଧ୍ୟମତେ ଉତ୍କଳ ସରସ୍ୱତୀଙ୍କର ସେବାରେ ନିୟୋଜିତ କରିବାରେ ଶ୍ରୀମତୀ ମହାନ୍ତିଙ୍କ ଏକାନ୍ତ ଅନୁରାଗ ଓ ନିଷ୍ଠା ସ୍ମରଣୀୟ । ତାଙ୍କୁ ଯେଉଁମାନେ ଜାଣିଛନ୍ତି ସେମାନେ ତାଙ୍କର ସାହିତ୍ୟ-ପ୍ରୀତି ସାଂଗଠନିକ ଶକ୍ତି, ଉତ୍ସାହ ଓ ସାହିତ୍ୟିକ ସୁଲଭ ସବୁ ମନୀଷିଙ୍କୁ ମିଳେଇ ରଖିବା ପ୍ରକୃତି ସମ୍ପର୍କରେ ଅବହିତ ଥିବେ । ନିଃସ୍ୱାର୍ଥପର ସାହିତ୍ୟିକ ସଂଗଠନ ଯେ କୌଣସି ସାହିତ୍ୟର ବିକାଶରେ ସହାୟକ ହୁଏ । ତାଙ୍କ ପ୍ରଚେଷ୍ଟାରେ 'ଚୁମ୍ବକ'ର ଉତ୍ତରୋତ୍ତର ଅଭିବୃଦ୍ଧି ହେଉ ଓ ସାହିତ୍ୟ କୁତିକୁ ନିଜ ଆଡ଼କୁ ଆକର୍ଷି ଆଣୁ ଏତିକି କାମନା ।"

ଅନ୍ୟମାନଙ୍କ ମଧ୍ୟରେ କବି ରାଜେନ୍ଦ୍ର କିଶୋର ପଣ୍ଡା ବଧାଇ ଜଣାଇ ଲେଖିଥିଲେ—"ମାରବତାର ମହାକାଶ ଆଡ଼କୁ ମୁଠାଏ ଅକ୍ଷର ଫୋପାଡ଼ି ଦେଇ କ'ଣ ନା ଆମେ କବି ! କେତୋଟି

Digitized by srujanika@gmail.com

ଅମର ବା ତା'ର ହୋଇ ଜନ୍ମୁ ଥାଏ ? ନିରବଧି କାଳର ନିଃଶ୍ୱାସରେ ସବୁ ନିଶ୍ଚିହ୍ନ ହୋଇଯାଏ ଲଘୁ ବଳିପୁରର । ତାର ଭିତରେ କୋଳାହଳ ଆଦର, କୀର୍ତ୍ତି ପାଇଁ, ଯଶ ପାଇଁ କେତେ ଈର୍ଷା, କେତେ ପ୍ରତିଦ୍ୱନ୍ଦ୍ୱିତା ତଥାପି ଜଣେ ଦି ଜଣ ଏମିତି ବି ଥାଆନ୍ତି ଯେଉଁମାନେ କେବଳ ସାହିତ୍ୟ ପାଇଁ ସ୍ୱାର୍ଥହୀନ ସଂଗଠନରେ ଲାଗିପଡ଼ିଥାନ୍ତି ।

"ଶ୍ରୀମତୀ ଶୈଳବାଳା ମହାନ୍ତି ଓ ତାଙ୍କର ମାନସ ସନ୍ତାନ 'ଚକ୍ରାଙ୍କ'ର ଗୌରବ ସେଇଠି । ଏପରି ଏକ ଗୁଣ୍ଡିତ ପିଠିରେ ସ୍ନେହର ସ୍ୱୀକୃତିର ଆଙ୍ଗୁଠି ଆଙ୍କିଦେଇ ଥିଲେ ଶ୍ରୀରାମଚନ୍ଦ୍ର । ଚକ୍ରାଙ୍କର ଜନ୍ମତିଥିରେ ମୋର ଅସୀମ ଶୁଭେଚ୍ଛା ।"

କିନ୍ତୁ ଚକ୍ରାଙ୍କର ଅଷ୍ଟମ ବାର୍ଷିକ ଉତ୍ସବର ମାତ୍ର ୧୧ ଦିନ ପରେ ସେ କଟକ ବଡ଼ ଡାକ୍ତରଖାନାରେ ତାଙ୍କର ବାମ ବକ୍ଷରେ ଏକ ଟିଉମର ଅପରେସନ୍ ପାଇଁ ଆଡ୍‌ମିସନ ନେଲେ । ୧୯୮୦ ମସିହା ୧୩ ତାରିଖଦିନ ତାଙ୍କ ବକ୍ଷରେ ଅସ୍ତ୍ରୋପଚାର ହେଲା । କିନ୍ତୁ ଅପରେସନ୍ ପରଠାରୁ ତାଙ୍କର ଚେତା ଫେରି ଆସି ପାରି ନଥିଲା । ଦୀର୍ଘ ପ୍ରାୟ ୭୨ ଘଣ୍ଟା ଅଚେତ ରହି ଶେଷରେ ସେ ୧୬.୭.୮୦ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୃତ୍ୟୁ ପୂର୍ବରୁ ସେ ୫ ତାରିଖରୁ ୯ ତାରିଖ ଭିତରେ ଡାକ୍ତରଖାନା ଶଯ୍ୟାଉପରେ ୭ଟି କବିତା ଲେଖିଯାଇଛନ୍ତି । ସେଥିମଧ୍ୟରୁ ଡାକ୍ତରଖାନାର ଦୁଇଜଣ ସେବିକା 'ଜାନକୀ' ଓ 'ଜ୍ୟୋତ୍ସ୍ନା'ଙ୍କ ନିଷ୍ଠାପର ସେବାରେ ମୁଗ୍ଧ ହୋଇ ଦୁଇଟି ଉତ୍ସର୍ଗ କବିତା ଲେଖିଛନ୍ତି । ଶେଷ ସମୟରେ ସେ ରାଜଧାନୀକୁ ବିଦାୟ ଜଣାଇ "ତା' ସ୍ମୃତିର ସୁନାଗାର" କବିତାରେ ଲେଖିଛନ୍ତି,

"ରାଜଧାନୀ ମୋର ପ୍ରିୟ
ମୋର ଅତି ଆପଣାର

ମୋ ମନେ ଝୁଣ୍ଟିକେ ନିତି
ତା' ସ୍ମୃତିର ସୁନାଗାର ।"

Digitized by srujanika@gmail.com

ବାସ୍ତବିକ ଶ୍ରୀମତୀ ମହାନ୍ତିଙ୍କ ତିରୋଭାବ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସୃଷ୍ଟି କଲେ, କହ୍ନେଇଲାଲ ଦାସଙ୍କ ତିରୋଭାବ ଭଳି, ସାରାଓଡ଼ିଶାର ଏକ ଅପାଶୋରା ଘଟଣା ହୋଇ ରହିବ ଏବଂ ତରୁଣଲେଖକ ମାନଙ୍କ ଲେଖାରେ ମଣ୍ଡିତ ତାଙ୍କ ସମ୍ପାଦିତ "ଚମ୍ପକ" ପତ୍ରିକା ବହୁକାଳ ଯାଏଁ ସେମାନଙ୍କ ସୃଷ୍ଟି ପରପ୍ରକାଶର ମାଧ୍ୟମ ରୂପେ ଅଭୁଲା ରହିଯିବ ।

□□

* ଯୁନିଟ୍—୩
ଭୁବନେଶ୍ୱର

Digitized by srujanika@gmail.com

ଶୈଳବାଳା ସୃଷ୍ଟି ମାନସ : ଏକ ଦୃଷ୍ଟିପାତ

● ଶ୍ରୀ ରମେଶ ଚନ୍ଦ୍ର ଧଳ

ଶ୍ରୀମତୀ ଶୈଳବାଳା ମହାନ୍ତି ଓଡ଼ିଆ ସାହିତ୍ୟରେ ସୁପରିଚିତା । ମଧ୍ୟବିତ୍ତ ପରିବାରର ସମସ୍ତ ଜଂଜାଳ ମଧ୍ୟରେ ସେ ସାହିତ୍ୟ ସାଧନା କରିଚାଲିଥିଲେ । ନୂତନ ସୃଷ୍ଟି ପାଇଁ ତାଙ୍କର ଥିଲା ଅସମ୍ଭବ ଆଗ୍ରହ । ଝୁଙ୍କ । ତେଣୁ ବିଭିନ୍ନ ସାହିତ୍ୟ ଆସରରେ ସେ ଯୋଗ ଦେଉଥିଲେ । ସାହିତ୍ୟିକମାନଙ୍କ ସହିତ ଭାବ ବିନିମୟ କରୁଥିଲେ । ଅନେକଙ୍କ ସହିତ ସେ ଘନିଷ୍ଠ ବ୍ୟକ୍ତିଗତ ତଥା ପାରିବାରିକ ସଂପର୍କ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇପାରିଥିଲେ । ଏଥିରୁ ସେ ପାଉଥିଲେ ଅପୂର୍ବ ଆନନ୍ଦ ।

ସାହିତ୍ୟ ସାଧନା ପାଇଁ ସେ ସମାଜସେବୀ ଡ଼କ୍ଟର ଲକ୍ଷ୍ମୀନାରାୟଣ ସାହୁ, ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ଡକ୍ଟର ମାୟାଧର ମାନସିଂ ପ୍ରମୁଖଙ୍କ ଠାରୁ ପ୍ରେରଣା ପାଇଥିଲେ । ସେମାନଙ୍କର ଆଶୀର୍ବାଦ ଓ ଶୁଭେଚ୍ଛା ତାଂକୁ ସାହିତ୍ୟିକା କରି ଗଢ଼ିବାରେ ଅନେକ ପାଥେୟ ଯୋଗାଇଛି ।

ସାହିତ୍ୟ ପତ୍ରିକା ଚୁମ୍ବକର ସେ ପ୍ରକାଶନ ତଥା ସମ୍ପାଦନା କରୁଥିଲେ । ପୁରାତନ, ନବୀନ ତଥା ଶିଶୁ ସାହିତ୍ୟିକମାନଙ୍କ ସୃଷ୍ଟିରେ ଚୁମ୍ବକର ପୃଷ୍ଠା ସମୃଦ୍ଧ ହେଉଥିଲା । ଭଲ ଲେଖାଟିଏ ପାଇବା ଲାଗି ବିଜ୍ଞାପନଟିଏ ପାଇବା ଲାଗି ସେ ଯେଉଁ କଷ୍ଟ କରୁଥିଲେ ତାହା ଯିଏ ଜାଣେ, ସେ ତାଙ୍କର ପ୍ରଶଂସା ନକରି ରହି ପାରିବ ନାହିଁ ।

ସେ କବିତା, ଗଳ୍ପ, ଉପନ୍ୟାସ ଶିଶୁ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି । ତାଙ୍କର ପ୍ରକାଶିତ ପୁସ୍ତକ ଗୁଡ଼ିକ ମଧ୍ୟରେ ଅମଉଳା ଫୁଲ (କ୍ଷୁଦ୍ର କାବ୍ୟ) ସତୀ ସୌରଭ (କବିତା) ହଜିଲା ଛଂଦ (ଗଳ୍ପ) ତେର

Digitized by srujanika@gmail.com

ଡ଼ସିମିଲ (ଉପନ୍ୟାସ ଟେରଡସ୍‌ମିଲ୍‌ର ଅଲଭ୍ୟ ଶିଖା (ଉପନ୍ୟାସ) 'ଲୁହର ଯମୁନା' (କବିତା ପୁସ୍ତକ) ପ୍ରଭୃତି ଉଲ୍ଲେଖ ଯୋଗ୍ୟ । ତାଙ୍କର ଲେଖାଗୁଡ଼ିକ ମଧ୍ୟରେ ସମାଜର ଅତ୍ୟାଚାରିତ ଅବହେଳିତଙ୍କ ପ୍ରତି ସମବେଦନା, ସମାଜରେ ନାରୀ କପରି ଅବହେଳିତା ଏବଂ ଯଥାର୍ଥ ସମ୍ମାନପ୍ରାପ୍ତିରୁ ବଞ୍ଚିତା ତାହାର ଚିତ୍ର ମିଳିଥାଏ । ଗଳ୍ପ ଉପନ୍ୟାସର ଭାଷା ସରଳ । ତେରଡ଼ସିମିଲ ଓ ତେରଡସିମିଲ ଅଲଭ୍ୟଶିଖା ଉପନ୍ୟାସ ମାନଙ୍କର ଜମିଜମା ସମ୍ବନ୍ଧୀୟ କଳହକୁ କେନ୍ଦ୍ରକରି ଗାଁଗହଳିରେ ଝାଉଁଝର ଠାରୁ ଆରମ୍ଭକରି ହତ୍ୟାଦି ପାଶବିକ ବର୍ବର ଅପକର୍ମ ସି କରାଯାଇଥାଏ, ତାର ଏକ ଅଲଭ୍ୟ ଚିତ୍ର ଉପସ୍ଥାପିତ କରାଯାଇଛି । 'ଇତିହାସ-ପାପ ପୁଣ୍ୟ'ର କ୍ଷୁଦ୍ରଗଳ୍ପରେ ନିଧିଆ ତାଙ୍କର ଅମ୍ଳାନ ସୃଷ୍ଟି । ଶ୍ରମଜୀବୀ ଅବହେଳିତ ଶ୍ରେଣୀର ପ୍ରତିନିଧି ରୂପେ ନିଧିଆକୁ ନିଆଯାଇ ପାରେ । ଆପଣାର ସ୍ତ୍ରୀ ନଷୀକୁ ସାହୁକାରର ଅନ୍ୟାଚାରରୁ ରକ୍ଷା କରିବାକୁ ଯାଇ ସେ ଦଶବର୍ଷ ଜେଲ ଭୋଗିଛି । ଜେଲ ଦଣ୍ଡ ଭୋଗି ସେ ଘରକୁ ଫେରି ଦେଖିଛି ଆପଣାର ପ୍ରିୟତମାର ଚିତା । ଯନ୍ତ୍ରଣା ମନସ୍ତାପ ମଧ୍ୟରେ ସେ ପ୍ରଶ୍ନ କରିଛି । "ଦୋଷୀ ସିନା ଦଣ୍ଡ ପାଇଲା ନିର୍ଦ୍ଦୋଷୀ ପାଇଲା କ'ଣ ? ତା ପାଇଁ କ'ଣ ଏ ଦୁନିଆରେ ଖାଲି ଆଖିର ଅସରନ୍ତି ଲୁହ ଆଉ ଛାତିର ବୁକୁଫଟା କୋହ" ? ଆଜି ମଧ୍ୟ ସମାଜରେ ବହୁ ନିଧିଆ ଅନୁରୂପଜୀବନ ଯନ୍ତ୍ରଣାର ଶରବ୍ୟ ହେଉଛନ୍ତି । ଏହାର ସମାଧାନ କରିବାକୁ ବିଶେଷ ଭାବେ ଲେଖିକା ଆହ୍ୱାନ ଦେଇଛନ୍ତି । 'ଅଙ୍କୁହା ଦଲିଲ୍' ଗଳ୍ପରେ ନାରୀ କପରି ନିର୍ଯ୍ୟାତିତା ତା'ର ନିଖୁଣ ଚିତ୍ର ଦେବା ପାଇଁ ସେ ଉଦ୍ୟମ କରିଛନ୍ତି । ସଖି ଅଫିସର ସୁବ୍ରତର ଗୃହିଣୀ । ସେ ସାହିତ୍ୟିକା, ସେ ଚାହେଁ ସ୍ୱାମୀର ସ୍ନେହ ଶ୍ରଦ୍ଧା ଏବଂ ସୁନ୍ଦର ସରସ ଗୃହ ଜୀବନ । ମାତ୍ର ସ୍ୱପ୍ନ ତା'ର ଫୁଲ ଫୁଟେ ନାହିଁ । ସେ ଫୁଲ୍ ଫଳ ଧରେ ନାହିଁ । "ସ୍ୱାମୀ ସହ-ଧର୍ମିଣୀର ଅର୍ଥ ବୁଝନ୍ତି ନାହିଁ । ନାରୀ ତାଙ୍କ ପାଖରେ ଏକ ଭୋଗର ସାମଗ୍ରୀ ମାତ୍ର । ତାଂକର ମାଲିକାନା ସତ୍ତ୍ୱ ଜାହିର କରିବାରେ ଟିକିଏ ଏପଟ **ସେପଟ** ହେଲେ ନିର୍ମମଭାବେ ପ୍ରହାର କରିବାକୁ ଛାଡ଼ନ୍ତି ନାହିଁ ସୁବ୍ରତ ।"

Digitized by srujanika@gmail.com

ତାଙ୍କ ରକ୍ତ ଚକ୍ଷୁର ଦୃଷ୍ଟି ଆଗରେ ଛୁଡ଼ା ହେବାକୁ ଯାଉ ସଖିର ହୃତ୍‌କମ୍ପ ଯାଉଛୁଏ । ସେ ମାଡ଼ରେ ଦେହରେ ଅସହ୍ୟ ଯନ୍ତ୍ରଣା । ପାଟିରୁ କଥା ବାହାରେ ନା । ଆଖିର ଲୁହରେ ଘୁଞ୍ଚି ଅଛି ଅନ୍ଧାର ଧ୍ୱଂଶେ । ଗଳ୍ପଟିରେ ନାରୀର ସମସ୍ୟା ଉତ୍‌ଥାପିତ ହୋଇଅଛୁ । ଏ ସମସ୍ୟାର ସମାଧାନ ପାଇଁ ସେ ମଧ୍ୟ ଅଙ୍ଗୁଳି ଦେଇଛନ୍ତି । ବୁଦ୍ଧଂ ଶରଣ ଗଚ୍ଛାମି, ନାଲଧୂଳି, ପରସ୍ପର ଦୃଷ୍ଟି ଗଳ୍ପଗୁଡ଼ିକ ତାଙ୍କର ଉଲ୍ଲେଖନୀୟ ସୃଷ୍ଟି । ଅନେକ ଗଳ୍ପରେ ସେ ନାରୀର ମାନସିକ ବିଭିନ୍ନ ସମସ୍ୟା ଚିତ୍ରଣ କରିଛନ୍ତି । ତାଙ୍କର ଯେତେ ଗଳ୍ପସବୁ ଅତି ଜୀବନ୍ତ, ବାସ୍ତବ ପରି ମନେ ହୁଅନ୍ତି । ସମାଜର ଗଳିକନ୍ଦିରେ ଆଖିଖୋଲି ବୁଲିଲେ ଜଣେ ନିଶ୍ଚୟ ତାଙ୍କର ଚରିତ୍ର ଗୁଡ଼ିକୁ ପାଇ ପାରିବ । ସମାଜର ବାସ୍ତବ ଚିତ୍ର ସେ ଦେଇଛନ୍ତି ! ଏହାହିଁ ତାଙ୍କ ଲେଖନୀର ଗୌରବ ଓ ବିଶେଷତ୍ୱ ।

'ଲୁହର ଯମୁନା' ତାଙ୍କର ଏକ ଉତ୍କୃଷ୍ଟ କବିତା ସଂକଳନ । ଏକବିଂଶଗୋଟି ନାତିଦୀର୍ଘ କବିତା ଏଥିରେ ସ୍ଥାନ ପାଇଛି । ରାଧାକୃଷ୍ଣ, ବଂଶୀ ଯମୁନା, ଜେଜ୍ୟୋତ୍ସ୍ନାରାତି, ବିରହମିଳନ କବିତାର କଥାବସ୍ତୁ; କବିତାର ଛନ୍ଦେ ଛନ୍ଦେ ପ୍ରଣୟର ଗୌରବଗାନ କରାଯାଇଛି । ରୋମାଂଟିକ ପୃଷ୍ଠଭୂମିରେ ପ୍ରତିଟି କବିତା ଉପଭୋଗ୍ୟ; କବିତା ଗୁଡ଼ିକ ହୃଦୟସ୍ପର୍ଶୀ । କଳାପକ୍ଷ ଦୃଷ୍ଟିରୁ ମାନସିଂ, ନିର୍ମଳା ଦେବୀ, ଗଡ଼ନାୟକଙ୍କ ଛନ୍ଦୋବଦ୍ଧ କବିତା ପରମ୍ପରାରେ ଅନ୍ୟଏକ ସୋପାନ ଭଳି ମନେ ହେଉଛି । ଏଗୁଡ଼ିକର ଭାବପକ୍ଷରେ ରହିଛି ବେଦନାର ରକ୍ତକ୍ଷରଣ, ନିଜର ଛଳ ଛଳ ଅଶ୍ରୁ ଅର୍ଘ୍ୟଙ୍କୁ ଅଭିମାନ ସହ ଈଶ୍ୱରାର୍ପଣ, ଜନ୍ମ ଜନ୍ମାନ୍ତରର ସମ୍ବନ୍ଧ-ସ୍ଥାପନ ଓ ରହସ୍ୟ ବାଦର ବୈଚିତ୍ର୍ୟ —

ସ୍ମୃତିର ମାଣିକ ମଣି ଖୋଜି ଖୋଜି
ଲୁହର ଯମୁନା କୂଳେ
ଆଜି ବି ରାଧାଟା ବୁଝେ ନାହିଁ କିଛି
ଅବେଳରେ ପୁଣି ବୁଲେ ।
(ଲୁହର ଯମୁନା)

Digitized by srujanika@gmail.com

ଆସ ଯଦି ବନ୍ଧୁ କେବେ ଏଇ ପଥ ଧାରେ
ଅନୁରୋଧ କରେ ଲୁହ ଯମୁନାର କୂଳେ
ମୋ ଅଶ୍ରୁଳ ଜୀବନର କହିବା କଥା
ଟିକି ଦେଖିଲେ ଲେଖନୀରେ ଭୁଲିଯିବ ବ୍ୟଥା
(ପ୍ରେମ କବିତା

ନିଶାର ଆକୁଳ ନିରଜନତା ମୋ
ଜୀବନର ଚିର ସାଥୀ
ବିଫଳ ସରଣି ଚାଲିଛି ମାତ୍ର ମୁଁ
ଶୂନ୍ୟତାକୁ ହାତ ପାତି ।
(ବିଫଳତା)

ପାଥେୟ ମୋ କିଛି ନାହିଁ ଚାଲିବାକୁ ହେବ
ଅସରନ୍ତି ପଥ ମୋର ଆଗରେ ପଡ଼ିଛି
ମୋ ପଥେ କଦମ୍ବ ଡାଳ ଲୁଚାକୁ ଝୁରୁଛି
ଉଜାଣି ଯମୁନା କୂଳେ ମଥାକୁ ପିଟୁଛି ।
(ପଥର ଚିନ୍ତା)

ଏହିପରି ଅନେକ ପଂକ୍ତି କବିଙ୍କର କବିତା ଗୁଚ୍ଛର ନାମକରଣରେ 'ଲୁହର ଯମୁନା'ର ଯଥାର୍ଥତା ପ୍ରତିପାଦନ କରୁଛି । କବିତା ଗୁଡିକ ପାଠକକୁ ସ୍ପର୍ଶକରେ ।

ସାହିତ୍ୟିକା ଶ୍ରୀମତୀ ମହାନ୍ତି ମଧ୍ୟବିତ୍ତ ପରିବାରର ଜୀବନ-ସଂଗ୍ରାମ, ଝଡ-ଝଞ୍ଜା ମଧ୍ୟ ଦେଇ ଯେପରି ସାହିତ୍ୟ ସାଧନା କରୁଥିଲେ ତାହା ଅନ୍ୟମାନଙ୍କୁ ଯେ ପ୍ରେରଣା ଦେବ ଏଥିରେ ସନ୍ଦେହ ନାହିଁ । ସେ ଆପଣାର ସାହିତ୍ୟିକ ଓ ମାନବିକ ଅବଦାନ ପାଇଁ ସ୍ମରଣୀୟ ହୋଇ ରହିବେ ।

□□

* ଆଡଭୋକେଟ
ୟୁନିଟ୍-୨, ଭୁବନେଶ୍ୱର-୯

Digitized by srujanika@gmail.com

ମନ ଖୋଜୁଛି ଯେ
ତମେ ଆଉ ନାହଁ

● ଉତ୍କଳ ପାଢ଼ୀ

ଆଜି ଯେତେବେଳେ କବିତା କେହି ପଢ଼ନ୍ତି ନାହିଁ ବୋଲି କହନ୍ତି,
କଣ ଲେଖିବ—କବିତା ?
ଅଧଜଳା ଶବ୍ଦଙ୍କ ଦେହ କଣ କହିଦେବ ?
ଲକ୍ଷ ଉତ୍ତର "ଧରିତ୍ରୀର ଦୃଷ୍ଟି ପ୍ରକାଶ"ର
କାମଚଲା ସମ୍ବାଦ ମାନଙ୍କ ଦେହ
ଅର୍ଥହୀନ ହୋଇ ସାରିଥିବା

ଉଷର ଶବ୍ଦମାନେ କଣ ବ୍ୟକ୍ତ କରିବେ ?
ଯେଉଁଠି ଶହ ଶହ ହତ୍ୟା, ପ୍ରତିବାଦ ସତ୍ତ୍ୱେ
ଅପରାଧୀ ହତ୍ୟାକାରୀଙ୍କୁ ଧରା ହୁଏନା
ଆଜି ସେଇଠି ତମ ମୃତ୍ୟୁରେ ମର୍ମାହତ
ଏକ ମୁହ୍ୟମାନ ଲେଖନୀ
କ'ଣ ସାମର୍ଥ୍ୟ ଦେଖାଇବ ?

କଣ ଲେଖିବ—ଆତ୍ମୀୟତା ?
ସମସ୍ତଙ୍କୁ ନିଜର ଭଳି ଚାହୁଁଥିବା
ସତ୍ ବ୍ୟକ୍ତିଟିଏ ଥିଲ ?

ଆଜିର ଏଇ ଦୁନିଆଁରେ ସତକୁ
ଜୀବଦ୍ଦଶାରେ କିଏ ସମ୍ମାନ ପାଏ ଯେ—
ମୃତ୍ୟୁପରେ ବା କେତେ ଜଣ ?

ତଥାପି—ହଁ, ତଥାପି ମନ ଖୋଜେ
ବେଳାରେ ଅବେଳାରେ, ବର୍ଷାରେ ଅନ୍ଧକାରରେ
କାଳେ 'ଚୁମ୍ବକ' ନେଇ ଫେରୁଥିବ ତମେ

Digitized by srujanika@gmail.com

ତମ ଭୁବନନ୍ଦିତ ପଦଶବ୍ଦଙ୍କୁ
ଶୁଣିବା ପାଇଁ ମନ ଚାହେଁ ।

ମନ ବୁଝେନା ଯେ, ତମେ ଆଉ ଫେରିବନି ।
ଧୀର ଧୀର ବର୍ଷା ରାଜଧାନୀ ରାସ୍ତାରୁ,

ବହୁ ପଦଚିହ୍ନ ପୋଛି ଦେଇଛି ଅବା
କିନ୍ତୁ ତମ ତରତର ପଦଚିହ୍ନ ସବୁ ଅନେକ ମନରେ
ଯେମିତି ଆଙ୍କି ହୋଇ ରହି ଯାଇଛି ।

ଗଛରୁ ଗୋଟାକପରେ ଗୋଟାଏ
ପାଚିଲା ପତ୍ର ଝଡ଼ିବା ଭଳି
ଦିନ, ମାସ, ବର୍ଷ, ଖସି ପଡ଼ୁଛି ସମୟର ଗର୍ଭରେ
କିନ୍ତୁ ତମ ସ୍ମୃତି ତ ଆଉ ପାଚିଲା ପତ୍ର ନୁହେଁ ।

ସହରର ଷ୍ଟ୍ରିଟ ବଡ଼ ଘର, ଅଟ୍ଟାଳିକା
ପାର୍କର ଗଛ ଫୁଲ
ସବୁ ଟଳମଳ ହେଉଛନ୍ତି ଏବେ ବି
ଅନେକ ଆଖିର ଅଶ୍ରୁ—ସଜଳତା ଭିତରେ ।

ମନରେ କୁହୁଳି ଉଠୁଛି ଦୁଃଖନିଆଁ,
ଦିନେ ଯେଉଁଠି ଯେଉଁଠି ହସଖୁସି ଥିଲା
ଆଜି ସେଇଠି କଳାକଳା କ୍ଷତ ମାନଙ୍କ ଦାଗ ।
ଅପ୍ରଜଳା ଶବ୍ଦମାନେ ତ କ୍ରମେ ଜଳି ଯାଉଛନ୍ତି
ସେମାନଙ୍କ ଦେଇ କ'ଣ ଲେଖିହେବ ।
ମନ ଚେହେରୁ ମୁହୂର୍ତ୍ତକେ
ଭ୍ରମିପାରେ ଭୂଲୋକ, ଦ୍ୟୁଲୋକ

ପବନ —ତରଙ୍ଗର ତାରରେ କାନ ଦେଇ
ମନ ଶୁଣିବାକୁ ଚାହେଁ ତମ ତରତର ପଦ ଶବ୍ଦ
କିମ୍ବା କହୁଛି ଅଶରୀରୀ ଆବାଜ —
ଉତ୍କଳବାବୁ, କ'ଣ ଲେଖିଛନ୍ତି ଆଉ ଏଇ ଭିଡ଼ରେ ?

Digitized by srujanika@gmail.com

କମ୍ବା 'ଚୁମ୍ବକ' ପାଇଁ କଣ କରିବା
ଚୁମ୍ବକ ଯେ ଆପଣ ମାନଙ୍କର ।

ଆମେ କିଛି କରିପାରିନୁ ଅପା —
ନା ଚୁମ୍ବକ ପାଇଁ, ନା ତମ ପାଇଁ ।
ତମେ କହ୍ଲେଇ ପାଇଁ ଯାହା କରି ପାରିଥିଲ
ସେଇ ନିଃସ୍ୱାର୍ଥପରତାଠୁ ବହୁଦୂରରେ ଆମେ ରହି ଯାଇଛୁ
ତମ କଥା, କହ୍ଲେଇ କଥା ଭାବୁଚୁ ,
ତମେ ଯିଏ ସମସ୍ତଙ୍କୁ -ବ୍ୟକ୍ତି, ସଂସ୍ଥା, ଗୋଷ୍ଠୀ ନିର୍ବିଶେଷରେ-
ପରସ୍ପର ସହ ସଂପୃକ୍ତକରି
ସଦ୍‌ଭାବ ଭିତରେ
ଏତେ ସ୍ନେହ ଆଦର ଭିତରେ
ରଖିପାରି ଥିଲ ,
ମନ ବୁଝେନା ଯେ ତମେ ଆଉ ନାହଁ ।

□□

✲ଘର ନମ୍ବର ଟାଇପ ତିନି- ବାଉନ ।
ୟୁନିଟ-୪ ଭୁବନେଶ୍ୱର-୧

Digitized by srujanika@gmail.com

।। ତମକୁ ପ୍ରଣାମ କରୁଛି ।।

• ନୀଳମଣିକାନ୍ତ ମହାପାତ୍ର

ମାଟି ଓ ଶୂନ୍ୟର ପରିଧିରୁ ବାହାରିଯାଇ
ତମେ ସ୍ୱର୍ଗ ହୋଇଗଲ !
ଚତୁଃପାର୍ଶ୍ୱର ଶାନ୍ତ ଓ ଅଶାନ୍ତ ପବନ ଭେଦକରି
କେତେ ଧୂଳି ଝାଡି ଦେଇଚ ତମେ, ନିରୋଳା ହୃଦୟ ନେଇ
କେତେ ଶୁଖିଲା ଗଛର ମୂଳ ମାଟିକୁ ଓଦା କରିଚ ।
କେତେ ନୂଆରୁ କ୍ଷେତରେ ତମେ ଭରି ଦେଇଚ

ସ୍ନେହର ସବୁଜ ରଙ୍ଗ,
ବର୍ଷା ହୋଇ ଝରିଚ, ବର୍ଷା ।

ସମସ୍ତେ ପଚାରୁଥିବେ ତମକଥା, ସୁଖ ଦୁଃଖ
ସିଝିଲା ସମୟ, ସମସ୍ତେ ପଚାରୁଥିବେ ଚୁପ୍‌ଚାପ୍ ।
କହ, କିପରି ପ୍ରବୋଧନା ଦେବି ମନକୁ, ଯେ—
ମାଟି ଓ ଶୂନ୍ୟର ପରିଧି ପାରହୋଇ
ତମେ ସ୍ୱର୍ଗ ହୋଇ ଯାଇଛ !

ଭୂମିରୁ ଉତ୍‌ଥିତ ତମର ଦୁଇପାଦ ଚନ୍ଦନ
ଆକାଶରେ ଦୁଇଗୋଟି ପଦ୍ମଫୁଲ ହୋଇ
ସୁରଭିର ପାଦ୍ମକତାରେ ସ୍ପର୍ଶ କରୁଥାଉ ମୋର ହୃଦୟ ।
ଅପା, ଏଇ ମାଟିରେ ଛିଡ଼ାହୋଇ
ମୁଁ ତମକୁ ପ୍ରଣାମ କରୁଛି ।।

□ □

※ ଲତାଭବନ
ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର

Digitized by srujanika@gmail.com

॥ ମରେନାହିଁ ମହାପ୍ରାଣ ॥

● ଡା: ଉପେନ୍ଦ୍ର ପ୍ରସାଦ ନାୟକ

ରଣାଙ୍ଗନେ ଯୁଝି ଯୁଝି
ସମସ୍ୟାର ଶରାଘାତେ ବହୁବାର ବିଦ୍ଧ ହୋଇ
ତଥାପି ହସିଛ ତୁମେ
ମୁକ୍ତ ପ୍ରାଣେ, ମୁକ୍ତ ଛନ୍ଦ ତୋଳି ।
ତୁମ ହାତ ମୁଠା ଭରି ଟାଣ
ତୁମ ଦେହ ମନ ଉପରେ ତୁମର ଅତୁଟ ବିଶ୍ୱାସ,
ତାର ତୁମ ଯାଏନାହିଁ ଥକି
ମାନବର ମହାମେରୁ ଦୃଢ଼ୀଭୂତ
ବଂଧା ହୋଇଥାଏ ଅବା ମନ ଫଳକରେ ।
ଆଦର୍ଶରେ ଅଂଧ ହୋଇ
ଅନେକ ଯାତନା ସହି
ସାହିତ୍ୟର ପାଣି ପବନରେ
ନିଜକୁ ହଜାଇ ଦେଇ
ଘୂରି ବୁଲିଥିଲ ତୁମେ କେତେ ଗଳି କନ୍ଦି ।
'ଚୁମ୍ବକ'ର ଆକର୍ଷଣ, ରଣାଙ୍ଗନେ
ବାଂଧି ରଖିଥିଲା ଯେଣୁ ,
ନିଜ ସତ୍ତା ନିଜେ ଭୁଲି
ସାଜିଥିଲ ନିଜେ ସେନାପତି ।

କିନ୍ତୁ ଏ କଣ ହେଲା ?
ଗୃହଆଡେ ହୁଲସ୍ଥୂଳ୍
ହାରଜିତ୍‌ର ମୂଲଚୂଲ ଭିତରେ
ବହୁବାର ଜିତିବା ପରେ ବି ଆଜି
ଅର୍ଜୁନକେ କିଏ ଅବା କଲା ବଜ୍ରପାତ ?

Digitized by srujanika@gmail.com

ଅକାଳରେ ଭିଡ଼ିନେଲ
ତେଣୁ କଳା ଯେତେ ସବୁ
ମାୟାରଜ୍ଜୁ ଛିନ୍ନକରି ଚାଲିଗଲ ଉଡ଼ି ?
ନା···ବିଶ୍ୱାସ ହୁଏନା କିନ୍ତୁ···
କିଏ କହେ ତୁମେ ଗଲ ବୋଲି,
ତୁମେ କେବେ ଯାଇ ନାହିଁ
ଯାଇ ପାର ନାହିଁ । ମହାପ୍ରାଣ ମରେନାହିଁ
ମହାସତ୍ତା କଥା ଅଛି ରହି ।
ମାଉସୀ ମା ଘର ଆଡ଼େ ଯାଇଛ କି ବୁଲି
ଅବିଲମ୍ବେ ସାତଦିନେ ଆସିବ ବାହୁଡ଼ି
ତୁମ ଅପେକ୍ଷାରେ ଏଠି
ବସିଛନ୍ତି କେତେ କବି, କେତେବକ୍ତା
କେତେ ଜନ ହସ୍ତେଧରି ଜଳନ୍ତା ଦିହୁଡ଼ି
ଅବିଲମ୍ବେ ଆସଫେରି ଆସ ହେ ବାହୁଡ଼ି
ଲୁହର ଯମୁନା ବହେ 'ତୁମରି ପାଇଁ'
ସତ୍ତର ସୌରଭ ପାଇଁ । ହସମନା ଉଦାସିନୀ
କବିର ସାନିଧ୍ୟ ପାଇଁ ।
ଅଲକ୍ଷରେ ନିୟତି ଆସିଛି ପରି
ଭଜା! ଭଜା କଣ୍ଠେ ଡାକେ
ଗାଏ ପୁଣି ଶାନ୍ତିର କୋରସ
ଘୁହଁ ଅଛି କରିବ କି ସତ୍ୟର ସାଲିସ୍
ତୁମେ ଯଦି ନ ଫେରିବ
ଏ ଛେଉ ପର୍ବ ଆଜି ବୃଥାହେବ
ବ୍ୟର୍ଥ ହେବ ସବୁ ଆଡ଼ମ୍ବର
ସଭିଙ୍କ ଆଖିରେ ଲୁହ
ସଭିଙ୍କ ପ୍ରାଣରେ କୋହ
ଓଡ଼ିଶାର ସାହିତ୍ୟର ବଡ଼ଦାଣ୍ଡେ ତୁମସ୍ଥାନ
ସବୁଦିନ ପାଇଁ ଅବା ରହିଯିବ ଅସମ୍ପୂର୍ଣ୍ଣ

Digitized by srujanika@gmail.com

ଏତେ ସବୁ ଜାଣି ସୁଦ୍ଧା
ତୁମେ କି ପାରିବ ରହି
ଏକା ଏକା ଏତେ ଦୂରେ
ସମସ୍ତଙ୍କୁ କରି ହୀନମାନ ?
ମରିନାହିଁ-ମରେନାହିଁ କେବେ ମହାପ୍ରାଣ ।

□□

* ୟୁନିଟ୍-୯
ଭୁବନେଶ୍ୱର

Digitized by srujanika@gmail.com

ସ୍ମୃତିର ଚୁମ୍ବକ

● ଶ୍ରୀମତୀ ଦାଶ

ଜନ୍ମ ମୃତ୍ୟୁ ପ୍ରଜନନ
ସୃଷ୍ଟିର ରହସ୍ୟ ?
ଯିଏ ଯାଏ, ସିଏ ଆଉ ଫେରେ ନାହିଁ
ଜୀବନକ ସମସ୍ତର ଅଟ୍ଟହାସ୍ୟ ମାନ ?
ଅପା,
ତୁମେ ଚାଲିଗଲ
ସତେ କଣ ଫେରିବନ ଆଉ ?
ନା, ଭୁଲ ଏ ଗଣନା
ତୁମ ନଦେସ ମଉଳିବ ସମସ୍ତର ଅଟ୍ଟହାସ୍ୟ !
ତୁମ ସ୍ମୃତି, ତୁମ ପରଶ
ଅନ୍ତହମି କାଳର ପରିଧି
ଲିଖିଥିବ ଆମର ମନରେ ।
ଯେତେଦୂରେ ଥାଅ ଅପା
ରହିଥିବୁ ତୁମେ ଆମ ପାଶେ ।
ଖୋଜୁଥିବୁ ତୁମର ସେନେହ
ଶୁଣୁଥିବୁ ତୁମ କଥା
ଅସରନ୍ତି ସ୍ମୃତିର ଭିତରୁ
ଅପା,
ଏତିକ ରଖିବ ମନେ
କରି ଲୁହା ଟାଣିବ ଅମଳୁ
ଯେଣୁ ତୁମେ ସ୍ମୃତିର ଚୁମ୍ବକ ।"

□□

* ପ୍ଲଟ ନଂ ୪୪୫
ଶହୀଦ ନଗର, ଭୁବନେଶ୍ବର

Digitized by srujanika@gmail.com

ସେ ଫୁଲର ମୃତ୍ୟୁ ନାହିଁ

● ଆନନ୍ଦଚନ୍ଦ୍ର ପଣ୍ଡା*

ଫୁଲ ଗଛ ଫୁଲଟିଏ
ଫୁଟି ଥିଲା ମହକାଇ ଧରା,
କୋମଳ ପାଖୁଡ଼ା ଯାର
ତାକୁ ଥିଲା ଅମୃତରଧାରା ।
ମନ ଫୁଲ, ବନ ଫୁଲ
ପାଣିଢ଼ଳା ବଗିଚାର ଫୁଲ
ଫୁଲ ଯେତେ ଫୁଲ ଅଛି
କାଛି ଫୁଲ ନୁହଁ ତାର ଭୁଲ ।
ଯେ ଫୁଲଟି ମରେ ନାହିଁ
ସେ ଫୁଲତ ମରି ପାରେ ନାହିଁ
ସେ ଫୁଲ ତ ଝରେ ନାହିଁ
ସେ ଫୁଲଯେ ଝରି ପାରେ ନାହିଁ,
ସେ ଫୁଲଟି ଫୁଲ ହୋଇ
ଫୁଟି ଅଛି ଅନ୍ତରେ ଅନ୍ତରେ,
ସେ ଫୁଲର ମୃତ୍ୟୁ ନାହିଁ
ନାହିଁ ମୃତ୍ୟୁ ଯୁଗ ଯୁଗାନ୍ତରେ ।
ଦେଖଇ ମୁଁ ସେ ଫୁଲକୁ
ମୋ ଅନ୍ତରେ ଅତୁଟ ଅକ୍ଷତ
ବାସ ତାର ମନ୍ଦ ମନ୍ଦ
ଚଉଦିଗ କରେ ଆମୋଦିତ ।

□□

* ଜଳସେଚନ ଓ ବିଦ୍ୟୁତ ବିଭାଗ
ରାଜ୍ୟ ସଚିବାଳୟ

Digitized by srujanika@gmail.com

ସ୍ମୃତି—ତର୍ପଣ

● ଗୋବର୍ଦ୍ଧନ ସାହୁ

ଭାଷା ହୁଏନା, ବୁଝି ହୁଏନା
ଜୀବନର ଏଇ କ ଗତି—
ପିଲା ଖେଳ ଘରପରି
ସମୁଦ୍ରର ଢେଉ ପରି
ଏଇ ଅଛି—ଏଇ ନାହିଁ ।
କଏବା କାହାକୁ ମନେ ପକାଏ
ଭୁଲିଯିବା ତ ସ୍ୱାଭାବିକ
ଆଜିର କଥା ସମସ୍ତେ ଗୃହୀ ।ନ୍ତି
— ଏଇ ମୁହୂର୍ତ୍ତର କଥା
ପୁରାତନ ବାସି ଓ ଅଲୋଡ଼ା ;
ତଥାପି କାହିଁକି ମନେପଡ଼ ତୁମେ
- ମନେ ପଡ଼ ସେଇ ଗୁଣାବଳି ପାଇଁ
ଯାହା ଆମମାନଙ୍କ ଭିତରୁ ଅନେକଙ୍କର ନାହିଁ ।
ସଭା ସମିତି, ଜୟନ୍ତୀ ସ୍ମରଣିକାରେ
ଆମେ ସ୍ମୃତି ତର୍ପଣ କରି ଥାଉଁ,
କିନ୍ତୁ ଏହା ତ ତୁମକୁ
ସୀମା ବଦ୍ଧ କରି ଦେବା ଭଳି,
ଯଦିଓ ଜାଣୁ ଅସୀମତାକୁ
ସସୀମ ଶବ୍ଦ ଭିତରେ
ଧରି ରଖି ହେବ ନାହିଁ ।

□□

* ଗୋବର୍ଦ୍ଧନ ସାହୁ
ସ୍ଟୁ ବ ଆଇ
ଭୁବନେଶ୍ୱର

Digitized by srujanika@gmail.com

ତଥାପି ବଂଚିଛି

* ଶୁଚିସ୍ମିତା ଦାସ

ଏମିତିତ ହବାର ନଥିଲା
ଆକାଶର ରୁମାଲରେ କୋଟିକମ ତାରଫୁଲ
ମଖମଲ ଜହ୍ନଟା ହସିବା ନହାତ ପୁରୁଣା କଥା
ଫୁଲଫୁଟି ଝରିବାଟା ସତନେଇଲ
ଏମିତି ହଠାତ୍ ଝରିବାରକଥା
କାହିଁ —ବୁଝିହଉ ନଥିଲା ତ…
ରାତି ହବାଆଗରୁ ଧୂମ୍ରାଭଗୋଧୂଳି ପୂର୍ବରୁ
ଗାଈତ ଫେରିବାର କଥାନୁହେଁ
ତଥାପି ମୃତ ହେଇଯିବା କଥା
କେମିତି ଅବୁଝା ଲାଗୁଛି
ସବୁର "ଅପା" ଭିତରେ ତମର ତ ସ୍ମୃତି
ଜାଣେନା ମୁଁ କିଏ କହି ଆଦରିଲ
ମୋତେବା କାହିଁକି ?
କେତେଦିନ ବା ତୁମକୁ ମାଉସୀ ଡାକୁଛି
ଶାନ୍ତ ତୁମ ହସ ହସ ମୁହଁ ମୁଁ ଦେଖିଛି,
ଯେବେ ଦେଖ ବସି କୁହ ଗାଁ କିଏ ଗୀତ ।
ଅନ୍ୟବେଳେ ଏକା ଏବେ କି ଗୀତ ଶୁଣୁଛ?
ଯଦି ଓ ମୁଁ ଜାଣେ ଯେ କାହାର ବୋଲକରା ନୁହେଁ
ଅସମୟେ ଲାଗେ ଭେଳିକି -
ତୁମକୁ ପାଇବ ଛୁଇଁ ପାରୁନି ବୁଝି
ଫୁଲ ଦଉ, ଧୂପ ଦଉ, ଦୀପ ଦଉ ତୋଳୁକଏ ସ୍ମୃତି
ତୁମ ହସ ତୁମ ସ୍ନେହବୋଳା କଥା
ମୋ ଭିତରେ ତଥାପି ବଂଚିଛି ।

□□

* ମାର୍ଫତ, ବି. ଏନ୍. ମହାନ୍ତି
ସୁନ୍ଦରପୁର, ବାଲେଶ୍ୱର

Digitized by srujanika@gmail.com

ସମୀକ୍ଷା ଏକ ଜୀବନର

• ରମେଶଚନ୍ଦ୍ର ସ୍ୱାଇଁ

ସେ ମରିଛି ?
ନା ନା ସେ ମରିନି,
ସେ ଶୋଇଛି ମାଟି ଶଯ୍ୟାପରେ
ଏବଂ ଦେଖୁଛି ଆଜ ତାର ଅନ୍ତିମ ସ୍ୱପ୍ନ ।
ଉଠାଅନା ତାକୁ,
ସେ ଶୋଇଛି ମହାନିଦ୍ରା ଶାନ୍ତିମୟୀ କୋଳେ
ଜୀବନର ଚଲ୍ ପଥପରେ ଚୂଲିଚୂଲି ଥକିଗଲା ସିଏ ।
ପଥ ଶ୍ରାନ୍ତ ଶରୀର ତାହାର;
ନେଇଛି ବିଶ୍ରାମ ପାନ୍ଥ
ପଥ ତା ସରିଛି ।
ଜୀବନର ଋଣ ସୁଝି ଶୋଇ ସେ ପଡ଼ିଛି
ଉଠା ଅନା ତାକୁ
ସହିଛି ସେ ଦୁନିଆର ବହୁ ଘାତ ପ୍ରତିଘାତ
ସେ ଶୁଣିଛି ଦୁନିଆର ଅନେକ ବିଦ୍ରୂପ ।
ଶୋଇଥାଉ ନିଦତାର ଭାଙ୍ଗିବାନି ଆମେ ।
ନିଦ୍ରାଭଙ୍ଗ କରିବାନି
ତା ଆଶାର ନଉକାଟି
ବାହିଚାଲୁ ଏ କୂଳରୁ ସେ କୂଳକୁ
ନିଜେ ନିଜ ସୁକୃତିର ନାଉରିଆ ସାଜ ।
ସେ ମରିନି,
ମରିଛି ତା ହାଡ ଏବଂ ମାଂସ ଗଢା
ଏଇ ମର ଶରୀର ।

□□

※ ରମେଶଚନ୍ଦ୍ର ସ୍ୱାଇଁ
ଟିକାୟୁ-୩
ଭୁବନେଶ୍ୱର

Digitized by srujanika@gmail.com

ଶ୍ରଦ୍ଧାଞ୍ଜଳି

● ଶ୍ରୀ ବାବାଜୀ ଚରଣ ସ୍ୱାଇଁ

କେତେଯେ କୁସୁମ ଫୁଟିବ ଏବନେ
ଝଡ଼ିବ କେତେ ବାସ
କେତେ ଦୁଃଖୀମନୁ ଘୁଞ୍ଚାଇବ ଦୁଃଖ
ଫୁଟାଇବ ମୁଖେ ହସ ॥୧॥

ରାତିରେ ଫୁଟିଥିଲେ ଏକ ଏକ ଝରିଲା
ତା ଗନ୍ଧ ସୌରଭ ଦେଇ
ନିମିଷକେରେ ଯେ ସବୁରି ନିଆଇଲା
ତା'ପରି କେ ହେବ ନାହିଁ ॥୨॥

ଚମ୍ପକ ପରି ଛାଣି ନେଲା ଜିଏ
ସବୁରି ମନକୁ ଗୁଡ଼େଇ
ସବୁ ପରକୁ ଯେ ଆପଣା କରିଲା
ରହିଲା ସବୁରି ମନେ ॥୩॥

ଅକାଳରେ ସେହି ଝରିଫୁଲ ପାଇଁ
ହଳାଶ ନଈର କୂଳେ
ଚାହିଁ ତା ପଥକୁ ଆକୁଳ ପରାଣେ
ନୟନୁ ମୋ ଲୁହ ଝରେ ॥୪॥

ସେହି ଝରା ଫୁଲ ଗଲା ଅପାସେ
ସତେକି ଫେରିବ ପୁଣି
ମହକ ଉଠିବ ସାରସ୍ୱତବାସେ
ହସିବ ଉତ୍କଳ ରାଣୀ । ॥୫॥

□□

※ କବିକୁଟୀର
ଜି- ଉଦୟଗିରି (ଫୁଲବାଣୀ)

Digitized by srujanika@gmail.com

ସ୍ମୃତି

ଏକାଂକିକା ବୋଈତାଳ

ତୋ ବିନା ଘର ଶୂନ୍ ଶାନ୍
ନିରବ ନିଥର, ଫୁଲ ସବୁ ଝଡିଯାଏ
ଆକାଶରୁ ଲିଭିଯାଏ ରଂଗ,
ମାଣବସା, ଗୁରୁବାର ଝୋଟିପକା ବନ୍ଦହୁଏ
ଅମାବାସ୍ୟା ରାତିରେ ବାଟେଠାଇ ପରି
ସବୁ ଖାଲି ଭୁଲ୍ ଭାଲ୍ ବାଟବଣା ହୁଏ
କ୍ୟାଲେଣ୍ଡରର ପୃଷ୍ଠା ଯେବେ ଓଲଟିଯାଏ
ମନେପଡେ ତୁ କେମିତି ନୀଳକଣ୍ଠପରି
ଯନ୍ତ୍ରଣାର ବିଷସବୁ ପିଇଯାଉ
ଗୃହିଣୀର ମନଦେଇ ଚୁପ୍‌ଚାପ୍ ସହି
ବିନା ଆପତ୍ତିରେ,
ତୋ ମୁହଁର ପ୍ରତିଛବି
ଧୀରେ ଧୀରେ ଲିଭି ଯାଏ
ହଜିଯାଏ ତୋ ହସର ଢେଉ
ପାଦର ଝୁଣ୍ଟିଆ ଶବ୍ଦ
ଏବେ ଖାଲି ନିରବରେ ଶୁଭେ
ତୋ ହାତରେ ହରରଙ୍ଗୀ ଚୁଡ଼ି ଆଉ
ସିନ୍ଦୁର ଫରୁଆ, କୁମ୍ଭ ପକା ଶାଢୀ
ସବୁ ଏବେ ଛିନ୍ନି ଛନ୍ତି,
ଭଙ୍ଗା ଖେଳନା ପରି ଏଣେ ତେଣେ ପଡ଼େ ।

ତୁ କେମିତି ଭାଙ୍ଗି ଦେଲୁ
ସଯତ୍ନେ ସାଇତା ତୋର ଆଦରର ସଂସାରକୁ
ଭୁଲିଗଲୁ ଯେବେ ସ୍ୱପ୍ନ ଆଉ ପରିବାର ଆଶା ?

Digitized by srujanika@gmail.com

ମୃତ୍ୟୁ କଣ ଏତେ ବେଶୀ ଆକର୍ଷଣ ଜୀବନଠୁ ?
ସ୍ୱପ୍ନଭଂଗ ଦୃଶ୍ୟ କଣ ଏତେ ବେଶୀ ଲୋଭନୀୟ
ତୁ କେମିତି ଛିଣ୍ଡାଇଲୁ ଏତେ ସବୁ
ସଂପର୍କର ଡୋରୀ, ମୋହର ବନ୍ଧନ ?
ଭୁଲି ଗଲୁ ଜହ୍ନ ରାତି, ନଈପଠା କାଶତଣ୍ଡି
ପୁଷ ପୁନେଇଁରେ ବଇଁଶୀର ସ୍ୱର
ଧାଙ୍ଗଡ଼ା ଧାଙ୍ଗଡି ନୃତ୍ୟ ।

ତୋ ଅଶାନ୍ତ ଆତ୍ମା ଏବେ ଘୂରିବୁଲେ
ଏ ଘରର ପ୍ରତିଟି କୋଣରେ
ସ୍ମୃତି ସବୁ ବ୍ୟାପିଯାଏ ଆକାଶର ବାଦଲପରି
ହାଣ୍ଡିଶାଳୁ ଢିଙ୍କିଶାଳ ଯାଏଁ
କୁଅ ମୂଳୁ, ଆମ୍ବ ତୋଟା ଯାଏଁ ।

* ଏକାଂକିକା ବୋଇତାଇ
କ୍ୱାଟର ନଂ- ଗୃର ଆର ୪/୪
ୟୁନିଟି- ୧ ଭୁବନେଶ୍ୱର

Digitized by srujanika@gmail.com

ଅପାପାଇଁ

● ଶ୍ରୀମତୀ ସଂଘମିତ୍ରା ମିଶ୍ର

ଅପା ମୋର
ମୁଠାଏ ସବୁଜ ସ୍ମୃତି
ଦମକାଏ ବାସ୍ନା ପବନ
ଯିଏ ଫେଣ୍ଟି ଗୋଳି ଏକାକାର କରିଦିଏ
ଭିତର ବାହାର ।
କେମିତି ଜାଣିବି କହ ତୋ ସମୁଦ୍ର ମନର ବିସ୍ତୃତି
କେମିତି ବୁଝିବି ତୋତେ
ଯା' ବୁକୁରେ ଜଳୁଥିଲା ଅହରହ
ଯନ୍ତ୍ରଣା ଉଦ୍ବେଗର
ଆଉ ଗୁହରପାଖେ ଭରିଥିଲା
ଥମ ଥମ ଅଭିସର ଚାହିଁ ।
ନିଃସଙ୍ଗ ପଥିକ ପରି ପଥ ଖୋଜେ, ଖୋଜିବସେ ଆପଣାକୁ
ଅପର ଆଖି ଡ଼ୋଳାରେ
ମନ ଭରି ଦେଖି ନେବା ପାଇଁ
ସତ କହ, ତୁ କବା ପାଇଲୁ ପଥ ?
ଟାଣିନେଲୁ ଏତେ ମନ ମମତାର 'ଚୁମ୍ବକ' ସ୍ପର୍ଶରେ
ଏତେ ଆପଣାର କଲୁ କହ ସତେ
କି ଯାଦୁବେ ମନ୍ତ୍ରାଇ ?
ଅପା ମୋର,
ଜୀବନର ମାଳବିଷ ପିଇ
ଯନ୍ତ୍ରଣାରେ ଛଟପଟ ହେଲୁ
ତଥାପି ସେଇ ସୁଧାଝରା ହସ ବାଣ୍ଟିଦେଇ
ନିଜ ପର ଭେଦ ଭୁଲି
ମଣିଷକୁ ଭଲପାଇବାର ମହାମନ୍ତ୍ର

Digitized by srujanika@gmail.com

ଶିଖାଇ ଯା ଗଲୁ

ଆମେ ସବୁ ତୋର ଯେତେ ଗୁଣମୁଗ୍ଧ
ସ୍ନେହାସ୍ପଦ ମଣିଷ କେତୋଟି
କ'ଣ ଦେଇଅଛୁ ତୋତେ ?
ଟିକେ ନିରାପତ୍ତା ? ଟିକଏ ସନ୍ତୋଷ ?
ଏତିକ ଶିଖିଲୁ ଖାଲି
ଆଶାରେ ମଣିଷ ବଞ୍ଚେ,
ପୂର୍ତ୍ତି ହେବ ବୋଲି କେବେ ତାର ଅଭିଳାଷ,
ଗୁମିଗଲୁ, ବେଶ୍ କଲୁ
ଅଧିକାଂଶ ଆଉ କଣ ପାରିଥାନ୍ତୁ କରି
କିନ୍ତୁ ରୋପିଗଲୁ ଯେଉଁ ଗୁରୁଗଛ
ତୋ ଆଶୀଷ ଝରିପଡ଼ୁ, ଖରାବର୍ଷା ଶୀତକାକରରେ
ଫୁଲ ଫୁଟୁ ହସିଉଠୁ ସେ ପାଦପେ କଳି ।

□□

* ପ୍ଲଟ ନଂ ବି-୩୫
ଶହୀଦନଗର, ଭୁବନେଶ୍ୱର

Digitized by srujanika@gmail.com

ଶୈଳବାଳା ମହାନ୍ତି

ସାହିତ୍ୟ - ବିଚିତ୍ରା

Digitized by srujanika@gmail.com

କବିତା

ତା ସ୍ମୃତିର ସୁନାଗାର

ସେ ଦିନ ବରଷା ହେଲା,
ମୁଁ ଯେବେ ଛାଡ଼ିଲି ଘର,
ଯେତେ ବି ଯାତନା ଦେଉ,
ରାଜଧାନୀ ନୁହେଁ ପର ।
ସେଠିକାର କୃଷ୍ଣଚୂଡ଼ା
କଳା ମେଘ ଭେଳା ନଭେ,
ଜୀବନକୁ ଭରେ ମମ,
ନୂତନର ମଉଳିବ ।
ମାଟିର ଏ ଦେହ ଯେଣୁ
ମାଟିକୁ ମୁଁ ଭଲ ପାଏ
ଭଗ୍ନବୀଣାରେ ମୋର,
ଜୀବନ ସଙ୍ଗୀତ ଗାଏ ।
ମୁଁ ଗାଇଲେ ଝରେ ମେଘ
କଦମ୍ବରେ ଭରେ ବାସ,
ଭୁଲିଯାଏ ଯେତେ ଦୁଃଖ,
ନପୂରର ଉପହାସ ।
ରାଜଧାନୀ ମୋର ପ୍ରିୟ
ମୋର ଅଛି ଆପଣାର,
ମୋ ମନ ଝଟକେ ନିତି
ତା' ସ୍ମୃତିର ସୁନାଗାର ।

(କଟକ ମେଡିକାଲରେ ଅସୁସ୍ଥ ଥିବା ଅବସ୍ଥାରେ
ତା..୫ । ୬ । ୮୦ ରେ ଲିଖିତ)

Digitized by srujanika@gmail.com

ସଂବନ୍ଧ

ଚକାଡୋ଼ଳା ତୋ ଆଖିକି ସିଏ ଚାହେଁ
ଏ ଦୁନିଆ ତା' ପାଇଁକି ଅନ୍ଧ ?
ଶ୍ରାବଣର ଭୁଲ୍ ଭଜେ, ଯମୁନାର ସ୍ରୋତ ଉଛୁଳାଇ
କଦମ୍ବରେ ସୁରଭି ନଥାଏ

ତାଆସ ମୁଠାଏ ଧରି କେତେ ମୁଁ ଖେଳିବି କହ
ସେ ରାଜା ଗୋଲାମ ବିବି କହନ୍ତି କି କଥା ।
ସ୍ନେହ ପ୍ରୀତି ବଦଳରେ ଏଠି ଖାଲି ମିଳେ ବନ୍ଧୁ
ଅସରନ୍ତି ଲୁହ ଆଉ ଗୁଣ୍ଡିଜଳା ବ୍ୟଥା ।
ଚକାଡୋଳା ଏଇ ଅନ୍ଧ ଦୁନିଆରେ କେମିତି ଚାଲିବି ବାଟ
କେମିତି ପିଇବି ବିଷ କହ ଜାଣି ଜାଣି ?
ଷାଠିଏ ପଉଟି ତୋ' ପାଇଁ ଯେଉଁଠି ବଢ଼ା -
ମୁଁ ଏକ କ୍ଷୁଧାର୍ତ୍ତ ସେଠି ମିଳେ ନାହିଁ ପାଣି ।
ଏହିକି ବିଚାର ତୋର କହ ଚକା ଡୋ଼ଳା
ତୋ ଚକା ଆଖିରେ ଚାହିଁ ହେଲିଣି ମୁଁ ଅନ୍ଧ
କାହିଁକି ଡ଼ାକିବି ତତେ କହ ବନ୍ଧୁ କହ
ତୋ ସାଥେ ମୋର ବା ଆଉ କାହିଁକି ସମ୍ବନ୍ଧ ?

ଶୋକ ଆଉ ଯନ୍ତ୍ରଣାର
ଏ ଭୂଇଁରେ ଚକା ଡୋଳା
ଭାବୁଅଛି ତୁକହେଲୁ ଏକା ପ୍ରତାରକ !
ଦିଶେ ନାହିଁ ତୋ ଚକା ଆଖିକୁ କିଛି
ଭୁଛାକୁ ମେଲିଛୁ ତୋର ଚଉଦାହା
ତୁ ନୋହୁକି ପ୍ରାଣୀର ରକ୍ଷକ ?
ବରଷା କେଉଁଠି ଝରେ ସବୁଜରଡେଉ ତୋଳି

Digitized by srujanika@gmail.com

ଧରା କୋଣ ଅନୁକୋଣ
ତାକୁ ବା ମୁଁ କପର ଦେଖିବ ?
ସୂର୍ଯ୍ୟର ଅଭିମାନେ ଜଳଯାଏ କୃଷ୍ଣଚୂଡ଼ା
ଲୁହରେ ଅଙ୍କୁଣୀ ମୁଁ ଯେ
ଇତିହାସ ତାର ଅବା କେମିତି ଲେଖିବ ।
କେମିତି ବଂଚିବ ଏତେ ଯନ୍ତ୍ରଣାରେ
ନିତି ଶୋକ ଦୁଃଖର ଏ
ଲୀଳା ଭୂଇଁ ଏ ମହା ମରୁରେ
ସବୁ ଜାଣିକ୍ଷି ତୁ ଯଦି
କେମିତି ହୋଇଛୁ
ଆଖି ଥାଇ ଅନ୍ଧ
କାନ ଥାଇ ନଶୁଣୁ ତୁ କଷ୍ଟ
ଅଭୟ ବାହୁରେ ତୋର ଆଲିଙ୍ଗି
ନେଉନୁ ଜଗା
ତେଣୁ ମୁଁ ଭାବୁଛି ସତେ
ତୋ ନାମ ଧରନ୍ତି ଜନେ
ଭୁଙ୍ଗା ଭୁଙ୍ଗା କୁରେ ।

□□

(ଅସୁସ୍ଥ ଅବସ୍ଥାରେ କଟକ ମେଡିକାଲରେ ଥିବାବେଳେ
ତା ୭ । ୭। ୮୦ରେ ଲିଖିତ)

Digitized by srujanika@gmail.com

ନୀଳନଭ ଆଉ ବଗୁଲୀ

ବଗ ଉଡ଼ିଗଲା ଆକାଶରେ ତାର   ପାଣିରେ ପଡ଼ିଲା ଛାଇ,
ମାଛ ଗଡ଼ିଗଲେ ଶୁଖିଲା ଭୂଇଁରେ   ବଗୁଲୀ ଛୁଇଁଲା ନାହିଁ ।
ସବୁଜ କ୍ଷେତର କଳ କଳ ପାଣି   ମନ ଚହଲାଇ ଦେଲା,
ବଗୁଲୀ କି କେବେ ହିସାବ ରଖିଲା   ବଗ କେତେ ଦେଲାନେଲା ।
ଭଲ ପାଇବାର ତଉଲକି କେବେ   କରିହୁଏ ତରାଜୁରେ,
ଅନ୍ଧ ଦୁନିଆ ଯା' ବୁଝିଲେ ସେ ବୁଝୁ   ଜଣେତ ଜଣକୁ ଝୁରେ ।
କାହାର ପାଇଁ କି କାହାର ଆଖିରୁ   ଗଡ଼ିଗଲେ ଲୁହଧାର
ସେ କି ନୁହେଁ ଗଙ୍ଗା ?
ସେଥିରେ ବ ପାପ   ଖୋଜି ବସେ ଏ ସଂସାର ।
ବଗୁଲୀ ଖୋଜେନା ଦେଉଳ ଅଟ୍ଟାଳି   ନଈ କୂଳେ କୂଳେ ବସେ ।
ଦୂର ଆକାଶର ନୀଳ, ରଙ୍ଗଧରି   ଯେଉଁ ନୀଳ ପାଣି ହସେ ।
ସେଠାରେ ବଗୁଲୀ ମାଛ ଖୋଜେ ନାହିଁ   ଚାହିଁରହେ ବଗବାଟ
କିଏ ଆସେ ତା' ଏଇ ଦୁନିଆରେ
ଲଗିଥାଉ ଯେତେ ହାଟ ।

□□

(କଟକ ବଡ଼ ଡାକ୍ତରଖାନାରେ ଅସୁସ୍ଥଥିବା ଅବସ୍ଥାରେ ତା୭।୬।୮୦ରେ ଲିଖିତ ।

Digitized by srujanika@gmail.com

ତଥାପି ସେ ଫୁଲେ

କେମିତି କହିବି ପାଇ ନାହିଁ କିଛି ସତେ,
ଦେଇଛ ସବୁ ତ ଅଞ୍ଜଳି ଭରି ମତେ ।
ଝଡ଼ ବରଷାରେ ଯେବେ ବି ଭିଜିଲେ ବଂଧୁ
ସେ ଫୁଲେ ସୁରଭିଥିବ, ଝରୁଥିବ ମଧୁ ।

ଖୋଜି ନଥିଲି ମୁଁ ହୀରା ମାଳା ଆଭରଣ,
ଖୋଜିବି ନଥିଲି ସଉଧ କି ଧନଜନ ...... ।
ଆକାଶର ନୀଳ ଫୁଲ ପାଖୁଡ଼ାରେ ଭରି,
ପ୍ରୀତିରେ ପଖାଳି ଦେଲ ଅଞ୍ଜଳି ଭରି ।

ଆଉ କିଛି ନାହିଁ ସେଇ ମୋର ଗଉରବ,
ବୁଝାଇଛ ତମେ ଉପନିଷଦର ପର୍ବ ।
ସମସ୍ତର ନଈ ଯାଇଛି ତା ବାଟେ ବହି,
କିଛି ପାଇନାହିଁ କେମିତି ପାରିବି କହି ।

ତମ ମନେ ଟାଣି ମୋ' ସ୍ମୃତିର ଟିକେଗାର,
ନେଲେ ନେଉ ମତେ ଏ ଧରାରୁ ମହାକାଳ ।
ତଥାପି ସେ ଫୁଲେ ଥିବ ବାସ ଥିବ ମଧୁ,
ଶୋଚନା ମୋ ନାହିଁ ଦୁଃଖ ବି ନାହିଁ ବଂଧୁ ।

□□

(କଟକ ବଡ଼ ଡାକ୍ତରଖାନାରେ ଅସୁସ୍ଥ ଅବସ୍ଥାରେ ଥିବାବେଳେ ତା ୯ । ୬ । ୮୦ ରେ ଲିଖିତ ।)

Digitized by srujanika@gmail.com

ଅନୁରୋଧ

ସାଗରେ ଲଗିଲା ନିଆଁ ଜଳିଗଲା ଝାଉଁବନ·····
ଛଳ ଛଳ ଲୋତକରେ ଭିଜା ଭିଜା ବେଳା ମନ
କୁହୁକର ସ୍ୱର୍ଣ୍ଣରେଣୁ ସେ ବାଲିରେ ବୁଣି ବୁଣି···
ଦୁଗ୍ଧ ହୋଇ ଜୋସ୍ନା ଆସେ କାହିଁକି ବା ଭୁନ ଭୁନ !

ନ ଛୁଇଁ ଧରାକୁ ଚନ୍ଦ୍ର କଳଙ୍କ ବହିଛି ବୁକେ,
କାହିଁକି ବା ହେବ ଭାଗୀ ପୁଣି କା'ର ସୁଖେ, ଦୁଃଖେ ?
ମହକିବା ଆଗୁ ଯଦି ଅଲଗ୍ନର ଫୁଲଟିଏ·····
ଝରିଗଲା ଝରି ଯାଉ ତା ମୂଲ ନବୁଝୁ କିଏ·····? ?

ସାଗରୁ ନଲିଭୁ ନିଆଁ ଜଳିଯାଉ ଝାଉଁବଣ,
ଛଳ ଛଳ ଲୋତକରେ ବୁଡି ଯାଉ ବେଳାମନ,
ଅଶ୍ରୁଳ ତା' ଜୀବନର ଚନ୍ଦ୍ରକୁ ରହିରେ ସାକ୍ଷୀ,
ଟିପିନେବୁ ଶୁଝିବାକୁ କହୁ ତା' ରହିଲେ ବାକି···।

(ତା ୨୨ । ୪ । ୭୮ ଜୁନ-ଅଗଷ୍ଟ ସଂଖ୍ୟା ୧୯୭୮ ଅଂଶୁମାନରେ
ପ୍ରକାଶିତ)

କୃଷ୍ଣଚୂଡ଼ାକୁ

ଛଳନାର ଜାଲ ବୁଣି ବୁଣି···
ଏଠି ବି ମଣିଷ ପୁଣି ଭୁଲି ପାରେ ରାସ୍ତା,
ବିଦଗ୍ଧା ନାୟିକା ଖାଲି କାନ୍ଦେ ତୁନି ତୁନି
ତା'ଲୁହରେ ଭିଜିଆସେ ବିଫଳ ପାହାନ୍ତା
ମନେ ପଡ଼େ ନାହିଁ ଜମା ଯେତେ ବି ଭାବିଲେ
ଶେଷ କବିତାର ସେଇ ପ୍ରଥମ ପଦକ,
ବସନ୍ତ ତ ଆସିଥିଲା, ଭୁଲି ଗଲା ଏବେଳେ
ଯେଉଁଥିରେ ରଖିଗଲା ତା'ମନ ଯାତନା ଅନେକ ।

× × ×

ଓଇଁଲା ଗୁଚ୍ଛ ଓଠରୁ ରଙ୍ଗଟିକ ଧର
ତମେ ବନ୍ଧୁ ଚିତ୍ର ଆଙ୍କ ତମର ତୁଳିରେ
ଯାତନାର ନାଲି ନାଲି ଢେଉ ଗଣି ଗଣି
ବିଫଳ ଗୀତ ମୁଁ ଲେଖେ ମୋର ଲେଖନୀରେ ।

ବୁଝିଲନି ତମେ, କିନ୍ତୁ ତମର ହାତର –
ଛବିଟିର ମୁଖେ ଯଦି କେ କୁହନ୍ତା କଥା ।
ସେ ନିଶ୍ଚେ କୁହନ୍ତା, ପ୍ରଖର ଝାଞ୍ଜିରେ ଆଜ
ଅଧନିଆ ଝଡ଼ ବତାସରେ –
କୃଷ୍ଣଚୂଡ଼ା ଏବେ ବି ତ ହସେ କିଆଁ
ଯେଣୁ ଏକ ସ୍ମୃତି ଜଳା ବ୍ୟଥା ।

□□

(ଲୁହର ଯମୁନା)

Digitized by srujanika@gmail.com

ସ୍ମୃତି

ପାଇବାଟା ସତ ?
ଅବା ହଜାଇବା ତା'ଠୁ ବଳି ସତ ?
ଏଠି ବି ବରଷା ଝରେ
କିନ୍ତୁ ଜଳେ ସାହାରା ତଥାପି
ଘେନ କମ୍ପା ଅଗ୍ନିର ଶପଥ ?
ପାଇବାର ଆଶାତଳେ ଯିଏ ମୋତେ ଜାଳିଦେଲା
ତିଳ ତିଳ କରି
ଊର୍ମି ପରି ମଥା ପିଟି ମରେ ଆଜ
ତାହାପାଇଁ ସ୍ମୃତିର ବେଳାରେ ।
ବୁକେ ଧରି ଅଲଗ୍ନ ଜ୍ୱଳନ,
ଆଜ କିନ୍ତୁ ସିଏ ନଏ ବାହାଦୁରୀ
ଧାର୍ମିକ ସେ ବୋଲି,
ଜାଳି ଦେବା ଜଳାଇବା ଯେଣୁ ତାର ଧର୍ମ
ମୋର ଲୁହ ମିଶାଏ ମୁଁ
ଆଖିର କଜ୍ଜ୍ୱଳ ସାଥେ
ଆମ ଗାଁ ନଈ ଧାରେ ଧାରେ
ଗୀତ ମୋର ହଜିଯାଏ
ଦୂରବଣ କଣ୍ଟା ବୁଦା ତଳେ
ଅବୁଝାକଥାର କେତେ ସମାଧି ମୋ
କମ୍ପିତ ଓଠରେ........

□□

(ଲୁହର ଯମୁନା)

Digitized by srujanika@gmail.com

ଆଖିର କଜ୍ଜଳ ଲୁହରେ ଗୋଳି ମୁଁ

ଆଖିର କଜ୍ଜଳ ଲୁହରେ ଗୋଳି ମୁଁ
କବିତା ଲେଖୁଛି ସାଥୀ
ଏ ପଙ୍‌କ୍ତି ବୁକେ ବକୁଳ ସୁରଭି
ଝରୁଛି, ଜାଳି ମୋ' ଛାତି ।
ମୋର ନିଶ୍ୱାସ ଛୁଇଁ ଯିବ ଚଇତାଳି
ବଇଶାଖୀ ଆକାଶକୁ-
କଳା ବାଦଲଟା ଅବେଳ ଝରିବ
ମୋ' କୋହ ଚୋରୁ ଚୋରୁ
ତମ ବାଗଡଲେ ଫୁଟିବ କଦମ୍ବ
ମୋ' ଛାତେ ଶିଉଳି ଫୁଲ,
ତମେ ତ ପୁରୁଷ ତମପାଖେ କାହିଁ
ଭଲ ପାଇବାର ମୂଲ ?
ତମେ ତ ବୁଝିନା ପଥର ପାଷାଣୀ-
ତପସ୍ୟାରେ କେତେ ସୁଖ
ତମେ ତ ଜାଣନା ଏ ଧରା ଝି' ଯୁଗ-
ଯୁଏ ଦେଖି କେଉଁ ଦୁଃଖ !
ଅଭାଗୀ ରାଧିକା ଆଖି ଲୁହ ଧୋଇ
ଏବେ ବି ଯମୁନା ବହେ,
ପାଷାଣରେ ଗଢ଼ା ପୁରୁଷର ମନ
ଛଳ ଛଳ ସ୍ରୋତ କହେ ।

□□

(ଲୁହର ଯମୁନା)

Digitized by srujanika@gmail.com

ବୁଦ୍ଧଂ ଶରଣଂ ଗଚ୍ଛାମି

ରାତି କ୍ରମେ ଘନ ହୋଇଆସେ । ଏକ ନିବିଡ଼ ନିର୍ମମ ଶୂନ୍ୟତା ଯଷ୍ଟୀର ତନୁମନକୁ ଅସ୍ଥିର କରି ତୋଳେ ।

ରାତିର ଏହି ଅନ୍ଧକାର ଭିତରେ ଯେଉଁ ଫୁଲଗୁଡ଼ିକ ପାଖୁଡ଼ା ମେଲନ୍ତି — ଅନେକ ତାର ମହକ । ଏହି ମହକରେ କାହାର କୃଷ୍ଣ-କାବେରୀ ମହକ ଉଠେ । କିନ୍ତୁ ଏକ ଅଦମନୀୟ କୋହରେ ଥରିଉଠେ —ସଷ୍ଟୀର ଗୁଣ୍ଡ ଭିତରଟା ।

କାହାପାଇଁ ମନରେ ଏତେ ଆକର୍ଷଣର ଚୁମ୍ବକ ? ଯାହାକୁ ସେ ଏ ଜନ୍ମରେ ଥରଟିଏ ବି ସ୍ପର୍ଶ କରିନି । ସେ ଦେବତା ପରି ସୌମ୍ୟ, ସୁନ୍ଦର, ନିଷ୍ପାପ । ତାଙ୍କ ନାଁ ଧରିଲେ ମୁଣ୍ଡ ନଇଁଯାଏ । ତାଙ୍କ ପାଇଁ ଅନେକ ଆକୁଳତାରେ ମନ ଭରିଯାଏ । କିନ୍ତୁ ଦେବତାଙ୍କୁ ଶୁଦ୍ଧ ପୂତ ନ ହେଲେ ପାଇ ହୁଏନା । ସେଥିପାଇଁ ଦରକାର ହୁଏ ଜନ୍ମ ଜନ୍ମର ସାଧନା····· ।

ମନ୍ଦିର ଭିତରେ ପଶିଲେ ପଥର ଦେବତା ଦେହରେ ତାଙ୍କରି ରୂପର ପ୍ରତିଫଳନ ସେ ଦେଖେ, ଅଥଚ ହିସାବ କରି ବସିଲେ ସଂସାର ଲେଖାକୁ ସେ ତାର କିଛି ନୁହଁନ୍ତି । କିଛି ବୋଲି କହି ବସିଲେ ଏ ସମାଜର ଦାଉ ସହି ହେବନି । ଆଉ ଧର୍ମ ? ଧର୍ମ କାହିଁ ! ସେ ତ ଆଜି ସୁବ୍ରତଙ୍କ ପରି ଭଣ୍ଡାମି କରୁଥିବା ଲୋକଙ୍କ ହାତରେ ଏକ କଣ୍ଢେଇ- । ଠିକ୍ ଯେମିତି ତାକୁ ନଚାନ୍ତି ସୁବ୍ରତ । ହଁ, ସେମିତି ତ ମନେହୁଏ ।

ଧର୍ମ ସୁବ୍ରତଙ୍କ ପରି ବିଧର୍ମୀମାନଙ୍କ ପାଇଁ କେମିତି ଆଖି ବୁଜିଦିଏ ? ସେ ଦେବତା କେମିତି ପାଷାଣ ପାଲଟି ଯାଆନ୍ତି ଏମାନଙ୍କ ପାଇଁ ? ଆଖି ଥାଇ ଅନ୍ଧ ହୁଅନ୍ତି । କାନ ଥାଇ ବଧିର ହୁଅନ୍ତି !!

Digitized by srujanika@gmail.com

ମନେପଡ଼େ ଟିକାବାଲି— ତାର କୁନି କୁନି ପାହାଡ଼ । ସେଇ ସବୁ ପାହାଡ଼ରେ କଣ୍ଟାବୁଦା ଗୁଳ୍ମ ନାହିଁ । ଗଛ ସବୁ ଅନେକ ଲମ୍ବା ହୋଇଯିବା ପରେ ଡାଳପତ୍ର । ଗଛମୂଳ ପତ୍ର ନାହିଁ । ନିର୍ମଳ-ସେଠି ବସିବାକୁ ଇଚ୍ଛା ହୁଏ । ପାହାଡ଼ ପାଖେ ପିଚ ରାସ୍ତା, ନାଳମାଟି । ପାଳି ପଡ଼ିଲେ ହାଟ— ପାହାଡ଼ ତଳେ ନାଲି, ନେଳି କସ୍ତା ଶାଢ଼ୀ ପିନ୍ଧି ଆଦିବାସୀ ଯୁବତୀ ମାନଙ୍କ ଭିଡ଼ ଜମେ । ପୁରୁଷ ମାନଙ୍କ ଉପରେ ନିର୍ଭର ନ କରି ବିକାକିଣା କରିଯାନ୍ତି ଏମାନେ । ତାଙ୍କର ଶ୍ରମକ୍ଳାନ୍ତ ପାଦର ଝାଳମିଶା ଅଳତା ଲାଗି ଯେମିତି ସେ ମାଟି ନାଲି—ନାଲି ତାଙ୍କର ଓଠର ହସକୁ ଧରି ଫୁଟିଉଠେ ସେ ଭୂଇଁର କେତେ ନା ଅଜଣା ସୁବାସିତ ଫୁଲ ।

ରାମୁଲୁର କ'ଣ କିଛି ଯାଏ ଆସେନା ଏଇ ଫୁଲଗୁଡ଼ାକ ଯେତେ ବି ଫୁଟିଲେ ? ମଦ ପିଏ— ଗଛ ଗୁଳି ଦେଖି ଶୋଇଯାଏ । ସେତେବେଳେ ତାର ଆଉ କିଛି ମନେ ନଥାଏ ।

ଦିନସାରା ଖଟି ଖଟି ହାଲିଆ ହୋଇ ଯାଇଥାଏ ଗୋମତୀ । ଯାହାହେଲେ ବି ଦି'ଟା ଫୁଟାଇବାକୁ ପଡ଼େ । ମରଦଟାକୁ କ'ଣ ଉପାସ ବାଡ଼ିଦେବା ? ଭାତ ରାନ୍ଧେ— ଶୁଖୁଆ ବିଟା ଝୋଳ କରେ ବେସର ବାଟି । ଅନେଇ ଅନେଇ ରାତି ଦି'ଘଡ଼ି ହୁଏ । ଚୁଲିରୁ ନିଆଁ ଲିଭେ—ଭାତ ଗଣ୍ଡାକ ଶୁଖି ଚଣା ଚାଉଳ ହୁଏ । ଚାଳ ଉପରେ ନଟେଇଥିବା ନାଉ ପତର ଉପରେ ଶିଶିର ଟୋପା ଟପ୍ ଟାପ୍ ହୋଇପଡ଼େ— ଗୋମତୀ ଆଖିକୁ ନିଦ ଆସେନାହିଁ । ରାମୁଲୁ ପାଇଁ ଚିନ୍ତା ଭିତରଟା କ'ଣ ହୋଇଯାଏ···

କେତେବେଳେ ଆସେ ରାମୁଲୁ । କବାଟରେ ଧକ୍କା ଦିଏ । ତାର ଦୁଆର ବାଡ଼େଇବା ଆୱାଜ୍ ସାଥେ ପରିଚିତା ଗୋମତୀ । ଡାକ ଲଗାଇବା ଦରକାର ହୁଏନା, ଦୁଆର ଖୋଲି ଦିଏ । ରାମୁଲୁ କେଉଁଦିନ ଖାଏ, କେଉଁଦିନ ଖାଏନା । ବିଛଣା ଦଉଣ୍ଡି ପଡ଼ିଯାଏ । ଦୁଆର ବନ୍ଦ କରି ଗୋମତୀ ଆସେ ବିଛଣାକୁ । ମନରେ ଅନେକ

Digitized by srujanika@gmail.com

ଅଭିମାନ କେତେ କଷ୍ଟରେ ସାଇତି ରଖିଥିବା ପାଞ୍ଚ ଟଙ୍କା ସକାଳେ ଜବରଦସ୍ତ ଛଡ଼ାଇ ନେଇଛି ରାମୁଲୁ- କେତେ ବି ମାରିଛି ଭୁଙ୍ଗାଟାକୁ, ଦେହରୁ ତା'ର ଦରଜ ଯାଇନି ଏଯାଏଁ ।

ରାମୁଲୁର ସେ କଥା ଆଜି ମନେ ପଡ଼ୁନାହିଁ, ସେ ଆଡ଼କୁ ମୁହଁ କରି ଶୋଇଥାଏ ଗୋମତୀ; ତାକୁ ଓସାରିଆ ଓସାରିଆ ବାହୁରେ ଟାଣିଧରେ ଛାତି ଉପରକୁ । ଆଦର କରି କହେ- ତୋ ବିନା କେଉଁଠି କେବେ କଟାଇଛି କହିଲୁ ? ବନ୍ଧୁଘର ଗଲେ ବି ବେଳବୁଡ଼ିକୁ ଫେରି ଆସିଛି । ଏ ଛୁଟିରେ ତୋ'ପାଇଁ କେତେ ଦରଦ ଏବେ ବି ବୁଝିପାରିଲୁନି ?

ଗୋମତୀ ଆଖିର ଲୁହରେ ରାମୁଲୁ ଛାତିର ଗହଳ ବାଳ ଗୁଡ଼ାକ ଭିଜିଯାଏ, ତା ଓଠର ହସର ମହକ ପାଏ ରାମୁଲୁ । ଚଞ୍ଚଳ ହୋଇ ଉଠେ ତାର ଡାହାଣା ମନ ।

ମନେପଡ଼େ ସଖୀର- କେତେ ଦିନତଳେ ସେଇ ଟିକାବାଲିରେ ଶୁଣିଥିବା କୋନ୍ଧ ବଧୂଟିର କଥା । ସକାଳ କଥା ସଂଜକୁ ନ ଥାଏ— ଏକୁଟିଆ ମତେ ଛାଡ଼ି କେଉଁଠି ରାତି କଟାଇ ପାରେନା ରାମୁଲୁ ।

ସଖୀ ତା ନିଜକଥା ଭାବେ । ଆଜି ଏଇ ସହରଟାର କଥା । ଏଠିକାର ନିଅନ ଆଲୁଅ ଭିତରେ ଜୋହ୍ନା ହଜିଯାଏ- କେଉଁଦିନ ପୁନିଅ ଆସେ,- ଜାଣିହୁଏନା ।

ଏତେ ବଡ଼ ସରକାରୀ କ୍ୱାର୍ଟର - ଏତେ ବିଜୁଳି ଆଲୁଅ ଭିତରେ ମଧ୍ୟ ତାର ମନ ଭିତରଟା ଅନ୍ଧାରେ ଭରିଥାଏ । ବିଜୁଳି ପଙ୍ଖା ତଳେ ବସିଲେ ବି ଛାତି ଭିତରଟା ଅନେକ ତାତିରେ ଜଳି ଜଳି ଯାଏ...

ଏକ ଭଣ୍ଡ ତାନ୍ତ୍ରିକର ଭକ୍ତ କେମିତି ହେଲେ ସୁବ୍ରତ ? ଛୁଟି ହେଲେ ଦଉଡ଼ନ୍ତି ତା'ର ପାଖକୁ । ଦିନ ଦିନ ଧରି ଛୁଟି ନେଇ ରହନ୍ତି... ସେଠି ପିତ୍ତଳ ଚିଲମରେ ଗଞ୍ଜେଇ ସଜା ହୋଇ ରହିଥାଏ । ଆଜି ସେବା କରିବାକୁ ବାବା ଯୋଗାଇ ଦିଅନ୍ତି କେତେ ଲେଡିଜ୍

Digitized by srujanika@gmail.com

ତରୁଣୀ, ଟଙ୍କା ପକାଇଲେ ମାନବିକତାକୁ ଛାଡ଼ ସବୁ ଏଇ ବାବାର ଆଶ୍ରମରେ ମିଳେ ! ଅମାପ ଏଠି ମାଡ଼ହୁଏ । ବାବା କହନ୍ତି ଗଞ୍ଜେଇ ନ ଟାଣିଲେ କୁଆଡ଼େ ଶିବ ସନ୍ତୁଷ୍ଟ ହୁଅନ୍ତି ନାହିଁ । ଆଉ ଭାଙ୍ଗ ଦ ଇବେଲା ପେଟକୁ ନଗଲେ ମଧ୍ୟ ମା' ଚଣ୍ଡିଙ୍କର ଦର୍ଶନ ମିଳେନାହିଁ ।

ଇସ୍ – ସେଇ ନର୍କର କଥା ଭାବିଲେ ଶ୍ୱାସରୁଦ୍ଧ ହୁଏ ସଞ୍ଚାର । ସେ ପୁଣି ତା'ର ଶିଷ୍ୟା ହୋଇ ପଦ ସେବା କରନ୍ତି ।

ଏଇ ସମାଜର ଆବର୍ଜନା ଭିତରେ ସୁବ୍ରତଙ୍କ ପରି ଅନେକ ବୁଡ଼ିଥାନ୍ତି । ବାହାରକୁ ଲୋକେ ଦେଖନ୍ତି - କେତେ ବଡ଼ବାବୁ ଆଉ ହାତରେ କେତେ କ୍ଷମତା···ଅଜସ୍ର ଅର୍ଥ- କଳାକୁ ଧଳା କରିବାର ଦକ୍ଷତା । ମଣିଷ ଆଉ ପଶୁ ଭିତରର ପ୍ରଭେଦଟା ଏମାନେ ଦେଖି ପାରନ୍ତି ନାହିଁ । ନିଜର ସ୍ୱାର୍ଥ, ଆଉ ପଶୁପରି ଆହାର, ମୈଥୁନ ଏମାନଙ୍କର ଧର୍ମ ହୋଇଥାଏ ।

ବାଣ ନିଷ୍ଫଳ— ଗଭୀର ହେଲେ ତା ଗ୍ରନ୍ଥି ଭିତରଟା କ'ଣ ହୋଇଯାଏ, ଏମାନଙ୍କ କଥା ଭାବ । ସେମିତି ଜଣକର ତ ସେ ଶିକାର ହୋଇଛି । ବେଦ ଉପରର ପବିତ୍ର ହୋମାଗ୍ନି ସୁବ୍ରତଙ୍କ ମନର କେଉଁ କୋଣ ଆଲୋକିତ କରିପାରି ନାହିଁ । ସେ ଏକ ସ୍ୱତନ୍ତ୍ର ଇଲାକାର ମଣିଷ ।

ସଞ୍ଚା ପରି ଝିଅର ଆଖିର ଲୁହ ତାଙ୍କ ହୃଦୟକୁ ଭିଜାନ୍ତା କିପରି ?

ରାମୁଲୁ ପାଠ ପଢ଼ିନି । ବଡ଼ ଅଫିସର ବଡ଼ ଗୁଳାପ କରିନ । ବ୍ୟାଙ୍କରେ ତାର ଲକ୍ଷ ଲକ୍ଷ ଟଙ୍କା ନାହିଁ । ଭଲକରି ଖଣ୍ଡେ ପିନ୍ଧିବାକୁ ପାଏ ନାହିଁ । ଅଧିକାଂଶ ଦିନ ପେଟପୁରା ଗଣ୍ଡାଏ ଖାଇବାକୁ ତାକୁ ମିଳେ ନାହିଁ । ତଥାପି ତାର ମାନବିକତା ଅଛି, ସୁବ୍ରତଙ୍କ ପରି ସେ

Digitized by srujanika@gmail.com

କାହାକୁ ବିପଦରେ ପକାଏନି । କିଏ ବିପଦରେ ପଡିଥିବା ଦେଖିଲେ ତା'ପାଇଁ ଗୁଣ୍ଡି ପଡେଇ ଦିଏ ।

ଏଇ ସୁବ୍ରତ ଏଇ ରାମୁଲୁ —ଏମାନଙ୍କ ଊର୍ଦ୍ଧ୍ୱରେ ଆହୁରି ଜଣେ ଜଣେ ମଣିଷ । ସମ୍ପୂର୍ଣ୍ଣ ଆସକ୍ତି ମୁକ୍ତ ଏମାନେ ଅନେକ ଉଦାର, ମହତ । ମମତାର ଗଙ୍ଗାରେ ସବୁରି ଜଳିଲା ପ୍ରାଣକୁ ଏମାନେ ଶୀତଳ କରି ଜାଣନ୍ତି । ତାଙ୍କରି ଚାଲି ବାଟର ଧୂଳିକୁ ମଥାରେ ବୋଳିବାକୁ ମନେହୁଏ ସବୁରି । ସୁବ୍ରତଙ୍କ ଲେଖାର ଆଜି ଏ ଅସହଣି ଦୁନିଆର ଅନ୍ତରାଳରେ—ସଜଫୁଲର— ଆଞ୍ଜୁଳି ଭରି କରି ଉଜାଡ଼ି ଦେବାକୁ ମନହୁଏ ତାଙ୍କର ପାଦ ଉପରେ । ଜନ୍ମ ଜନ୍ମର ପୁଣ୍ୟ ନେଇ ହଜିଯିବାକୁ ତାଙ୍କର ସାଧନାର ବୈକୁଣ୍ଠରେ ।

ଅସତ୍ୟ ସହରଟାରେ ରାତି କ୍ରମେ ଗଭୀରରୁ ଗଭୀରତର ହୁଏ । ଏଇମିତି ବ୍ୟଥାହତ ଅଭିଶପ୍ତ ମୁହୂର୍ତ୍ତଗୁଡ଼ିକୁ ଦୋହଲେଇ ସନ୍ତ-କଣ୍ଠରୁ ସ୍ୱତଃ ଉଚ୍ଚାରିତ ହୁଏ ।

ବୁଦ୍ଧଂ ଶରଣଂ ଗଚ୍ଛାମି
ସଂଘଂ, ଶରଣଂ ଗଚ୍ଛାମି
ଧମ୍ମଂ ଶରଣଂ ଗଚ୍ଛାମି

□□

ଆସନ୍ତା କାଲି
ଜୁନ୍- ୧୯୭୯

Digitized by srujanika@gmail.com

ପଞ୍ଚମୀ ତିଥିର ସ୍ମୃତି

ଶୁଭ୍ର ସୁନ୍ଦର ରଜନୀ ଗନ୍ଧାର ଫୁଲ ପେନ୍ଥାଟି ମଉଳି ଯାଇଛି । ମଉଳା ଫୁଲର ସେଇ ଝରିଲା ପାଖୁଡ଼ା ଏବେବି କଥା କହୁଛି ନୀତାକୁ । ସେ କଥା ସେଇ ଶୁଣୁଛି, ସେଇ ବୁଝୁଛି । ବୁଝୁଛି ବୋଲି ସେଇ ଶୁଖିଲା ଫୁଲକୁ ସେ ଫିଙ୍ଗି ପାରୁନି । ଫିଙ୍ଗିବାକୁ ଗଲାବେଳେ ଥରି ଉଠୁଛି ତାର ହାତ । ଟଙ୍କାସୁନା ବି ସେ ଶୁଖିଲା ଫୁଲ ସାଥେ ତୁଳନୀୟ ହୋଇ ପାରେନା । ଯତନରେ ସାଇତି ରଖିଛି ତାକୁ । ନୀତା ଯେ କାହିଁକି ସାଇତି ରଖିଛି ସେ ଜାଣେ । ସେ ଆଉ କାହାକୁ ଜାଣିବାକୁ ଦେଉନି । ନାଁ ନାଁ, କେହି ଜାଣିବା ଦରକାର କାହିଁ । ଜାଣିଲେ ଦୁନିଆର କେତେ ଅସହଣି ଲୋକେ ଆଖିଠାରି ହସିବେ ।

ହୁଏତ ସେ ପାଗଳୀ ହୋଇଥିଲେ ଭଲ ହୋଇଥାଆନ୍ତା । ଶୁଭେନ୍ଦୁ ଦେଇଥିବା ରଜନୀ ଗନ୍ଧାର ଫୁଲ ପେନ୍ଥାଟିକୁ ହାତରେ ନଧରି ଜୁଡ଼ାରେ ତାର ଖୋଷିଦେବାକୁ ନିଜେ ସେ ଅନୁରୋଧ କରିଥାଆନ୍ତା । ପାଗଳୀ କଥାରେ କି ମୂଲ୍ୟ, କି ମାନଅଛି ଯେ କିଏ କାହିଁକି ହସିଥାଆନ୍ତା । କିନ୍ତୁ ଭଲ ହେବାକୁ ଯାଇ, ଭଲ ମଣିଷ ହେବାକୁ ଯାଇ ନିଜେ ନୀତା ନିଜ ପାଖରେ ହାରି ଯାଇଛି । ସେଇ ଦହନ ନେଇ ସେ ଜଳୁଛି । ସେଦିନ ଆକାଶରେ ପଞ୍ଚମୀ ଜହ୍ନର ସରୁ ଓଠରେ ହସଟିକ ବଉଦ ତଳେ ମଉଳି ପଡ଼ିଥିଲା ସତେକି ! ଆକାଶର ଅଗଣିତ ତାରା ନୀତାକୁ ଠାରି ଯେପରି କହୁଥିଲେ 'ଅଦୂରର ମଶାଣି ଭୂଇଁକୁ ଚାହିଁଲେ ।' ସେଇଠି କେଉଁ କିଆ ବୁଦାତଳୁ ବିଲୁଆ ଗୁଡ଼ା ଚିତ୍କାର କରୁଥିଲେ - ହୁକେ ହୋ ହୁକେ ହୋ— ।

ଯେଉଁ ମଶାଣି ଭୂଇଁକୁ ଲୋକେ ଡରନ୍ତି ଦିନରେ ବି ଯିବାକୁ, ଗଲେ ଲୁଗା ଧୁଅନ୍ତି, ଗାଧୋଇ ପଡନ୍ତି, କିନ୍ତୁ, ସେ ମଶାଣି ଯେ ମହାତୀର୍ଥ ଏକଥା କା ବୁଝନ୍ତି କେତେଜଣ ? ସେଠି ବଡ-ସାନ ନାହିଁ, ଛୁଆଁ ଅଛୁଆଁ ନାହିଁ, ପୁରୁଷ ସ୍ତ୍ରୀ ଭେଦଭାବ ନାହିଁ ।

Digitized by srujanika@gmail.com

ସେଇ ମହାତୀର୍ଥକୁ - ସେଇଠିକୁ ଦିନେ ନୀତାଯିବ । ସେଠି ଯେତେବେଳେ ସେ ଶୋଇବ, ଶ୍ରୁତେନ୍ଦୁ ରଜନୀଗନ୍ଧାର ଫୁଲ ପେନ୍ଥାଟିଏ କଅଣ ତାକୁ ଛୁଇଁ ତା'ଉପରେ ରଖି ଦେବନି ? ଏତିକ ଯଦି ସେ ନକରନ୍ତି ମୁନ୍ଧାର ଠାଏ ବୋଲି ଡରନ୍ତି, ଘୃଣା କରନ୍ତି ତେବେ ତାର ସଯନ୍ନରେ ସାଇତିଥିବା ସେଇ ଫୁଲ ପେନ୍ଥାଟିକୁ କେହି କଅଣ ଫିଙ୍ଗି ଦେବେନି ତା ଉପରକୁ ? ତେବେ ସେ ଚିତାର ଦହନ ଶାନ୍ତ, ସୁରଭିତ ହୋଇ ଉଠିବ । ଏ'ପୁରରେ ହସି ପାରିଲାନି ସେପୁରରେ ହସିବ ମୀତା । ମନ ଖୋଲି ହସ ।

କେଉଁ କାଉଁଖ କାଠି ଧରି ଆସନ୍ତି ଶ୍ରୁତେନ୍ଦୁ । ମୀତା ବୁଝି ପାରେନା । ଏତେ ଲୋକଙ୍କ ସଙ୍ଗେ ମିଶୁଛନ୍ତି କାଲି; ଏପରି ସେ କେବେ ଅନୁଭବ କରିନି । ଅଥଚ ଯାହାକୁ ସେ ପ୍ରାଣଦେଇ ଭଲ ପାଇଛି, ତାର ପାଖରୁ ସେ ଦୂରେଇ ରହିଛି, ରହିବ । ଏଇ ଦୂରେଇ ରହି-ବାଟା ତାର ଧର୍ମ, ପୁଣ୍ୟ । ଯେଉଁ ପୁଣ୍ୟ ତାକୁ ଅଜଣା ଅଶୁଣା, ସେଇ ସ୍ବର୍ଗପୁରରେ ପହଞ୍ଚାଇ ଦେବ ।

ଗୁହ ପାଖରେ ବନ୍ଧନର ପାଚେରୀ । ଏଇ ପାଚେରୀକୁ ଡେଇଁବାକୁ ଗଲେ ତା'ର ହାତ ଗୋଡ଼ ଛିଡ଼ିଯିବ, ଆଣୁଗଣ୍ଠି ଭାଙ୍ଗିଯିବ । ଆଉ ତାକୁ ଦଳି ଚକଟି ଦୁନିଆର ରଥଚକ ଗଡ଼ିଯିବ ତା ଉପରେ !

ଦେହ ତାର ଶିହରି ଉଠେ । ନା, ନା ବରଂ ଏ ବନ୍ଧନ ଭଲ । ଏ' ବନ୍ଧନ ଭିତରେ ବାହାରକୁ ସୁଖୀବୋଲି ଦେଖାଇ ହୋଇ, ନିଜେ ସେ ଭିତରେ ଜଳିପୋଡି ମରିବାଟି ହିଁ ଭଲ । ସମୟ ଆସିବ ମୃତ୍ୟୁର ଶୀତଳ ହାତ ଦିନେ ତାର ସବୁ ବାଧା ବନ୍ଧନ ଛିନ୍ନକରି ଦେବ । ସେ ଦିନ ସେ ହାତ ପାତି ମାଗିବ- ଶ୍ରୁତେନ୍ଦୁଙ୍କର ଟିକିଏ ସ୍ନେହ, ଟିକିଏ ପ୍ରୀତି । ସେପୁରରେ କେହି ତାଙ୍କୁ ଥଟ୍ଟା କରିବେ ନାହିଁ । କେହି ହସିବେ ନାହିଁ । ଏ' ସଂସାରର ବନ୍ଧନ ତାକୁ ଛୁଇଁ ନଥିବ । ଆଜି ସଂସାରର ସମ୍ବିଧାନକୁ ଅମାନ୍ୟ କରି ତାଙ୍କର ପ୍ରୀତିକୁ ସେ ନିଜର ସ୍ୱାର୍ଥପରତାରେ କଳୁଷିତ କରିବନି ।

Digitized by srujanika@gmail.com

ଶୁଭେନ୍ଦୁ କହନ୍ତି ବୁଝନ୍ତନି। ବୁଝିଲେ ସେ ରାଗୁ ନଥାନ୍ତେ। ମିତାର ଛାତି ଥରାଇ ଦୀର୍ଘନିଶ୍ୱାସ ବାହାରିଯାଏ। ସତେ କେବେ ସେ ସୁଦିନ ଆସିବ। ଯେଉଁଦିନ ତାର ଏ' ଦେହଟା ମଶାଣି ଭୂଇଁରେ ମୁଠାଏ ପାଉଁଶ ହୋଇଯିବ।

ଏବେ ଶୁଭେନ୍ଦୁଙ୍କ ହାତର ପରଶ ଲାଗିଲେ ସେ ଦୂରକୁ ଘୁଞ୍ଚିଯାଉଛି। ସେଦିନ ଶୁଭେନ୍ଦୁ ତାଠୁ ଦୂରେଇ ଯିବେ। ଅନ୍ଧାର ରାତିରେ ତ ନାଁଟା ମନେ ପଡିଲେ ଛାତିରେ ଛେପ ପକାଇବେ।

ବାଃ ବେଶ୍ ମଜା ତ। ଆଖିରେ ଲୁହ, ମନ ଭରା କୋହ ଭିତରେ ଓଠରେ ତା'ର ଟିକିଏ ହସ। ସେଦିନ ସେ ଅଜ୍ଞା କରି ପାରିବ ଶୁଭେନ୍ଦୁଙ୍କୁ।

ମିତା କାଲି ଚାଲିଯିବ ଗାଁକୁ। ଶାଶୁଙ୍କ ଦେହ ବିଶେଷ ଖରାପ। ଟେଲିଗ୍ରାମ ଆସିଛି। କେତେ ଦିନ ହେବ, ପ୍ରାୟ ପନ୍ଦର ଦିନ ହେବ- ଆସି ନାହାନ୍ତି ଶୁଭେନ୍ଦୁ କାହିଁକି? ରାଗିଛନ୍ତି? କାହିଁକିଯେ ଏପରି ଆଘାତଦେଇ ସେ ସୁଖୀ ହୁଅନ୍ତି ମିତା ବୁଝି ପାରେନା।

ତାର ସ୍ୱାମୀ ବିଭୂତିବାବୁ ଟୁରରୁ ଫେରି ନାହାନ୍ତି! କାହାରି ସଙ୍ଗେ ଦେଖା ହୋଇ ପାରିବନି।

ଗଲା ଶାଶୁଙ୍କୁ ଦେଖିବାକୁ ନୀତା, ତାଙ୍କ ଦେହ ଖରାପ ଟେଲିଗ୍ରାମ ଯେ ଆସିଛି। ଠିକ୍ ତା' ପରେ ପରେ ପ୍ରଳୟଙ୍କାରୀ ଝଡର ସଙ୍କେତ ଦେଖାଦେଲା ଆକାଶରେ। ସେଇ ଝଡ଼ ସେଇ ବାତ୍ୟା କେତେ ଗାଁଗଣ୍ଡା ନିଶ୍ଚିହ୍ନ କଲା। ସମୁଦ୍ରରୁ କୁଆର ମାଡ଼ିଆସିଲା। କେତେ କିଏ ଭାସିଗଲେ। ପଥର ଗଦାପରି କେତେ କେଉଁଠି ମଣିଷର ଶବ ଠାଏଁ ଠାଏଁ ଗଦା ହୋଇ ପଡିଲା।

ଟୁରରୁ ଫେରିଲେ ବିଭୂତିବାବୁ। ଶୁଣିଲେ ମିତା ଗାଁକୁ ଯାଇଛି। ମାଙ୍କ ଦେହ ଭଲନାହିଁ। ମର୍ମାହତ ହେଲେ। ବନ୍ଧୁ ଶୁଭେନ୍ଦୁଙ୍କୁ ସାଥିରେ ନେଇ ଗାଡି ଧରି ଗଲେ ଗାଁକୁ।

Digitized by srujanika@gmail.com

ସେଇ ତାଙ୍କ ପ୍ରିୟ ଗାଁ! ସେଇ ତାଙ୍କର ଏତେ ସୁନ୍ଦର ଘରଟି ମାଟିରେ ମିଶିଯାଇଛି । ତାର ଚିହ୍ନ ବି ନାହିଁ । କେତେ ଖଣ୍ଡି କାଠ ବାଉଁଶ ଏଠି ସେଠି ପଡ଼ିଛି- । ସମୁଦ୍ରର ସେଇ ସର୍ବଗ୍ରାସୀ ଜୁଆର ଭିତରେ ବୋଧ ହୁଏ ହଜି ଯାଇଛନ୍ତି, ତାଙ୍କର ବୋଉ- ମାତା କେହି ନାହାନ୍ତି । ଗାଁରେ ବାରପଣ ଲୋକଙ୍କର ପତ୍ତା ନାହିଁ ।

ସେମାନେ ଗାଁ ସାରା ବୁଲିଲେ । କିଛିଦୂର ଗଲା ପରେ ଦେଖିଲେ- ଗୋଟାଏ କିଆ ବୁଦାମୂଳରେ ମାତାର ପିନ୍ଧାଶାଢ଼ୀ ପଣତରୁ ଖଣ୍ଡେ ଲାଗିଛି । ଆଉ କିଆବୁଦାର ଚେର ସନ୍ଧିରେ ପଡ଼ିରହିଛି ତାର କଲମଟା- । ଆଉ କେତେଟା ଘର କରଣା ଜିନିଷ ବି ଏଠି ସେଠି ପଡ଼ିଛି ।

ସେଇ କଲମଟିକୁ କିଆବୁଦା ଭିତରୁ ଉଠାଇଲା ବେଳକୁ ଥରି ଉଠିଲା ଶୁଭେନ୍ଦୁଙ୍କର ହାତ । ମାତାର ପଣତ କାନି ଖଣ୍ଡିକ ଉଦ୍ଧାର କରି ବିଭୂତିବାବୁ ପକେଟରେ ରଖିଲେ । କାହାରି ପାଟିରେ କଥା ନଥିଲା- । ପ୍ରାଣଭିତରେ ଅବ୍ୟକ୍ତ ବେଦନା ଆଖି ଲୁହରେ ରୂପାୟିତ ହୋଇ ଥିଲା ।

ଫେରିଆସିଲେ ଦୁଇବନ୍ଧୁ । ବିଭୂତିବାବୁ ତାଙ୍କର କବିବନ୍ଧୁଙ୍କୁ କହିଲେ-ଦେଖ, ଶୁଭେନ୍ଦୁବାବୁ ! ତମର ଲେଖାପଢ଼ି ସେ ଅନନ୍ଦରେ ଆସ୍ୱାଦବା ହେଉଥିଲା । ତମେ ଆଜି ନିଜ ହାତରେ ସେ ଟେବୁଲ ଉପରେ ତାର ପାଣ୍ଡୁଲିପି ଓ ଅନ୍ୟାନ୍ୟ ଖାତାଗୁଡ଼ିକୁ ସଜାଡ଼ି ରଖ । ଉପରେ ରଖିଦିଅ ତାର କଲମକୁ, ବଞ୍ଚିଥିଲେ ଯେଉଁ କଲମରେ ସେ ଆଜି ବାତ୍ୟା କବିତା ଲେଖିଥାନ୍ତା । ଆଉ ତାର ପ୍ରିୟ ରଜନୀଗନ୍ଧା ଫୁଲ ପେନ୍ଥାଟିଏ ଆଣିରଖ ତା ଉପରେ ।

ଦୀର୍ଘ ନିଶ୍ୱାସ ପକାଇଲେ ବିଭୂତିବାବୁ । କହିଲେ-"ଦିନେଦିନେ ମୋ ନିଦ ଭାଙ୍ଗିଗଲେ ମୁଁ ଦେଖିଛି- ରାତି ଗୋଟାଏ ଦି'ଟା ଯାଏଁ ସେ ବସି ଲେଖୁଥିବ । ଘରର ସବୁ କାମଧନ୍ଦା ସାରି ଏଇ କଲମ ଧରି ଗାରେଇବା ତାର ଗୋଟାଏ ନିଶାଥିଲା ।"

ବନ୍ଧୁଙ୍କ ନିର୍ଦ୍ଦେଶ ପାଳନ କଲେ ଶୁଭେନ୍ଦୁ ! ଥରିଲା ହାତରେ ତାର କବିତା ଖାତାର ଦି ତିନି ପୃଷ୍ଠାଖୋଲି ଦେଖିଲେ - ଏ କ'ଣ ?

Digitized by srujanika@gmail.com

ଶୁଖିଲା ରଜନୀଗନ୍ଧାର ପାଖୁଡ଼ା କେତୋଟି ନେଗ୍ସାର ନନ୍ଦାରେ ଲାଗି ରହିଛି । ଠିକ୍ ଯେପରି ମନରେ ତାର ଲାଗି ରହିଛି ମୀତାର ସ୍ମୃତି - ଯାହାକୁ ପୋଛି ଫିଙ୍ଗି ବାକୁ ଚାହିଁଲେ ବି ପାରିବେନି ଶୁଭେନ୍ଦୁ ।

ଏ’ଫୁଲ ସେଇ ଫୁଲ ।
ସେ ଦିନ ଆକାଶରେ ପଞ୍ଚମୀ ଜହ୍ନ ହସୁଥିଲା ।

ତରବର ହୋଇ ଘରକୁ ଫେରିଯାଉଥିବା ଶୁଭେନ୍ଦୁଙ୍କୁ ଡାକିଲା ମୀତା । ରଜନୀଗନ୍ଧାର କେତୋଟି ଫୁଲ ନେଇ ମୋ ଲାଗି ନେଇ ଯାଅ, ବୋଲି ଅନୁରୋଧ କରିଥିଲା, ଶୁଭେନ୍ଦୁଙ୍କୁ ।

ଅନୁରୋଧ ଭାଙ୍ଗି ନଥିଲେ ଶୁଭେନ୍ଦୁ । ନେଇଥିଲେ ଖୁସିରେ ସେ ସୁଗନ୍ଧଭରା ଫୁଲ । ଆଉ କେତୋଟି ଶ୍ରେଷ୍ଠ ଚେହ୍ନା ଥୋଇ ଦେଇଥିଲେ ମୀତାର ଥରିଲା ହାତରେ ।

ଏ’ ସେଇ ଫୁଲ । ପାଖରେ ଲେଖିଥିବା କବିତାଟିରୁ ବୁଝିଲେ ଶୁଭେନ୍ଦୁ । ତାର ଲେଖା ଅନୁସାରେ ସେ ଝୁରିଯାଉଛି । ମନର ଦହନ ନେଇ ଜଳୁଥିବା ଦେହକୁ, ସମୁଦ୍ର ତା ବୁକୁ ତଳର ଶୀତଳ ସ୍ପର୍ଶଦେଇ ଟାଣିନେଉଛି । ଚିତାରେ ଦହନ କରିବାକୁ ରଖିଚ ରଜନୀ ଗନ୍ଧାକୁ । ଚାହିଁ ପାରେନି- ଏ ମଉଳା ଫୁଲରେ ବି ତା ଚିତାକୁ ସୁରଭିତ କରିବାକୁ ସମୟ ଦେଇନି । ସୁଯୋଗ ଦେଇନି ।

ବନ୍ଧୁ ବିଭୂତିଙ୍କ ଅଲକ୍ଷରେ ସେଦିନ ସେଇ ପଞ୍ଚମୀ ଜହ୍ନରେ ତାଙ୍କର ଦିଆ ରଜନୀ ଗନ୍ଧାର ସେଇ କେତୋଟି ଶୁଖିଲା ପାଖୁଡ଼ାର ଶେଷ ସ୍ମୃତିକୁ ଶୁଭେନ୍ଦୁ ଆଣିଲେ । ଥରିଲା ହାତରେ ପକେଟରେ ରଖିଲେ । କୋହ ଭରି ଉଠିଲା ମନରେ । ଚକ୍ଷୁ ତାଙ୍କର ଆର୍ଦ୍ର ହୋଇ ଉଠିଲା ।

ସେଦିନ ପରି ଆଜିବି ଜହ୍ନଟା ଆକାଶରେ ହସୁଥିଲା···
ହୁଏତ ଉପହାସ କରି······

Digitized by srujanika@gmail.com

" ହେ ବନ୍ଧୁ କବି, ତମେ ସବୁବେଳେ ହସ । ଆଉ ତମ ଲେଖାରେ ସମସ୍ତଙ୍କୁ ହସାଅ, ଆତ୍ମହରା କରିଦିଅ ବୋଲି ଗୌରବ ନିଅ । ନୀତାକୁ କୁହ ପରି ତା ଲେଖା ଗୁଡାକ ଲୁହ ଭିଜା, ଭିଜା- ଆଉ ସେ ଟିକିଏ ଟିକିଏ କଥାରେ ଭାବ ପ୍ରବଣ ହୋଇ କାନ୍ଦେ । ଆଉ ଆଜି, ଏ' କଅଣ ? ତମ ଆଖିରେ ପାଣି ? "

□□

(ତା ୨୬-୧୨-୭୧ର ପ୍ରଜାତନ୍ତ୍ର ସାହିତ୍ୟ - ବିଭାଗରେ ପ୍ରକାଶିତ)

Digitized by srujanika@gmail.com

ନିଷିଦ୍ଧ ଚିଠା

ଯେତେବେଳେ ସବୁ ନୀତି ନିୟମ କର୍ତ୍ତବ୍ୟ କରି ବି ଆଖିରୁ ଲୁହ ଉଚ୍ଛୁଳି ପଡ଼େ—ସେତେବେଳେ ଯେ କେହି ବୋଧହୁଏ ଭାଗ୍ୟକୁ ବିଶ୍ୱାସ କରିବାକୁ ବାଧ୍ୟ ହୁଅନ୍ତି । ଗାୟତ୍ରୀ ଦେବୀଙ୍କ ଜୀବନରେ ତାହାହିଁ ହୋଇଥିଲା ।

ସଂପାଦକ ଜଗଦୀଶ କହିଲେ— କୁହ କିଶୋର । ବର୍ତ୍ତମାନ ଆମକୁ କ'ଣ କରିବାକୁ ହେବ । ସଂଧ୍ୟା ଆସନ୍ନ । ଏଇ ଦେଖନ୍ତୁ, ଅଫିସ ପାଖ ଗହଳିଆ ଓସ୍ତଗଛଟା ଉପରେ ପକ୍ଷୀଗୁଡ଼ାକ ଉଡ଼ିଆସି ଆଶ୍ରା ନେଲେଣି । ସହରର ରାସ୍ତା ଉପରେ କାର, ସ୍କୁଟର ଓ ଲୋକଙ୍କର ଭିଡ଼କ୍ରମେ ଜମି ଆସୁଛି । ଏ ସହରର ଆଖିପରି ବତୀଗୁଡ଼ାକ ବି ଜଳି ଉଠିଲେଣି । କିନ୍ତୁ ମହେଶ କାହିଁ ? ବର୍ତ୍ତମାନ ଆମକୁ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିବାକୁ ପଡ଼ିବ ।

ଟିକିଏ ଚିନ୍ତାକରି କମଳ କହିଲେ—ଗାୟତ୍ରୀ ଅପା ତ ଅନେକ ଦିନରୁ ଆମକୁ ଲେଖି ଦେଇଛନ୍ତି, ହୁଏତ ଅନୁରୂପ ଲେଖାଟିଏ ଆପଣଙ୍କ ପାଖେ ବି ଥିବ । ତାଙ୍କ ଶବ ଦାହରେ କିଛି ବାଧା ନାହିଁ । ତା' ଛଡ଼ା ତାଙ୍କ ଭାଇ କିଶୋର ତ ଅଛି ।

ଜଗଦୀଶ କହିଲେ—ସେଦିନ ମୁଁ ଆଉ ଗୁରୁ କୌଣସି କାମରେ ତାଙ୍କ ଘରକୁ ଯାଇଥିଲୁ । ମହେଶଙ୍କ ନିର୍ଦ୍ଦେଶରେ ତାଙ୍କ ରୁମ୍ ଖାଲି-କରି ଦିଆଯାଉଥିଲା । ଖଟ, ଟେବୁଲ, ଚେୟାର, ଯାହାକିଛି ଥିଲା ସବୁ ତ କଢ଼ାଗଲା । ଶେଷରେ ଘୋଡ଼ହେଲା କମ୍ବଳ ଖଣ୍ଡିକ ବି - ପୁଣି ମାଘ ମାସରେ——— ।

ଗୁରୁ କହିଲେ—ଭୂତମାନେ ମଣିଷର କିଛି କରି ପାରନ୍ତି ନାହିଁ । ଖାଲି ଡରାନ୍ତି-ପୁଣି ଆଲୁଅରେ ନୁହେଁ ଅନ୍ଧାରରେ । ସେମାନଙ୍କ ହାତଗୋଡ଼ ଦୁଇଗୁଣ ବଢ଼ିଯାଇଥାଏ । ସେଇ ଅନୁପାତରେ ଦେହଟାବି- ମୁଣ୍ଡଟା ଆହୁରି ବଡ଼——। ଆଉ ମା'କହେ ତାଙ୍କ

Digitized by srujanika@gmail.com

ବାଉପାଖ ବାଉଁଶ ବଣରେ ଭୂତଅଛି । ବେଳ ବୁଡ଼ିଲେ ସେବାଟେ ଯିବାକୁ ଲୋକେ ଡ଼ରନ୍ତି । ଏତେ ଏଡ଼େ ବାଉଁଶ ଗୁଡ଼ାକ ଶୂନ୍ୟରେ ଶୂନ୍ୟରେ ଭୂଇଁତଳେ ଆସି ଲୋଟିଯାଏ । ବୁଦା ଉପରେ ଡେଇଁ ଡେଇଁ ଭୂତଗୁଡ଼ାକ ଖେଁ ଖେଁ ହୋଇ ହସୁଥାନ୍ତି ।

କିଶୋର କହିଲେ— ଏ ବାଉଁଶ ବଣ ଭିତରେ ବା ମଶାଣି ପଦାରେ ଲୁଚିଥିବା ଭୂତଗୁଡ଼ାକ ଠାରୁ ମଣିଷ ଭିତରେ ଲୁଚିଥିବା ଭୂତ ଅଧିକ ଭୟାନକ । ମୋ ଜେଜେମା ବହୁତ ପୋଥି ପୁରାଣ ପଢ଼ିଛି । କହେ—ଦୁଷ୍ଟ ଅଶାନ୍ତ ଆତ୍ମାଗୁଡ଼ାକ ଏହିପରି ଗୋଟିଏ ଗୋଟିଏ ଦେହ ଧରି ପୃଥିବୀକୁ ଆସିଥାନ୍ତି-ସେମାନେ କାହାରି ମଙ୍ଗଳ କରନ୍ତି ନାହିଁ, କେବଳ ଯାତନା ଦେଇ ଥାଆନ୍ତି । ତଳକୁ ତଳକୁ ଗୋଡ଼ ଖସେଇ ନର୍କରେ ପଡ଼ନ୍ତି ଏମାନେ, ସାଧନାକରି ଉପରକୁ ଉଠିବା ଏମାନେ ଜାଣିନ୍ତିନି । ହଁ, ନାରୀ ଦେହଧରି ବି ଏମିତି କେତେଟା ଆସନ୍ତି—ଯେଉଁମାନେ ପବିତ୍ରତା ଜାଣନ୍ତି ନାହିଁ । ଶାଗ ମାଛ ପରି କେତେଟା ଟଙ୍କାପାଇଁ ନିଜ ଦେହକୁ ବିକନ୍ତି । ସେଇ ପ୍ରକୃତିର ପୁରୁଷ ମାନେହିଁ ପଡ଼ନ୍ତି ଏମାନଙ୍କ ପାଲରେ । ଅନ୍ତତ ଏମାନଙ୍କୁ ପିତାଳିରେ ।

କମଳ କହିଲେ—ପାହାଡ଼ ପ୍ରମାଣ ବାଧା ଡେ଼ଇଁ ଗାୟତ୍ରୀ ଅପା ସ୍କୁଲବାଲୋକ ଥିଲେ । ମୁଁ ତାଙ୍କ ଗାଁର । ବିହାରର ଏକ ବଡ଼ ସହ-ରରେ ବଢ଼ିଥିଲେ । ଏତେ ଧନୀ—ବିରାଟ ସାହିତ୍ୟିକ ପରିବାରରେ ଏକ ମାତ୍ର ଝିଅଥିଲେ । ତଥାପି ଆମଗାଁରେ ତାଙ୍କ ବୋହୂ ଚଣିଆର ପ୍ରଶଂସା ଶୁଣିଛୁ । ମହେଶ ଭାଇଙ୍କ ବାପାଙ୍କର ଏକ ରକ୍ଷିତା ସ୍ତ୍ରୀ କେତେକ ଖଳ ଲୋକଙ୍କ କଥାରେ ପଡ଼ିଲା । ବଂଶର ପୁଅ ନୁହେଁ ବୋଲି ଅଭିଯୋଗ ଆଣି ମୋକଦ୍ଦମା କଲା ସମ୍ପତ୍ତି ଲୋଭରେ ମହେଶ ଭାଇ ନାମରେ । ମହେଶ ଭାଇତ କିଛି ବୁଝିଲେ ନାହିଁ । ତାଙ୍କ ବାଧା ବାଧକତାରେ କୋର୍ଟରେ ଛିଡ଼ାହେଲେ ଗାୟତ୍ରୀ ଅପା । ସବୁ ଅବଶ୍ୟ ଡିଗ୍ରୀ ହେଲା । କିନ୍ତୁ ମହେଶ ଭାଇ ଗାୟତ୍ରୀ ଅପାଙ୍କୁ ଗଳାରେ ଚଢ଼ାଇ ମୂଳ କାଟିଲେ । କିଏ ବୁଝିଲେ ସେ ଗାୟତ୍ରୀ ଅପାର ମୂଲ୍ୟ ? ଦୀର୍ଘ ନିଶ୍ୱାସ ପକାଇ କମଳ କହିଲେ—ଯେତେବେଳେ ଗାଁରେ ତାଙ୍କର ଚଉଦବର୍ଷର ଝିଅଟି ମରିଗଲା- ଆଉ ତାଙ୍କର ଧୈର୍ଯ୍ୟ ରହିଲା ନାହିଁ ।

Digitized by srujanika@gmail.com

ଏତେ ପ୍ରିୟ ଶ୍ୱଶୁରଘର, କଇଁଫୁଲ- ହସ ଭରା ପୋଖରୀ, ସବୁଜ ଛଳ ଛଳ କ୍ଷେତ ସବୁକୁ ଛାଡ଼ିଦେଇ ସେ ଏ ସହରକୁ ଆସିଲେ । ଏଠି ଆସି ଦେଖିଲେ ମହେଶ ଭାଇଙ୍କ ବିକୃତ ରୂପ । ସବୁ ଜାଣିଲେ— ଶୁଣିଲେ । ଆମେ ସିନା କିଛି ତାଙ୍କୁ କହୁ ନଥିଲୁ ମନ ଖରାପ କରିବେ ବୋଲି ।

କିଶୋର କହିଲେ— ହଁ, ସେହି ସବୁ ଯନ୍ତ୍ରଣା ଭୁଲିଯିବାକୁ ଅପା ଲେଖନୀ ଧରିଥିଲା । ନାମ ଯଶ ପାଇଁ ଅଶାସ୍ତ୍ରୀ ହେବାର କେବେ ତାଙ୍କୁ ମୁଁ ଦେଖିନି । ବାପା ବୋଉ ତାଙ୍କୁ ଆମ ଘରକୁ ନେଇ ଆସିବାକୁ ମୋତେ ବହୁତଥର ପଠେଇଥିଲେ, ସେ ଆସିନି । କହୁଥିଲା- 'ଆମଶାସ୍ତ୍ର କହେ ସ୍ୱାମୀଘର ପରା ସ୍ତ୍ରୀ ପାଇଁ ସ୍ୱର୍ଗ, ସେଇଠି ତ ମୁଁ ଅଛିରେ । କିଏ କେତେ ଯାତନା ଦେବେ ଦିଅନ୍ତୁ । ଏ ମାଟି ଛାଡ଼ି କୁଆଡ଼େ ଯିବିନାହିଁ । ଘର ଶେଯପାଖେ ରଖିଥିଲା ଚକାଡୋଳାର ଛବି, କହୁଥିଲା ଦେଖୁନୁ, ଏ ମତେ ଜଗିଛି । କିଏ କ'ଣ କରୁଛି, ଭାବୁଛି, ତାର ବି ସେ ହିସାବ ରଖୁଛି । ସେ ହିଁ ପରମ ପିତା ପରମ ସ୍ୱାମୀ । ଯେତେ ଅପକର୍ମ କଲେ କେହି ତା ଆଖିରୁ ଖସିଯାଏ ନାହିଁ, ଜଗା ମୋତେ ଜଗିଛି ।'

ବାହାବେଳର ଯାନିଯଉତୁକକୁ ଛାଡ଼ି ଦେଲେ ବି ଏ ଦୁର୍ଦ୍ଦିନରେ ବାପା ତାଙ୍କୁ ଯାହା ଦେଇଥିଲେ— ଲକ୍ଷେ ଟଙ୍କାର ସମ୍ପତ୍ତି । ହଁ, ସେ ଆପଣଙ୍କ ସଂସଦ ନାମରେ ଦଶ ହଜାର ଟଙ୍କା ୱିଲ୍ କରିଦେବା ପାଇଁ ଇଚ୍ଛା କରିଥିଲା ।

ଜଗଦୀଶ କହିଲେ— ସବୁବେଳେ ସେ କହୁଥିଲେ— ଗୋଟିଏ ସୁନ୍ଦର ଘର ହୁଅନ୍ତା । ଘରପାଖେ ଥାନ୍ତା ଫୁଲଗଛ,—ସୁନ୍ଦର ଫୁଲ । ଆମ ଆସର ବେଳେ ସେଇ ଘର ସୁରଭିତ ଫୁଲ ଆଉ ଧୂପ ବାସ୍ନାରେ ଭରିଯାଉଥାନ୍ତା । ଆଉ ଆମେ ଯେତେ ଭାଇ ଭଉଣୀ— ସେଇ ପବିତ୍ର ମୁହୂର୍ତ୍ତରେ ବସି କବିତା ପଢ଼ନ୍ତେ, ଆଲୋଚନା କରନ୍ତେ ।

ସେ ସବୁ ସ୍ୱପ୍ନ ତାଙ୍କର ସ୍ୱପ୍ନରେ ହିଁ ରହିଗଲା । ଆମ ଉପରେ ଛାଡ଼ି ଦେଇଗଲେ ତାହା ବାସ୍ତବରେ ପରିଣତ କରିବାକୁ ।

Digitized by srujanika@gmail.com

ଶୋକାକୁଳିତ କଣ୍ଠରେ କିଶୋର କହିଲେ—ସ୍ୱର୍ଗ ତ ନୁହେଁ, ସେଇ ଧ୍ୱଂସସ୍ତୂପରୁ ତାର ପାଣ୍ଡୁଲିପି ଗୁଡ଼ିକ ଆପଣମାନେ ଉଦ୍ଧାର କରନ୍ତୁ । ମତେ ସେଠିକି ଯିବାକୁ ଦେବନାହିଁ ମହେଶଭାଇ । ସେ ଘରେ ମୁଁ ପଶିପାରିବିନି ଆଉ । ମହେଶଭାଇ ନାହିଁ ଭଲହୋଇଛି । ଅପା କହୁଥିଲି—ଏତେ ଯାତନା ଦେବା ଲୋକଟା ଯେପରି ମୋ'ଶତ୍ରୁକୁ ବି ନଛୁଏଁ । ଏଇ ନିଷେଧକଥା ମୋର ମନେରଖିବୁ କିଶୋର ।

ଅଧୈର୍ଯ୍ୟ ହୋଇ କାନ୍ଦି କାନ୍ଦି କିଶୋର ପୁଣି କହିଲେ— ଏ ମୃତ୍ୟୁ ତାର ଇଚ୍ଛାକୃତ କି—କାହା ଷଡ଼ଯନ୍ତ୍ର କିଏ କହିବ ? ଜାଣେ ସେଇ ଚକାଡ଼ୋଳା । ଆନୁଷଙ୍ଗିକ ବ୍ୟବସ୍ଥା ପରେ ଆପଣ ମାନେ ଶବଦାହର ବ୍ୟବସ୍ଥା କରନ୍ତୁ ।

ସେତେବେଳକୁ ସଂସଦର ଅନ୍ୟମାନେ ପହଁଞ୍ଚି ଯାଇଥିଲେ । ସମସ୍ତେ ଉଠିଲେ ।

— × — × — ×

ସତ୍ୟନଗର ଶ୍ମଶାନ । ପାଚେରି ସେପାଖେ ଯେଉଁଠି ଗାୟତ୍ରୀ-ଦେବୀଙ୍କ ବୋଉକୁ ଦାହ କରାଯାଇଥିଲା—କିଶୋରଙ୍କ ଅନୁରୋଧରେ ସେଠାରେ ଗାୟତ୍ରୀଙ୍କର ଶବ ଥିବା କୋକେଇ ରଖାଯାଇଥିବାର ଦେଖାଗଲା ।

ଆଖିରୁ ଲୁହପୋଛି ଗାୟତ୍ରୀଙ୍କର ମାମୁଁ ଆନନ୍ଦ କହିଲେ— ଚକାଡ଼ୋଳା କ'ଣ ସତେ ଦାରୁଭୂତ ?

ଜଗଦୀଶ କହିଲେ— ଯେଉଁଦିନ କହ୍ନେଇକୁ ଆମେ ଦାହକଲୁ, ସେଦିନ ମର୍ମନ୍ତୁଦ ଶୋକରେ ଗାୟତ୍ରୀ ଦେବୀ ଏ ସହର ଛାଡ଼ି ଗାଁକୁ ଚାଲିଯାଇଥିଲେ । ଆମେ କିନ୍ତୁ କୁଆଡ଼େ ଯିବାଟରେ ତାଙ୍କୁ ଛାଡ଼ି ? କିଏ ଏସବୁ ଭୁଲେଇବ । କାହାକୁ ସେ ପରବୋଲି ଭାବୁନଥିଲେ— ସମସ୍ତେ ଥିଲେ ତାଙ୍କର ଆପଣାର, ତାଙ୍କର କଣ୍ଠ ରୁଦ୍ଧ ହୋଇ ଆସିଲା ।

ଘଡ଼ି ସେତେବେଳକୁ ତୃତୀୟ ପ୍ରହରକୁ ବଳିଯାଇଥିଲା । ପାଖ ଧାନ-

Digitized by srujanika@gmail.com

ବଳରେ ଝିଲ୍ଲୀଗୁଡ଼ାକ ଡ଼ାକ ପାରୁଥିଲେ । ଆଉ ସବୁ ନିଶୂନ୍— । ପାଖରେ ସେଇ ଜନହୀନ ସଡ଼କରେ ଗୋଟିଏ କାର୍ ଯାଉ ଯାଉ କାହିଁକି ଟିକିଏ ଅଟକି ଗଲା । କିଶୋର କହିଲେ— ଏଇଟା ମହେଶଭାଇ କାର୍ ।

ମହେଶ ମାତାଲ କଣ୍ଠରେ କହୁଥିବାର ଶୁଣାଯାଉଥିଲା—'ଏଠି କ'ଣ ଗୁଡ଼ାଏ ସାହିତ୍ୟିକ ଜମିଛନ୍ତି କହେ ? କେତେଟାଙ୍କର ପରିଚିତ କଣ୍ଠ ଶୁଭୁଛି । ସେଇ ପାଗଳା ଗୁଡାଙ୍କ ଭିତରୁ କିଏ ଗୋଟେ ଗଲା ବୋଧେ ।'

କାର୍ ଭିତରେ ଅସ୍ପଷ୍ଟ ଆଲୁଅରେ ଏକ ଯୁବତୀର ମୁଖ ସ୍ପଷ୍ଟ ଦେଖାଯାଉଥିଲା । ସେ ହସି ହସି ମହେଶଙ୍କ ଉପରେ ଲେଟିପଡ଼ି କହୁଥିଲା—"ସତରେ ଏଗୁଡ଼ାକ ବଡ଼ ପାଗଳ । ନଈ, ଜହ୍ନ, ବନ, ପର୍ବତ ଝରଣା ଦେଖିଲେ ଏ ଗୁଡ଼ାକ ନିଜକୁ ବି ଭୁଲିଯାନ୍ତି !"

ବେପରଓ୍ୱା କଣ୍ଠରେ ଡ୍ରାଇଭର କହିଲା—'ଜାନେଦୋ'

କାର୍ ଚାଲିଲା ଆଗକୁ—ଆଗକୁ ।

ସେତେବେଳକୁ ଗାୟତ୍ରୀର ଚିତା ହୁତୁ—ହୁତୁ ହୋଇ ଆକାଶକୁ ଛୁଇଁବାକୁ ଉଦ୍ୟତ ହେଉଥିଲା ।

ସହର ଉପକଣ୍ଠରେ କେଉଁଠି ଲୁଚି ଲୁଚି ବିଲୁଆଗୁଡ଼ାକ ବୋବାଳି ଛାଡୁଥିଲେ—ତାହାର ପ୍ରତିଧ୍ୱନି ସତ୍ୟନଗର ଶ୍ମଶାନ ଗୁଡିକୁ ଥରାଇ ଦେଉଥିଲା ।

□□

(ଏକାମ୍ର ବାର୍ଷିକ ସଂଖ୍ୟା ୧୯୮୦ରେ ପ୍ରକାଶିତ ଲେଖିକାଙ୍କ ସର୍ବଶେଷ ଗଳ୍ପ)

Digitized by srujanika@gmail.com

ଚୁମ୍ବକର ସଂପାଦକୀୟ ଓ ଅନ୍ୟାନ୍ୟ

(୧) ଝଡ଼, ଝଞ୍ଜା ଭିତରେ କର୍ତ୍ତବ୍ୟ ସମ୍ପାଦନ କରି, ଦୃଢ଼ତାର ସହିତ ଆଗେଇଯିବା ଜୀବନର ଧର୍ମ । ହାରିବା ଜିତିବା ସେ ତ ଭିନ୍ନ କଥା । କିନ୍ତୁ, ଚେଷ୍ଟାରୁ ନିବୃତ୍ତ ହେବା କାହିଁକି ? ସଫଳ ସାଧକ ଆଖିରୁ ଲୁହ ନପୋଛି, ସ୍ୱାଗତ କରେ ଆଗାମୀକୁ— ।

(ଚୁମ୍ବକ ଫେବୃଆରୀ ୧୯୭୨)

(୨) ଲୁହା ଜିନିଷ, ବ୍ୟବହାର ନକରି ରଖିଦେଲେ କଳଙ୍କି ଧରେ । ଜୀବନର ସୁବ୍ୟବହାର କରି ନଶିଖିଲେ ତାକୁ ମଧ୍ୟ କଳଙ୍କ ଛୁଏଁ— । ଲୁହାରୁ କଳଙ୍କ ଘଷିମାଜି ଧୋଇଲେ ଛାଡ଼ିଯାଏ । କିନ୍ତୁ, ଜୀବନରେ ଥରେ କଳଙ୍କ ଲାଗିଲେ ସେ ଦାଗ ମନରୁ ପୋଛି ଦେଇ ହୁଏନା । ତେଣୁ ଲୁହାପରି ଶକ୍ତ, କଠୋର ହୋଇ ସାଧନା କରିବାକୁ ହେବ ମଣିଷକୁ । ମନ୍ଦ ଛାଡ଼ି ଭଲ ଦେଖିବାକୁ ହେବ । ଘୃଣା, ବିରାଗ ଛାଡ଼ି ନିଜର ମମତା ଦେଇ ଯେ ପରକୁ ଆପଣାର କରି ଶିଖିଛି, ସଂସାରରେ ସେ ସ୍ୱର୍ଗର ସନ୍ଧାନ ପାଇଛି । କାହାରି ଘୃଣା, କାହାରି ଉପହାସକୁ ନଗଣି, ଦୃଢ଼ ରହିବାକୁ ହେବ । ହାରି ଜିତିର ଏଇ ଦୁନିଆରେ ଲୁହାପରି ମନକୁ ଶକ୍ତ କରି ସୁନିର୍ବାଚିତ କର୍ମ-ପଥରେ ପ୍ରକୃତ କର୍ମୀକୁ ଚାଲିବାକୁ ପଡ଼ିବ ।

(ନଭେମ୍ବର ୧୯୭୨)

(୩) ଆମେ ମଣିଷ କଥା କହିପାରୁ, ପରସ୍ପରର ଦୁଃଖ ସୁଖ ନିଜ ପ୍ରାଣରେ ଅନୁଭବ କରିପାରୁ, ଚନ୍ଦ୍ରମାର—ସ୍ୱପ୍ନ ସଫଳ କରିପାରୁ ଏଇ ହାତରେ । ଆମେ ମାନବିକତାକୁ ଭୁଲିଯିବା ନାହିଁ । ଏଇ ଧରଣୀର ମଣିଷ ଆମେ––ସମସ୍ତେ ଆମେ ଭାଇ ଭଉଣୀ । ହିଂସା ଦ୍ୱେଷ ଭୁଲିଯାଇ, ଗୁଣ ଗ୍ରହଣ କରି ଆମେ ହେବା ଗୁଣୀ । କାମ କରି ଆମେ ହେବା କର୍ମୀ । ସବୁ ଗରଳ ପାନ କରି ଆମେ ହେବା ନୀଳକଣ୍ଠ— ।

(ଅଗଷ୍ଟ ୧୯୭୩)

Digitized by srujanika@gmail.com

(୪) ଜୀବନକୁ ସଫଳ ସୁନ୍ଦର କରିବାପାଇଁ ସମାଜରେ ନୂଆ ଚେତନା ଆଣିବାପାଇଁ ସାହିତ୍ୟିକର ଅବଦାନ ମଧ୍ୟ କମ୍ ନୁହେଁ । ଶିଳ୍ପୀର ତୂଳିରେ ସାର୍ଥକ ଛବିଟିଏ ଦେଖିଲେ ଆଖି ଲାଖିରହେ, ଲେଖକର କଲମରୁ ବେଶ୍ବପର ସୁନ୍ଦର ସୁରୁଚିପୂର୍ଣ୍ଣ ଲେଖାଟିଏ ପଢ଼ିଲେ ମନରେ ତା'ର ପ୍ରଭାବ ବିସ୍ତୃତ ପଡ଼େ ।

(୧୯୭୩ ପ୍ରଥମବର୍ଷ ତୃତୀୟସଂଖ୍ୟା)

(୫) ପୁରାତନକୁ ସ୍ଥାନ ନ ଦେବା, ନୂତନକୁ ସ୍ୱାଗତ କରିବା । ଅସମୟରେ କଳିକାଟି ମଉଳିଲା ପରି ଅନେକ ପ୍ରତିଭା ଏ ଦେଶରେ ଆମ ଅଗୋଚରରେ ଲୁଚିଯାଉଛି । ତାଙ୍କୁ ବାହାରକୁ ଆଣିବା, ଉତ୍ସାହ ଦେବା ଆମର ଧର୍ମ ହେଉ ।

(୧୯୭୩ ପ୍ରଥମବର୍ଷ ଚତୁର୍ଥ ସଂଖ୍ୟା)

(୬) ବାଟ ଚାଲିବାକୁ ହେଲେ ସବୁବେଳେ ପିଚୁରାସ୍ତା ନୁହେଁ । ପାଦରେ କାଦୁଅ ଲାଗିବ, କଣ୍ଟା ଅରମା ବି ମାଡ଼ି ମକଚି ଚାଲିବାକୁ ପଡ଼ିବ । ମୁଣ୍ଡ ଉପରେ ବି ଝଡ଼ ବହିବ, ବୈଶାଖର ଖରାରେ ତାତି ବି ଜାଳିଦେବାକୁ ଚାହିଁବ କିନ୍ତୁ, ସେଇ ତାତିରେ ବସ୍ତା କଉଡ଼ିରେ ଛିଟିକି ଦୁବଟି, ଉପରେ ଉପରେ ଜଳିଗଲେ ବି ନିଜର ସତ୍ତା ଟିକକ ବଜାୟ ରଖିଥାଏ । ଆଷାଢ଼ର ପ୍ରଥମ ବର୍ଷାରେ ସେ ପୁଣି ହସିଉଠେ ସବୁଜର ସ୍ୱପ୍ନ ନେଇ—ସୃଜନର ସ୍ୱପ୍ନନେଇ— ।

(୧୯୭୩-ଚ ମ୍ପକ ଶାରଦୀୟା ବିଶେଷାଙ୍କ ଜନ୍ମଦିନସଂଖ୍ୟା)

(୭) ମାନବିକତାକୁ ଜଳାଞ୍ଜଳି ଦେବା, କେତେବେଳେ ବି ଠିକ୍ ନୁହେଁ । କିଏ କଅଣ କଲା, ନକଲା, କିଏ କଅଣ କହିଲା, ନକହିଲା, ସେଥିରେ କଣ ଯାଏଆସେ ?

(ଦ୍ୱିତୀୟ ବର୍ଷ, ଚତୁର୍ଥ ସଂଖ୍ୟା ୧୯୭୪)

(୮) ଜୀବନ ଯୁଦ୍ଧରେ ବୀରପରି ଆଗକୁ ଆଗକୁ ପାଦପକାଇବାକୁ ହେବ । ନିଜକୁ ପରାହତ ସୈନିକ ଭାବି କାନ୍ଦି ବସିଲେ

Digitized by srujanika@gmail.com

ଆଖିରୁ କେହି ଲୁହ ପୋଛୁ ଦେବେନାହିଁ । ସେ କାଗଜ କାଳ ସମସ୍ୟା ହେଉ, ହାଣ୍ଡି ଚୁଲି ସମସ୍ୟା ହେଉ, ଆଉଯାହା ମଧ୍ୟ ହେଉ ।

(୨ୟ ବର୍ଷ, ୪ର୍ଥ ସଂଖ୍ୟା, ୧୯୭୪)

(୯) "ପିଲାମାନଙ୍କୁ ଭଲ ମଣିଷ କରିବାକୁ ପରିବାରର ସୁସ୍ଥ ବାତାବରଣ ସେତିକ ସାହାଯ୍ୟ କରେ ଭଲ ବହି ଗୁଡ଼ିକରୁ ମଧ୍ୟ ସେତିକ ଜ୍ଞାନ ମିଳିଥାଏ । ପ୍ରତି ପରିବାର ଭିତରେ ଗୋଟିଏ ଗ୍ରନ୍ଥ ପାଠାଗାର ରଖିବା ପାଇଁ ଆମସ୍ତେ ସଚେଷ୍ଟ ହୁଅନ୍ତୁ । ଆଗ୍ରହୀ ଜ୍ଞାନ ପିପାସୁ ପାଠକ ପାଠିକାଙ୍କ ସଂଖ୍ୟା ଏ ଦେଶରେ ଯଥେଷ୍ଟ ବଢୁ ।

(୧୯୭୫ ଦ୍ୱିତୀୟ ସଂଖ୍ୟା)

(୧୦) ମଣିଷ ଜନ୍ମ ହୁଏ ଥରେ- ଥରଟିଏ ତା ଚିତା ମଶାଣି ଭୂଇଁରେ ଜଳି ଉଠେ । ଜନ୍ମଦିନର ଭୋଜି ମଉଚ୍ଛବ, ପରିବ ପୁନିଅଁର ଆନନ୍ଦ କୋଳାହଳ ଭିତରେ କେହି ଦେଖେ ନାହିଁ, ଏ ଦେହଟା ଉପରେ ନିତି ନିତି ସମୟର ଚିତା କେମିତି ଜଳୁଛି - କେତେ କାମନା, କେତେ ବାସନା ଏ ସଂସାରର ଦ୍ୱନ୍ଦ୍ୱ, ଆବିଳତା ଈର୍ଷ୍ୟା ଦ୍ୱେଷ ଭିତରେ ।

ଏଇ ଜଳିବା ଜଳାଇବା ଭିତରେ ମଧ୍ୟ ମଶାଣିର ତୁଳସୀ ବସି ଉଠେ । ବ୍ୟଥା ସହି ସହି ଯେ ବଞ୍ଚିପାରେ, ଆଖିରୁ ଲୁହଧାର ଗଡ଼ାଇ ଯେ ସହି ପାରେ, ଚିର ସତ୍ୟ ସୁନ୍ଦର ଶାଶ୍ୱତ ସୃଷ୍ଟିରେ ସେ ଏକ ପ୍ରକୃତ ମଣିଷ । ସେ ଚାଲିପଥର ଅରମା କୁଦ କୁଦ ଆଗେଇ ଚାଲେ । କ୍ଷତବିକ୍ଷତ ପଦରୁ ତାର ଯେଉଁ ରକ୍ତ ବହି ଧରଣୀର ମାଟିକୁ ସିକ୍ତ କରେ, ସେଥିରୁ ସୃଷ୍ଟି ହୁଏ ଲାଲ ଗୋଲାପ । ଊଷାର ଅରୁଣ ମୁଠା ମୁଠା ଫଗୁ ଫିଙ୍ଗିଦିଏ ସେଇ ବନ୍ଦନୀୟ ମାନଙ୍କ ଉପରେ । ସୁରଭିତ ରକ୍ତପଦ୍ମ ବିକସିତ ହୁଏ । ମୃତ୍ୟୁ ସେଠି ପରାସ୍ତ ହୁଏ । ଧ୍ୱଂସ ସେଠି ନୂତନ ସୃଷ୍ଟିର ଶଙ୍ଖ ବଜାଏ ।

(ତୃତୀୟ ବର୍ଷ ପ୍ରଥମ ସଂଖ୍ୟା)

Digitized by srujanika@gmail.com

(୧୧) ସମୟ ଆସିଲେ ସବୁ ସରଯାଏ । ଅସମୟରେ ମଧ୍ୟ ନୟୁତର ପରଓ୍ୱାନା ଏଠି ହାଜର ହୁଏ । କିନ୍ତୁ ଜୀବନର ସୀମିତ କାଳ ମଧ୍ୟରେ ପ୍ରତିଭାବାନ ବ୍ୟକ୍ତିମାନେ ଯେଉଁ ମାଇଲ ଖୁଣ୍ଟ ପୋତିଦେଇ ଚାଲିଯା'ନ୍ତି- ତାକୁ ଭାଙ୍ଗି ଦେବାକୁ- ନିଶ୍ଚିହ୍ନ କରିଦେବାକୁ ସମୟର ଶକ୍ତି ନାହିଁ ।

(ତୃତୀୟ ବର୍ଷ ଚତୁର୍ଥ ସଂଖ୍ୟା, ୧୯୭୫)

(୧୨) ସାର୍ଥକ ସାହିତ୍ୟରେ ଜୀବନର ଧର୍ମ, ପାରିପାର୍ଶ୍ୱିକ ଅବସ୍ଥାର ଛବି ପ୍ରତିଫଳିତ ହୋଇଥାଏ । ସମୟ ଚାଲିଯାଏ- ଲେଖକ ମଧ୍ୟ ଚାଲିଯାଆନ୍ତି -ତଥାପି ତାଙ୍କର ସୃଷ୍ଟିରେ ସେ ସମୟର ଛବି ସ୍ପଷ୍ଟ ଦେଖିବାକୁ ମିଳେ । ସାହିତ୍ୟିକର ଧର୍ମ ହେଲା- ପଙ୍କରେ ପଦ୍ମ ଫୁଟାଇବା; ସୁନାଫରୁଆକୁ ପଙ୍କରେ ପୋତିଦେବା ସାହିତ୍ୟିକର ଧର୍ମ ନୁହେଁ । (ପଞ୍ଚମ ବର୍ଷ ତୃତୀୟ ସଂଖ୍ୟା, ୧୯୭୭)

(୧୩) କ୍ଷମତାକୁ ନିଜର ବୋଲି ଜୋର ଜବରଦସ୍ତ ଚିତ୍କାର କଲେ କ୍ଷମତା ମିଳେନା । ସେ ଆସେ ଆପେ ଆପେ । ସେମିତି ସମ୍ମାନ ପାଇଁ ବାଟ, ଅବାଟ କଣ୍ଟା ଅରମା କୁଦ ଧାଇଁ ବୁଲିଲେ ସମ୍ମାନ ମିଳେନା । ଗୁଣୀ ଲୋକ ପାଖେ, ସାଧକର ପାଦତଳେ ସମ୍ମାନ ଲୋଟିଯାଏ । ଆପେଆପେ ।

(ଷଷ୍ଠବର୍ଷ ତୃତୀୟ ସଂଖ୍ୟା, ୧୯୭୮)

(୧୪) ସଂପୂର୍ଣ୍ଣ ନିସ୍ୱାର୍ଥପର- ମମତାପାଗଳ ହୋଇ ବିଶ୍ୱକୁ ଭଲ ପାଇ ନପାରିଲେ ଜଣେ ବ୍ୟକ୍ତି ମନଛୁଆଁ କବିତା ଲେଖିପାରେ ନାହିଁ ।

(କବିତା ସଂକଳନ, ୧୯୭୯)

(୧୫) ମନ ସାଥେ ମନ ଯେଉଁଠି ମିଶିଥାଏ, ସେ ସ୍ଥାନ ଗଛତଳ ହେଲେ ବି ବୈକୁଣ୍ଠରୁ ବଳିଯାଏ ।

(ସପ୍ତମ ବର୍ଷ ପ୍ରଥମ ସଂଖ୍ୟା, ୧୯୭୯)

Digitized by srujanika@gmail.com

(୧୬) ଚରିତ୍ର ଯେତିକି ପବିତ୍ର ମାର୍ଜିତ ହୁଏ ଜୀବନ ସେତିକି ସୁନ୍ଦର, ଉଜ୍ଜ୍ୱଳ ଅମୂଲ୍ୟ ହୁଏ । ଜାତି ଆଉ ଦେଶ ପାଇଁ ସେ ଜାତିକି ଅବିସ୍ମରଣୀୟ ହୋଇ ରହିଯାଏ । ତା ପାଇଁ ଏ ମର୍ତ୍ତ୍ୟ ଅମରାବତୀ ପାଲଟିଯାଏ । (ଅଷ୍ଟମ ବର୍ଷ, ପ୍ରଥମ ସଂଖ୍ୟା)

(୧୭) ଯାହା ହେବାର ଥାଏ ତା'ହୁଏ । ଧକ୍କା ଲାଗିବାକୁ ଥିଲେ ଯେତେ ସାବଧାନ ହେଲେ ବି ଧକ୍କା ଲାଗେ, ଆଣ୍ଠୁ ଗଣ୍ଠି ଛିଡିଯାଏ । ମୁଣ୍ଡଫାଟି ରକ୍ତଝରେ । ସିଧାସଳଖ ଚାଲିହୁଏନା, ଯନ୍ତ୍ରଣାରେ ଦେହ ଅସ୍ଥିର ହୋଇଉଠେ । ଆଖିକୁ ଦେଖା ଯାଉଥିବା ଧକ୍କା ସହ୍ୟ ହୁଏ-ପ୍ରତିକାର କରିହୁଏ । କିନ୍ତୁ, ଆଖିକୁ ଦେଖା ଯାଉ ନଥିବା ଧକ୍କା ଅନୁଭବ ନଥିଲେ ବୁଝି ହୁଏନା ।"

(ଏକାମ୍ର ଗଳ୍ପ ସଂକଳନ, ୧୯୭୮)

(୧୮) କେତେ ପୁରୁଷ ଏମିତି ହସି ପାରନ୍ତି । ନାରୀର ସ୍ନେହ, ପ୍ରେମ, ଭକ୍ତି ତାଙ୍କର ଧୂସର ମରୁବୁକୁରେ ଟିକିଏ ବି ଗାର କାଟି ପାରେନା । ସେଠି ସବୁବେଳେ ଖାଲି ଧୂଳିର ଝଡ଼, ସେଇ ଝଡ଼ର ଘୂର୍ଣ୍ଣିବାତ୍ୟା ଯେଉଁ ନାରୀକୁ ଛୁଇଁ ଦେଇଯାଏ- ଜୀବନର ଯନ୍ତ୍ରଣା ମରଣରୁ ବଳିଥାଏ । (ଦ୍ୱିତୀୟ ବର୍ଷ ତୃତୀୟ ସଂଖ୍ୟା, ୧୯୭୪)

(୧୯) ପୁରୁଣା ହେଲେ କାନ୍ଥରେ ଫାଟଧରେ । ଆଉ ପୁରୁଣା ହେଲେ ଏଇ ମନଟା ବି··· । କାନ୍ଥରେ ଫାଟ ହେଲେ ବର୍ଷା ପାଣିର ଛିଟିକା ପଡ଼ୁଛିତେ, ଭାଙ୍ଗି ପଡ଼େ । ଆଉ ମନଟା··············· ?

(ତୃତୀୟ ବର୍ଷ ଚତୁର୍ଥ ସଂଖ୍ୟା, ୧୯୭୫)

(୨୦) ଜୀବନର ସବୁ ପ୍ରଲୋଭନକୁ ଏଡିଦେଇ ବାଟଚାଲିବାର ସଫଳ ଗୌରବକୁ ସାଉଁଟି ତୋଳିବା ଶପଥ ଯେ ନେଇଥାଏ, ସମୟ ଆସେ ସେଇ ପ୍ରଲୋଭନ ତା'କୁ ପୁଣି ବେଶି କରି ଜାବୁଡ଼ି ଧରିବସେ ।

(୨୧) ବିରାଟ ଏଇ ଦୁନିଆରେ କିଏ କାହା ଦୁଃଖ ବୁଝୁଛି ? ବନ୍ଧୁ ଦୁଃଖରେ ବନ୍ଧୁ ଟିକିଏ ଲୁହ ଦେବାକୁ ଏଠି ପଛଉଛି,

Digitized by srujanika@gmail.com

ଯେଉଁଠି ତାର କିଛି ସ୍ୱାର୍ଥ ନାହିଁ । ଆଜିର ଏଇ ଦୁନିଆରେ ବଞ୍ଚିବାଟା ସତେ କ'ଣ ଗୋଟାଏ ଫାଙ୍କା ଆଓ୍ୱାଜ ? ଏଇ ଦୁନିଆଟା ଅତି ସୁବିଧା ବାଘ ହୋଇ ପଡ଼ିଛି ।

(୨୨) ମୋ ପାଦତଳେ ବନ୍ୟାର ପ୍ରଚଣ୍ଡ ପ୍ଲାବନ । ପ୍ରତି ମୁହୂର୍ତ୍ତରେ ବୁଡ଼ ବୁଡ଼ ଯିବାପରି ଲାଗୁଛି । ମଥା ଉପରେ ଅଶାନ୍ତ ଝଡ଼ର ଉପକ୍ରମଣିକା- ତଥାପି ସୂର୍ଯ୍ୟ ଚନ୍ଦ୍ର ତାରା ପୃଥିବୀ ମୋର ପ୍ରିୟ ।

(ଗଳ୍ପ-'ପଚିଶିଟିଏ ତୁମକୁ ଭୁଲିବାର ଆଉ ତାରିଖର')

(୨୩) ତମେ ତ ଜାଣ ଫୁଲକୁ ମୁଁ କେତେ ଭଲପାଏ । ସେଇ ଫୁଲରୁ ଗୋଟିଏ ପାଖୁଡ଼ା ଛିଣ୍ଡି ପାରିବନି ମୋ ଲତାକୁ ? ରାମଙ୍କର ପାଦ ସ୍ପର୍ଶରେ ପାଷାଣୀ ନାରୀ ପାଲଟିଗଲା । ଆଜି ତମର ପବିତ୍ର ପୁଣ୍ୟସ୍ପର୍ଶରେ ଏ ଦେହର ବିଷଗୁଡ଼ା ଅମୃତ ପାଲଟି ଯିବ । ମୋର ଲତା ହସି ହସି ଆକାଶକୁ ଛୁଇଁବ——ଆକାଶକୁ- । ମୋ ରାଶିରେ ବାର, ତାରିଖ ଯାହା ଭୁଲ ହେଉ—ମୋ ଜାତକରେ ଜ୍ୟୋତିଷର ଗଣନା ଯାହା ଭୁଲ ଥାଉ,- ମୋ ପାଇଁ, ବିଧାତାର ସେ ଡାକବାଡ଼ିରେ ତ ଆଉ ଭୁଲ ନଥିବ । (ପଚିଶିଟିଏ ତୁମକୁ ଭୁଲିଯିବା ଆଉ ତାରିଖର)

(୨୪) ଏଇ ପୁରୁଷ ଜାତିଟାକୁ ସତରେ ବିଶ୍ୱାସ କରିପାରେନା ମୀନା । ଝିଅମାନଙ୍କ ଜୀବନକୁ ନେଇ ଏମାନେ ଜୁଆ ଖେଳନ୍ତି । ହୁ ହୁ ଜଳୁଥିବା ନିଦାଘ ମରୁରେ ଏମାନେ ପ୍ରୀତିର ମରୀଚିକା ସୃଷ୍ଟି କରନ୍ତି । ପ୍ରେମର ମାନେ କିଛି ନାହିଁ ଏମାନଙ୍କ ପାଖରେ । ଖାଲି ଗୋଟାଏ ମଜା, ଟିକିଏ ଆନନ୍ଦ ପରେ ଏମାନଙ୍କ ଜୁଆଖେଳ ସରିଯାଏ ।

(ଗଳ୍ପ 'ଅବତାରର ଯାତନା')

(୨୫) ସବୁରି ଅନୁନୟ ଅନୁରୋଧକୁ ଗ୍ରାହ୍ୟ ନକରି ସ୍ମିତ ହସେ- । ତାର ଅଲଘମାସ୍ଥ ନିର୍ଦ୍ଦେଶର ପରୁଆନା ଧରି ସମସ୍ତ ଆଗେଇ ଚାଲେ । କେତେ ଜଣ ସୌଭାଗ୍ୟବାନ ପଥିକ ମନର ସଫଳ କାମନାକୁ ରୂପାୟିତ କରନ୍ତି ଜୀବନରେ········? ହଁ,ଏଇ ଝଡ଼ ବି ଜୀବନରେ ବହେ ଅଳ୍ପ ବହୁତ- ହୁଏତ ସବୁରି ଜୀବନରେ । ଯେଉଁ ଦାଗ ରହିଯାଏ, ଯେତେ ଘଷିମାଜି ଅସରାଏ ଲୁହରେ ଧୋଇଲେ ବି ସେ ଲିଭେନା । (ଗଳ୍ପ 'ଝଡ଼ର କପୋଣ')

Digitized by srujanika@gmail.com

(୨୭) ଅଜ ଲୋକକୁ ମଣିଷ କାହିଁକି ଘର କରିଦିଏ ? କେତେ ସୁଖ ଦୁଃଖର ସାଥିଟିର କଥା କାହିଁକି ମଣିଷ କେମିତି ଭୁଲି ଯାଏ ? ଦୁବଧାସର ବାଟଭୁଲି କଅଣ ପିଚୁରାସ୍ତାରେ ଚାଲିଲେ, ମାଟିଘର ମମତା ଛାଡ଼ି କୋଠା ଘରରେ ବସିଲେ, ଶହେ ଟଙ୍କା ପରିବର୍ତ୍ତେ ହାତକୁ ଶହ ଶହ ଟଙ୍କା ଆସିଲେ, ବଦଳିଯାଏ ମଣିଷ ? ଏଇ ଟଙ୍କା ମଣିଷକୁ ପାଗଳ କରେ ? ହାତଧରି ଘରକୁ ଆଣିବା ବଧୂର ମିଠାକଥା ପିତାଲାଗେ ? ଯେ ପର ଘରେ ଲୁଚି ଲୁଚି ପଶେ ? ପର ନାରୀର ଓଠର ବିଷକୁ ସେ ଅମୃତ ଭାବି ପିଏ ?

(ମହିଳା ବିଶେଷାଙ୍କ ୧୯୭୫)

Digitized by srujanika@gmail.com

ସମ୍ମାନ ଓ ମାନପତ୍ର

Digitized by srujanika@gmail.com

ବିଷୁବ-ମିଳନ
ରଜତ ଜୟନ୍ତୀ ୧୯୭୪

ଶ୍ରୀମତୀ ଶୈଳବାଳା ମହାନ୍ତି

ସ୍ୱାତନ୍ତ୍ରିକ ଓଡ଼ିଆ କବିତାରେ ଆପଣଙ୍କ ସ୍ୱର ସ୍ୱାକ୍ଷରର ଉଜ୍ଜ୍ୱଳ ପ୍ରତିଶ୍ରୁତି ଓ ପ୍ରତିଭାର ପରିଚୟ ଦେଇଛି ।

ଆପଣଙ୍କ ଆନ୍ତରିକ ନିଷ୍ଠା ଓ ସାହିତ୍ୟ-ସାଧନାର ସ୍ୱୀକୃତି ସ୍ୱରୂପ ବିଷୁବ ମିଳନର ରଜତ ଜୟନ୍ତୀରେ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଆପଣଙ୍କୁ ପାଞ୍ଚଶହ ଟଙ୍କା ଉପହାର ପ୍ରଦାନ କରୁଛୁ ।

କାଳିଚରଣ ପଟ୍ଟନାୟକ (ସଭାପତି)

ହରିହର ମହାପାତ୍ର (ମୁଖ୍ୟ ଅତିଥି)

ହରେକୃଷ୍ଣ ମହତାବ ଚେୟାରମ୍ୟାନ (ପ୍ରଜାତନ୍ତ୍ର ପ୍ରଚାର ସମିତି)

Digitized by srujanika@gmail.com

ଏକାମ୍ର ସାହିତ୍ୟ ସଂସଦ

ଭୁବନେଶ୍ୱର

ଅଭିନନ୍ଦନ ପତ୍ର

'ଚୁମ୍ବକ'ର ସଂପାଦିକା **ଶ୍ରୀମତୀ ଶୈଳବାଳା ମହାନ୍ତି** ତାଙ୍କର ସାହିତ୍ୟିକ କୃତି ପାଇଁ ଚଳିତ ବର୍ଷ ବିଷୁବ ମିଳନ ଅବସରରେ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ସମ୍ମାନିତା ହୋଇଥିବାରୁ ଏକାମ୍ର ସାହିତ୍ୟ ସଂସଦ **ଶ୍ରୀମତୀ ମହାନ୍ତିଙ୍କୁ** ନିଜର ସଭ୍ୟାରୂପେ ପାଇ ଗୌରବାନ୍ୱିତ ମନେ କରୁଛି ।

ସେ ସାହିତ୍ୟ କ୍ଷେତ୍ରରେ ଅଧ୍ୟବସାୟ ଏବଂ ସାଧନା ବଳରେ ନିଜକୁ ଏକ ଅନୁଷ୍ଠାନ ରୂପେ ପ୍ରତିଷ୍ଠା କରି ପାରିଛନ୍ତି ।

ତାଙ୍କର ଭବିଷ୍ୟତ ଆହୁରି ଫଳପ୍ରସୂ ହେଉ ଏବଂ ସେ ନୂତନ ସୃଷ୍ଟିର ସନ୍ଧାନ କରନ୍ତୁ, ଏତିକି କାମନା ।

ଏପ୍ରିଲ ୨୫

୧୯୭୪

ଶ୍ରୀ ରମେଶ ଧଳ

(ସଭାପତି)

୨୫ । ୪ । ୭୪

Digitized by srujanika@gmail.com

୨୪୭୭-୭୮ ମାନପତ୍ର

ଯଦୁମଣି ସାହିତ୍ୟ ସଂସଦ

ଉଦୟପୁର (ନୂଆଗାଁ), ପୁରୀ

ସାହିତ୍ୟ ସମୁନ୍ନତି ବ୍ରତୈକନିଷ୍ଠା

ଶ୍ରୀମତୀ ଶୈଳବାଳା ମହାନ୍ତି ମହୋଦୟା !

ସାତ୍ତ୍ୱିକପୁର, ଚନ୍ଦ୍ରଲାଙ୍ଗ (ପୁରୀ)

ମାନନୀୟେଷୁ !

ନାରୀ ଚରିତ୍ରର ବୈଶିଷ୍ଟ୍ୟ ଓ ମହନୀୟତାକୁ ସମାଜରେ ପ୍ରତିଷ୍ଠିତ କରି, ସମାଜକୁ ସୁନ୍ଦର ଓ ସୁସମ୍ବଦ୍ଧ କରି ଗଢ଼ିବା ନିମିତ୍ତ ଆପଣଙ୍କର ଉଦାର ପ୍ରଚେଷ୍ଟା ଅଭିନନ୍ଦନୀୟ । ନାରୀ ସାମ୍ବାଦିକ, ସାହିତ୍ୟିକା ଏବଂ ସାହିତ୍ୟ ପତ୍ରିକାର ସଂପାଦିକା ରୂପେ ଆପଣ ସର୍ବଜନ ପରିଚିତା । ଆପଣଙ୍କର ସାହିତ୍ୟିକ ସୃଷ୍ଟି ସମୂହରେ ଜ୍ଞାନର ଶତଦଳ ବିକଶିତ ଏବଂ ଆଦର୍ଶର ଅନୁପମ ବୈଶିଷ୍ଟ୍ୟ ନିହିତ ।

ଓଡ଼ିଆ ସାହିତ୍ୟ ସଂସ୍କୃତି ଶିଳ୍ପ ଓ ସ୍ଥାପତ୍ୟର ବିକାଶ କଳ୍ପେ ପ୍ରତିଷ୍ଠିତ ଏ ଅନୁଷ୍ଠାନ ଆଜି ଆପଣଙ୍କୁ ସମ୍ବର୍ଦ୍ଧନା ଜ୍ଞାପନକରି ସ୍ୱ କର୍ତ୍ତବ୍ୟ ମାନ ସମ୍ପାଦନ କରୁଛି ।

ଉଦୟପୁର
ତା ୨୫ । ୪ । ୭୮

ରମାନାଥ ପଣ୍ଡା
ସଭାପତି

ପ୍ରତାପଚନ୍ଦ୍ର ମହାନ୍ତି
ସମ୍ମାନିତ ଅତିଥି

ଶ୍ରୀ ଦାସରଥି ପଟ୍ଟନାୟକ
ସମ୍ପାଦକ

Digitized by srujanika@gmail.com

ଚଳପଥ ବିଷୁବ ମିଳନ ୧୯୭୯

ଦାନଗଡ଼ି, ଯାଜପୁର ରୋଡ ।

ଶ୍ରୀମତୀ ଶୈଳବାଳା ମହାନ୍ତି,

ଓଡ଼ିଆ ସାହିତ୍ୟରେ
ସଫଳ ରୋମାଂଟିକ ଚେତନାଧର୍ମୀ
କବିତା ସୃଷ୍ଟି କରି
ଶିଶୁ ସାହିତ୍ୟ ଓ ଆତ୍ମଜୀବନୀ
ସାହିତ୍ୟକୁ ବଳିଷ୍ଠ କରି
ଗଢ଼ି ତୋଳିବାରେ,
ଆପଣଙ୍କ ଅବଦାନ ପାଇଁ

'ଚଳପଥ' ପକ୍ଷରୁ
ଦ୍ୱିତୀୟ ବାର୍ଷିକ
ବିଷୁବ ମିଳନ ଅବସରରେ
ଆମେ ଆପଣଙ୍କୁ
ସମ୍ମାନିତ କରୁଛୁ !

ଚନ୍ଦ୍ରଶେଖର ମହାପାତ୍ର	ସ୍ୱା- (ଅସ୍ପଷ୍ଟ)	ସ୍ୱା- (ଅସ୍ପଷ୍ଟ)
ଉଦ୍‌ଘାଟକ	ସଭାପତି	ମୁଖ୍ୟ ଅତିଥି

ହଳଧର ଧୀର

ସମ୍ପାଦକ, ଚଳପଥ

Digitized by srujanika@gmail.com

ଆଞ୍ଚଳିକ ଯୁବପରିଷଦ
ଡେଲାଙ୍ଗ, ପୁରୀ

ମାନନୀୟା ସୁସାହିତ୍ୟିକା ଲେଖିକା, ସୁପରିଚିତା
" ଚ୍ଛୁମ୍ବକ " ସଂପାଦିକା **ଶ୍ରୀମତୀ ଶୈଳବାଳା ମହାନ୍ତି ।**

ମହାଶୟା,

ଓଡ଼ିଶାରେ ନାମି ଲେଖିକା ଓ ନାରୀ ସଂପାଦିକା ତାଲିକାରେ ଆପଣ ଅଗ୍ରଗଣ୍ୟା । ଆତ୍ମତ୍ୟାଗ ଫଳରେ 'ଚ୍ଛୁମ୍ବକ' ପରି ସାହିତ୍ୟ ପତ୍ରିକାକୁ ବଞ୍ଚାଇ ହୁଏ । ଆପଣଙ୍କର 'ଭ୍ରମର ପାଇଁ' କବିତା ପୁସ୍ତକ ସରକାରଙ୍କ ଦ୍ୱାରା ଅନୁମୋଦିତ । ବିଷୁବ ମିଳନ, ଯଦୁମଣି ସାହିତ୍ୟ- ସଂସଦ ପରି ବହୁ ସାହିତ୍ୟିକ ଅନୁଷ୍ଠାନ ଆପଣଙ୍କୁ ଏଥି ପୂର୍ବରୁ ସମ୍ମାନିତ କରି ଅଛନ୍ତି । ଆଜିର ଏହି ସାଂସ୍କୃତିକ ସମାରୋହରେ, ଡେ଼ଲାଙ୍ଗ ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ଆମେ ଆପଣଙ୍କୁ ଆପଣଙ୍କର ସାହିତ୍ୟ-କୃତି ପାଇଁ ଡେଲାଙ୍ଗର ଯୋଗ୍ୟ ସନ୍ତାନ ରୂପେ ସମ୍ବର୍ଦ୍ଧନା ଜ୍ଞାପନ କରୁଛୁ ଓ ସମ୍ମାନିତ କରୁଛୁ ।

ପ୍ରହଲ୍ଲାଦ ପ୍ରଧାନ
(ସଭାପତି)

ଶରତ କୁମାର ସାହୁ
(ମୁଖ୍ୟ ଅତିଥି)

ପରମାନନ୍ଦ ମହାପାତ୍ର
(ସଂପାଦକ)

Digitized by srujanika@gmail.com

"ମୁଁ ଗାଇଲେ ଝରେ ମେଘ
କଦମ୍ବରେ ଭରେ ବାସ
ଭୁଲିଯାଏ ଯେତେ ଦୁଃଖ
ନସ୍ବୃତର ଉପହାସ
ରାଜଧାନୀ ମୋର ପ୍ରିୟ
ମୋର ଅତି ଆପଣାର
ମୋ ମନେ ଝଂଟକେ ନିତି
ତା' ସ୍ବତନ୍ତ୍ର ମୂନାଗାର ।"

●

"ଭଲ ପାଇବାର ତର୍ଜ୍ଜମା କା କେବେ
କରନ୍ତୁ ଏ ଛଇଜୁଟରେ
ଅନ୍ଧ ଦୁନିଆ ଯା' ବୁଝିଲେ ବୁଝୁ
ଜଣେ ତ ଜଣକୁ ଝୁରେ ।"

●

"ଚକାଡୋଳା ଏଇ ଅନ୍ଧ ଦୁନିଆରେ
କେମିତି ଚାଲିବ ବାଟ କେମିତି ପିଇବ ବିଷ କହ ଜାଣି ଜାଣି
ଷାଠିଏ ପଉଟି ତୋ ପାଇଁ ଯେଉଁଠି ବଡ଼ା
ମୁଁ ଏକ କ୍ଷୁଧାର୍ତ୍ତ ସେଠି ମିଳେ ନାହିଁ ପାଣି ।"

Digitized by srujanika@gmail.com